ISSN 3107-4294(P)
ISSN 2583-9543(O)
VOL. NO. 03, ISSUE NO. 02

REFEREED PEER-REVIEWED JOURNAL

# ବାଗୀଶ

BAGEESHA ● ମାର୍ଚ୍ଚ - ଅପ୍ରେଲ ୨୦୨୫

*Journal For Odia Research & Review*



BAGEESHA

# ବାଗୀଶ

ଗବେଷଣା ଓ ସମାଲୋଚନାଧର୍ମୀ ଦ୍ୱି-ମାସିକ ଓଡ଼ିଆ ପତ୍ରିକା

A Refereed Peer-Reviewed Journal for Odia Research & Review

ପ୍ରତିଷ୍ଠା: ଜାନୁୟାରୀ ୨୦୨୩

ହିରଣ୍ମୟେନ ପାତ୍ରେଣ ସତ୍ୟସ୍ୟାପିହିତଂ ମୁଖମ୍ । ତତ୍ତ୍ୱ ପୂଷନ୍ନପାବୃଣୁ ସତ୍ୟଧର୍ମାୟ ଦୃଷ୍ଟୟେ ।।

ଶ୍ଳୋକ ୧୫, ଅଧ୍ୟାୟ - ୪୦,
ଶୁକ୍ଳ ଯଜୁର୍ବେଦ ବାଜସନେୟୀ କାଣ୍ୱ ସଂହିତା

Volume No. 03, Issue No. 02
March - April 2025

ତୃତୀୟ ବର୍ଷ, ଦ୍ୱିତୀୟ ସଂଖ୍ୟା
ମାର୍ଚ୍ଚ - ଅପ୍ରେଲ୍ ୨୦୨୫

Founder, Editor & Publisher
Bikesh Sahu

ପ୍ରତିଷ୍ଠାତା, ସଂପାଦକ ଓ ପ୍ରକାଶକ
ବିକେଶ ସାହୁ

**BAGEESHA**

**ISSN: 3107-4294 (PRINT) | 2583-9543 (ONLINE)**

**BAGEESHA** is a distinguished refereed and peer-reviewed academic journal, **Edited and Published by Bikesh Sahu since 2023**. The journal is committed to advancing scholarly research in the fields of **Linguistics, Folklore, Literature, and Literary Theory,** with a special emphasis on regional perspectives and contributions.

City of Publication: **Balangir** | Language of Publication: **Odia**

**Permanent Office Address:**
At- Bhuslad, Post- Dedhagaon, P.S.- Sindhekela, Dist.- Balangir, Pin Code- 767035, Odisha, India
Contact Mail_Id: bageesha.magazine@gmail.com, Phone No. 9337166172
Visit Us : www.bageesha.in

## BOARD OF PEERS

**Prof. Dash Benhur**
Retired Principal,
S.C.S (Autonomous) College, Puri

**Prof. B.N Pattnaik**
Retired Prof. of English & Linguistics,
IIT, Kanpur, India

**Prof. Gouranga Charan Dash**
Retired Prof. Dept. of Odia,
Ravenshaw University, Cuttack

**Prof. Santosh Kumar Ratha**
Retired Prof. Bhima Bhoi Research Chair
G.M. University, Sambalpur

**Prof. Satya Prakash Mohanty**
Prof., Department of
English Cornell University, USA

**Prof. Babrubahan Mahapatra**
Prof., Dept. of Odia
M.S.C.B University, Baripada

**Dr. Satyapriya Mahalik**
Principal & Asst. Prof. of Workers' College
Jamshedpur, Jharkhand

**Dr. Gopinath Bag**
Asst. Prof., Department of Odia
Samabalpur University, Jyoti Vihar, Burla

**Dr. Bijayalaxmi Dash**
Asst. Prof., Department of Odia
Revenshaw University, Cuttack

**Dr. Rabindra Kumar Das**
Asst. Prof., Department of Odia
Visva Bharati University, Shantiniketan

**Mr. Satya Pattanaik**
Director, Black Eagle Books
Dublin, Ohio, USA


## ABOUT US

- BAGEESHA is a bi-monthly International Standard Serial Number recognized Refereed Peer-Reviewed Journal.
- The special research section of BAGEESHA publishes research discussions on Literature, Society, Culture, Art, History, Anthropology, Philosophy, Science, etc.
- BAGEESHA has been successful in recent years with a unique approach to make the youth research minded and has also prepared a new framework for the future.
- We will assign DOIs to every article published in BAGEESHA starting from the January–February 2025 issue.
- BAGEESHA is rich in the following directed sections:

  Essay and Discussion Section: You can submit any basic essay and discussion for this section.
  New Book: For this section, a copy of a recently published book should be sent to our address by the author or publisher. A short informative summary of the received book will be presented in the journal. For this section we have reserved one page of the magazine for each book.
  'Bageesha' Barenya: An interview with a senior critic is published by the editorial team in each issue.

Note: Text must be typed in Odia Unicode. Author's name, full address, e-mail, brief introduction of the author (within 4-5 lines), summary of the article (within 7-8 lines), full text MS-Word File (within 12 characters and 10 pages) etc. through our website. To be _sent.

Visit our website www.bageesha.in for details on sending articles and books.

GUIDELINES

# ସମୀକ୍ଷକ ମଣ୍ଡଳୀ

**ପ୍ରଫେସର ଦାଶ ବେନହୁର**
ଅବସରପ୍ରାପ୍ତ ଅଧ୍ୟକ୍ଷ,
ସାମନ୍ତ ଚନ୍ଦ୍ର ଶେଖର (ସ୍ୱ) ମହାବିଦ୍ୟାଳୟ, ପୁରୀ

**ପ୍ରଫେସର ବିବୁଧେନ୍ଦ୍ର ନାରାୟଣ ପଟ୍ଟନାୟକ**
ଅବସରପ୍ରାପ୍ତ ପ୍ରଫେସର, ଇଂରାଜୀ ଓ ଭାଷା
ବିଜ୍ଞାନ ବିଭାଗ, ଆଇ.ଆଇ.ଟି, କାନପୁର

**ପ୍ରଫେସର ଗୌରାଙ୍ଗ ଚରଣ ଦାଶ**
ଅବସରପ୍ରାପ୍ତ ପ୍ରଫେସର, ଓଡ଼ିଆ ବିଭାଗ
ରେଭେନ୍ସା ବିଶ୍ୱବିଦ୍ୟାଳୟ, କଟକ

**ପ୍ରଫେସର ସନ୍ତୋଷ କୁମାର ରଥ**
ଅବସରପ୍ରାପ୍ତ ପ୍ରଫେସର, ଭୀମଭୋଇ ଗବେଷଣା ଚେୟାର,
ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ, ସମ୍ବଲପୁର

**ପ୍ରଫେସର ସତ୍ୟ ପ୍ରକାଶ ମହାନ୍ତି**
ପ୍ରଫେସର, ଇଂରାଜୀ ଭାଷା ଓ ସାହିତ୍ୟ ବିଭାଗ,
କର୍ଣ୍ଣେଲ ବିଶ୍ୱବିଦ୍ୟାଳୟ, ଆମେରିକା

**ପ୍ରଫେସର ବଭ୍ରୁବାହନ ମହାପାତ୍ର**
ପ୍ରଫେସର, ଓଡ଼ିଆ ବିଭାଗ,
ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ, ବାରିପଦା

**ଡ. ସତ୍ୟପ୍ରିୟ ମହାଲିକ**
ଅଧ୍ୟକ୍ଷ ତଥା ସହକାରୀ ପ୍ରଫେସର ଜାମସେଦପୁର ୱାର୍କର୍ସ
ମହାବିଦ୍ୟାଳୟ, ଜାମସେଦପୁର, ଝାଡ଼ଖଣ୍ଡ

**ଡ. ଗୋପୀନାଥ ବାଗ**
ସହକାରୀ ପ୍ରଫେସର, ଓଡ଼ିଆ ବିଭାଗ,
ସମ୍ବଲପୁର ବିଶ୍ୱବିଦ୍ୟାଳୟ, ଜ୍ୟୋତି ବିହାର, ବୁର୍ଲା

**ଡ. ବିଜୟଲକ୍ଷ୍ମୀ ଦାଶ**
ସହକାରୀ ପ୍ରଫେସର, ଓଡ଼ିଆ ବିଭାଗ,
ରେଭେନ୍ସା ବିଶ୍ୱବିଦ୍ୟାଳୟ, କଟକ

**ଡ. ରବୀନ୍ଦ୍ର କୁମାର ଦାସ**
ସହକାରୀ ପ୍ରଫେସର, ଓଡ଼ିଆ ବିଭାଗ,
ବିଶ୍ୱଭାରତୀ ବିଶ୍ୱବିଦ୍ୟାଳୟ, ଶାନ୍ତିନିକେତନ

**ଶ୍ରୀଯୁକ୍ତ ସତ୍ୟ ପଟ୍ଟନାୟକ**
ନିର୍ଦ୍ଦେଶକ ଓ ପ୍ରକାଶକ, ବ୍ଲାକ୍ ଇଗଲ୍ ବୁକ୍ସ
ଡବଲିନ୍, ଓହିଓ, ଆମେରିକା

# ଆମ କଥା

- 'ବାଗୀଶ' ଏକ ଦ୍ୱି-ମାସିକ ଗବେଷଣା ଓ ଆଲୋଚନାଧର୍ମୀ ଆଇଏସ୍ଏସ୍ଏନ୍(ISSN) ସ୍ୱୀକୃତ ରେଫରିଡ୍ ପିଅର୍-ରିଭିଉଡ୍ ଜର୍ଣ୍ଣାଲ୍ (Refereed Peer-Reviewed Journal)।
- 'ବାଗୀଶ'ର ସ୍ୱତନ୍ତ୍ର ଗବେଷଣା ବିଭାଗରେ ସାହିତ୍ୟ, ସମାଜ, ସଂସ୍କୃତି, କଳା, ଇତିହାସ, ନୃତତ୍ତ୍ୱ, ଦର୍ଶନ, ବିଜ୍ଞାନ ଆଦି ବିବିଧ ପ୍ରେକ୍ଷାର ଗବେଷଣାତ୍ମକ ଆଲୋଚନା ପ୍ରକାଶିତ ହୋଇଥାଏ।
- 'ବାଗୀଶ' ଯୁବପିଢ଼ିଙ୍କୁ ଗବେଷଣାମନସ୍କ କରିବା ନିମନ୍ତେ ପ୍ରୟାସ କରିବା ସହ ସ୍ୱତନ୍ତ୍ର ଆଭିମୁଖ୍ୟ ନେଇ ସଂପ୍ରତି ଦଣ୍ଡାୟମାନ ହୋଇଛି ଏବଂ ଭବିଷ୍ୟତ ପାଇଁ ନୂତନ ରୂପରେଖ ମଧ୍ୟ ପ୍ରସ୍ତୁତ କରିଅଛି।
- 'ବାଗୀଶ' ନିମ୍ନ ନିର୍ଦ୍ଦେଶିତ ବିଭାଗଗୁଡ଼ିକରେ ସମୃଦ୍ଧ :

**ପ୍ରବନ୍ଧ ଓ ଆଲୋଚନା ବିଭାଗ** : ଏହି ବିଭାଗ ନିମନ୍ତେ ଆପଣ ଯେକୌଣସି ମୌଳିକ ପ୍ରବନ୍ଧ ଓ ଆଲୋଚନା ଦେଇପାରିବେ।

**ନୂଆ ବହି** : ଏହି ବିଭାଗ ପାଇଁ ସଦ୍ୟ ପ୍ରକାଶିତ ପୁସ୍ତକ ଖଣ୍ଡିଏ ଲେଖକ କିମ୍ବା ପ୍ରକାଶକ ଆମ ଠିକଣାରେ ପଠେଇବାକୁ ହେବ। ପ୍ରାପ୍ତ ପୁସ୍ତକର ଏକ କ୍ଷୁଦ୍ର ସୂଚନାତ୍ମକ ବିବରଣୀ ସହ ଏହାକୁ ପତ୍ରିକାରେ ଉପସ୍ଥାପନ କରାଯିବ। ଏହି ବିଭାଗ ନିମନ୍ତେ ପ୍ରତି ବହି ପାଇଁ ପତ୍ରିକାର ଗୋଟିଏ ଫର୍ଦ୍ଦ ଆମେ ସଂରକ୍ଷିତ ରଖିଛୁ।

**'ବାଗୀଶ' ବରେଣ୍ୟ** : ପ୍ରତି ସଂଖ୍ୟାରେ ସଂପାଦନା ମଣ୍ଡଳୀଙ୍କ ଦ୍ୱାରା ଜଣେ ବରିଷ୍ଠ ସମାଲୋଚକଙ୍କ ସହ ସାକ୍ଷାତକାର ପ୍ରକାଶିତ ହୁଏ।

**ଦ୍ରଷ୍ଟବ୍ୟ** : ଲେଖାଟି ଓଡ଼ିଆ ୟୁନିକୋଡ଼ରେ ଡିଟିପି ହୋଇଥିବା ଆବଶ୍ୟକ। ଲେଖକ ନାମ, ସଂପୂର୍ଣ୍ଣ ଠିକଣା, ଇ-ମେଲ, ଲେଖକଙ୍କ ସଂକ୍ଷିପ୍ତ ପରିଚୟ ( ୪-୫ ଧାଡ଼ି ଭିତରେ), ଲେଖାର ସାରାଂଶ ( ୭-୮ ଧାଡ଼ି ଭିତରେ ), ସଂପୂର୍ଣ୍ଣ ଲେଖା MS-Word File( ଅକ୍ଷର ଆକାର ୧୨ ଥାଇ ୧୦ ପୃଷ୍ଠା ଭିତରେ ) ଆଦି ଆମକୁ ୱେବସାଇଟ୍ ମାଧ୍ୟମରେ ପଠାଇବାକୁ ହେବ।

ଲେଖା ଓ ବହି ପଠେଇବା ନିମନ୍ତେ ସବିଶେଷ ବିବରଣୀ ପାଇଁ ଆମ ୱେବସାଇଟ୍ www.bageesha.in ପରିଦର୍ଶନ କରନ୍ତୁ।

GUIDELINES

## EDITORIAL BOARD

**CHIEF EDITOR**

**Mr. Bikesh Sahu**
Lecturer in Odia, N.P. Women's Degree College, Nayagarh
E-Mail: editor.bageesha@gmail.com

**CO-EDITOR**

**Mr. Kanaka Bardhan Sahu**
Lecturer in Odia, Sinapali Degree college, Nuapada
E-Mail: kanakabarddhan96@gmail.com

**EXECUTIVE EDITOR**

**Ritam Mishra**
Critic & Researcher

## EDITORIAL BOARD

**Dr. Bindulata Shanda**
Lecturer in Odia Nayagarh Auto. College, Nayagarh
Email: bindulatasandha.sandha75@gmail.com

**Dr. Sujata Sahani**
Lecturer in Odia Indira Gandhi Women's College, Cuttack
Email: sahanisujata907@gmail.com

**Ms. Truptimayee Bhoi**
Lecturer in Odia, S.S.J Mahavidyalaya, Krushnachandrapur, Jagatsinghpur
E-Mail: truptimayeebhoi123@gmail.com

**Mr. Subashchandra Bhoi**
Lecturer in Odia,
S.V.M Autonomus College, Jagatsinghpur
E-Mail: bhoibabu030@gmail.com

**Mr. Prabhaschandra Toltia**
Critic & Researcher
E-Mail: prabhashbabu40@gmail.com


## ଆପଣଙ୍କ ଚିଠି

'ବାଗୀଶ'- ଏହି ଶୀର୍ଷକରେ ଏତେ ଆକର୍ଷଣ ରହିଛି ଯେ ସ୍ୱତଃପ୍ରବୃତ୍ତ ଭାବେ ଭିତରକୁ ପ୍ରବେଶ କଲି। ଆମ ଜାଣିଛେ, ଆମ ଓଡ଼ିଆ ଭାଷା ସାହିତ୍ୟରେ ବିଭବମାନ ବେଶ୍ ସମୃଦ୍ଧ। ଉପନ୍ୟାସ ହେଉ କି ଗପ, କବିତା; ନାଟକ, ପ୍ରବନ୍ଧ ହେଉ କି ଶିଶୁସାହିତ୍ୟର ସବୁକ୍ଷେତ୍ରରେ ମୂଲ୍ୟବୋଧଭିତ୍ତିକ ସୃଷ୍ଟି ଆମ ଭାଷା ଓ ସାହିତ୍ୟକୁ ଋଦ୍ଧିମନ୍ତ କରିଛି। ଏସବୁର ସ୍ୱାକ୍ଷର ବହନ କରୁଛି ପତ୍ରପତ୍ରିକା। ଏହି ପରିପ୍ରେକ୍ଷୀରେ 'ବାଗୀଶ' ଯେ ଏକ ଜାଜ୍ୱଲ୍ୟମାନ ଦୀପଶିଖାଟିଏ-ଏହା କହିବାରେ ଦ୍ୱିଧା ନାହିଁ। ଏହାର କାରଣ ହେଉଛି, ଏହାର ଅନୁଶୀଳନ ଓ ଗବେଷଣାତ୍ମକ ଦୃଷ୍ଟିକୋଣ। ପ୍ରତିଟି ଲେଖା ପ୍ରାୟତଃ ତାହାକୁ ଆଧାରକରି କେବଳ ଲେଖାଯାଇନି, ବଳିଷ୍ଠ ମଧ୍ୟ ହୋଇଛି। ସୃଷ୍ଟି ଓ ସ୍ରଷ୍ଟା ମଧ୍ୟରେ ସୃଷ୍ଟି ହିଁ ଆଗୁସାର୍ ଏବଂ ଏହା ଏକ କାଳଖଣ୍ଡର ସାର୍ଥକ ଇତିହାସ। 'ବାଗୀଶ'ରେ ସ୍ଥାନିତ ସୃଷ୍ଟିମାନ ତାହାର ଏକ ଜ୍ୱଳନ୍ତ ନିଦର୍ଶନ କହିଲେ ଅତ୍ୟୁକ୍ତି ହେବନାହିଁ। ଏହି ଅବସରରେ ମୁଁ 'ବାଗୀଶ'ର ଉତ୍ତରୋତ୍ତର ଉନ୍ନତି କାମନା କରୁଛି ଏବଂ ଏହାର ପ୍ରାଣସତ୍ତା ଆହୁରି ଶବ୍ଦମୟ ହେଉ-ସେଥିପାଇଁ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା କରୁଛି।

--- ***ଚିତ୍ତରଞ୍ଜନ ଚିରଞ୍ଜିତ***

*( ସଦସ୍ୟ, ଓଡ଼ିଆ ଉପଦେଷ୍ଟାମଣ୍ଡଳୀ, କେନ୍ଦ୍ର ସାହିତ୍ୟ ଏକାଡ଼େମୀ)*

---

ଏହି ପତ୍ରିକାଟି ଏକ ସମାଲୋଚନା ଓ ଗବେଷଣାଧର୍ମୀ ପତ୍ରିକା ଭାବେ ଆଜି ସୁପରିଚିତ। ଓଡ଼ିଆ ସାହିତ୍ୟରେ ଗବେଷଣାର ସୂତ୍ରପାତ କରିବାପାଇଁ ଏହି ପତ୍ରିକାର ଜନ୍ମ। ଏହି ପତ୍ରିକାର ପ୍ରତିଷ୍ଠାତା ଓ ସମ୍ପାଦକ ଭାବେ ବିକେଶ ସାହୁ। ଏହି ପତ୍ରିକାର ଆରମ୍ଭରୁ ଆଜି ଯାଏ ଯେଉଁଭଳି ଭାବରେ ଗବେଷଣା ଓ ସମାଲୋଚନାଧର୍ମୀ ଲେଖା ପ୍ରକାଶ ପାଉଛି ତାହା ଅତି ଆନନ୍ଦର କଥା। ଓଡ଼ିଆ ଭାଷାରେ ଏହି ପତ୍ରିକା ଓଡ଼ିଆ ଭାଷା ସାହିତ୍ୟ ସମାଲୋଚନା ପାଇଁ ଏହା ନୂଆ ପଥ ପ୍ରସ୍ତୁତ କରିବା ସହ ଓଡ଼ିଆ ଗବେଷକ ଗବେଷିକା ତଥା ଛାତ୍ରଛାତ୍ରୀମାନଙ୍କୁ ଓଡ଼ିଆ ଗବେଷଣା କ୍ଷେତ୍ରରେ ପ୍ରେରଣା ଦେଉଛି। ନୂଆ ଜିଜ୍ଞାସା ନେଇ ଛାତ୍ରଛାତ୍ରୀମାନେ ଏହି ପତ୍ରିକାକୁ ପ୍ରତିଥର ପଢିଥାନ୍ତି ନୂଆ ଭାବ ନୂଆ ଶୈଳୀରେ ଥିବାଲେଖାମାନଙ୍କୁ ପଢି ଅଧ୍ୟାୟୀମାନେ ଖୁବ ଖସି ଅନୁଭବ କରୁଛନ୍ତି।

ବିଗତ ତୃତୀୟ ବର୍ଷ, ପ୍ରଥମ ସଂଖ୍ୟା ମୁଁ ପଢ଼ିବାର ସୁଯୋଗ ପାଇ ବେଶ ଆନନ୍ଦିତ। ପାତ୍ରୀକରେ ପ୍ରକାଶିତ ଡ. ସୁଶ୍ରୀ ସଙ୍ଗୀତା ସ୍ୱାଇଁଙ୍କ 'ଆଧୁନିକ ଓଡ଼ିଆ କବିତାରେ

କ୍ରମଶଃ... ପୃଷ୍ଠା ସଂଖ୍ୟା - ୬

# ସଂପାଦନା ମଣ୍ଡଳୀ

ମୁଖ୍ୟ ସଂପାଦକ
**ଶ୍ରୀ ବିକେଶ ସାହୁ**
ଓଡ଼ିଆ ଅଧ୍ୟାପକ,
ନୟାଗଡ଼ ପ୍ରଜାମଣ୍ଡଳ ମହିଳା ମହାବିଦ୍ୟାଳୟ, ନୟାଗଡ଼

ସହ-ସଂପାଦକ
**ଶ୍ରୀ କନକ ବର୍ଦ୍ଧନ ସାହୁ**
ଓଡ଼ିଆ ଅଧ୍ୟାପକ,
ସିନାପାଲି ମହାବିଦ୍ୟାଳୟ, ସିନାପାଲି

କାର୍ଯ୍ୟନିର୍ବାହୀ ସଂପାଦକ
**ରିତମ୍ ମିଶ୍ର**
ଆଲୋଚକ ଓ ଗବେଷକ

## ସଂପାଦନା ମଣ୍ଡଳୀ

**ଲେଫ୍ଟନାଣ୍ଟ ଡ. ବିଦ୍ୟୁଲତା ଷଣ୍ଢ**
ଓଡ଼ିଆ ଅଧ୍ୟାପିକା,
ନୟାଗଡ଼ ସ୍ୱୟଂଶାସିତ ମହାବିଦ୍ୟାଳୟ, ନୟାଗଡ଼

**ଡ. ସୁଜାତା ସାହାଣୀ**
ଓଡ଼ିଆ ଅଧ୍ୟାପିକା,
ଇନ୍ଦିରା ଗାନ୍ଧୀ ମହିଳା ମହାବିଦ୍ୟାଳୟ, କଟକ

**ସୁଶ୍ରୀ ତୃପ୍ତିମୟୀ ଭୋଇ**
ଓଡ଼ିଆ ଅଧ୍ୟାପିକା,
ଶ୍ରୀ ଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟ, କୃଷ୍ଣଚନ୍ଦ୍ରପୁର

**ଶ୍ରୀ ସୁବାସ ଚନ୍ଦ୍ର ଭୋଇ**
ଓଡ଼ିଆ ଅଧ୍ୟାପକ,
ସ୍ୱାମୀ ବିବେକାନନ୍ଦ ସ୍ମାରକ ସ୍ୱୟଂଶାସିତ ମହାବିଦ୍ୟାଳୟ,
ଜଗତସିଂହପୁର

**ଶ୍ରୀ ପ୍ରଭାସ ଚନ୍ଦ୍ର ଟୋଲଟିଆ**
ଆଲୋଚକ ଓ ଗବେଷକ


ମୁଁହ ଭାବ', ଲେଫ୍ଟନାଣ୍ଟ ଡ. ବିଦ୍ୟୁଲତା ଷଣ୍ଢଙ୍କ 'ନୟାଗଡ଼ ଜିଲ୍ଲାରେ ପ୍ରଚଳିତ ବିଭିନ୍ନ ଧର୍ମାଚାର', ବଶିଷ୍ଠ କୁମାର ବେହେରାଙ୍କ 'ଆଧୁନିକ ଓଡ଼ିଆ କାବ୍ୟ-କବିତାରେ ଇତିହାସ ଓ କିମ୍ବଦନ୍ତୀର ପଦଧ୍ୱନି', ସୁସନ୍ଧ୍ୟା ପ୍ରିୟଦର୍ଶନୀ ନାୟକଙ୍କ 'ବାଲେଶ୍ୱର ଲୋକଚଳଣିରେ ବଙ୍ଗୀୟ ସଂସ୍କୃତିର ପ୍ରଭାବ' ଓ ପ୍ରଦ୍ୟୁମ୍ନ ସାହୁଙ୍କ 'ପଶ୍ଚିମ ଓଡ଼ିଶାର ଲୋକୋକ୍ତି: ଏକ ପର୍ଯ୍ୟାଲୋଚନା' ଗବେଷଣା ନିବନ୍ଧ ଏକ ଏକ ଭିନ୍ନ ଦିଗର ପରିଚାୟକ। ଏ ସମସ୍ତ ଆଲୋଚନା ଖୁବ ଉଚ୍ଚକୋଟିର ହେବା ସହ ଉପାଦେୟ। ଏହା ସହ ଡ. ରବୀନ୍ଦ୍ର କୁମାର ଦାସଙ୍କ 'ଶୈଳୀ, ଶୈଳୀବିଜ୍ଞାନ ଓ ଶୈଳୀ ବିଶ୍ଲେଷଣ' ଓ ବିଜୟଲକ୍ଷ୍ମୀ ଦାଶଙ୍କ 'ନାରୀବାଦୀ-ପରିମଣ୍ଡଳ: ନାରୀ ଅସ୍ତିତ୍ୱର ବାସ୍ତବତା' ଆଦି ନୂତନ ତଥ୍ୟ ଓ ତତ୍ତ୍ୱର ଗନ୍ତାଘର। ବାଗୀଶ ବରେଣ୍ୟରେ ପ୍ରଫେସର ବିଜୟାନନ୍ଦ ସିଂହଙ୍କ ସହ ସ୍ୱତନ୍ତ୍ର ସାକ୍ଷାତ୍କାର ବେଶ୍ ଶିକ୍ଷଣୀୟ।

ଏହି ପତ୍ରିକାର ଆରମ୍ଭରୁ ଯେଉଁ ଭଳି ଲୋକ ପ୍ରିୟତା ହାସଲକରିଥିଲା, ଆଗକୁ ମଧ୍ୟ ଏହି ପତ୍ରିକା ଅଧିକରୁ ଅଧିକ ଲୋକ ପ୍ରିୟତା ବଜାଇ ରଖିବ ଏହା ମୋର ଆଶା ଓ ବିଶ୍ୱାସ। ଏହି ପତ୍ରିକା ସହ ଯୋଡ଼ି ହୋଇ ରହିଥିବା ସମସ୍ତ କର୍ମକର୍ତ୍ତାଙ୍କୁ ଶୁଭେଚ୍ଛା।

*--- ସୁରେଶ ଚନ୍ଦ୍ର ସାହୁ*

*(ଗବେଷକ, ଓଡ଼ିଆ ବିଭାଗ, ରେଭେନ୍ସା ବିଶ୍ୱବିଦ୍ୟାଳୟ, କଟକ )*

'ବାଗୀଶ' ପତ୍ରିକାରେ ଯୋଡ଼ି ହୋଇଥିବା ସମସ୍ତ ସାହିତ୍ୟ ପ୍ରେମୀଙ୍କୁ ମୋର ସାଧୁବାଦ । ଏ ପତ୍ରିକା ଯେ, ସମସ୍ତ ସାହିତ୍ୟିକ, ଗବେଷକ ଗବେଷିକା ତଥା ପାଠକ-ପାଠିକାମାନଙ୍କୁ ଦୃଷ୍ଟି ଆକର୍ଷଣ କରୁଛି ତାହା ନୁହେଁ ସାହିତ୍ୟକୁ ନୂତନ ଭାବରେ ଜାଣିବାର ଏ ଯାତ୍ରାରେ 'ବାଗୀଶ' ଏକ ପ୍ରମୁଖ ପତ୍ରିକା ଭାବରେ ଛିଡ଼ା ହେଇଛି ଆଶା ଏ ପତ୍ରିକା ଦିନେ ଶୀର୍ଷରେ ପହଞ୍ଚିବ।

*--- ପୁରିତ ରଣା*

*(ଗବେଷକ, ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେବ ବିଶ୍ୱବିଦ୍ୟାଳୟ)*

ନିଜର ସୁଚିନ୍ତିତ ମତାମତ ଆମକୁ ନିମ୍ନ ଠିକଣାରେ ପଠେଇପାରିବେ।


ନିଜର ମତାମତ ଓ ଯୋଗାଯୋଗ ଦେବାପାଇଁ ଇ-ମେଲ ଠିକଣା: (bageesha.magazine@gmail.com)।
ବହି ପଠେଇବା ପାଇଁ ଠିକଣା : ବିକେଶ ସାହୁ, ସଂପାଦକ 'ବାଗୀଶ', ବି.କେ ହାଉସ, ଗ୍ରାଉଣ୍ଡ ଫ୍ଲୋର୍, ମହିଳା ମହାବିଦ୍ୟାଳୟ ଲେନ୍, ନୟାଗଡ଼ - ୭୫୨୦୬୯।

# ସଂପାଦକୀୟ

**॥ କେତେ କହିବି ‘ଗବେଷଣା’ର ମହିମା ॥**

ସୁଧିଜନେ, ଗବେଷଣା କହିଲେ ପୂର୍ବରୁ ଯାହା ବୁଝାଉଥିଲା, ସମକାଳରେ ଏହି ଶବ୍ଦର ଆମେ ସମସ୍ତେ ଅପବ୍ୟବହାର କଲାଭଳି ମନେହୁଏ ନାହିଁ କି? ପୁଣି ସମକାଳରେ ଗବେଷଣା ବୋଲି ଆମେ ଯାହାକୁ ଗ୍ରହଣ କରୁଛେ ସେସବୁ କ'ଣ ସତରେ ଗବେଷଣା ପଦବାଚ୍ୟ? ପ୍ରଶ୍ନଟିଏ ସ୍ୱତଃ ଆଜି ଆମ ସମସ୍ତଙ୍କ ମନରେ ସୃଷ୍ଟି ହୁଏ। ଆପଣମାନେ ମୋ ସହ ଦ୍ୱିମତ ହେବେ ନାହିଁ ଯେ, ଆଜି ଆମ ଗବେଷଣା ଓ ସମାଲୋଚନା ଦିଗଟି ବହୁମାତ୍ରାରେ ଉଦ୍ଦେଶ୍ୟ ପ୍ରଣୋଦିତ। ଏଠାରେ ‘ଉଦ୍ଦେଶ୍ୟ’ ଶବ୍ଦଟି ମୁଁ କେଉଁ ଅର୍ଥରେ ବ୍ୟବହାର କରିଛି ସେ ବିଷୟରେ ସ୍ପଷ୍ଟୀକରଣ ଦେବାର ଆବଶ୍ୟକ ନାହିଁ ବୋଲି ମୋର ମନେହୁଏ। ଆସନ୍ତୁ ସମକାଳର କିଛି ବିଶେଷ ସମସ୍ୟା ସମ୍ପର୍କରେ ବିଚାର କରିବା।

ବନ୍ଧୁଗଣ, ଜାତୀୟ ସାହିତ୍ୟର ସମୟାନୁସାରୀ ପରିବର୍ତ୍ତନ ଓ ମୂଲ୍ୟାୟନ ସର୍ବଦା ସାଧିତ ହୁଏ ସମୀକ୍ଷା ବା ଅନୁଶୀଳନର ବାଟ ଦେଇ। ସମୀକ୍ଷା ହିଁ ଏକ ମାତ୍ର ମାର୍ଗ ଯାହା ଦ୍ୱାରା ଏକ କାଳଖଣ୍ଡର ସାହିତ୍ୟକୁ ପରୀକ୍ଷା କରାଯାଇଥାଏ, ଆଉ ଏ ପରୀକ୍ଷା ମାର୍ଗ ଦେଇ ନୂତନ ସମ୍ଭାବନା ଓ ଉଦ୍ଦେଶ୍ୟମାନଙ୍କର ବ୍ୟୁତ୍ପତ୍ତି ଘଟେ। ଏହି ନୂତନ ସମ୍ଭାବନା ଓ ଉଦ୍ଦେଶ୍ୟରୁ ଗବେଷଣାର ବାଟ ଦେଇ ଜାତୀୟ ସାହିତ୍ୟର ନୂତନ ମୂଲ୍ୟବୋଧ ଓ ଭାବବୋଧର ପ୍ରତିଷ୍ଠା ସମ୍ଭବ ହୁଏ। କହିବା ବାହୁଲ୍ୟ, ଏହା ଏକ ଧାରାବାହିକ ପ୍ରକ୍ରିୟା। ଯାହା ଆମ ପୂର୍ବସୁରୀମାନଙ୍କ ସାହିତ୍ୟ ସମାଲୋଚନାର ଧାରାକୁ ଅନୁଧ୍ୟାନ କଲେ ବେଶ୍ ସହଜରେ ବୁଝିହୁଏ। ସାହିତ୍ୟର ଆଲୋଚନା ବା ସମୀକ୍ଷା ସବୁକାଳରେ ଥିଲା; ରହିଛି। ଯଦି ଓଡ଼ିଆ ସାହିତ୍ୟ କଥା କୁହାଯାଏ, ଏ ଧାରା ବିଶେଷ ପରିଲକ୍ଷିତ ହୁଏ ମଧ୍ୟକାଳରେ। ମଧ୍ୟଯୁଗୀୟ ସାହିତ୍ୟର ପୃଷ୍ଠଭୂମି ଆଧାରରେ ଆପଣମାନେ ଜାଣିପାରିବେ ସେ ସମୟର ସାହିତ୍ୟ ଥିଲା ଦରବାରୀ ସାହିତ୍ୟ। ଦରବାର ତଥା ପଣ୍ଡିତସଭାରେ ସାହିତ୍ୟ ଚର୍ଚ୍ଚା ହେଉଥିଲା। କବିମାନେ-କାବ୍ୟକାରମାନେ ଆପଣା ପାଣ୍ଡିତ୍ୟ ପ୍ରଦର୍ଶନ ନିମନ୍ତେ ବିବିଧ ପ୍ରଜାତିର ସାହିତ୍ୟ ରଚନା କରୁଥିଲେ। ଏବଂ, ଆପଣମାନେ ଲକ୍ଷ୍ୟ କରିବେ, ମଧ୍ୟଯୁଗୀୟ ପ୍ରାୟ କବି ତାଙ୍କ କାବ୍ୟରେ ପଣ୍ଡିତ ବା ଶାସ୍ତ୍ରଜ୍ଞ ବ୍ୟକ୍ତି ଉଦ୍ଦେଶ୍ୟରେ ନିଜର ଗ୍ରନ୍ଥ ନିବେଦନ ଜଣାଉଥିଲେ। ଏହାର ଅନେକ ଦୃଷ୍ଟାନ୍ତ ରହିଛି। ଏହା କରିବାର ଉଦ୍ଦେଶ୍ୟ ଏହା ହୋଇପାରେ, ସେମାନେ ନିଜ କାବ୍ୟ ଯଥାଯୋଗ୍ୟ ବ୍ୟକ୍ତିଙ୍କ ନିମନ୍ତେ ନିବେଦନ କରିବାକୁ ଚାହୁଁଥିଲେ; ଯିଏ ଏହାର ଉପଯୁକ୍ତ ମୂଲ୍ୟାୟନ ସହ କାବ୍ୟରସ ଅସ୍ୱାଦନ ନିମନ୍ତେ ଯୋଗ୍ୟ ହୋଇଥିବ। ଅନ୍ୟ ଅର୍ଥରେ କହିଲେ, ତାଙ୍କ ପାଖରେ କାବ୍ୟଟିକୁ ବୁଝିବା ଓ ସମୀକ୍ଷା କରିପାରିବା ଭଳି ସାମର୍ଥ୍ୟ ରହିଥିବ। ମଧ୍ୟକାଳୀନ ସାହିତ୍ୟର ଆହୁରି ଏକ ପ୍ରମୁଖତା ହେଉଛି, କବି ବା କାବ୍ୟକାର ନିଜ ରଚିତ କାବ୍ୟ ବା ଶାସ୍ତ୍ରକୁ ଦରବାର ଅଥବା ପଣ୍ଡିତ ସଭାରେ ସର୍ବସମକ୍ଷରେ ପାଠ କରୁଥିଲେ। ପାଠ ପରେ କାବ୍ୟ ଆଲୋଚନା ହେଉଥିଲା। କବିର ଦୋଷ-ଗୁଣ ନିର୍ଣ୍ଣୟ ହେଉଥିଲା। କବିମାନେ ନୂତନ ବିଷୟ ଓ ଶୈଳୀ ଉପରେ ଗବେଷଣା ପୂର୍ବକ ଅଭିନବ ଉପାୟରେ କାବ୍ୟ ରଚନା ଦିଗରେ ନିଜକୁ ନିୟୋଜିତ କରୁଥିଲେ। ଏମିତି ବିବିଧ ଦିଗ ଲକ୍ଷ୍ୟ କରାଯାଇପାରେ। ଯାହା ତତ୍‌କାଳୀନ ସାହିତ୍ୟ ପରିମଣ୍ଡଳରେ ରୀତି ସାହିତ୍ୟକୁ ସ୍ୱତନ୍ତ୍ର ମର୍ଯ୍ୟାଦା ପ୍ରଦାନ କରିଥାଏ। କିନ୍ତୁ, ବର୍ତ୍ତମାନର ପରିପ୍ରେକ୍ଷାରେ ଆମ ସାହିତ୍ୟ ସର୍ଜନା ଗୋଟିଏ ଦିଗରେ ଗତିକଲା ବେଳେ ଆମ ସାହିତ୍ୟ ଗବେଷଣା ଓ ଆଲୋଚନାର ଦିଗଟି ତା'ଠୁ ବହୁ ଭାବରେ ଭିନ୍ନ।

ମୁଁ ପୂର୍ବରୁ କହିଛି, ସମକାଳରେ ଆମ ଗବେଷଣା ଓ ସମାଲୋଚନା ଦିଗଟି ବହୁମାତ୍ରାରେ ଉଦ୍ଦେଶ୍ୟ ପ୍ରଣୋଦିତ। କିଛି ନୂଆ କରିବା ବା ନୂତନ ତଥ୍ୟ ଅନୁସନ୍ଧାନ କରି ଆମ ସାହିତ୍ୟକୁ ସମୃଦ୍ଧ

କରିବାର ମନୋବୃତ୍ତି ସମକାଳର ସାହିତ୍ୟ ଗବେଷକ ଓ ଆଲୋଚକମାନଙ୍କଠି ମରିସାରିଲାଣି ବୋଲି ମୋର ମନକୁ ଆସେ।  ଆମ ବିଶ୍ୱବିଦ୍ୟାଳୟମାନଙ୍କର ବିକଳ ବ୍ୟବସ୍ଥା ଓ ଅବସ୍ଥା କଥା ନ କହିବା ଭଲ। ଯେଉଁଠି ଗବେଷଣା ନିମନ୍ତେ ନୂତନ ପଥ ପ୍ରସ୍ତୁତ ହେବା କଥା, ଆଜି ସବୁଠୁ ବେଶି ଅବହେଳା ସେଇଠି। ଅବଶ୍ୟ ଶିକ୍ଷକ ଅଭାବ ଓ  ଭିତ୍ତିଭୂମିର ଅଭାବ ଏ ଦୁଇଟି ସମସ୍ୟା ବହୁ କାଳରୁ ଆମ ବିଶ୍ୱବିଦ୍ୟାଳୟମାନଙ୍କର ଏକ ପ୍ରମୁଖ ସମସ୍ୟା ରହିଆସିଛି। ତେଣୁ ଏଥି ପାଇଁ ମୁଁ କାହାରିକୁ ଦାୟୀ କରୁନି। କିନ୍ତୁ, ଶିକ୍ଷକମାନଙ୍କ ଆତ୍ମକୈନ୍ଦ୍ରିକ ନୀତି ଓ ଛାତ୍ରପ୍ରୀତି ଆଜି ଆମ ଗବେଷଣା ଦିଗଟିକୁ ବହୁ ମାତ୍ରାରେ ଦୁର୍ବଳ କରିଦେଇଛି। ଅବଶ୍ୟ ଛାତ୍ରପ୍ରୀତି ମନ୍ଦ ନୁହେଁ, କିନ୍ତୁ ଏହା ଯଦି ପ୍ରକୃତ ଉଦ୍ଦେଶ୍ୟଠାରୁ ଆମକୁ ଦୂରେଇ ଦିଏ, ତେବେ ଏହା ମାରାତ୍ମକ। ଏସବୁ ବିଷୟରେ ମୁଁ ପୂର୍ବରୁ ଅନେକଥର କହିସାରିଛି। ତେବେ ଏ ବ୍ୟବସ୍ଥାରେ ବ୍ୟତିକ୍ରମ କେବେ ଆସୁଛି ଦେଖିବା ବାକି ରହିଲା।

ଗୋଟେ ଛୋଟ କଥା କହି ଶେଷ କରିବି। ମୁଁ ଆପଣମାନଙ୍କୁ କହିଦିଏ, ପତ୍ରିକା ସମ୍ପାଦନା ଆରମ୍ଭ କରିବା ପରଠୁ ଆମ ସାହିତ୍ୟ ଗବେଷଣାର ବିବିଧ ସମାସ୍ୟା ସମ୍ପର୍କରେ ମୁଁ ଅବଗତ ହେଲି। ସେହିସବୁ ସମସ୍ୟା ମଧ୍ୟରୁ ଏକ ପ୍ରମୁଖ ସମସ୍ୟା ହେଉଛି - ଆମ ଭିତରୁ ଅନେକେ ଗବେଷଣା ନିବନ୍ଧ କେମିତି ଲେଖାଯାଏ ଜାଣିନାହୁଁ। ଚିରାଚରିତ ଢଙ୍ଗରେ ଯେକୌଣସି ଏକ ପତ୍ରିକାରେ ଲେଖାଟି ପଠେଇଦେଲେ ଆମ କାମ ଶେଷ ହୋଇଯାଏ। ଆମେ ଏୟାବି ଜାଣିବାକୁ ପ୍ରୟାସ କରୁନାହୁଁ ଯେ, ପତ୍ରିକାଟି ଲେଖା ପ୍ରେରଣ ନିମନ୍ତେ କ'ଣ ସବୁ ପ୍ରକ୍ରିୟା ଓ ମାନଦଣ୍ଡ ସ୍ଥିର କରିଛି। କେବେଳ ଗବେଷକ ନୁହନ୍ତି, ଅନେକ ବିଶ୍ୱବିଦ୍ୟାଳୟ ପ୍ରଫେସର ମଧ୍ୟ ଏ ଦିଗରେ ସଚେତନ ନାହାନ୍ତି। ଏମିତି କି ଅନେକଙ୍କୁ ଜଣାନାହିଁ ଗବେଷଣା ନିବନ୍ଧର ସହାୟକ ସୂଚୀ/ ପ୍ରାନ୍ତଟୀକା ଆଦି କେମିତି ଲେଖାଯାଏ। ଯାହା ବିଡ଼ମ୍ବନାର ବିଷୟ।

ଛାଡ଼ନ୍ତୁ, ସେ ଯାହା ହେଉ। ଗବେଷଣାର ମହିମା ତ ଅନେକ; କିଏ କେଉଁ ମହିମାପାଇଁ ସାଧନ କଲା ତାହା ହେଉଛି ଗୁରୁତ୍ୱପୂର୍ଣ୍ଣ। ବ୍ୟକ୍ତିଗତ ସ୍ୱାର୍ଥରୁ ସାମାନ୍ୟ ଉର୍ଦ୍ଧ୍ୱକୁ ଉଠି ଗବେଷଣାର ପ୍ରକୃତ ମହତ୍ତ୍ୱକୁ ବଜାୟ ରଖିବା ହିଁ ଆମ ସମସ୍ତଙ୍କ ପରମ କର୍ତ୍ତବ୍ୟ। ନଚେତ୍, ପର ପିଢ଼ି ପାଖରେ ଏ ଜାତିର ସାହିତ୍ୟ ଆଲୋଚନା ଓ ଗବେଷଣାର ଅବନତିପାଇଁ ଆମେ ହେବା ଉତ୍ତର ଦାୟୀ। ଏଣିକି ଆମେ ସଚେତନ ହେବା। କାହାକୁ ଆକ୍ଷେପ କରିବା ମୋର ଉଦ୍ଦେଶ୍ୟ ନୁହେଁ। ଯାହା ବାସ୍ତବ ଓ ସତ୍ୟ ସେ ସମ୍ପର୍କରେ ହିଁ ମୁଁ ମୋର ଅନ୍ତରର କଥା ଆପଣଙ୍କ ପାଖରେ କହିଲି। ମୋର ଉଦ୍ଦେଶ୍ୟକୁ ଅନ୍ୟଥା ନେବେ ନାହିଁ ବୋଲି ମୋର ପ୍ରାର୍ଥନା।

ସୁଧୀଜନେ, ବିବିଧ ସମସ୍ୟା ହେତୁ ଚଳିତ ସଂଖ୍ୟା ପ୍ରକାଶନରେ ବିଳମ୍ବ ହୋଇଛି।  ସେହି ହେତୁ କ୍ଷମା ଯାଚନା କରୁଛି। ମୋର ବିଶ୍ୱାସ ଆପଣମାନେ ଆମକୁ କ୍ଷମା ଦେବେ। ଶେଷରେ ଆମର ଅନୁରୋଧ ରକ୍ଷା କରି ବରେଣ୍ୟ ସାରସ୍ୱତସାଧକ ତଥା ସମାଲୋଚକ ପ୍ରଫେସର ସନ୍ତୋଷ କୁମାର ରଥ ମହୋଦୟ 'ବାଗୀଶ ବରେଣ୍ୟ'ର ସାକ୍ଷାତକାର ନିମନ୍ତେ ସଦୟ ଅନୁମତି ଦେଇ କୃତାର୍ଥ କରିଥିବାରୁ ତାଙ୍କୁ ବିଶେଷ କୃତଜ୍ଞତା ଜଣାଉଛି।


ଏହି ସଂଖ୍ୟାକୁ ସମୃଦ୍ଧ କରିଥିବା ସମସ୍ତ ବରେଣ୍ୟଙ୍କୁ ଅଭିନନ୍ଦନ ଜଣାଇ ଶୁଭେଚ୍ଛାର ସହ 'ବାଗୀଶ'ର ତୃତୀୟ ବର୍ଷ ଦ୍ୱିତୀୟ ସଂଖ୍ୟା  ଆପଣମାନଙ୍କ ହାତରେ ନିବେଦନ କଲି।

ସଂପାଦକ

BAGEESHA
ବାଗୀଶ
ତୃତୀୟ ବର୍ଷ, ଦ୍ୱିତୀୟ ସଂଖ୍ୟା | ମାର୍ଚ୍ଚ - ଅପ୍ରେଲ୍ ୨୦୨୫
Volume No. 03 | Issue No. 02 | Mar-Apr 2025
Refereed Peer-Reviewed Journal
ISSN: 3107-4294 (PRINT) | 2583-9543 (ONLINE)

# ଏଇ ସଂଖ୍ୟାରେ

@TABLE OF CONTENT




ପ୍ରଚ୍ଛଦ : ବିକେଶ ସାହୁ

[ ପ୍ରଚ୍ଛଦରେ ସ୍ଥାନିତ ହୋଇଛି ଓଡ଼ିଶାରେ ପ୍ରଚଳିତ ଲୋକ କଳାମାନଙ୍କ ମଧ୍ୟରେ ବହୁ ପରିଚିତ ଓ ଅଗ୍ରଣୀ ପାରମ୍ପରିକ ଲୋକନାଟକ 'ରାବଣ ଛାୟା'ର ଏକ ଦୃଶ୍ୟ। ଯହିଁରେ ଶ୍ରୀରାମ ରାବଣକୁ ତୀର ସନ୍ଧାନ କରୁଛନ୍ତି। ]




VOL NO 03 ISSUE NO 02

## ଗବେଷଣା ନିବନ୍ଧ

୦୯ ॥ ଓଡ଼ିଆ ଉପନ୍ୟାସରେ ନାରୀ ଓ ତା'ର ମାନବିକ ଅଧିକାର: ଏକ ଅନୁଶୀଳନ
:: ଡ. ଇନ୍ଦ୍ରମଣି ସାହୁ

୧୮ ॥ କୋଶଳାଞ୍ଚଳର ଦେବୀ ଉପାସନାର ଧାରା
:: ଡ. ସଞ୍ଜୟ କୁମାର ମିଶ୍ର

୨୨ ॥ ପ୍ରଥମ ଓଡ଼ିଆ ଆତ୍ମ-ସଚେତନମୂଳକ ଉପନ୍ୟାସ: 'ଆହତ ସ୍ୱପ୍ନ'
:: ଅଶୋକ କୁମାର ନାଏକ

୨୭ ॥ ଓଡ଼ିଆ କ୍ଷୁଦ୍ରଗଳ୍ପ ଧାରାରେ ନାରୀ ମନସ୍ତତ୍ତ୍ୱ ଓ ମହାପାତ୍ର ନୀଳମଣି ସାହୁ
:: ଶକୁନ୍ତଳା ମିର୍ଦ୍ଧା[୧], କିଶୋର ଚନ୍ଦ୍ର ମହନ୍ତ[୨]

୩୫ ॥ ଓଡ଼ିଶାରେ ଗୋପାଳମାନଙ୍କ ଦୋଳଯାତ୍ରା
:: ସିପୁନ ଭୂତିଆ

## ସମାଲୋଚନା : ବିବିଧ ଚର୍ଚ୍ଚା

୪୦ ॥ ସାହିତ୍ୟର ପରିଭାଷା
:: ପ୍ରଫେସର ଗୌରାଙ୍ଗ ଚରଣ ଦାଶ

## ସମାଲୋଚନା : ନୂଆ ଫର୍ଦ୍ଦ

୪୨ ॥ କତିପୟ କଥାୟନ-ଦୃଷ୍ଟି-ସଂପାତ (ନମୁନା:'ଚତୁର ବିନୋଦ'ସ୍ଥ ପ୍ରୀତି ବିନୋଦ)
:: ଡ. ରବୀନ୍ଦ୍ର କୁମାର ଦାସ

## ସମାଲୋଚନା : ପ୍ରସଙ୍ଗ ନାରୀ

୪୮ ॥ ଆତ୍ମାନୁଭବର ଅନିର୍ବଚନୀୟ ଅନୁରାଗ : କବି ବ୍ରହ୍ମୋତ୍ରୀ ମହାନ୍ତି
:: ବିଜୟଲକ୍ଷ୍ମୀ ଦାଶ

## ବାଗୀଶ ବରେଣ୍ୟ

୫୨ ॥ ପ୍ରଫେସର ସନ୍ତୋଷ କୁମାର ରଥଙ୍କ ସହ ସ୍ୱତନ୍ତ୍ର ସାକ୍ଷାତ୍କାର

## ବହିକଥା

୫୫ ॥ ଡ. ଦାଶରଥି ଆଚାର୍ଯ୍ୟଙ୍କ 'ମଧ୍ୟକାଳୀନ ଓଡ଼ିଆ କାବ୍ୟପ୍ରଭା'

BAGEESHA
ବାଗୀଶ
ତୃତୀୟ ବର୍ଷ, ଦ୍ୱିତୀୟ ସଂଖ୍ୟା | ମାର୍ଚ୍ଚ - ଅପ୍ରେଲ୍ ୨୦୨୫
Volume No. 03 | Issue No. 02 | Mar-Apr 2025
Refereed Peer-Reviewed Journal
ISSN: 3107-4294 (PRINT) | 2583-9543 (ONLINE)

# ଓଡ଼ିଆ ଉପନ୍ୟାସରେ ନାରୀ ଓ ତା'ର ମାନବିକ ଅଧିକାର: ଏକ ଅନୁଶୀଳନ

ଡ. ଇନ୍ଦ୍ରମଣି ସାହୁ
ସହକାରୀ ପ୍ରାଧ୍ୟାପକ, ଓଡ଼ିଆ ବିଭାଗ, ଭାଷାଭବନ, ବିଶ୍ୱଭାରତୀ, ଶାନ୍ତିନିକେତନ

BM2025/02-A001

RECEIVED : 11 AUG 2024
ACCEPTED : 25 APR 2025
REVISED : 30 APR 2025
PUBLISHED: 10 MAY 2025

ARTICLE QR CODE

ଗବେଷଣାତ୍ମକ ନିବନ୍ଧର ସମୀକ୍ଷକ:
ପ୍ରଫେସର ବଭ୍ରୁବାହନ ମହାପାତ୍ର
ପ୍ରଫେସର, ଓଡ଼ିଆ ବିଭାଗ,
ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ, ବାରିପଦା

DOI: 10.70541/BAGEESHA/2025030201

Article No. BM2025/02-A001
Categary : Research Article
Journal Home Page: https://bageesha.in
Support: editor.bageesha@gmail.com

ABSTRACT

**ସାରାଂଶ**

ନାରୀକୁ ନେଇ ଆମ ସଂସ୍କୃତି ଓ ଶାସ୍ତ୍ର ସନ୍ଦିଗ୍ଧଚିତ୍। ଦେବୀ-ଦାନବୀର ଚରମକୋଟୀରେ ତା'ର ଅବସ୍ଥାନ। ନାରୀକୁ ମାନବୀ ଦୃଷ୍ଟିରେ ଦେଖିବାର ଶୁଭଦୃଷ୍ଟି ଏବେ ବି ଅଭିଷ୍ଟ ହୋଇ ରହିଛି। ମନୁଷ୍ୟର ଗର୍ଭଧାରିଣୀକୁ ମନୁଷ୍ୟର ମର୍ଯ୍ୟାଦା ମିଳିନାହିଁ। ସଭ୍ୟତା ଓ ସଂସ୍କୃତିର ବିକାଶ ଏହି ସମସ୍ୟାର ଖୋଜିଛି ସମାଧାନ। ଚିନ୍ତନ, ମନନ ଓ ଅଭିବ୍ୟକ୍ତିରେ ସ୍ୱାଧୀନତା ଏବଂ ଜୀବନଯାପନରେ ମାନବିକ ମୁକ୍ତି ଓ ଗୌରବଲାଭ ପାଇଁ ନାରୀର ସଂଗ୍ରାମ ରହିଛି ଅବ୍ୟାହତ। ସେ ପ୍ରୟାସରେ ଭାବଶିଳ୍ପ ସାହିତ୍ୟ ହୋଇଛି ଅଗ୍ରଣୀ। ବିଶ୍ୱସାହିତ୍ୟରେ ଉପନ୍ୟାସ ନେଇଛି ଏହାର ନେତୃତ୍ୱ। ଓଡ଼ିଆ ଉପନ୍ୟାସରେ ନାରୀର ମାନବିକ ଅଧିକାର ସମ୍ପର୍କିତ ବିମର୍ଶର ଅନୁଶୀଳନ ଓଡ଼ିଆ ସମାଲୋଚନାର ଧାରାରେ ଏକ ଆଲୋକିତ ସଂଯୋଜନା।

**ମୂଳଶବ୍ଦ:** ଓଡ଼ିଆ ଉପନ୍ୟାସ, ନାରୀ, ମାନବିକ ଅଧିକାର, ଓଡ଼ିଆ ଉପନ୍ୟାସରେ ନାରୀ, ଅଭିବ୍ୟକ୍ତିରେ ସ୍ୱାଧୀନତା

**ଉପକ୍ରମ:** ଲାସ୍କିଙ୍କ ମତରେ, "ମନୁଷ୍ୟ ତା'ର ବ୍ୟକ୍ତିତ୍ୱକୁ ପୂର୍ଣ୍ଣରୂପେ ବିକାଶ କରିବା ପାଇଁ ଯେଉଁ ଅବସ୍ଥା ବା ପରିବେଶ ଉପରେ ନିର୍ଭରଶୀଳ, ତାହାହିଁ ତା'ର ଅଧିକାର।" ଡାରଉଇନ୍‌ଙ୍କ ବିବର୍ତ୍ତନବାଦର ମୀମାଂସକ 'ଯୋଗ୍ୟତମର ସ୍ଥିତି(survival of the fittest)' ଅନୁଯାୟୀ ମଣିଷର ସୃଷ୍ଟି ଓ ସ୍ଥିତି ସମ୍ଭବ ହୋଇଥିଲେ ବି ମଣିଷ ଏହାକୁ ଏକମାତ୍ର ଜୀବଧର୍ମ ଭାବେ ସ୍ୱୀକାର କରିପାରି ନାହିଁ। ବରଂ, ମଣିଷ ଦୁର୍ବଳ-ସବଳ ସମସ୍ତଙ୍କୁ ସାଙ୍ଗରେ ନେଇ ବାଟ ଚାଲିବାକୁ ପସନ୍ଦ କରିଛି। ଶିଶୁଟିଏ ଜନ୍ମ ହେବା ମାତ୍ରେ ଏ ପୃଥିବୀର ବାୟୁ, ଆଲୋକ, ଜଳକୁ ଯେପରି ପ୍ରଶ୍ନହୀନ ଭାବେ ଉପଯୋଗ କରେ, ସେହିଭଳି ଏପରି କିଛି ଅଧିକାର ଅଛି ଯାହା ମଣିଷର ଜନ୍ମ ସହିତ ତାକୁ ସ୍ୱତଃ ପ୍ରାପ୍ତ ହୋଇଥାଏ। ଏହାକୁ ପ୍ରାକୃତିକ ଅଧିକାର, ମୌଳିକ ଅଧିକାର, ମାନବିକ ଅଧିକାର ପ୍ରଭୃତି ନାମରେ ବିଭିନ୍ନ ସମୟରେ ନାମିତ କରାଯାଇଛି। ମାନବିକ ଅଧିକାରର ସଂଜ୍ଞା ପ୍ରଦାନ କରି 'ମିଳିତ ଜାତିସଂଘ' କୁହେ, "The term 'Human Rights' denotes all those rights, which are inherent in our nature and without which we can not live as human beings." ଅର୍ଥାତ୍, ମାନବିକ ଅଧିକାର କହିଲେ ସେହିସବୁ ଅଧିକାରକୁ ବୁଝାଏ, ଯେଉଁଗୁଡ଼ିକ ଆମ ପ୍ରକୃତି ସହ ଅବିଚ୍ଛେଦ୍ୟ ଭାବେ ସମୀକୃତ ଓ ଯାହା ବିନା ଆମେ ମନୁଷ୍ୟ ରୂପେ ବଂଚି ପାରିବା ନାହିଁ।

ସାହିତ୍ୟ ମଣିଷର ସାମଗ୍ରିକ ସ୍ଥିତି, ତା'ର ଚିନ୍ତାଚେତନା ତଥା ଆଶା ଅଭିପ୍ସାକୁ ଧ୍ୱନି ମାଧ୍ୟମରେ ବ୍ୟକ୍ତ କରିଥାଏ। ସମୟ-ସାଗର ମଣିଷର ମନୋରାଜ୍ୟର ବେଳାଭୂମିରେ କାହିଁ କେତେ ଯେ ଭାବ-ଭାବନାର ଢ଼େଉ ଭାଙ୍ଗିଛି ତା'ର ଇୟତ୍ତା ନାହିଁ। ପ୍ରତ୍ୟେକ ଢ଼େଉର ଆଘାତ କିନ୍ତୁ ବାଧ୍ୟ କରିପାରିନାହିଁ ମଣିଷକୁ ଲେଖନୀଟିଏ ଧରିବାକୁ। ମଣିଷ ସେହି ଢ଼େଉକୁ ଓ ତା'ର ଉଦ୍ଦେଶ୍ୟ ପ୍ରଭାବକୁ ଲିପିବଦ୍ଧ କରିଛି ଯାହା ମାନବ ସଭ୍ୟତାର ଗତି-ପ୍ରଗତିକୁ ଦେଇଚି ନୂତନ ଶକ୍ତି ଓ ସମ୍ଭାବନା। ସେଥିପାଇଁ ବିଶ୍ୱ ସାହିତ୍ୟରେ ଆମେ ଚିନ୍ତାଚେତନାର ବହୁବର୍ଣ୍ଣି ଇନ୍ଦ୍ରଧନୁଟିଏ ସନ୍ଦର୍ଶନ କରିଥାଉଁ। ପ୍ରେମ ବିରହର ରସଘନ ମୁହୂର୍ତ୍ତଠାରୁ ଆରମ୍ଭ କରି ମଣିଷର ସ୍ଥିତି ବିଷୟକ ବିଭିନ୍ନ ପ୍ରଶ୍ନର ଉତ୍ତର ସାହିତ୍ୟରେ ସ୍ଥାନ ପାଇ ଆସିଛି ଯୁଗେ ଯୁଗେ। ମଣିଷ

ଜୀବନର ଯେଉଁ ଦିଗକୁ ସାହିତ୍ୟ ଆଲୋକପାତ କରୁପଛେ, ପ୍ରତ୍ୟେକରେ କିନ୍ତୁ ଖୋଜାଯାଇଛି ଏକ ନୂତନତା ଓ ଉତ୍ତରଣ। କୌଣସିଟି ପାଖରେ ମାନବ ଚିନ୍ତନ ଅଟକି ଯାଇନି। ସେଥିପାଇଁ ସାହିତ୍ୟରେ ଆସିଛି ବିଭିନ୍ନ ବାଦ। ଏହିବାଦ ସବୁକୁ ଆମେ ସାହିତ୍ୟରେ ଦେଖାଦେଇଥିବା ବା ପ୍ରତିଫଳିତ ହୋଇଥିବା ମାନବ ଚିନ୍ତନର ଏକ ଏକ ଧାରା (Trend) ଭାବେ ଚିହ୍ନିତ କରିପାରିବା। ସେହିପରି ମାନବିକ ଅଧିକାର ପ୍ରସଙ୍ଗଟିକୁ ଏକ ଧାରା ଭାବେ, ଏକ ପ୍ରମୁଖ ଚିନ୍ତନ ଭାବେ ସାହିତ୍ୟରେ ଆମେ ଖୋଜିପାରିବା।

............................................................................

**ବିଷୟର ଆଲୋଚନା:** ସାହିତ୍ୟର ବିଭିନ୍ନ ବିଭାଗ ମଧ୍ୟରୁ ଉପନ୍ୟାସ ଅନ୍ୟତମ। ଆଧୁନିକ ଗଦ୍ୟ ମହାକାବ୍ୟ (Prose Epic) ଭାବେ ଏହା ଅଭିହିତ ହୋଇଥାଏ। ସାଂପ୍ରତିକ ବ୍ୟକ୍ତି ଓ ସମାଜ ଜୀବନର ସଫଳ ଆଲେଖ୍ୟ ହେଉଛି ଉପନ୍ୟାସ। 'କ୍ଲାରେ ରିଭ୍' ସେଥପାଇଁ କହନ୍ତି- "The novel is a picture of real life and manners of the times in which it is written."[୧] ସାହିତ୍ୟ ଜଗତରେ ଏକ ଅର୍ବାଚୀନ ସୃଷ୍ଟି ହେଲେବି ଏହା ଜନଜୀବନକୁ ଯେତେ ସଫଳ ଭାବେ ସମୀକ୍ଷା କରି ତାକୁ କଳାତ୍ମକ ଭାବେ ପ୍ରକାଶ କରିପାରିଛି ତାହା ଅନ୍ୟ କୌଣସି ସାହିତ୍ୟିକ ବିଭାଗ ଏପର୍ଯ୍ୟନ୍ତ ସକ୍ଷମ ହୋଇପାରିନାହିଁ। ରେନେସାଁ ପରେ ପରେ ମାନବ ସଭ୍ୟତାର ଚିନ୍ତାପ୍ରବାହ ଏହିପରି ଏକ ସାହିତ୍ୟିକ ବିଭବକୁ ଜନ୍ମଦେବାରେ ସାହଯ୍ୟ କରିଅଛି। ସେଥିପାଇଁ ବିଶିଷ୍ଟ ସମାଲୋଚକ ପଠାଣି ପଟ୍ଟନାୟକ ମତବ୍ୟକ୍ତ କରନ୍ତି, "ଗଣତାନ୍ତ୍ରିକ ସମାଜ ଜୀବନ ହିଁ ଉପନ୍ୟାସର ଅଭ୍ୟୁଦୟ ପାଇଁ ଉପଯୁକ୍ତ ପ୍ରସ୍ତୁତି କ୍ଷେତ୍ର। ଯେଉଁ ଦିନ ମଧ୍ୟଯୁଗୀୟ ସମାଜ ବ୍ୟବସ୍ଥାରୁ ମନୁଷ୍ୟ ମୁକ୍ତି ଲାଭ କଲା ଏବଂ ନିଜର ବ୍ୟକ୍ତିତ୍ୱବୋଧ ଜାହିର କରିବା ପାଇଁ କ୍ଷମ ହୋଇପାରିଲା, ସେହି ଅବସରରେ ଉପନ୍ୟାସ ଓହ୍ଲାଇ ଆସିଲା ବସ୍ତୁବାଦୀ ସାମାଜିକ ଜୀବନର ଜୟଗାନ କରିବା ପାଇଁ। ଜୀବନର ବ୍ୟାଖ୍ୟାକାର ଭାବରେ ଔପନ୍ୟାସିକ ଭୂମିକା ଗ୍ରହଣ କଲା। ଉପନ୍ୟାସରେ କେବଳ ଜୀବନର ବାସ୍ତବ ଚିତ୍ର ରୂପାୟିତ ହେଲା ନାହିଁ; ଜୀବନର ସଂଘର୍ଷ, ନାନା ଘାତ - ପ୍ରତିଘାତ, ଆଶା - ଅଭିଳାଷ, ହର୍ଷ - ବିଷାଦ, ସ୍ୱପ୍ନ ଓ ଅନୁଭୂତିର ରସାଳ ଅଭିବ୍ୟକ୍ତି ମଧ୍ୟ ସ୍ଥାନ ଲାଭ କଲା।"[୨]

'ସୌଦାମିନୀ' ଉପନ୍ୟାସ ରଚନା କରି ରାମଶଙ୍କର ରାୟ ଓଡ଼ିଆ ଭାଷାରେ ଉପନ୍ୟାସ ରଚନାର ଶୁଭାରମ୍ଭ କରିସାରିଥିଲେ। କିନ୍ତୁ ଏହି ରୋମାନ୍ସଧର୍ମୀ ଉପନ୍ୟାସର ଧାରାକୁ ଅତିକ୍ରମୀ କଳାତ୍ମକ ରୂପନେଇ ବାସ୍ତବବାଦୀ ଯଥାର୍ଥ ଉପନ୍ୟାସର ଧାରା ସୃଷ୍ଟି ହେଲା 'ଛ' ମାଣ ଆଠ ଗୁଣ୍ଠ' ରଚନାରେ। ଫକୀରମୋହନଙ୍କ ପଥକୁ ଅନୁସରଣ କରି ପରବର୍ତ୍ତୀ ସମୟରେ ବହୁ କଥାକାର ଓଡ଼ିଆ ଉପନ୍ୟାସ ସାହିତ୍ୟକୁ କରିଛନ୍ତି ଋଦ୍ଧିମନ୍ତ। ସମସ୍ତଙ୍କ ସ୍ୱ ସ୍ୱ ପ୍ରତିଭାର ବର୍ଣ୍ଣାଳୀରେ ଓଡ଼ିଆ ଉପନ୍ୟାସ ହୋଇଛି ବହୁବର୍ଣ୍ଣୀ ଇନ୍ଦ୍ରଧନୁଟିଏ। ଏହାର ଆଙ୍ଗିକରେ ଯେପରି ଆସିଛି ବୈଚିତ୍ର୍ୟ, ସେପରି ଆତ୍ମିକରେ ହୋଇଛି ଐଶ୍ୱର୍ଯ୍ୟମୟ। ଅନେକ ପ୍ରକାର କଥାବସ୍ତୁ, ଭାବବସ୍ତୁ, ଆଭିମୁଖ୍ୟ ଏଥିରେ ହୋଇଛି ଅନୁରଣିତ। ନାରୀ ଓ ତା'ର ସାମାଜିକ ସ୍ଥିତି-ଦୁଃସ୍ଥିତି, ଅଧିକାର ସମ୍ପର୍କରେ ଓଡ଼ିଆ ଉପନ୍ୟାସ ନିରବ ନଥିଲା କି ନାହିଁ। ବିବିଧ କଥାବସ୍ତୁ ଓ କଥନଭଙ୍ଗୀରେ ତା'ର ହୃଦ୍ୟ ବର୍ଣ୍ଣିଳ ପରିପ୍ରକାଶ। କେତେଗୋଟି ଉପନ୍ୟାସକୁ ଆଧାର କରି ଓଡ଼ିଆ ଉପନ୍ୟାସରେ ନାରୀର ମାନବିକ ଅଧିକାରର ସୁରକ୍ଷା ଓ ସଂକଟର ସ୍ୱରକୁ ପର୍ଯ୍ୟାଲୋଚନା କରାଯାଇପାରେ।

'ନାରୀ'-ଏକ ସଶ୍ରଦ୍ଧ ଉଚ୍ଚାରଣ, ମାନବ ଶିଶୁର ଜନ୍ମଦାତ୍ରୀ। ମାହାତ୍ମା ଗାନ୍ଧୀଙ୍କ ଦୃଷ୍ଟିରେ ପୁରୁଷର "ବେଷ୍ଟ ହାଫ୍"। ପୁରୁଷର ପ୍ରେରଣା ଓ ଶକ୍ତି। କିନ୍ତୁ ସେହି ନାରୀକୁ ପୁରୁଷ ବ୍ୟବହାରିକ ଜୀବନରେ କେତେ ମହତ୍ୱ ଦେଇଛି, କେତେ ତା'ର ଗରିମାକୁ ସ୍ୱୀକାର କରିଛି? ନାରୀ ଯେ ଏକ ମନୁଷ୍ୟ ଏହା ସର୍ବଦା ଭୁଲିଯିବାରେ ପୁରୁଷର ପୁରୁଷାର୍ଥ। ପ୍ରାକ୍ ଐତିହାସିକ କାଳରୁ ଏପର୍ଯ୍ୟନ୍ତ ନାରୀ ତା' ଦେହରେ ବହନ କରିଆସିଛି ଯୁଗଯନ୍ତ୍ରଣାର ଦାବାନଳ। ତାକୁ ମିଳିନାହିଁ ମଣିଷର ମର୍ଯ୍ୟାଦା। ଶାସ୍ତ୍ର ପୁରାଣ ଯାହା କହିଲେ ବି ବାସ୍ତବତା ନାରୀଠାରୁ ମୁଖ ଫେରାଇ ନେଇଛି ସର୍ବଦା। ସ୍ତ୍ରୀ ପରୁଷର ସମାନ ଉତ୍ସାହ ଓ ଉଦ୍ୟମରେ ଏ ସଂସାର ସୃଷ୍ଟି। ସନ୍ତାନକୁ ଜନ୍ମଦେଇ ତା'ର ଲାଳନ ପାଳନ କରି ତାକୁ ମଣିଷଟିଏ କରି ଗଢ଼ି ତୋଳିବାରେ ବରଂ ନାରୀର ଅନନ୍ୟ ଭୂମିକା ରହିଛି। କିନ୍ତୁ, ସମାଜର ଏ ଦୁଇ ମୌଳିକ ଉପାଦାନ ମଧ୍ୟରେ ଗୁରୁତ୍ୱର ବିଚାର ଦୃଷ୍ଟିରୁ ବହୁ ବୈଷମ୍ୟ ରହିଛି, ରହି ଆସିଛି ଅନେକ ଦିନରୁ। ପୃଥିବୀର ଅନେକ ସମାଜ ପୁରୁଷ କୈନ୍ଦ୍ରିକ ହେବା ଏହାର ପ୍ରକୃଷ୍ଟ ପ୍ରମାଣ। ନାରୀର ଶିକ୍ଷା, ସ୍ୱାସ୍ଥ୍ୟ ଓ ସ୍ୱାଧୀନତା ସବୁକାଳେ ଦେଶର ଶାସନନୀତି, ଧର୍ମନୀତି ଓ ସମାଜନୀତି ଦ୍ୱାରା ହୋଇଛି ପାଦେପାଦେ ବିଡ଼ମ୍ବିତ। ବିଶେଷକରି ଭାରତରେ ନାରୀମାନଙ୍କର ଅବସ୍ଥା ଅଧିକ ଶୋଚନୀୟ। ଭାରତରେ ଊନବିଂଶ ଶତାବ୍ଦୀବେଳକୁ ପ୍ରାୟ ସବୁ ନାରୀ ଥିଲେ ଶିକ୍ଷାରୁ, ବିଶେଷ କରି ଆଧୁନିକ ଶିକ୍ଷାରୁ ବଂଚିତ। ଅସୂର୍ଯ୍ୟଂପଶ୍ୟା ଥିଲା ନାରୀମାନଙ୍କ ପାଇଁ ଗୌରବର କଥା। ପରଦା ବା ଓଢ଼ଣି ମାଧ୍ୟମରେ ଭାରତୀୟ ନାରୀ ନିଜର ସର୍ବାଙ୍ଗ ଆଚ୍ଛାଦିତ କରି ଯାତାୟାତ କରୁଥିଲା। ନିଜର ସ୍ୱାଧୀନ ମତ ବୋଲି କିଛି ନଥିଲା ସେମାନଙ୍କର। ସ୍ତ୍ରୀଟି ପୁରୁଷର ସମ୍ପତ୍ତି ହିସାବରେ ଲୋକଚେତନାରେ ଗ୍ରହଣୀୟ ହୋଇଯାଇଥିଲା। ଲୋକସଂଖ୍ୟାର ପ୍ରାୟ ଏହି ଅର୍ଦ୍ଧେକ ନିଜର ସବୁ ସମ୍ଭାବନାକୁ ପରମ୍ପରା ପ୍ରଥା ଓ ସାମାଜିକ ନୀତିନିୟମର ଦ୍ୱାହିରେ ବଳିଦେଇ ଏକ ସଂକୁଚିତ ଜୀବନଯାପନ କରିବାକୁ ବାଧ୍ୟ ହେଉଥିଲେ। ପରବର୍ତ୍ତୀ ସମୟରେ ଏହି ଅବସ୍ଥା ଆଧୁନିକ ଶିକ୍ଷା, ଚଳଣି ଓ ଜ୍ଞାନବିଜ୍ଞାନ ଦ୍ୱାରା ବହୁପରିମାଣରେ ସଂଶୋଧିତ ହୋଇଥିଲେ ମଧ୍ୟ ଏବେ ବି ଆମ ଭାରତୀୟ ସମାଜରେ ନାରୀ ତା'ର ପ୍ରକୃଷ୍ଟ ଭୂମିକା ଓ ଗୁରୁତ୍ୱ ପାଇପାରିନାହିଁ। ତା'ର ମାନବିକ ଅଧିକାରଗୁଡ଼ିକ କୌଣସି ନା କୌଣସି ଆଳରେ ଉଲ୍ଲଂଘନ ହୋଇ ଆସିଛି। ଏହି ସମାଜରେ ନାରୀ ବରଂ ଅଧିକ ଅସୁରକ୍ଷିତ ଅନୁଭବ କରିବାରେ ଲାଗିଛି। ଉକ୍ତ ପରିସ୍ଥିତିରେ ଓଡ଼ିଆ ଔପନ୍ୟାସିକଙ୍କର ଦାୟିତ୍ୱ ନିଶ୍ଚିତ ବଢ଼ିଯାଇଛି। କାହ୍ନୁଚରଣ ମହାନ୍ତିଙ୍କ 'ଶାସ୍ତି' ଯଦିଓ ବିଂଶ ଶତାବ୍ଦୀର ଚତୁର୍ଥ

ଦଶକରେ ରଚିତ ହୋଇଥିଲା, କିନ୍ତୁ ଏହାର ବିଷୟବସ୍ତୁ ଥିଲା ନ'ଅଙ୍କ ଦୁର୍ଭିକ୍ଷର ପରବର୍ତ୍ତୀ ସମୟକୁ ନେଇ। ସେହି ସମୟରେ ନାରୀମାନଙ୍କର ସ୍ୱାଧୀନତା କଥା ଲଙ୍କାରେ ହରିଶଦ୍ଧ ପରି ଥିଲା ଅବାଂଛିତ। ସେଇଥିପାଇଁ ସେ ସମୟର ପୃଷ୍ଠଭୂମିରେ ଜୀବନ ବିତାଇଥିବା ନାୟିକା ବିଧବା ଧୋବୀ ନିଜର ମନର ମଣିଷ ସନିଆକୁ ବାହା ହୋଇପାରି ନଥିଲା। "ଭଲ ପାଇବାର ଅଧିକାର ତା'ର ନାହିଁ ସେ ବିଧବା, ସେ ଧନୀଘରର ଝିଅ, ଧନୀ ଘରର ବୋହୂ।"[୩] ଯେତେବେଳେ ସନିଆଁ ଧୋବୀଠାରୁ ଚାହିଁଛି ହଁ ନାଁର ଉତ୍ତର ସେତେବେଳେ ଧୋବୀର ଜିଭକୁ ହଁ ଟିଏ କହିବାକୁ ଦେଇ ନାହିଁ ସମାଜର ପ୍ରଥା, ବାପର ଇଚ୍ଛା, ଧନର ଅସମାନତା, ଧର୍ମର ଦ୍ୱାହି; ସବୁ ବାଧା ଦୁହିଁଙ୍କର ମଝିରେ ଠିଆ ହୋଇଛି।[୪]

ନ'ଅଙ୍କ ଦୁର୍ଭିକ୍ଷରେ କଇଁ ତା'ର ସବୁକିଛି ହରାଇଛି ଏପରିକି ତା'ର କୁମାରୀତ୍ୱ ବି। କୁମାରୀତ୍ୱ ବଦଳରେ ବାପାକୁ ବଂଚାଇବାକୁ ଚେଷ୍ଟା କରିଥିଲା, ମାତ୍ର ପାରିନଥିଲା। ସବୁସତ୍ତ୍ୱେ ସେ ଯେତେବେଳେ ବଂଚି ଗାଁକୁ ଫେରିଛି ତାକୁ ସମାଜ ଓ ତା'ର ଅକ୍ଷାରି ନିୟମ ବ୍ୟକ୍ତିଟିଏ ଭାବେ ସ୍ୱୀକାର କରିନାହିଁ। ସନେଇଁର ଚିନ୍ତନ ମାଧ୍ୟମରେ ଔପନ୍ୟାସିକ କହନ୍ତି, "କଇଁ ମରିବ ଅପନ୍ତରାରେ ପଡ଼ି, ରୋଗରେ ଛଟପଟ ହୋଇ। ଗାଈଗୁହାଳରେ ଆଶ୍ରା ପାଇବାର ଅଧିକାର ତା'ର ନାହିଁ। ଭଣ୍ଡାରରେ ପଶି ମୂଷା ବିଲେଇ ଯାହା ଖାଇପାରନ୍ତି, ସେତକ ପାଇବାର ସାହସ ତା'ର ନାହିଁ। ସେ ପତିତା।[୫]

ସ୍ୱାଧୀନତା ସଂଗ୍ରାମର ସମୟକୁ ପୃଷ୍ଠଭୂମି ଭାବେ ଗ୍ରହଣ କରି ରଚିତ ହରେକୃଷ୍ଣ ମହତାବଙ୍କ 'ପ୍ରତିଭା' ଉପନ୍ୟାସ। ଏଥିରେ ନାରୀମାନଙ୍କ ଶିକ୍ଷା ଓ ସ୍ୱାଧୀନତା ପ୍ରତି ଗୁରୁତ୍ୱଦେବା ପାଇଁ ପାଠକମାନଙ୍କୁ ଆହ୍ୱାନ ଦିଆଯାଇଅଛି। ଏଥିରେ ଔପନ୍ୟାସିକ ମହତାବ ତାଙ୍କ ମାନସ ସନ୍ତାନ ପ୍ରତିଭାକୁ ସେ ସମୟରେ ଦେଖାଦେଇଥିବା ନାରୀ ଜାଗରଣର ପ୍ରତିନିଧି ରୂପେ ଚିତ୍ରଣ କରିଅଛନ୍ତି। ସ୍ୱାଭାବିକଭାବେ ପ୍ରତିଭା ଭିତରେ ପ୍ରାଥମିକ ଅବସ୍ଥାରେ ତା'ର କର୍ତ୍ତବ୍ୟକୁ ନେଇ ମାନସିକ ଦ୍ୱନ୍ଦ୍ୱ ଦେଖାଯାଇଛି। କିନ୍ତୁ ତା'ର ନିଜର ବନ୍ଧନଯୁକ୍ତ ପରିବେଶ ତାକୁ ଅସଙ୍ଗତ ମନେହୋଇଛି। ଘରର ଚାରି କାନ୍ଥ ମଧ୍ୟରେ ରହିବାର କଡ଼ା ତାଗିଦ୍‌କୁ ସେ ସ୍ୱୀକାର କରିପାରୁନି। ସେ ଭାବୁଛି, "ଏ ପ୍ରକାର ଜୀବନ ଚିନ୍ତାଶକ୍ତି ଶୂନ୍ୟ ଜନ୍ତୁ ପକ୍ଷରେ ସହନୀୟ ହୋଇପାରେ; ମାତ୍ର ମନୁଷ୍ୟ ପକ୍ଷରେ ଏହା ଅସହ୍ୟ। ତଥାପି ବିଚିତ୍ର କଥା ଏହି ଯେ, ଏହି ଅବସ୍ଥା ଯୁଗ-ଯୁଗବ୍ୟାପୀ ସହିନେଇ ମନୁଷ୍ୟ ହିଁ ଚାଲୁଛି। ସମାଜ ମନୁଷ୍ୟ ଉପରେ କି କର୍ତ୍ତୃତ୍ୱ ସାଧନ କରୁଛି; ତାହା ଏଇଥିରୁ ଜଣାପଡ଼ିବ।"[୬] ପ୍ରତ୍ୟେକ ବ୍ୟକ୍ତି ନିଜର ବ୍ୟକ୍ତିତ୍ୱର ବିକାଶ ସାଧନ କରିବାର ଅଧିକାର ହାସଲ କରିଛି। କୌଣସି ପରିସ୍ଥିତିରେ ସେ ଏହି ଅଧିକାର ସହ ସାଲିସ୍ କରିପାରିବ ନାହିଁ। ଏକଥା ପ୍ରତିଭା ନିଜ ଜୀବନରେ ପ୍ରୟୋଗ କରି ଦେଖାଇଛି। ସେ ବିବାହ କରି ମଧ୍ୟ ବୈବାହିକ ଜୀବନରେ ଅଯଥା ପୁରୁଷର ଆଧିପତ୍ୟକୁ ସ୍ୱୀକାର କରିପାରିନାହିଁ। ମନ ମଧ୍ୟରେ ସେ ଭାବିଛି, "ବାସ୍ତବିକ ସ୍ତ୍ରୀ ପ୍ରତି ପୁରୁଷର ସମଦୃଷ୍ଟି ନାହିଁ - ହାଟରୁ ଗୋରୁ ଖରିଦ କରି ଗୁହାଳରେ ବାନ୍ଧିବା ପରି ସ୍ତ୍ରୀ ଗୋଟାଏ ଆଣି ବାହାଘର ନାମ ଦେଇ ପୁରୁଷ ତାକୁ ଗୁହାଳରେ ବାନ୍ଧି ଦେଇଛି - ସେଥିରେ ସ୍ନେହର ବନ୍ଧନ ଆଦୌ ନାହିଁ।"[୭] ପ୍ରତିଭା ଏତିକିରେ ଅଟକିଯାଇନି। ନିଜର ସ୍ୱାମୀର ହତାଦାରକୁ ଗ୍ରହଣ କରିନାହିଁ। ନିଜ ଶ୍ୱଶୁର ଜନସାଧାରଣଙ୍କ ଉପରେ ଚଳାଉଥିବା ଅତ୍ୟାଚାରକୁ ସମର୍ଥନ କରିନାହିଁ। ବରଂ ଏ ଉଭୟର ବିରୋଧରେ ଯଥାର୍ଥ ବିଦ୍ରୋହ ଘୋଷଣା କରି ଶୋଷିତ ଜନସାଧାରଣଙ୍କ ଜନସଭାରେ ଉପସ୍ଥିତ ହୋଇ ଦେଶର ସଂସ୍କାର ଓ ସ୍ୱାଧୀନତା ସଂଗ୍ରାମରେ ସାମିଲ ହୋଇଯାଇଅଛି। ପ୍ରଥମ ଥର ପାଇଁ 'ପ୍ରତିଭା' ଯେତେବେଳେ ସର୍ବସାଧାରଣଙ୍କ କଲ୍ୟାଣ ପାଇଁ ଅନ୍ତଃପୁରର ଏରୁଣ୍ଡି ବନ୍ଧ ଡେଇଁ ସମବେତ ଜନତା ସମ୍ମୁଖରେ ଦଣ୍ଡାୟମାନ ହୋଇଛି, ସେତେବେଳେ ସେ କହିଛି, "ଭାଇମାନେ, ମୁଁ ନୂଆ ହୋଇ ପିଞ୍ଜରାରୁ ଆଜି ବାହାରିଛି - ମୁଁ ଭଲ ଉଡ଼ିପାରିନାହିଁ ତେବେ ଏତିକି ମୁଁ ଆପଣଙ୍କୁ ଜଣାଇ ଦେବାପାଇଁ ଚାହେଁ ଯେ, ଆପଣମାନଙ୍କ ସାଙ୍ଗରେ ସମଦୁଃଖିନୀ ହେବାପାଇଁ ମୁଁ ବାହାରିପଡ଼ିଛି। ଆପଣମାନଙ୍କ ଭଲ ମୋର ଭଲ - ଆପଣମାନଙ୍କ ମନ୍ଦ ହେଲେ ମୋର ମନ୍ଦ।"[୮] ସାମଗ୍ରିକ ଭାବେ ବିଚାରକଲେ, ପ୍ରତିଭା ଉପନ୍ୟାସ ଥିଲା ନାରୀ ସ୍ୱାଧୀନତା ଓ ଅଧିକାର ପାଇଁ ମୁଖର ଏବଂ ଭାରତୀୟ ମୁକ୍ତି ସଂଗ୍ରାମରେ ନାରୀମାନଙ୍କ ଭୂମିକାକୁ ପ୍ରତିଷ୍ଠା ଦେବାରେ ଥିଲା ଯତ୍ନବାନ ।

ନିଜର ଅଧିକାର ଓ ସ୍ୱାଧୀନତାକୁ ହାସଲ କରିବା କ୍ଷେତ୍ରରେ କେବଳ ନାରୀମାନେ ଆନ୍ଦୋଳନ ବା ପ୍ରଚେଷ୍ଟା କରିବା ଶେଷ କଥା ନୁହେଁ, ସେଥିପାଇଁ ପୁରୁଷର ମଧ୍ୟ ପ୍ରମୁଖ ଭୂମିକା ରହିଛି। ନାରୀର ଏହି ଅଧିକାର ସଚେତନତା ସାଧାରଣତଃ 'ପୁରୁଷ' ଓ ତା'ର ସମାଜ ବିରୋଧରେ ହୋଇଥାଏ। ଯଦି ପୁରୁଷ ଉଚ୍ଚ ମୂଲ୍ୟବୋଧ ସମ୍ପନ୍ନ ହୋଇ ନାରୀର ଯଥାର୍ଥ ଅଧିକାର ଓ ସ୍ୱାଧୀନତାକୁ ସ୍ୱୀକାର କରିନିଏ ଓ ନାରୀର ଏହି ଅଧିକାର ହାସଲର ଆନ୍ଦୋଳନରେ ନିଜକୁ ସକ୍ରିୟ ଭାବେ ସାମିଲ କରିପାରେ, ତେବେ ତାହା ସଫଳ ହେବ ହିଁ ହେବ। ଏହି ବାର୍ତ୍ତା ଓ ଆଭିମୁଖ୍ୟ ବହନ କରି ରଚିତ ହୋଇଛି ଶାନ୍ତନୁ କୁମାର ଆଚାର୍ଯ୍ୟଙ୍କ "ଅନ୍ୟ ଏକ ସମୟ ଅନ୍ୟ ଏକ ଭାରତ"। ଏହି ଉପନ୍ୟାସର ନାୟକ ଲକ୍ଷ୍ମୀଧର ସାମାଜିକ ବାସନ୍ଦର ଭୟ ସତ୍ତ୍ୱେ ଏକ ବାଲ୍ୟବିଧବାର ବାହାଘରରେ ଯୋଗଦେଇ ଭୋଜି ଖାଇଛି। ଯେଉଁମାନଙ୍କ ସାଥିରେ ସେ ଏହି ଭୋଜି ଖାଇବାକୁ ପଡ଼ୋଶୀ ଗାଁକୁ ଯାଇଥିଲା, ସେମାନେ ସମସ୍ତେ ପଡ଼ିଯାଇଛନ୍ତି ଦୁଶ୍ଚିନ୍ତାରେ। ଗାଁ ମୁଖିଆମାନେ ହୁଏତ ଅଡ଼ି ବସି ପାରନ୍ତି ବିଷୟଟି ଉପରେ। ସମସ୍ତଙ୍କ ମନରେ ଭାବାନ୍ତର। ତେବେ ଲକ୍ଷ୍ମୀଧର ସ୍ଥିର କରିସାରିଛି ଯେ ସେ ଯାହା କରିଛି ଠିକ୍ ହିଁ କରିଛି। ତା'ରି ଭାଷାରେ - "ଆଜି ଗାଁ ବାଲାଙ୍କୁ ସଫା ସଫା ଶୁଣେଇଦେବି। ଯଦି ବେଶି କିଛି ଧମକାଧମକି କରନ୍ତି ତେବେ ସିଧା କହିଦେବି - ଯାହା କରିଚି ସବୁ ଠିକ୍ କରିଚି ମୁଁ। ବିଧବା ବିବାହ ପାପ ନୁହେଁ। ଝିଅଟିଏ ବାହା ହେଇଥିଲା। ସ୍ୱାମୀ ତା'ର ମରିଗଲା ତ କଅଣ ହେଇଗଲା? ପିଲାଟିର ବୟସ

ଷୋହଳ କି ସତର। ଦୀର୍ଘ ଜୀବନ ପଡ଼ିଚି ଆଗକୁ। ତାକୁ ତା ବାପ ବାହା କରିଦେଲା - କଅଣ ଭାସିଗଲା? ବାହାଘର ପେଇଁ ଭୋଜିଭାତଟିଏ କରିଥେଲା? ଦଶଜଣ ବନ୍ଧୁ କୁଟୁମ୍ବକୁ ଡାକିଥିଲା ତ କଅଣ ଖରାପ କଲା? ଲୋକେ ତା' ଦୁଆରେ ପତ୍ର ପକେଇଲେ, ଏ ଦୁର୍ଭିକ୍ଷ ଦିନରେ ଗଣ୍ଡେ ଖାଇବାକୁ ପାଇଲେ। ପିଲା ଯୋଡ଼ିଙ୍କୁ ଆଶୀର୍ବାଦ କଲେ ତ କାହା କଅଣ ନଷ୍ଟ ହେଇଗଲା? ଏଥିରେ ଗାଁ ବାଲାଙ୍କର ଗଲା କେତେ? କିଏ ଏମାନେ ଏଠି ବସି ଏ କଥାକୁ ବିଚାରିବେ? ସଫା ସଫା ପଚାରି ଦେବି - ଦେଖିବା କିଏ କଅଣ କରିବ ମୋର?"[୯]

ଆମ ଦେଶରେ କଥାଟିଏ ଅଛି 'ଯତ୍ର ନାର୍ଯ୍ୟସ୍ତୁ ପୂଜ୍ୟନ୍ତେ ତତ୍ର ରମନ୍ତି ଦେବତାଃ'। ମାତ୍ର ବାସ୍ତବ ଜୀବନରେ କେବେ କେହି ନିଜର ସ୍ତ୍ରୀକୁ ପୂଜା କରିବାର ସଚାରାଚର ଦେଖାଯାଇନଥାଏ। ପୂଜା କରିବା ଦୂରେଥାଉ ସେମାନଙ୍କ କଥାକୁ ପୁରୁଷ ଗୁରୁତ୍ୱ ଦେଲେ ସମାଜରେ 'ମାଇପ ବୋଲକରା' ଭାବେ ନିନ୍ଦିତ ହୋଇଥାଏ। ଅତି ତାତ୍ପର୍ଯ୍ୟପୂର୍ଣ୍ଣ ଭାବେ ଶ୍ରୀଯୁକ୍ତ ଆଚାର୍ଯ୍ୟ ଆଲୋଚ୍ୟ ଉପନ୍ୟାସରେ ଏହିପରି ଏକ ଘଟଣାର ଅବତାରଣା କରିଛନ୍ତି ଯେଉଁଥିରେ ଜନୈକ ସ୍ୱାମୀ ତା'ର ସ୍ତ୍ରୀର ପାଦରେ କାଦୁଅ ଲାଗିବାକୁ ନଦେଇ ରାସ୍ତା ପାରକରାଇ ଦେଇଅଛି। କିନ୍ତୁ ଏ ଘଟଣାଟି ସେଦିନ ସାରା ଗାଁକୁ ଲଜ୍ଜିତ ଓ ମର୍ମାହତ କରିଥିଲା। ଉପନ୍ୟାସର ନାୟକ ଲକ୍ଷ୍ମୀଧର ମନରେ ଏହି ଦୃଶ୍ୟଟି ଗଭୀର ରେଖାପାତ କଲା। ସେ କଳ୍ପନାରେ ଭାବି ବସିଲା ଦିନେ ଏମିତି ଯୁଗ ଆସିବ ନାହିଁ ଆମର ଏଇ ଭାରତକୁ ଯେବେ ନାରୀମାନଙ୍କୁ ଏଇଭଳି ସମ୍ମାନ କରିବେ ପୁରୁଷମାନେ! କେବଳ ଏଇ ଭାବନାରେ ତା'ର ସମସ୍ତ ଭାବାବେଗ ଶେଷ ହୋଇଯାଇନଥିଲା। ସେ ଭାବାତିଶଯ୍ୟରେ ନିଜ ସ୍ତ୍ରୀକୁ ଆଲିଙ୍ଗନ କରି ମାଟି ଉପରୁ ଟିକିଏ ଟେକି ଦେଇ ପୁଣି ସସମ୍ମାନେ ଭୂଇଁ ଉପରେ ରଖିଦେଲା। ଔପନ୍ୟାସିକ ଏହି ପରିସ୍ଥିତିର ବର୍ଣ୍ଣନା ଦେବାକୁ ଯାଇ ଲେଖିଛନ୍ତି, "ସର୍ବଜନ ସମକ୍ଷରେ ନାରୀ ପ୍ରତି ଭଦ୍ରଜନୋଚିତ ପ୍ରେମ ପ୍ରଦର୍ଶନ ଓ ମର୍ଯ୍ୟାଦା ପ୍ରଦାନ ଯେ ପୁରୁଷର ଗୋଟିଏ ମହାନ୍ ଶକ୍ତିର ପରିଚାୟକ ନିଜ ପିଲା ଦୁଇଟିଙ୍କ ସାମ୍ନାରେ ସ୍ତ୍ରୀକୁ ଆଲିଙ୍ଗଂନ କରିବା ମାତ୍ରେଇ ସେ ଧାରଣା ଲୋକଟିର ଆଖି ଖୋଲିଦେଲା। ଲକ୍ଷ୍ମୀଧରର ଆଖି ଛଳଛଳ ହୋଇଗଲା।"[୧୦] ସତରେ ଲକ୍ଷ୍ମୀଧର ପରି ପ୍ରତ୍ୟେକ ପୁରୁଷ ଯଦି ନାରୀର ଯଥାର୍ଥ ମର୍ଯ୍ୟାଦାକୁ ସ୍ୱୀକାର କରନ୍ତି ତେବେ ନାରୀ ନିଜର ଅଧିକାର ଓ ସ୍ୱାଧୀନତା ପାଇଁ ଯେଉଁ ସଂଗ୍ରାମ ଏବେବି ଜାରି ରଖିଛି, ତା'ର ସଫଳତା ଉପରେ ପ୍ରଶ୍ନଚିହ୍ନ ରହନ୍ତା କି?

ନାରୀ ଆଜି ବିଭିନ୍ନ ସମସ୍ୟାର ସମ୍ମୁଖୀନ। ସେହିସବୁ ସମସ୍ୟା, ନାରୀ ହିସାବରେ ତା'ର ସ୍ୱାଧୀନତା ଓ ଅଧିକାରକୁ ପାଦେପାଦେ କ୍ଷୁର୍ଣ୍ଣର୍ କରୁଅଛି। ପୃଥିବୀରେ ବ୍ୟକ୍ତିଟିଏ ହୋଇ ସରଳ ଜୀବନଯାପନ କରିବାର ସ୍ୱାଭାବିକ ସ୍ୱପ୍ନଟିଏକୁ ଦୁଃସ୍ୱପ୍ନରେ ପରିଣତ କରିଦେଉଛି। ଅନେକ ସମସ୍ୟା ମଧ୍ୟରୁ ନିମ୍ନରେ କେତେଗୋଟି ସମସ୍ୟାର ଆଲୋଚନା ବିଭିନ୍ନ ଉପନ୍ୟାସ ଭିତ୍ତିରେ କରାଯାଇପାରେ ।

ନାରୀ ଆଜି ଯେଉଁ ସମସ୍ୟାର ସମ୍ମୁଖୀନ ହେଉଛି ସବୁଠାରୁ ପ୍ରମୁଖ ସମସ୍ୟା ହେଲା, ତା'ର ସ୍ଥିତି ବିଷୟକ ସମସ୍ୟା। ପରିବାରରେ ଝିଅଟିଏ ବୋଝଭାବେ ବିବେଚିତ ହୋଇଥାଏ। ସମାଜରେ ଝିଅଟିଏ ସମସ୍ତ ଘଟଣା ଦୁର୍ଘଟଣା ପାଇଁ ପ୍ରତ୍ୟକ୍ଷ ବା ପରୋକ୍ଷ ରୂପେ ପ୍ରାୟ ଦାୟୀ ରହିଥାଏ। ଝିଅର ଚରିତ୍ର ନିମିଷକ ମଧ୍ୟରେ ଏଠାରେ କଳଙ୍କିତ ହୋଇଯାଏ। ଝିଅ ଜନ୍ମ କରୁଥିବା ସ୍ତ୍ରୀଟି ଅଲକ୍ଷଣି ଭାବେ ଏ ସମାଜରେ ସ୍ଥଳବିଶେଷରେ ବିବେଚିତ ହୋଇଥାଏ। ଏପରି ଅନେକ ଅନେକ ଘଟଣା ଯୋଗୁଁ ଝିଅଟିଏ ପାଇଁ ଅନେକ ଦମ୍ପତି ଚାହିଁ ନଥା'ନ୍ତି। ଅନେକ ସମୟରେ ଭ୍ରୁଣଟି ଝିଅବୋଲି ଅତ୍ୟାଧୁନିକ ପରୀକ୍ଷା ମାଧ୍ୟମରେ ଆଗରୁ ଜଣାପଡ଼ିଗଲେ ତା'ର ନିର୍ବିଚାରରେ ଆବରସନ ହୋଇଯାଇଥାଏ। କିନ୍ତୁ ନାରୀମାନଙ୍କ ଉପରେ ହେଉଥିବା ଅତ୍ୟାଚାରର ଶେଷ କାହିଁ? ଏହିଭଳି ପରିସ୍ଥିତିରେ ଲେଖକର ଲେଖନୀ କ'ଣ ସ୍ଥିର ରହିପାରିବ?

ବିକଳାଙ୍ଗ କନ୍ୟା ସନ୍ତାନକୁ ନିଜର କର୍ମମୟ ଜୀବନର ବ୍ୟସ୍ତତାର ଆଳରେ ଏକ ଶିକ୍ଷିତ ଦମ୍ପତି କିପରି ନିର୍ମମ ଭାବେ ହତ୍ୟା କରିଛନ୍ତି, ତା'ର ମାର୍ମିକ ଚିତ୍ର ବହନ କରେ ରାମଚନ୍ଦ୍ର ବେହେରାଙ୍କ 'ମୁକ୍ତିର ରୂପରେଖ' ଉପନ୍ୟାସ। ସ୍ୱାମୀ ବିଭୁ ରାଜ୍ୟ ପ୍ରଶାସନିକ ଅଫିସର। ବାପାଙ୍କର ଆକସ୍ମିକ ମୃତ୍ୟୁପରେ ସେ ଟିଉସନ୍ କରୁଥିବା ମୁରବୀମାନଙ୍କ ଦ୍ୱାରା ଆବଶ୍ୟକ ସାହାଯ୍ୟ ସହଯୋଗ ପାଇ ପାଠପଢ଼ି ମଣିଷ ହୋଇଛି। ସେ ଆଦୌ ସ୍ୱୀକାର କରିବା ପାଇଁ ପ୍ରସ୍ତୁତ ନଥିଲା ଯେ, "ପୃଥିବୀ ଏବଂ ସଂସାର ଅନେକ ଲୋକଙ୍କର କ୍ରୋଧ ଓ ଅଭିଶାପର ଶରବ୍ୟ ହୁଏ।"[୧୧] ପରବର୍ତ୍ତୀ ଚାକିରୀ ଜୀବନରେ ସେ ଆସ୍ତେ ଆସ୍ତେ ଲାଂଚ ମିଛର ଦୁନିଆରେ ବିଚରଣ କରିଛି। ମାତ୍ର "ଭିତରୁ କେବଳ ଗୋଟେ ପ୍ରତିବାଦର ସ୍ୱର ଶୁଭେ। ତାହାକୁ ନଶୁଣିଲେ ହେଲା।"[୧୨] ଏହି କଥାହିଁ ତାକୁ ମନୋବଳ ଦେଇଛି ସେହିପରି ଜୀବନଟିଏ ବଂଚିବାକୁ।

ଏଣେ ସ୍ତ୍ରୀ ସୁରଭି ଉଚ୍ଚଶିକ୍ଷିତା, ସୁନ୍ଦରୀ। ବ୍ୟାଙ୍କରେ ଚାକିରି କରେ। ବାପା ମା'ଙ୍କ ମୃତ୍ୟୁପରେ ଭାଇଭାଉଜଙ୍କ ପାଖରେ ବଡ଼ ହୋଇଛି। ମାତ୍ର ସେମାନଙ୍କର ତା'ପ୍ରତି ମନୋଭାବ ସୁରଭିକୁ ଦୁଃଖ ଦେଇଛି। ତା'ର ଭାଷାରେ, "ତୁମେ ବୁଝିପାରିବ ନାହିଁ ବିଭୁ, ଗୋଟେ ଝିଅର ଯଦି ହୃଦ୍‌ବୋଧ ଧ ହୁଏ ଯେ, ତାକୁ ଗୋଟେ ଅଦରକାରୀ ମଣିଷ ବୋଲି ବିଚାର କରାଯାଉଛି, ତା ପ୍ରତି ଅବହେଳା ପ୍ରଦର୍ଶନ କରାଯାଉଚି, ତେବେ ତା'ର ଦୁଃଖ କେତେ ବେଶି ହୁଏ। ନା, ତୁମେ ସେସବୁ ଅନୁମାନ କରିପାରିବ ନାହିଁ।"[୧୩] ଏହିଭଳି ଝିଅଟି ବିଭୁକୁ ବାହାହୋଇ ସାରିଲା ପରେ ସ୍ୱାର୍ଥକୈନ୍ଦ୍ରିକ ହୋଇଉଠିଛି। ସ୍ୱାମୀ ବିଭୁର ଲାଂଚମିଛର ସଂସାର ପାଇଁ ପ୍ରମୁଖ ପ୍ରେରଣା ହୋଇ ଯାଇଛି। ବିଭୁ ମଧ୍ୟ ପଛକୁ କେବେ ଫେରି ଚାହିଁନି।

କିନ୍ତୁ ସମସ୍ୟାଟି ଘଟିଲା ସେତେବେଳେ, ଯେତେବେଳେ ସେମାନଙ୍କର ପ୍ରଥମ ସନ୍ତାନଟି ଜନ୍ମ ହେଲା। ଝିଅଟିଏ ଅଧିକନ୍ତୁ ବିକଳାଙ୍ଗ। ଗୋଡ଼ ଦୁଇଟି ପ୍ରାୟ ଅଚଳଥିଲା; ଯଦିଓ

ଝିଅଟିର ସୌନ୍ଦର୍ଯ୍ୟ ସୁଭରି ପରି। ସୁରଭି କିମ୍ବା ବିଭୁ କେହି ଏ ବାସ୍ତବତାକୁ ଗ୍ରହଣ କରି ପାରିଲେ ନାହିଁ। ଚାକିରିର ଆଳରେ ସେମାନେ ପରସ୍ପରଠାରୁ ଦୂରେଇ ରହିବାକୁ ଚେଷ୍ଟା କଲେ। ସନ୍ତାନଟିର ଦାୟିତ୍ୱ ନେବାପାଇଁ ଯେପରି ସେମାନେ କେହି ଚାହୁଁନଥିଲେ। ସନ୍ତାନଟି ସହ ବାପା ମା' ଦୁଇଜଣ ଯେପରି ଏ ଘଟଣାଟିରେ ସନ୍ତୁଳି ହେଉଥିଲେ। ଯେପରି "ନର୍ସିଙ୍ଗ ହୋମ୍‌ରେ ଡେଲିଭରି ପରେ ଏ ତିନିଜଣ କାନ୍ଦୁଛନ୍ତି ବିଭିନ୍ନ ପ୍ରକାରର। ମାତ୍ର ସେମାନଙ୍କର କାନ୍ଦଣା ଥିଲା ଏକ ଓ ଅଭିନ୍ନ। ତାହାର ଭାଷା ଥିଲା ଗୋଟାଏ।"[୧୪]

ସୁରଭି ଓ ବିଭୁ ପରସ୍ପରର ଅଜାଣତରେ ଉଭୟ ଶିଶୁଟିକୁ ତଂଟି ଚିପି ହତ୍ୟାକରିବା ପାଇଁ ଯେ ଭାବି ନାହାନ୍ତି ସେ କଥା ନୁହେଁ, ଭାବିଛନ୍ତି ମାତ୍ର ସକ୍ଷମ ହୋଇପାରି ନାହାନ୍ତି। ଏହି ସେହି ଶିଶୁ ଯିଏ ସେମାନଙ୍କର ମନରୁ ସମସ୍ତ ସରସତା ଦୂରେଇ ଦେଇଛି, ଏହି ସେହି ଶିଶୁ ଯିଏ ସେମାନଙ୍କର ସଫଳ ବୈବାହିକ ଜୀବନରେ ଅଶାନ୍ତି ସୃଷ୍ଟି କରିଚି। ସର୍ବୋପରି ଏହି ସେହି ଶିଶୁ ଯିଏ ସେମାନଙ୍କର ସାମାଜିକ ପ୍ରତିପତ୍ତିକୁ ଧ୍ୱଂସ କରିଦେଇଛି। ଶେଷରେ ଦିନେ ସୁରଭି, ଛୁଆଟିକୁ ନିଦ ବଟିକା ଖୋଇଦେବାର ପ୍ରସ୍ତାବ ଦେଲା ବିଭୁକୁ, ବିଭୁ ଏକାଥରେ ଚାରି ପାଂଚଟି ନିଦ ବଟିକା ଖୋଇଦେବାର ସିଦ୍ଧାନ୍ତ ଦେଲା ଯାହାଦ୍ୱାରା ଶିଶୁଟି ସବୁଦିନ ପାଇଁ ତାଙ୍କର ସମସ୍ୟା ହୋଇ ରହିବ ନାହିଁ। ମାତ୍ର ଏହି ବ୍ୟବସ୍ଥାକୁ ସେମାନେ ସୁରକ୍ଷିତ ମନେ ନକରି ଚଳନ୍ତା ଟ୍ରେନ୍‌ରୁ ଶିଶୁଟିକୁ ଅଖାରେ ଭର୍ତ୍ତିକରି ନଦୀପୋଲ ଉପରୁ ନଦୀକୁ ପକାଇଦେବାର ନିଷ୍ପତ୍ତି ନେଲେ ଓ ଯଥା ସମୟରେ ତାହାକୁ କାର୍ଯ୍ୟକାରୀ ମଧ କଲେ।

ଯେଉଁ ସହାବସ୍ଥାନ, ଶାନ୍ତି ଓ ସ୍ୱାଭାବିକ ଜୀବନ ପାଇଁ ସେମାନେ ଏହି ସନ୍ତାନଟିକୁ ହତ୍ୟାକଲେ, ସେହି ଶାନ୍ତି ଓ ସ୍ୱାଭାବିକତା ଜୀବନରେ ତାଙ୍କୁ ମିଳିନଥିଲା। ସୁରଭି ଏ ଘଟଣାର କିଛିଦିନ ପରେ ପାଗଳୀ ହୋଇଯାଇ ଡାକ୍ତଖାନାରେ ରହିଲା। ବିଭୁ ଆତ୍ମହତ୍ୟା କରିବାକୁ ଚିନ୍ତା କରୁକରୁ ଶେଷରେ ପୋଲିସ୍ ଷ୍ଟେସନରେ ନିଜର ଦୋଷ ସ୍ୱୀକାର କରି ଆତ୍ମଗ୍ଲାନିରୁ ମୁକ୍ତି ଖୋଜିଲା।

ରାମଚନ୍ଦ୍ର ବେହେରାଙ୍କ ଏହି ଉପନ୍ୟାସଟି ସାର୍ଥକ ଭାବେ ଏକ ମଣିଷ ଶିଶୁର ବଂଚିବାର ଅଧିକାରକୁ କିପରି ମିଥ୍ୟା ସମ୍ମାନ, ଦାୟିତ୍ୱବୋଧ ଓ ସାଂସାରିକ ସୁଖ ନାମରେ ଉଲ୍ଲଙ୍ଘନ କରାଯାଇଛି ତାହା ବର୍ଣ୍ଣନା କରିଛି ଓ ଏହା ପାଠକମାନଙ୍କୁ ସେହିପରି ଏକ ମୂଲ୍ୟବୋଧ ପାଖରେ ପହଂଚାଇ ଦେବାରେ ସକ୍ଷମ ଯେଉଁ ମୂଲ୍ୟବୋଧ ଏ ପୃଥିବୀର ପ୍ରତ୍ୟେକ ମଣିଷର ବଂଚିବାର ଅଧିକାରକୁ ସ୍ୱୀକାର କରିବାକୁ ପ୍ରେରଣା ଦେବ ।

ଧର୍ଷଣ ନାରୀମାନଙ୍କର ମାନବିକ ଅଧିକାର ଉଲ୍ଲଂଘନର ଏକ ଦୁଃଖଦ ଉଦାହରଣ। ବର୍ତ୍ତମାନ ସମୟରେ ଏହି ସଭ୍ୟ ଶିକ୍ଷିତ ସମାଜରେ ଏହି ସବୁ ଘଟଣା ବଢ଼ି ବଢ଼ି ଚାଲିଛି। ବସ୍ତୁବାଦୀ ସମାଜରେ ନାରୀକୁ ଏକ ଭୋଗ୍ୟବସ୍ତୁ ଭାବେ ଗ୍ରହଣ କରିସାରିବା ପରେ ନାରୀ ଯେ କ୍ରମବର୍ଦ୍ଧମାନ ଧର୍ଷଣର ଶିକାର ହେବ ଏଥିରେ ଆଶ୍ଚର୍ଯ୍ୟ ହେବାରେ କ'ଣ ଅଛି। ନାରୀ ଯେ ଏକ ବ୍ୟକ୍ତି ଓ ତା'ର ନିଜତ୍ୱ ରହିଛି, ମାନବିକ ସ୍ଥିତି ରହିଛି ତାହା ପ୍ରାୟତଃ ଅନେକ ଭୁଲିଯାଆନ୍ତି। ସେଥିପାଇଁ ନାରୀମାନେ ଆଜି କେଉଁଠି ସୁରକ୍ଷିତ ନୁହନ୍ତି। ଦେଶର ଆଇନ, ଶାସନ ବ୍ୟବସ୍ଥା କିମ୍ବା ସମାଜ ସେମାନଙ୍କୁ ଦେଇପାରୁନି ଆବଶ୍ୟକ ସୁରକ୍ଷା ଓ ସ୍ୱାଧୀନତା। ନିଜକୁ ସୀମିତ କରି ବଂଚିରହି ବି ଯେପରି ସେମାନଙ୍କର ପରିତ୍ରାଣ ନାହିଁ ।

ଏହିପରି ଏକ ପ୍ରମୁଖ ବିଷୟକୁ ନେଇ ରଚିତ ହୋଇଛି ଶାନ୍ତନୁକୁମାର ଆଚାର୍ଯ୍ୟଙ୍କ "ଯାତ୍ରାର ପ୍ରଥମ ପାଦ" ଉପନ୍ୟାସ। ଜନୈକ ଇଂଜିନିୟର ଓ ତାଙ୍କ ପତ୍ନୀ ତଥା ସେମାନଙ୍କର ଷୋହଳ ବର୍ଷର ଝିଅ 'ଅନୁ' ସହରୀ ଜୀବନର ବ୍ୟସ୍ତତାରୁ ରକ୍ଷା ପାଇବା ପାଇଁ ଧାଇଁ ଆସିଛନ୍ତି ସମୁଦ୍ରକୂଳକୁ। କିନ୍ତୁ, ସ୍ତ୍ରୀ ଲୋକମାନଙ୍କ ପ୍ରତି ଗୋଟାଏ ନିର୍ଦ୍ଦିଷ୍ଟ ବିପଦ ସେତେବେଳେ ରାସ୍ତାଘାଟରେ ଅପେକ୍ଷା କରି ବସିରହୁଥିଲା ଯେମିତିକି![୧୫] ଯାହା ଆଶଙ୍କା କରାଯାଉଥିଲା ତାହାହିଁ ହେଲା, କେଉଁଠୁ ପାଂଚସାତଜଣ ଦୁର୍ବୃତ୍ତ ପିଛା ଧରିଲେ ଅନୁର। ସେତେବେଳେ ଅନୁ ମୁକ୍ତ ଜୀବନର ଆନନ୍ଦ ନେଉଥିଲା ସମୁଦ୍ରର ଲହଡ଼ି ସାଙ୍ଗରେ ଖେଳି ଖେଳି। ବେଳାଭୂମିଟାରେ ଅନେକ ଲୋକ ଜମିଥିଲେ ବି କେହି ଅନୁର ସୁରକ୍ଷା ପାଇଁ ଆଗେଇ ଆସିଲେ ନାହିଁ। ମାତ୍ର ସମସ୍ତେ ଉପଦେଶ ଦେଲେ ସମୁଦ୍ରକୁ ଡେ଼ଇଁପଡ଼ି ଆତ୍ମହତ୍ୟା କରିବାପାଇଁ। ଅଥଚ, ଔପନ୍ୟାସିକଙ୍କ ଦୃଷ୍ଟିରେ ବେଳାଭୂମିରେ ଚନ୍ଦ୍ରଠାରୁ ଯାବତୀୟ ନିର୍ଜୀବ ପଦାର୍ଥ କିନ୍ତୁ ଅନୁକୁ ଜୀବନର ବାଣୀ ଶୁଣାଇ ବଂଚିବା ପାଇଁ ଉପଦେଶ ଦେଲ - "ଯା ! ପଳେଇଯା ! ଜାଣୁ ଜାଣୁ ମରଣ ମୁହଁକୁ କଅଣ କିଏ ଡିଏଁ ?"[୧୬]

ଜୀବନର ଆହ୍ୱାନରେ, ନିଜର ମନୋବଳର ଦୃଢ଼ତାରେ ଅନୁ କିନ୍ତୁ ଲୋକ ସମାଜର ଉପଦେଶ ମାନିନେଇ ପାରିଲା ନାହିଁ। ସେ ଧାଇଁ ଗଲା ବେଳାଭୂମିର ସେଇ ନିଛାଟିଆ ଜଙ୍ଗଲ ମଧ୍ୟକୁ ନିଜର ଲଜ୍ଜା, ନିଜର ଜୀବନ ବଂଚାଇବା ପାଇଁ। ମାତ୍ର ଏ ସମାଜ ତାକୁ ତା'ର ଏହି ଉପଯୁକ୍ତ ନିଷ୍ପତ୍ତି ପାଇଁ ଦେଲା ମହାର୍ଘ ବିଶେଷଣ ସବୁ ଉପହାର- ଅବିବେକୀ, ଦୁଷ୍ଟଚରିତ୍ରା, ବଜାରୀ ଇତ୍ୟାଦି। ବାପା ମା' ଦୁଇଜଣ ବ୍ୟତୀତ ଝିଅଟିକୁ ଉଦ୍ଧାର କରିବାକୁ କେହି ଗଲେ ନାହିଁ। ମାତ୍ର ସ୍ୱାମୀସ୍ତ୍ରୀ ମଧ୍ୟରୁ ସ୍ତ୍ରୀ ଯେତେବେଳେ ଝାଉଁ ବଣ ମଧ୍ୟରେ ଦୁର୍ବୃତ୍ତଙ୍କ ପିଛା କରିବାକୁ ଆଗ୍ରହ ପ୍ରକାଶ କରେ ସେତେବେଳେ ବିଚାରା ବାପ କହେ - "ଏଇଲେ ନୂଆ ବିପଦକୁ ବରଣ କରିବା ଠିକ୍ ହେବ ନାଇଁ। ବାସ୍ତବତାକୁ ଦେଖ ଲକ୍ଷ୍ମୀ ।"[୧୭] ଅନୁ ଯେତେବେଳେ ନିଜକୁ ବଂଚାଇବା ପାଇଁ ପ୍ରାଣମୂର୍ଚ୍ଛା ଦୌଡୁଥିଲା, ତା'ର ଭୟ ନଥିଲା ବଣ ଭିତରେ ଥିବା ଅନ୍ଧାରିଆ ଖୋଲଗୁଡ଼ିକୁ, ଭୂତପ୍ରେତ କି ସରୀସୃପଙ୍କୁ ମାତ୍ର ମନୁଷ୍ୟର ସନ୍ତାନ ମନୁଷ୍ୟକୁ ଡରି ନିଜର ବଂଚିବାର ଅଧିକାର ପାଇଁ ନିଜର ଶକ୍ତି ସହିତ ନିଜେ ସଂଗ୍ରାମ କରୁଥିଲା।

ହେଲେ ହେଲା କ'ଣ? ସର୍ବ ଶେଷରେ ସେଇ ହତଭାଗ୍ୟ ରାଷ୍ଟ୍ରର ସେଇ ହତଭାଗ୍ୟ ସମାଜର ଦୁଇ ହତଭାଗ୍ୟ ବାପା ମା'ଙ୍କ ସମ୍ମୁଖରେ ସେମାନଙ୍କର ଷୋହଳ ବର୍ଷର ଝିଅକୁ

ହାତଗୋଡ଼ରେ କଡ଼ା ପିନ୍ଧାଇ ଦେଇ ଏକଦା ରାଜନୈତିକ ମଂଚରେ ଦେଶର ସ୍ୱାଧୀନତାକୁ ସ୍ୱାଗତ କରିଥିବା ତୁଙ୍ଗ ନେତାର ପଶୁଦଳଟି ଧର୍ଷଣ କରିଥିଲେ। ସେମାନଙ୍କର ପରିଚୟ ଦେବାକୁ ଯାଇ ଔପନ୍ୟାସିକ ଲେଖିଛନ୍ତି, "ଅନୁର ଅସୁରମାନେ ଥିଲେ ତତ୍କାଳୀନ ସମାଜର ଅତି ପ୍ରତଷ୍ଠିତ ଗୋଟିଏ ଗୋଟିଏ ଅଙ୍ଗ। ସେଇମାନଙ୍କ ହାତରେ ପଡ଼ିଥିଲା କେବଳ ରାଜନୈତିକ କ୍ଷମତା ନୁହେଁ, ସମ୍ବିଧାନ ସୁରକ୍ଷାର ଦାୟିତ୍ୱ ମଧ୍ୟ।"[୧୮] ସେହି ଘଟଣାଟିରେ ଯେପରି ସ୍ୱାଧୀନତାର, ଗଣତନ୍ତ୍ରର ସମସ୍ତ ମୂଲ୍ୟବୋଧ ଜଳିପୋଡ଼ି ପାଉଁଶ ପାଲଟି ଯାଇଥିଲା। ଏହା ପରେ ଅନୁର ଭାବାବେଗକୁ ପ୍ରକାଶ କରିବାପାଇଁ ଯାଇ ଔପନ୍ୟାସିକ ଲେଖନ୍ତି, "ଭୟଙ୍କର ଡରିଯାଉଥିଲା ସେ ଅବଶ୍ୟ ଯେତେବେଳେ ତା'ର ମନେ ହେଉଥିଲା ଯେ ସେସବୁ ଘଟଣାର ପୁନରାବୃତ୍ତି ହେବା ଅସମ୍ଭବ ନୁହେଁ, ଦ୍ୱିତୀୟବାର, ତୃତୀୟବାର, ଅସଂଖ୍ୟବାର ଏଇ ପୃଥିବୀରେ - ତାର ନିଜ ଜୀବନକାଳ ଭିତରେ ।"[୧୯]

ଏହି ଘଟଣାଟିକୁ ତା'ର ବାପା ଯେତେଦୂର ସଂଭବ ବେଶ୍ ଭଲକରି ଚପାଇ ଦେଇଥିଲେ। ପ୍ରଚୁର ଅର୍ଥ ଖର୍ଚ୍ଚ କରାଯାଇଥିଲା ଏଥିପାଇଁ। ତା ବାପା ଜାଣିଥିଲେ ଯେ ଏଇଭଳି ସବୁ ପାଶବିକ ଘଟଣାଗୁଡ଼ିକ ପଛରେ ରାଷ୍ଟ୍ରର ଗୋଟିଏ ଅଦୃଶ୍ୟ ହାତ ସତେକି ରହିଥାଏ ସର୍ବଦା। ସେଥିପାଇଁ ଝିଅକୁ ବଦ୍ନାମ ନକରି ସେ ଏକ ଯୋଗ୍ୟପାତ୍ର ସହ ଅନୁର ବିବାହ କରାଇ ଦେଇଥିଲେ। ମାତ୍ର ସ୍ୱାମୀ ଜାନକୀରମଣର ଅକାଳ ମୃତ୍ୟୁ ପରେ ଅନୁ ଆସି ରହିଲା ଘରେ। କିନ୍ତୁ କିଛି ବର୍ଷପରେ ସେହି ଧର୍ଷଣକାରୀ ଦଳଟି ପୁନଶ୍ଚ ସନ୍ଧାନ ନେଇ ଆସି ପହଂଚିଲେ ତାଙ୍କର ଘରେ। ସେମାନଙ୍କ ସେତେବେଳକୁ ରାଜନୈତିକ ଆଦର୍ଶ ବଦଳିସାରିଥିଲା। ସେମାନେ ହୋଇଯାଇଥିଲେ ସଚ୍ଚା ନକ୍ସଲ। ଏହି ନକ୍ସଲ ଆନ୍ଦୋଳନରେ ଅନୁକୁ ସାମିଲ୍ କରିବା ଥିଲା ତାଙ୍କ ଉଦ୍ଦେଶ୍ୟ। ଅନୁର ବାପାଙ୍କଠାରୁ ଜୋର ଜବରଦସ୍ତ ବାରୁଦ ସପ୍ଲାଇର ପ୍ରତିଶ୍ରୁତିଟି ଆଦାୟ କରି ସାରିବା ପରେ ଅନୁକୁ ଘୋଡ଼ାଗାଡ଼ିରେ ବସାଇ ସେମାନେ ନେଇ ଯାଇଥିଲେ। ଅନୁ ସେମାନଙ୍କ ସଙ୍ଗେ ଯିବାପୂର୍ବରୁ ତା'ର ବାପାକୁ ପଚାରିଥିଲା, "ମତେ କୋଉଠିକି ପଠେଇଦଉଚ?" ତା ବାପା ପୂରାପୂରି କାଠ ପାଲଟିଯିବା ପୂର୍ବରୁ କେବଳ ପଦଟିଏ କହିଥିଲେ, "ଯମ ପାଖକୁ"।

ସେଦିନ ସେ ଯାଇଥିଲା ଯମମାନଙ୍କ ସାଥିରେ, ଯେଉଁମାନେ ରାଜନୀତି ନାଁରେ ଏବେ ଅସଂଖ୍ୟ ଲୋକଙ୍କୁ ମାରିପାରୁଥିଲେ। ସେମାନଙ୍କ ମଧ୍ୟରୁ ନେତାଭଳି ଲୋକଟି ଦମ୍ଭୋକ୍ତି କରି ସେଦିନ ଗାଡ଼ି ମଧ୍ୟରେ ଅନୁକୁ କହିଥିଲା, "ରାଜନୀତିର ଚକ୍ରାନ୍ତ ବାହାରକୁ ଆଧୁନିକ ମଣିଷ ଆଦୌ ବାହାରି ଯାଇ ପାରିବ ନାଇଁ ମା!" ବାସ୍ତବିକ ଆଜି ରାଜନୀତିର ଚକ୍ର ବ୍ୟୁହରେ ହିଁ ସମସ୍ତେ। ରାଜନୀତିର ଗରଳରେ ଆଜି ସବୁ କିଛି ବିଷାକ୍ତ; ମାନବିକ ସ୍ୱାଧୀନତା, ମାନବିକ ଅଧିକାର, ଗଣତନ୍ତ୍ର, ସମାଜ ଜୀବନ, ବ୍ୟକ୍ତିଜୀବନ ସବୁକିଛି। କିନ୍ତୁ ଆଶ୍ୱାସନାର ବିଷୟ ଏହି ଯେ ସାମାଜିକ ମୂଲ୍ୟବୋଧର ପ୍ରତିକୂଳରେ ଜୀବନ ନିର୍ବାହ କରି ମଧ୍ୟ ଆଲୋଚ୍ୟ ଉପନ୍ୟାସର ନାୟିକା ଅନୁ ରାଜନୀତିର ଚକ୍ରବ୍ୟୁହକୁ ଶେଷ କଥା ବୋଲି ସ୍ୱୀକାର କରିପାରିନାହିଁ। ସେ ନେତାଭଳି ଲୋକଟିକୁ ଉତ୍ତର ଦେଇଛି, "ରାଜନୈତିକ ମଣିଷ ଆଧୁନିକ ମଣିଷ ନୁହଁ, ସେ ସେଇ ଆଦିମ ଗୁହା - ମଣିଷ ।"[୨୦] ସେ ଆନ୍ତରିକ ଭାବେ କାମନା କରୁଥିଲା, "କେତେ ଶୀଘ୍ର ସେ ଦୁଃସମୟଟିର ସମାପ୍ତି ଘଟିବ ଯେତେବେଳେ ରାଜନୈତିକ ମଣିଷର ପରିସମାପ୍ତି ଘଟିବ ଏ ପୃଥିବୀରୁ।"[୨୧] ଧର୍ଷଣ ପରି ଏକ ଗମ୍ଭୀର ବିଷୟକୁ ଅତି ଶକ୍ତିଶାଳୀ ପ୍ରକାଶଭଙ୍ଗୀରେ କଳାତ୍ମକ ଭାବେ ପ୍ରକାଶକରି ଔପନ୍ୟାସିକ ପାଠକଙ୍କ ଚିତ୍ତ ଜଗତରେ ଏକ ତୀବ୍ର ଆଲୋଡ଼ନ ସୃଷ୍ଟି କରିବାକୁ ସକ୍ଷମ ହୋଇଛନ୍ତି; ଯେଉଁ ଆଲୋଡ଼ନ ମଣିଷକୁ ଅନ୍ୟଜଣେ ମଣିଷର ମୌଳିକ ଅଧିକାର ପ୍ରତି ସଶ୍ରଦ୍ଧ ହେବାପାଇଁ ବାଧ୍ୟ କରିବ।

ଦେହ ବ୍ୟବସାୟ ନାରୀର ସମ୍ମାନଜନକ ସ୍ଥିତି ପାଇଁ ସବୁବେଳେ ଏକ ସମସ୍ୟା ହୋଇ ଦେଖାଦେଇଛି। ଏ ପୃଥିବୀରେ କାହିଁ କେତେ ଯେ ନାରୀ ଏପରି ଏକ ଘୃଣ୍ୟ ବ୍ୟବସାୟରେ ସାମିଲ ହେବା ପାଇଁ ବାଧ୍ୟ ହେଉଛନ୍ତି, ତାର ହିସାବ ନାହିଁ। ଆର୍ଥିକ ଓ ସାମାଜିକ ବାଧ୍ୟବାଧକତା ଏଥିପାଇଁ ମୁଖ୍ୟତଃ ଦାୟୀ ବୋଲି କୁହାଯାଇପାରେ। ସାମାଜିକ ସ୍ଥିତି ସହିତ ଆର୍ଥିକ ଦୁରବସ୍ଥା ନାରୀଟିର ବଂଚିବାକୁ ଦୁର୍ବିସହ କରିପକାଇଲେ, ତା'ପାଇଁ ବେଶ୍ୟାବୃତ୍ତିର ରାସ୍ତା ବିନା ଅନ୍ୟ କୌଣସି ରାସ୍ତା ପ୍ରାୟତଃ ଖୋଲା ନଥାଏ, ପୁନଶ୍ଚ ନିରୀହ ଦରିଦ୍ର ଗ୍ରାମ୍ୟ କିଶୋରୀମାନଙ୍କୁ ଏପରି ଏକ ବୃତ୍ତିରେ ନିୟୋଜିତ କରିବାପାଇଁ ଅନେକ ଦଲାଲ ମଧ୍ୟ ତାଙ୍କର ଜାଲ ବିଛାଇ ବସିଛନ୍ତି। ନାରୀମାନଙ୍କର ଏପରି ଏକ ଜ୍ୱଳନ୍ତ ସମସ୍ୟାକୁ ଉପଜୀବ୍ୟ କରି ପ୍ରତିଭା ରାୟ ଲେଖିଛନ୍ତି 'ନୀଳତୃଷ୍ଣା' ଉପନ୍ୟାସ।

'ନୀଳତୃଷ୍ଣା' ଉପନ୍ୟାସର ନାୟିକା ରୂପେଇ ଏକ ରୂପଜୀବୀ, ଯିଏ ପରିସ୍ଥିତିର ଦାୟରେ ଏପରି ଏକ ବୃତ୍ତିକୁ ଗ୍ରହଣ କରି ନେଇଥିଲା ବଂଚିବା ପାଇଁ। କିଶୋରୀ ବୟସରେ ବୁଲାବାବାଙ୍କ ଦ୍ୱାରା ଧର୍ଷିତା ହୋଇ ପାପଗର୍ଭ ସହ ସେ ପଳାଇ ଆସିଥିଲା ସହରକୁ। ସେଠାରେ ସେ ବାହାହୋଇଛି ଦରବୁଢ଼ା ମଦ୍ୟପ ମୁକୁନ୍ଦାକୁ। ମୁକୁନ୍ଦା କିନ୍ତୁ ତାକୁ ଦେଇନି ସ୍ତ୍ରୀର ସ୍ୱୀକୃତି। ନିଜର ମଦପାଣିର ଖର୍ଚ୍ଚ ପାଇଁ ସେ ବାଧ୍ୟକରିଛି ରୂପେଇକୁ ବିଭିନ୍ନ ବାବୁଭାୟାମାନଙ୍କ ପାଖକୁ ଯାଇ ଟଙ୍କା ଧାର ମାଗିବାକୁ। ତାହାଥିଲା ରୂପେଇର ଦେହ ବ୍ୟବସାୟର ପ୍ରାଥମିକ ଅବସ୍ଥା। ଧାର୍ ଦେବା ନାଁରେ ବାବୁଭାୟାମାନେ ଉପଭୋଗ କରିଛନ୍ତି ରୂପେଇର ଯୌବନକୁ। ଏହି ପରିସ୍ଥିତିର ବର୍ଣ୍ଣନା ଦେବାକୁ ଯାଇ ଲେଖିକା କହନ୍ତି, "ନିଶ୍ଚେଷ୍ଟ ନିଃସହାୟ ଭାବେ ରୂପେଇ ପୁଣି ଥରେ ନିଜକୁ ସମର୍ପି ଦେଲା ବୁଲାବାବା-ମୁକୁନ୍ଦା-ବାବୁମୟ ପୃଥିବୀରେ। ଶହ ଶହ ଅସହାୟ ରୂପେଇ ଏମିତି ହୁଏତ ନିଜକୁ ସମର୍ପି ଦେଉଥିବା ତା'ଛଡ଼ା ଅନ୍ୟ ପନ୍ଥା ମାତ୍ର ଗୋଟିଏ - ଅନାହାର ମୃତ୍ୟୁ ।"[୨୨]

ରୂପେଇ ମୁକୁନ୍ଦାର ଘର ଛାଡ଼ିଛି। ମାତ୍ର ବଂଚିବା ପାଇଁ ସେ ପରବର୍ତ୍ତୀ ସମୟରେ ଏହି ବିଭତ୍ସ ରାସ୍ତାକୁ ଛାଡ଼ିପାରିନି। କିନ୍ତୁ

ତାହା ପୂର୍ବରୁ ସେ ଆଶ୍ରୟ ଖୋଜିଛି ନିଜ ଭଉଣୀ ଭିଣେଇଙ୍କ ପାଖରେ, ମାତ୍ର ଦାରିଦ୍ର୍ୟର ଆଳରେ ସେମାନଙ୍କଠାରୁ ଶୁଣିଛି ନିରାଶବାଣୀ। ଶେଷରେ ରହିଛି ମୁସଲମାନ ଯୁବକ ମନୀର୍ ପାଖରେ ଭଉଣୀର ସମ୍ମାନ ପାଇ। ମାତ୍ର ରିକ୍ସାଚାଳକ ମନୀର୍‌ର ଅନୁପସ୍ଥିତିର ସୁଯୋଗ ନେଇ ମନୀର୍‌ର 'ଅନ୍ଧାର କୁଡ଼ିଆ'ରେ ଦଳେ ମାତାଲ ଯୁବକ ରୂପେଇକୁ କଲେ ଧର୍ଷଣ। ରୂପେଇ କାହାକୁ ଚିହ୍ନଟ କରିପାରିଲା ନାହିଁ। ପ୍ରକୃତ ଆସାମୀ ଧରାପଡ଼ିଲା ନାହିଁ। ରୂପେଇ ତରଫରୁ କେହି କେଶ୍ ଲଢ଼ିଲେ ନାହିଁ। ଶେଷ ନିଷ୍ପତ୍ତି ହେଲା ରୂପେଇ ଜଣେ ଅସତ୍ ଚରିତ୍ରର ସ୍ତ୍ରୀ। ମନୀର୍ ସହ ତା'ର ସମ୍ପର୍କ ରହିଛି ।

ରୂପେଇ ହୋଇଛି ମିସ୍ 'ରୂପମତୀ'। ଏହି ପରିବର୍ତ୍ତନ ପାଇଁ ଦେହ ବ୍ୟବସାୟର ଦଲାଲ ଦୁଲେଇ ମାଉସୀ ଓ ଯତୀନ ଦାଦା ତାକୁ ସହାୟକ ହୋଇଛନ୍ତି। ଏ ଯତୀନ ଦାଦା ଓ ଦୁଲେଇ ମାଉସୀଙ୍କ ନେଟ୍‌ୱାର୍କ ମାଧ୍ୟମରେ ରୂପମତୀ ସମାଜର ବଡ଼ ପଣ୍ଡାମାନଙ୍କୁ ଦେହ ଦାନକରି ରୋଜଗାର କରିଛି ପ୍ରଚୁର ଟଙ୍କା। ଏହି ଅର୍ଥ ସାହାଯ୍ୟରେ ସାନଭାଇ 'ପୋଚରା'କୁ ଭଲ ସ୍କୁଲ କଲେଜରେ ପାଠ ପଢ଼ାଇପାରିଛି, ନିଜର ପୂର୍ବର ସେହି ଦରବୁଢ଼ା ସ୍ୱାମୀ ମୁକୁନ୍ଦାର ପରିବାରକୁ ଚଳାଇଛି, ନିଜର ଭଉଣୀ ଭିଣୋଇକୁ ସାହାଯ୍ୟ କରିଛି, ଅନୁପମାକୁ ଅର୍ଥ ସାହାଯ୍ୟ ଦେଇ ତାକୁ ନର୍କପଥର ଯାତ୍ରୀ ହେବାରୁ କ୍ଷାନ୍ତ କରିଛି। ଏପରି ବହୁ କ୍ଷେତ୍ରରେ ତା'ର ଦେହ ରୋଜଗାର କରିଥିବା ଟଙ୍କା ଖର୍ଚ୍ଚ ହୋଇ ଥିଲେ ବି କେହି ତାକୁ ଓ ତା'ର ମାନସିକ ସ୍ଥିତିକୁ ବୁଝି ପାରିନାହାନ୍ତି। ସମସ୍ତେ ଚାହିଁଛନ୍ତି ଟଙ୍କା ରୂପେଇ ପାଖରୁ। ସେଥିପାଇଁ ସେ ଏ ବ୍ୟବସାୟରେ ଆହୁରି ଆହୁରି ନରକଯନ୍ତ୍ରଣା ସତ୍ତ୍ୱେ ମାତିଯାଇଛି। ଲେଖିକାଙ୍କ ଭାଷାରେ, "ରୂପେଇ ଭୁଲିଗଲା ଯେ ତା'ର ଗୋଟିଏ ସୁକୁମାର କୋମଳ ଝରଣାର ଜଳ ଭଳି ପ୍ରାଣବନ୍ତ ଉଚ୍ଛଳ ମନଟିଏ କେବେ କାହିଁ ଥିଲା ବୋଲି। ଆବାଲ୍ୟରୁ ତା'ର ସୁକୁମାର ଦେହଟା ଉପରେ ହିଁ ଯେତେକ ନିର୍ଯ୍ୟାତନାର ପର୍ବ ଘଟି ଚାଲିଛି। ରୂପେଇ ବୋଇଲେ ଯେମିତି ମନବିହୀନ ଏକ ଦେହ। ତା' ମନକଥା କେହି କେବେ ବୁଝି ନାହିଁ ।"[୨୩]

ଭୂମିକାରେ ଲେଖିକା ଲେଖିଛନ୍ତି ଯେ, ପ୍ରସିଦ୍ଧ ସମାଜବିଜ୍ଞାନୀ ପ୍ରମିଳା କପୁରଙ୍କ 'କଲ୍‌ଗାର୍ଲ' ପୁସ୍ତକର ଅବଲମ୍ବନରେ ସେ ଏହି ଉପନ୍ୟାସଟିକୁ ଲେଖିଛନ୍ତି। ଭାରତରେ ନାରୀମାନଙ୍କ ସ୍ଥିତି ସେତେ ଆଶାପ୍ରଦ ନୁହେଁ; ଅଧିକନ୍ତୁ, ଦେହଜୀବୀମାନଙ୍କ ସ୍ଥିତି ଅତୀବ ଦୁର୍ଭାଗ୍ୟପୂର୍ଣ୍ଣ। ସମଗ୍ର ଦେଶର ବିଭିନ୍ନ ସହର ବଜାରମାନଙ୍କରେ ଚାଲିଥିବା ଦେହ ବ୍ୟବସାୟର ପୃଷ୍ଠଭୂମି ଓ ସେଥିରେ ଶିକାର ହେଉଥିବା ଦେହଜୀବୀମାନଙ୍କର ସମସ୍ୟାକୁ ପ୍ରମିଳା କପୁର ବିଭିନ୍ନ ଦୃଷ୍ଟିକୋଣରୁ ଆଲୋଚନା କରିଛନ୍ତି। ଏଇଥିରୁ ପ୍ରେରଣା ନେଇ 'ନୀଳତୃଷ୍ଣା' ଉପନ୍ୟାସ ରଚନା କରାଯାଇଥିବାରୁ ସ୍ୱାଭାବିକ ଭାବେ ଏହି ଉପନ୍ୟାସ ପାଠକମାନଙ୍କୁ ଉକ୍ତ ସମସ୍ୟାଟି ପ୍ରତି ଦୃଷ୍ଟିପାତ କରିବାକୁ ବାଧ୍ୟକରିଥାଏ। ଏହି ଉପନ୍ୟାସରେ ସେପରି କିଛି ସମାଧାନର ଚିତ୍ର ନଥିଲେ ବି ଉପନ୍ୟାସର ନାୟକ 'କଳିଙ୍ଗ' ସାମାଜିକ ବ୍ୟବସ୍ଥା ଓ ପ୍ରଚଳିତ ମୂଲ୍ୟବୋଧ ପ୍ରତି ବିତସ୍ପୃହ ହୋଇ ନିଜପାଇଁ ଏକ ସୁସ୍ଥ ସମାଧାନ ଖୋଜି ପାଇଛି ଓ ଏହି ସମାଧାନ ହିଁ ଲେଖକଙ୍କର ପାଠକମାନଙ୍କ ପାଇଁ ସମସ୍ୟାର ବାଞ୍ଛିତ ସମାଧାନ ।

ବୁଦ୍ଧିଜୀବୀମାନଙ୍କ ମତରେ ଅର୍ଥନୈତିକ ସ୍ୱାଧୀନତା ହିଁ ନାରୀକୁ ବାଞ୍ଛିତ ସ୍ୱାଧୀନତା ପ୍ରଦାନ କରିପାରିବ। ଏହା ହିଁ ପ୍ରଦାନ କରିପାରିବ ନାରୀକୁ ତା'ର ଆବଶ୍ୟକୀୟ ଅଧିକାର ଏବଂ ଏକ ସୁସ୍ଥ ସୁନ୍ଦର, ସ୍ୱଚ୍ଛନ୍ଦ ଜୀବନ। ଆମ ସମାଜରେ ନାରୀମାନଙ୍କର ଅଧିକାଂଶ ସମସ୍ୟାର ସମାଧାନ ସେମାନଙ୍କର ଅର୍ଥନୈତିକ ସ୍ୱାଧୀନତା ଉପରେ ନିର୍ଭର କରେ ବୋଲି ଲେଖିକା ବିଜୟିନୀ ଦାସ ତାଙ୍କ ଉପନ୍ୟାସ 'ଡାଏରୀ' ମାଧ୍ୟମରେ କହିବାକୁ ଚାହିଁଛନ୍ତି। ନାରୀର ନିଜସ୍ୱ ସ୍ଥିତି ଓ ପରିଚୟ ପାଇଁ ଏହି ଉପନ୍ୟାସରେ ଅନ୍ତହୀନ ବ୍ୟାକୁଳତା ଯେ ପ୍ରକାଶ ପାଇଛି, ତାହା ଏହାକୁ ଏକ ବାମାବାଦୀ ଉପନ୍ୟାସ ରୂପେ ଚିହ୍ନିତ କରିଛି। ଲେଖିକା ଭୂମିକାରେ କହନ୍ତି, "କିଛି ବଦଳି ନାହିଁ, ବଦଳିବ ନାହିଁ। କେବଳ ବଦଳାଇ ଦେବାର ସଂକଳ୍ପ ନେଇ ଲେଖକ ଲେଖି ଚାଲିଥିବ.... ସମୟର ସୁଅ ବହିଯାଉଥିବ। ଶାରିରୀକ ଓ ମାନସିକ ଭାବେ 'କୁଙ୍କୁମ', 'ଅନୁରାଧା' ମାନେ ନିର୍ଯ୍ୟାତିତା ହୋଇ ଚାଲିଥିବେ।"[୨୪] ଓଡ଼ିଆ ଉପନ୍ୟାସରେ 'ଡାଏରୀ' ହିଁ ନାରୀର ଅଧିକାର ପାଇଁ ଆନ୍ତରିକ ଭାବେ ସ୍ୱର ଉତ୍ତୋଳନ କରିଅଛି ।

ଡାଏରୀର ନାୟିକା ଅନୁ କହୁଛି, "ମୁଁ ବାହା ହେବି ନାହିଁ, ଅଲବତ ଚାକିରି କରିବି। ଦେଖାଇ ଦେବି -ପୁଅମାନଙ୍କ ଭଳି ଝିଅମାନଙ୍କର ମଧ୍ୟ ଅର୍ଥନୈତିକ ସ୍ୱାଧୀନତା ହାସଲ କରି ବଂଚିବାର ଅଧିକାର ଅଛି।"[୨୫] କିନ୍ତୁ ସବୁ ପ୍ରତିବନ୍ଧକକୁ ଏଡ଼ାଇ ଯେଉଁ ନାରୀମାନେ ନିଜ ପାଇଁ ଆର୍ଥିକ ସ୍ୱାବଲମ୍ବନତା ହାସଲ କରିବାକୁ ଚେଷ୍ଟା କରୁଛନ୍ତି, ସେମାନେ ଆଉ ଏକ ପ୍ରକାର ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସେମାନେ କର୍ମକ୍ଷେତ୍ରରେ ବିଭିନ୍ନ ପ୍ରକାର ଶୋଷଣର ଶିକାର ହେଉଛନ୍ତି। ଅନୁ ଏକ କମ୍ପାନୀରେ ଘରର ବିରୋଧକୁ ଏଡ଼ି ଚାକିରି କଲେବି କିଛିଦିନ ପରେ ସେହି କମ୍ପାନୀରେ ଏମ୍. ଡ଼ି.ଙ୍କ ବ୍ୟବହାର ତାକୁ ସେ ଚାକିରୀ ଛାଡ଼ି ଆସିବାକୁ ବାଧ କରିଛି। ସେହି କମ୍ପାନୀର ଏମ୍. ଡି, ଅନୁକୁ ଅନାବଶ୍ୟକ ଟୁରରେ ନିଜ ସାଥିରେ ନେବାକୁ ଚାହିଁବାରୁ ଅନୁ ଏମ୍.ଡି.ଙ୍କ ମୁହଁକୁ ସିଧା ଚାହିଁ ଅବିଚଳିତ କଣ୍ଠରେ କହିଛି - "ସ୍ୱାଧୀନ ଭାବେ ବଂଚିବା ଅର୍ଥ ସ୍ୱେଚ୍ଛାଚାର ବୋଲି ଭାବୁଛନ୍ତି କାହିଁକି? ଚାକିରୀ କରିବାର ସ୍ୱାଧୀନତା ମୋର ଯେପରି ଅଛି, ତାକୁ ତ୍ୟାଗ କରିବା ଭଳି ସ୍ୱାଧୀନତା ମଧ୍ୟ ଅଛି।"[୨୬] ଅନୁ ଅର୍ଥନୈତିକ ସ୍ୱାଧୀନତାକୁ ନିଜର ସ୍ଥିତି ଓ ବ୍ୟକ୍ତିତ୍ୱ ବିକାଶ ପାଇଁ ଏପରି ଗୁରୁତ୍ୱ ଦେଇଛି ଯେ ସେ ଭାବିଛି, "ମୋର ସମସ୍ତ କଳ୍ପନାଜଳ୍ପନା ଈଶ୍ୱର ବା ପ୍ରେମିକ ରୂପରେ ନୁହେଁ ସ୍ୱାବଲମ୍ବନଶୀଳତା ରୂପରେ ଧରା ଦେଲେ ମୁଁ ଅଧିକ ସମୀଚୀନ ମନେ କରିବି।"[୨୭]

ପ୍ରତ୍ୟେକ ନାରୀ ପାଇଁ ବିବାହ ଅନେକ ମହତ୍ତ୍ୱ ରଖେ। ମାତ୍ର, ସାମାଜିକ ବ୍ୟବସ୍ଥା ଏପରି ଯେ ଜଣେ ସୁନ୍ଦରୀ

ସର୍ବଗୁଣସମ୍ପନ୍ନା ଯୁବତୀ ଯଦି ଗରିବ ଘରେ ଜନ୍ମ ହୋଇଥାଏ, ତେବେ ସେ 'ବିବାହ'ର ସ୍ୱପ୍ନ ଦେଖିପାରୁନାହିଁ। କନ୍ୟା ଦେଖା ପ୍ରହସନ ପରେ ମୋଟା ଅଙ୍କର ଯୌତୁକରେ ବିବାହ ଓ ବିବାହ ପରବର୍ତ୍ତୀ ଅବସ୍ଥା ଆଦିରେ କନ୍ୟା ଓ ତା'ର ପରିବାର ବର୍ଗଙ୍କୁ ଏପରି ବ୍ୟବହାର ମିଳିଥାଏ, ଯେପରି ସେମାନଙ୍କର କୌଣସି ମାନବିକ ମର୍ଯ୍ୟାଦା ନାହିଁ। ତା'ଛଡ଼ା ବଧୂହତ୍ୟା ତ ରହିଛି। ଏହିପରି ଏକ ସାମାଜିକ ବ୍ୟବସ୍ଥା ବିରୋଧରେ 'ଡାଏରୀ'ର ନାୟିକା ଅନୁ ବିଦ୍ରୋହ କରିଅଛି। ସେ କହୁଛି, "ବିବାହ ନିମନ୍ତେ ମୁଁ ଗୋଡ଼ ଟେକି ବସିଥିବା ଝିଅମାନଙ୍କ ଭିତରୁ ଜଣେ ନୁହେଁ। ସ୍ୱାମୀ ପରିଚୟର ମୋହର ମାରି ନିଜର ବ୍ୟକ୍ତିତ୍ୱକୁ ଓ ସୁଖ ସୌଭାଗ୍ୟକୁ ବିଜ୍ଞାପିତ କରିବା ଝିଅ ମଧ୍ୟ ମୁଁ ନୁହେଁ। ମୋ ନିଜସ୍ୱ ପରିଚୟରେ ମୁଁ ବଂଚିବାକୁ ଚାହେଁ।"[୨୮]

ଆଜିକାଲି ନାରୀ ସଶକ୍ତିକରଣ ଉପରେ ଗୁରୁତ୍ୱ ଦିଆଯାଉଛି। ନାରୀ ଶିକ୍ଷିତ, ସଚେତନ ଓ ଆତ୍ମବିଶ୍ୱାସରେ ପରିପୂର୍ଣ୍ଣ ହୋଇ ସଭ୍ୟତାର ଅଗ୍ରଗତିରେ ଅଂଶୀଦାର ହେଉବୋଲି ସମସ୍ତେ ଚାହାନ୍ତି। କିନ୍ତୁ, କେଉଁଠି କ'ଣ ରହିଯାଉଛି ଯେ ଯାହା ଫଳରେ ନାରୀ ପାଇଁ ଏତିକି ସ୍ୱପ୍ନ ଦେଖୁଥିବା ବ୍ୟକ୍ତିମାନଙ୍କର ସ୍ୱପ୍ନ ସାକାର ହୋଇପାରୁନାହିଁ। କିନ୍ତୁ, ପୂର୍ବରୁ ସେ ରୁଢ଼ିବାଦୀ ମନୋବୃତ୍ତିର ଯଥେଷ୍ଟ ପରିବର୍ତ୍ତନ ହୋଇଛି ନିଶ୍ଚୟ, ତଥାପି 'ଅନୁ'ମାନଙ୍କ ପରି ଅଭିମନ୍ୟୁମାନଙ୍କର ସଂଗ୍ରାମର ଶେଷ ହୋଇନାହିଁ। ଆଜିର ଶିକ୍ଷିତ ସଚେତନ ନାରୀର ମାନସିକତାକୁ ନିଜ ଭିତରେ ପ୍ରତିଫଳିତ କରି ଅନୁ ଭାବୁଛି, "ଆମ ପରେ ଆଉ ଏହାର ପୁନରାବୃତ୍ତି ହେବ ନାହିଁ। ଆମ ପରେ ଯେଉଁମାନେ ଜନ୍ମନେବେ ସେମାନେ ଆଜନ୍ମରୁ ସ୍ୱାଧୀନତାର ନିଜତ୍ୱର ମୁକୁଟ ପିନ୍ଧି ପୃଥିବୀକୁ ଓହ୍ଲାଇ ଆସିବେ ସହଜ ଗତିରେ- ଜଳ ପରି, ପବନ ପରି, ଆଲୋକ ପରି ।"[୨୯]

ଅନୁ ଉଭୟ ପରିବାରର ଆନନ୍ଦଉତ୍ସବ ମଧ୍ୟରେ ବିବାହ କରିଛି ଆକାଶଙ୍କୁ। ମାତ୍ର କିଛି ଦିନ ପରେ ବୈବାହିକ ଜୀବନକୁ ନେଇ ସେ ଦେଖିଥିବା ରଙ୍ଗୀନ ସ୍ୱପ୍ନ ସବୁ ସ୍ୱପ୍ନରେ ହିଁ ରହିଯାଇଛି। ସେ ଅନୁଭବ କରିଥିଲା ଯେ, ଭଦ୍ରତାର ମୁଖାପିନ୍ଧା ଶ୍ୱଶୁରଘରର ଲୋକମାନେ କେତେ ବଡ଼ ବଡ଼ ହିପୋକ୍ରାଟ। ଘରେ ତା'ର ସ୍ୱାମୀର କୌଣସି ଭୂମିକା ନଥିଲା। ଶାଶୁ ଶ୍ୱଶୁର ଓ ଦେଢ଼ଶୁର ହିଁ ଥିଲେ ସେ ଘରର ପ୍ରମୁଖ ନୀତିନିର୍ଦ୍ଧାରକ। ସେହିମାନଙ୍କ ହସ୍ତକ୍ଷେପରେ ଅନୁର ବ୍ୟକ୍ତିଗତ ଜୀବନ ପାଦେ ପାଦେ ହିଁ ନିୟନ୍ତ୍ରିତ ହେଉଥିଲା। ଅନୁକୁ କିମ୍ବା ତା'ର ବାପଘରର କୌଣସି ବିଷୟକୁ ସେମାନେ ଗୁରୁତ୍ୱ ଦେଉନଥିଲେ। ଏପରି ଅବହେଳାକୁ ସେ ବରଦାସ୍ତ କରିପାରିନାହିଁ କିମ୍ବା ସବୁକ୍ଷେତ୍ରରେ ନିଜ ବିବେକର ତଂଟିଚିପି ହତ୍ୟାକରିବାକୁ ଚାହିଁ ନାହିଁ। ନିଜ ଜରାୟୁରେ ବଢ଼ୁଥିବା ସନ୍ତାନର ଭବିଷ୍ୟତ ପାଇଁ ଓ ନିଜର ନିଜତ୍ୱର ସଂରକ୍ଷଣ ପାଇଁ ସେ ଆକାଶଙ୍କ ଘରଛାଡ଼ି ଚାଲିଯିବାକୁ ଚିନ୍ତା କରିଛି। ସେ ଭାବିଛି, "ପରମ୍ପରା ଓ ନୀତିନିୟମର ଘୁଣଖିଆ କବାଟକୁ ଭାଙ୍ଗିଦେଇ ମୁଁ ବାହାରିଯିବି, ବାହାରିଯିବି ଏ ଶ୍ୱାସରୁଦ୍ଧକାରୀ ପରିବେଶରୁ ମୁକ୍ତ ପୃଥିବୀକୁ ଯେଉଁଠାରେ ମୁଁ ଅମୁକର ବୋହୂ ବା ସମୁକର ସ୍ତ୍ରୀ ରୂପେ ନୁହେଁ, କେବଳ ନିଜ ନାମରେ ନିଜ ପରିଚୟକୁ ନେଇ ବଂଚି ରହିବି ।"[୩୦]

**ଉପସଂହାର:** ଉପରୋକ୍ତ ଆଲୋଚନାରୁ ଏହା ପ୍ରତୀୟମାନ ହେବ ଯେ ମାନବିକ ଅଧିକାର ଉଲ୍ଲଂଘନର ଚିତ୍ର ଓଡ଼ିଆ ଉପନ୍ୟାସରେ ଯେତେ ପ୍ରତୁଳ, ସେତେ ପରିମାଣରେ ମାନବିକ ଅଧିକାର ସୁରକ୍ଷାର ଚିତ୍ର ପ୍ରତୁଳ ନୁହେଁ। 'ନୀଳତୃଷ୍ଣା'ର କଳିଙ୍ଗ, 'ଅନ୍ୟ ଏକ ସମୟ, ଅନ୍ୟ ଏକ ଭାରତ'ର ଲକ୍ଷ୍ମୀଧର, 'ଡାଏରୀ'ର ଅନୁ ପ୍ରଭୃତି ଚରିତ୍ରକୁ ଏ ପ୍ରସଙ୍ଗରେ ଉଦାହରଣ ଭାବେ ନିଆଯାଇପାରେ। ତେବେ ବ୍ୟକ୍ତିର ମାନବିକ ଅଧିକାରକୁ ଯେଉଁ ଯେଉଁ ପରିସ୍ଥିତି ଓ ପରିବେଶରେ ଉଲ୍ଲଂଘନ କରାଯାଉଅଛି, ସେସବୁକୁ ଯଥାର୍ଥ କଥାନକ ମାଧ୍ୟମରେ ସାର୍ଥକ ଭାବେ ଉପସ୍ଥାପନ କରାଯାଇପାରିଲେ, ତାହାହିଁ ହେବ ସାହିତ୍ୟିକର ସ୍ୱୟଂ ଏକ ବଡ଼ ସଫଳତା । ଆମ ଓଡ଼ିଆ ଔପନ୍ୟାସିକମାନେ ଯେ ଏହି ସଫଳତାର ଅଧିକାରୀ ତାହା ଉପରୋକ୍ତ ଆଲୋଚନାର ପରିପ୍ରେକ୍ଷୀରେ ଆମେ ନିଶ୍ଚୟ ସ୍ୱୀକାର କରିବା।

**ପ୍ରାନ୍ତଟୀକା:**


୧) ମହାରଣା, ସୁରେନ୍ଦ୍ର। ୨୦୧୦। ସାହିତ୍ୟର ତାଳପତ୍ର। ଦ୍ୱିତୀୟ ସଂସ୍କରଣ। କଟକ: ଫ୍ରେଣ୍ଡସ୍ ପବ୍ଲିଶର୍ସ।

୨) ପଟ୍ଟନାୟକ, ପଠାଣି। ୧୯୯୭। ଭୂମିକା; ଓଡ଼ିଆ ଉପନ୍ୟାସ ସାହିତ୍ୟର ପରିଚୟ। ପ୍ରଥମ ସଂସ୍କରଣ। କଟକ: ଓଡ଼ିଆ ବୁକ୍‌ଷ୍ଟୋର୍, ପୃଷ୍ଠା-କ

୩) ମହାନ୍ତି, କାହ୍ନୁଚରଣ। ୧୯୮୬। ଶାସ୍ତି। ଏକାଦଶ ସଂସ୍କରଣ। କଟକ: ଫ୍ରେଣ୍ଡସ୍ ପବ୍ଲିଶର୍ସ। ପୃଷ୍ଠା-୩

୪) ତତ୍ରୈବ, ପୃଷ୍ଠା-୮୯

୫) ତତ୍ରୈବ, ପୃଷ୍ଠା-୧୬୩

୬) ମହତାବ, ହରେକୃଷ୍ଣ। ୧୯୭୪। ପ୍ରତିଭା। କଟକ: ଷ୍ଟୁଡେଣ୍ଟସ୍ ଷ୍ଟୋର୍। ପୃଷ୍ଠା-୩୦

୭) ତତ୍ରୈବ, ପୃଷ୍ଠା -୧୬୩

୮) ତତ୍ରୈବ, ପୃଷ୍ଠା - ୨୩୮

୯) ଆଚାର୍ଯ୍ୟ, ଶାନ୍ତନୁକୁମାର। ୧୯୮୪। ଅନ୍ୟ ଏକ ସମୟ ଅନ୍ୟ ଏକ ଭାରତ। କଟକ: ଗ୍ରନ୍ଥମନ୍ଦିର। ପୃଷ୍ଠା ୧୬-୧୭

୧୦) ତତ୍ରୈବ ପୃଷ୍ଠା-୩୬

୧୧) ବେହେରା, ରାମଚନ୍ଦ୍ର। ୧୯୯୩। ମୁକ୍ତିର ରୂପରେଖା। ପ୍ରଥମ ପ୍ରକାଶ। କଟକ: ବିଦ୍ୟାପୁରୀ ପ୍ରକାଶନ। ପୃଷ୍ଠା-୧୩

୧୨) ତତ୍ରୈବ, ପୃଷ୍ଠା-୩୯

୧୩) ତତ୍ରୈବ, ପୃଷ୍ଠା-୩୧

୧୪) ତତ୍ରୈବ, ପୃଷ୍ଠା-୮୧

୧୫) ଆଚାର୍ଯ୍ୟ, ଶାନ୍ତନୁକୁମାର। ୧୯୭୬। ଯାତ୍ରାର ପ୍ରଥମ ପାଦ। କଟକ: ଗ୍ରନ୍ଥମନ୍ଦିର। ପୃଷ୍ଠା-୨,

୧୬) ତତ୍ରୈବ, ପୃଷ୍ଠା -୭

୧୭) ତତ୍ରୈବ, ପୃଷ୍ଠା-୯

୧୮) ତତ୍ରୈବ, ପୃଷ୍ଠା-ଖ

୧୯) ତତ୍ରୈବ, ପୃଷ୍ଠା -୨୮

୨୦) ତତ୍ରୈବ, ପୃଷ୍ଠା-୭୫

୨୧) ତତ୍ରୈବ, ପୃଷ୍ଠା -୭୮

୨୨) ରାୟ, ପ୍ରତିଭା। ୧୯୮୧। ନୀଳତୃଷ୍ଣା। ପ୍ରଥମ ପ୍ରକାଶ। ଭୁବନେଶ୍ୱର: ଆଦ୍ୟା ପ୍ରକାଶନୀ। ପୃଷ୍ଠା-୧୬୭-୧୬୮

୨୩) ତତ୍ରୈବ, ପୃଷ୍ଠା-୨୦୯-୨୧୦

୨୪) ଦାସ, ବିଜୟିନୀ। ୧୯୮୯। ଭୂମିକା; ଡାଏରୀ। କଟକ: ଓଡ଼ିଶା ବୁକ୍‌ଷ୍ଟୋର୍।

୨୫) ତତ୍ରୈବ, ପୃଷ୍ଠା -୦୫

୨୬) ତତ୍ରୈବ, ପୃଷ୍ଠା-୨୭

୨୭) ତତ୍ରୈବ, ପୃଷ୍ଠା-୩୬

୨୮) ତତ୍ରୈବ, ପୃଷ୍ଠା-୧୪୭

୨୯) ତତ୍ରୈବ, ପୃଷ୍ଠା-୧୬୯

୩୦) ତତ୍ରୈବ, ପୃଷ୍ଠା-୨୧୬

**Funding**

No funding was received for conducting this study.

**Does this article screened for similarity?**

Yes

**Conflict of interest**

The Author has no conflicts of interest to declare that they are relevant to the content of this article.

**About the Licenses**

© **Dr. Indramani Sahu 2025**. The text of this article is open access and licensed under a Creative Commons Attribution 4.0 International License

**Cite this Article :**

Sahu, Indramani, "*Odia Upanyasare Nari O Ta'ra Manabika Adhikara: Eka Anusilana*", Bageesha, Vol. No. 03, Issue No. 02, March - April 2025, Article No: BM2025/02-A001| Page- 09-17| DOI: https://doi.org/10.70541/BAGEESHA/2025030201

BAGEESHA
ବାଗୀଶ
ତୃତୀୟ ବର୍ଷ, ଦ୍ୱିତୀୟ ସଂଖ୍ୟା | ମାର୍ଚ୍ଚ - ଅପ୍ରେଲ୍ ୨୦୨୫
Volume No. 03 | Issue No. 02 | Mar-Apr 2025
Refereed Peer-Reviewed Journal
ISSN: 3107-4294 (PRINT) | 2583-9543 (ONLINE)

# କୋଶଳାଞ୍ଚଳର ଦେବୀ ଉପାସନାର ଧାରା

**ଡ. ସଞ୍ଜୟ କୁମାର ମିଶ୍ର**
ଅଧ୍ୟାପକ, ସ୍ନାତକୋତ୍ତର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ. କେ. ଭି. ମହାବିଦ୍ୟାଳୟ, କଣ୍ଟାବାଞ୍ଜି

RECEIVED : 26 SEP 2024
ACCEPTED : 25 APR 2025
REVISED : 30 APR 2025
PUBLISHED: 10 MAY 2025
ARTICLE QR CODE

BM2025/02-A002

**ଗବେଷଣାତ୍ମକ ନିବନ୍ଧର ସମୀକ୍ଷକ:**
ପ୍ରଫେସର ସନ୍ତୋଷ କୁମାର ରଥ
ଅବସରପ୍ରାପ୍ତ ପ୍ରଫେସର, ଭୀମଭୋଇ ଗବେଷଣା ଚେୟାର, ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ, ସମ୍ବଲପୁର

DOI: 10.70541/BAGEESHA/2025030202

Article No. BM2025/02-A002
Categary : Research Article
Journal Home Page: https://bageesha.in
Support: editor.bageesha@gmail.com

ABSTRACT

**ସାରାଂଶ**

କୋଶଳାଞ୍ଚଳ ହେଉଛି ଏକାଧିକ ଆଦିବାସୀ ଶ୍ରେଣୀ, ଜାତି ଓ ପ୍ରଜାତିଙ୍କ ଆବାସ ସ୍ଥଳୀ। ପ୍ରବୃତ୍ତି, ପ୍ରକୃତି ଧର୍ମଧାରଣା ଉତ୍ସବ ଅନୁଷ୍ଠାନ ଦୃଷ୍ଟିରୁ ମଧ୍ୟ ଓଡ଼ିଶାର ଅନ୍ୟାନ୍ୟ ଅଂଚଳ ଠାରୁ ଏ ଅଂଚଳଟି ସ୍ୱତନ୍ତ୍ର, ଭିନ୍ନ। ସମୟ ଧାରାରେ ଏ ଅଞ୍ଚଳରେ ଆଦିବାସୀ ବିଶ୍ୱାସ ସହ ତନ୍ତ୍ର, ବୌଦ୍ଧ, ଜୈନ, ବୈଷ୍ଣବ, ଶୈବ ଓ ଶାକ୍ତ ଧର୍ମସହ ଲୋକ ପରମ୍ପରାର ସଂଘର୍ଷ ଓ ସମନ୍ୱୟ ଘଟିଛି। ମୂଳରୁ ସ୍ପଷ୍ଟ କରି ଦିଏଁ ଆଲୋଚନାର ବୃହତ କ୍ଷେତ୍ର ସମଗ୍ର କୋଶଳାଞ୍ଚଳ। ଦେବୀ ଓ ଲୋକଦେବୀଙ୍କ ନାମ ସଂଗ୍ରହ ଏହାର ଉଦ୍ଦେଶ୍ୟ ନୁହେଁ ବରଂ ଦେବୀ ଉପାସନାର ଧାରା, ସ୍ଥାନ ଓ ପ୍ରବୃତ୍ତି ଉପରେ ଉକ୍ତ ଆଲୋଚନାକୁ ପର୍ଯ୍ୟବସିତ କରିବା ଦିଗରେ ପ୍ରୟାସ କରାଯାଇଛି ।

**ମୂଳଶବ୍ଦ:** କୋଶଳାଞ୍ଚଳ, ଆଦିବାସୀ, ଧର୍ମାଚାର, ଦେବୀ ଉପାସନା, ଶାକ୍ତ ଧର୍ମ, ଲୋକ ପରମ୍ପରା, ଦେବୀ ଓ ଲୋକଦେବୀ, ଆଦିବାସୀ ପରଂପରା।

**ଉପକ୍ରମ:** ଦେବୀ ଉପାସନାର ଧାରା କୋଶଳାଞ୍ଚଳରେ ବହୁତ ପୁରୁଣା । ଦେବୀଙ୍କୁ ଶ୍ରେଷ୍ଠ ରୂପେ ପରିଗଣିତ କରିବା ଓ ତାଙ୍କ ଆରାଧନା କରିବା ଉକ୍ତ ପରମ୍ପରାର ମୂଳ ଉଦ୍ଦେଶ୍ୟ। କାଳ କାଳ ଧରି ଏ ପରମ୍ପରାଟି ଏ ଧରିତ୍ରୀ ପୃଷ୍ଠରେ ଚାଲି ଆସିଛି। ମହାନ ଭାରତୀୟ ଆର୍ଯ୍ୟ ପରମ୍ପରାରେ ଦେବୀମାନଙ୍କ ପ୍ରଭାବ ଓ ପ୍ରତିଷ୍ଠା ଅନେକତ୍ର ପରିଲକ୍ଷିତ ହୁଏ। ଆର୍ଯ୍ୟଗ୍ରନ୍ଥ ଶ୍ରୁତି, ଶାକ୍ତ ଉପନିଷଦ ଓ ଦେବୀ ଉପନିଷଦମାନଙ୍କରେ ମଧ୍ୟ ଦେବୀ ଆରାଧନାର ଧରା ଓ ଧାରା ବିଷୟକ ଅନେକ ପ୍ରମାଣ ମିଳେ। ତେବେ ତା ପୂର୍ବରୁ ଲୋକ ଦେବଦେବୀମାନେ ଏ ଅଞ୍ଚଳରେ ପୂଜିତ ହୋଇ ଆସୁଥିଲେ। ଲୋକ ମାନେ ଘରେ ଜମିରେ ଗାଁରେ ଜାତିରେ ଅନେକ ଦେବଦେବୀଙ୍କୁ ଆସ୍ଥାନ ଦେଇ ତାଙ୍କର ଆରାଧନା କରୁଥିଲେ। ତେବେ ଇତିହାସ କହେ ଭାରତରେ ବୌଦ୍ଧ ଧର୍ମ ଲୋପ ପାଇଲା ପରେ ହିଁ ଆର୍ଯ୍ୟ ପରମ୍ପରାରେ ବିଶଦ ଭାବେ ଦେବୀ ପୂଜନ ଅର୍ଥାତ୍ ଶାକ୍ତ ପରମ୍ପରାର ପ୍ରାରମ୍ଭ ହୋଇଥିଲା। ଅନେକତ୍ର ତନ୍ତ୍ର ମଧ୍ୟ ଶାକ୍ତ ପରମ୍ପରା ସହ ମିଶିକି ରହିଥିଲା। ଯାହାକି କେତେକାଂଶରେ ବର୍ତ୍ତମାନ ମଧ୍ୟ ପ୍ରଚଳିତ ଅଛି। ଦୁର୍ଗା, କାଳୀ, ଅମ୍ବା, ଲକ୍ଷ୍ମୀ, ପାର୍ବତୀ ଆଦି ଦେବୀମାନେ ହେଲେ ଶାକ୍ତ ପରଂପରାର ମୁଖ୍ୟସ୍ୱର। ସର୍ବତ୍ର ଆମେ ଉପରୋକ୍ତ ଦେବୀମାନଙ୍କ ସହ ଆହୁରି ଅନେକ ଦେବୀଙ୍କୁ ପାଉଁ। ରାଜନୀତିକ ଓ ଭୌଗୋଳିକ ଦୃଷ୍ଟିରୁ ଓଡ଼ିଶାର ସୁନ୍ଦରଗଡ଼, ଝାରସୁଗୁଡ଼ା, ସମ୍ବଲପୁର, ବରଗଡ଼, ବଲାଙ୍ଗିର, ସୋନପୁର, ବୌଦ୍ଧ, ନୂଆପଡ଼ା ଓ କଳାହାଣ୍ଡି ଜିଲ୍ଲା ତଥା ଅନଗୁଳ ଜିଲ୍ଲାର ଆଠମଲ୍ଲିକ ସବ୍‌ଡ଼ିଭିଜନ୍ କୋଶଳାଞ୍ଚଳ ଭାବେ ପରିଚିତ। ଓଡ଼ିଶାର ପୂର୍ବାଂଚଳଠାରୁ କୋଶଳାଞ୍ଚଳର ଐତିହାସିକ, ରାଜନୈତିକ, ସାମାଜିକ ଓ ଭୌଗୋଳିକ ଅବସ୍ଥିତି ମଧ୍ୟରେ ବହୁତ ଭିନ୍ନତା ପରିଲକ୍ଷିତ ହୁଏ। ଏଠାରେ ଭିନ୍ନ ଭିନ୍ନ ସମୟରେ ବହୁପ୍ରକାର ଜାତି, ଜନଜାତି ବସବାସ କରି ଆସୁଛନ୍ତି। ଏହି ଅଂଚଳରେ ଭାଷାଗତ, ସଂସ୍କୃତିଗତ ଖାଦ୍ୟ ଜୀବନ ଚିନ୍ତନ ଆଦି ଅନେକ କ୍ଷେତ୍ରରେ ଭିନ୍ନତା ମଧ୍ୟ ରହିଅଛି।

**ବିଷୟର ଆଲୋଚନା:** କୋଶଳାଞ୍ଚଳ ହେଉଛି ଏକାଧିକ ଆଦିବାସୀ ଶ୍ରେଣୀ, ଜାତି ଓ ପ୍ରଜାତିଙ୍କ ଆବାସ ସ୍ଥଳୀ। ପ୍ରବୃତ୍ତି, ପ୍ରକୃତି ଧର୍ମଧାରଣା ଉତ୍ସବ ଅନୁଷ୍ଠାନ ଦୃଷ୍ଟିରୁ ମଧ୍ୟ ଓଡ଼ିଶାର ଅନ୍ୟାନ୍ୟ ଅଂଚଳଠାରୁ ଏ ଅଂଚଳଟି ସ୍ୱତନ୍ତ୍ର, ଭିନ୍ନ। ଆର୍ଯ୍ୟ ଓ

VOL NO 03 ISSUE NO 02

ଅନ୍ୟମାନଙ୍କ ସମନ୍ୱୟ ମଧ୍ୟ ଘଟିଛି ଏ ଅଞ୍ଚଳରେ। ପୂର୍ବରୁ କେବଳ ଆଦିବାସୀ ଗୋଷ୍ଠୀ ଏ ଅଂଚଳର ମୂଳବାସିନ୍ଦା ଥିଲେ। ପରେ ପରେ ଆର୍ଯ୍ୟମାନେ ଏ ଭୂଖଣ୍ଡକୁ ଆସି ନିଜର ବାସସ୍ଥାନ ରୂପେ ଏହାକୁ ଗ୍ରହଣ କରିଅଛନ୍ତି। ସମୟ ଧାରାରେ ଏ ଅଞ୍ଚଳରେ ଆଦିବାସୀ ବିଶ୍ୱାସ ସହ ତନ୍ତ୍ର, ବୌଦ୍ଧ, ଜୈନ, ବୈଷ୍ଣବ, ଶୈବ ଓ ଶାକ୍ତ ଧର୍ମସହ ଲୋକ ପରମ୍ପରାର ସଂଘର୍ଷ ଓ ସମନ୍ୱୟ ଘଟିଛି। ଫଳରେ କି ଏକ ନୂତନ ସାଂସ୍କୃତିକ ପରିଚୟ କୋଶଳାଞ୍ଚଳର ପୃଷ୍ଠଭୂମିରେ ମୁଣ୍ଡ ଟେକି ଉଠିଲା। ବର୍ତ୍ତମାନ ଆମେ ଯାହାକୁ କୋଶଳାଞ୍ଚଳର ସଂସ୍କୃତି ବୋଲି କହୁଛୁଁ ତାହା ହେଉଛି ଏ ସଂସ୍କୃତି ତେବେ ମୂଳତଃ ବ୍ରାହ୍ମଣମାନଙ୍କ ପୌରୋହିତ୍ୟରେ ହିନ୍ଦୁ ଧର୍ମର ମହାପରମ୍ପରା ସହ ଲୌକିକ ସ୍ଥାନୀୟ ପରଂପରା ଗୁଡ଼ିକର ସମ୍ପର୍କ ସ୍ଥାପିତ ହୋଇଥିଲା। ସ୍ଥାନୀୟ ଆଦିବାସୀ ଦେବୀ ଦେବତାମାନଙ୍କୁ ହିନ୍ଦୁ ଦେବଦେବୀଙ୍କ ମଧ୍ୟରେ ସ୍ଥାନ ଦିଆଗଲା। ସ୍ଥାନୀୟ ଉପଚାର ପଦ୍ଧତି ଓ ଅନ୍ୟାନ୍ୟ ସାଂସ୍କୃତିକ ଅଭିବ୍ୟକ୍ତିଙ୍କୁ ବିପ୍ରମାନେ ପବିତ୍ର ଆଖ୍ୟା ଦେଲେ। ଏଭଳି ସମାଜତାତ୍ତ୍ୱିକ ସାଂସ୍କୃତିକ ଓ ସାମାଜିକ ପୃଷ୍ଠଭୂମିରେ ଆମେ ପଶ୍ଚିମ ଓଡ଼ିଶାର ଦେବୀ ପୂଜନର ପରଂମ୍ପରା ବିଷୟରେ ଆଲୋଚନା କରିବା।

ଏ ଅଞ୍ଚଳଟି 'ଦକ୍ଷିଣ କୋଶଳ' ନାମରେ ପରିଚିତି ଲାଭ କରିଥିଲା। ଆଦିବାସୀ ଅଧ୍ୟୁଷିତ, ବଣ, ଜଂଗଲ, ନଦୀ ନାଳ ଓ ପାହାଡ଼ ପର୍ବତ ପରିବେଷ୍ଟିତ ପ୍ରାକୃତିକ ପରିବେଶରେ ସୁଶୋଭିତ ଓଡ଼ିଶାର ଏହି ଭୂଖଣ୍ଡ ସାମାଜିକ ଓ ସାଂସ୍କୃତିକ କ୍ଷେତ୍ରରେ ଦିନେ ଗୌରବର ସର୍ବୋଚ୍ଚ ଶିଖରରେ ପହଂଚିଥିଲା ବୋଲି ଇତିହାସ କହେ। ରାଣୀପୁର-ଝରିଆଲ , ଗନ୍ଧମାର୍ଦ୍ଦନର ଗନ୍ଧଗିରି ଥିଲା ବୌଦ୍ଧ ସହଜଯାନର ମୂଳପୀଠ । ପୁଣି ତନ୍ତ୍ରପୀଠ ଭାବରେ ପାଟଣାଗଡ଼/ ସୋନପୁରର ନିତେଇ ଧୋବଣୀ, ପିତେଇ ସଉରୁଣୀ, ଜ୍ଞାନଦେଇ ମାଲୁଣୀ ପ୍ରଭୃତି ସାତଭଉଣୀ ତନ୍ତ୍ର ସାଧନାରେ ପ୍ରସିଦ୍ଧ ଥିଲେ। ଏହି ଅଂଚଳରେ ସଂସ୍କୃତି, ସାମାଜିକ ଚଳଣି ଓ ପରଂପରା ଆଦି ମୌଖିକ ବା ଲୋକ ସାହିତ୍ୟ ତଥା ଲୋକ ମୁଖରେ ପ୍ରଚଳିତ। କଳାହାଣ୍ଡି ଜିଲ୍ଲାର ଫୁର୍ଲିଝରନ୍, ବରଗଡ଼ ଜିଲ୍ଲାର ନୃସିଂହନାଥ, ବଲାଙ୍ଗିର ଜିଲ୍ଲାର ହରିଶଙ୍କର ଆଦି ସ୍ଥାନରେ ଥିବା ଝରଣା ଗୁଡ଼ିକ ବର୍ଷତମାମ ବହମାନ ଥାନ୍ତି। ବଣ, ଜଂଗଲ, ପାହାଡ଼, ଝରଣା, ପର୍ବତ, ଜଳାଶୟ, ନଦନଦୀ ଆଦି କୋଶଳାଞ୍ଚଳର ଜନଜୀବନରେ ଗଭୀର ପ୍ରଭାବ ପକାଇଛି।

ଦେବୀ ପୂଜନର କ୍ଷେତ୍ର କୋଶଳାଞ୍ଚଳରେ କାହିଁ କେଉଁ କାଳରୁ ଏଠି ଏକାଧିକ ଗଡ଼ ତଥା ଜମିର ଦେବୀ। କାହା ପାଇଁ ମନ୍ଦିର ଅଛି ତ କାହା ପାଇଁ ମୁକ୍ତାକାଶ। କିଏ ମଙ୍ଗଳବାରରେ ପୂଜା ପାଆନ୍ତି ତ କିଏ ବୁଧବାରରେ, ଆଉ କିଏ ଅନ୍ୟ କେଉଁ ବାରରେ। ଲୋକର ବିଶ୍ୱାସ, ଆସ୍ଥା, ଜୀବନ ଓ ଜଗତପ୍ରତି ଥିବା ନିଷ୍ଠା ଓ ମମତ୍ୱବୋଧ ପ୍ରତିଫଳିତ ହୁଏ ପୂଜନରେ, ଆରାଧନାରେ। କୋଶଳାଞ୍ଚଳ ହେଉଛି ବଣ ପାହାଡ଼ ଘେରା। ବଲାଙ୍ଗିର ଜିଲ୍ଲା ମଧ୍ୟ ପାହାଡ଼ ଓ ଜଙ୍ଗଲ ଅଧ୍ୟୁସିତ। ଜଙ୍ଗଲ, ପାହାଡ଼ ଓ ହିଂସ୍ର ଜନ୍ତୁ ମଧ୍ୟ ଥିଲା। ସେ ପରିବେଶରେ ମଣିଷ ଜଙ୍ଗଲ ଉପରେ ନିର୍ଭର କରି ହିଁ ବର୍ଷର ଅର୍ଦ୍ଧେକ ସମୟର ଜୀବିକା ନିର୍ବାହ କରୁଥିଲା। ଏଣୁ ଜଙ୍ଗଲକୁ ଗଲା ବେଳେ, ପର୍ବତ ଚଢ଼ିଲା ବେଳେ ଜୀବନ୍ତ ଫେରିବା ପାଇଁ ଆବଶ୍ୟକ କରୁଥିଲା ଦେବଦେବୀ କୃପା। ନିଜର ସୁରକ୍ଷା, ଉନ୍ନତି, ଶତ୍ରୁ ଦମନ, ଗଡ଼ରକ୍ଷା, ବ୍ୟବସାୟରେ ଉନ୍ନତି, ସୁରକ୍ଷିତ ଗମନାଗମନ ଇତ୍ୟାଦି କାରଣରୁ ଦେବଦେବୀଙ୍କ ସୃଷ୍ଟି ଓ ଉତ୍ପତ୍ତି ବୋଲି ସମାଜ ତତ୍ତ୍ୱବିତ୍‌ମାନେ ମତ ଦିଅନ୍ତି। ମୂଳରୁ ସ୍ପଷ୍ଟ କରି ଦିଏଁ ଆଲୋଚନାର ବୃହତ କ୍ଷେତ୍ର ସମଗ୍ର କୋଶଳାଞ୍ଚଳ । ଦେବୀ ଓ ଲୋକଦେବୀଙ୍କ ନାମ ସଂଗ୍ରହ ଏହାର ଉଦ୍ଦେଶ୍ୟ ନୁହେଁ ବରଂ ଦେବୀ ଉପାସନାର ଧାରା, ସ୍ଥାନ ଓ ପ୍ରବୃତ୍ତି ଉପରେ ହିଁ ଆଲୋଚନା ପର୍ଯ୍ୟବସିତ ହେବ ଓ ଉଦାହରଣ ରୂପେ କିଛି ଦେବୀଙ୍କ ନାମ ବ୍ୟବହୃତ ହେବ।

ପଶ୍ଚିମ ଓଡ଼ିଶାରେ ଅନେକ ପ୍ରକାର ଓ ଅସଂଖ୍ୟ ଦେବୀ ପୂଜା ପାଉଥିବାର ଦେଖାଯାଏ। ଲୋକ ଦେବୀ, ଆର୍ଯ୍ୟଦେବୀ ଆଦିବାସୀ ଗୋଷ୍ଠୀଙ୍କ ଦେବୀ ଅନ୍ୟ ଜିଲ୍ଲା, ରାଜ୍ୟରୁ ଆନୀତ ଦେବୀ, ଅନ୍ୟ ଜିଲ୍ଲା ବା ରାଜ୍ୟରୁ ଆସି ପଶ୍ଚିମ ଓଡ଼ିଶାରେ ବସବାସ କରୁଥିବା ଲୋକଙ୍କ ଦେବୀ ସବୁ ଅଛନ୍ତି। ଏ ଜିଲ୍ଲାର ଉପରୋକ୍ତ ପର୍ଯ୍ୟାୟର ଦେବୀମାନଙ୍କୁ ରାଷ୍ଟ୍ରଦେବୀ, ଜାତିଦେବୀ, ଗ୍ରାମଦେବୀ, ଗଡ଼ଦେବୀ, ଜଳଦେବୀ, ପଥଦେବୀ, ତନ୍ତ୍ରଦେବୀ, କୁଳଦେବୀ, ଜଙ୍ଗଲଦେବୀ, ମଙ୍ଗଳଦେବୀ, ସୁରକ୍ଷା ଦେବୀ, ସର୍ବ ପୂଜିତ ଦେବୀ ଆଦି ବିଭିନ୍ନ ପ୍ରକାରରେ ଅଧିଷ୍ଠାନ କରି ପୂଜା କରାଯାଇଥାଏ। ଯା' ବାହାରେ ମଧ୍ୟ ଆର୍ଯ୍ୟ ପରମ୍ପରା ଦେବୀ, ବୃନ୍ଦାବତୀ, ଲକ୍ଷ୍ମୀ, ତାରିଣୀ, ମଙ୍ଗଳା, ଆଦି ଘରେ ଘରେ, ଗ୍ରାମେ ଗ୍ରାମେ ପୂଜା ପାଉଅଛନ୍ତି।

ଏ ଅଂଚଳରେ ପୂଜିତ ଦେବୀମାନଙ୍କ ନାମ ତାଙ୍କ ଅବସ୍ଥାନକୁ ନେଇ ହିଁ ହୋଇଛି। ମାନବ ବା ଭକ୍ତମାନେ ଦେବୀମାନଙ୍କୁ ନିଜସ୍ୱ ଆବଶ୍ୟକତା ଓ ସହଜଗମ୍ୟତା ଅନୁଯାୟୀ ତାଙ୍କୁ ଆସ୍ଥାନ ପ୍ରଦାନ କରିଛନ୍ତି। ଅନେକତ୍ର ସ୍ୱପ୍ନାଦେଶ ଅନୁସାରେ ମଧ୍ୟ ଦେବୀମାନଙ୍କ ଆସ୍ଥାନ ନିରୂପଣ ଭଳି ଏକାଧିକ ମିଥ୍ ଓ କିମ୍ବଦନ୍ତୀ ରହିଅଛି। ଆସ୍ଥାନ ଅନୁଯାୟୀ ଦେଖିଲେ ବନ୍ଧଖଁଡ଼ିରେ, ଜଙ୍ଗଲରେ, ଗଛତଳେ, ପାହାଡ଼ରେ, ଜମିରେ, ପୂଜିତ ଦେବୀମାନଙ୍କ ତଦନୁଯାୟୀ ନାମ ହୋଇଛି। ସେପରି ଖମ୍ବରେ ପୂଜା ପାଉଥିବା ଖମ୍ବେଶ୍ୱରୀ, ଲଙ୍କାରୁ ଆସିଥିବାରୁ ଲଙ୍କେଶ୍ୱରୀ, ବିନକାର ବିନକେଇ, ଚରଦାର ଚରଦେଇ, ପାଟନାର ଅଧିଷ୍ଠାତ୍ରୀଦେବୀ ପାଟନେଶ୍ୱରୀ, ସମ୍ବଲପୁରର ସମଲେଶ୍ୱରୀ, ଦ୍ୱାର ଜଗୁଥିବାରୁ ଦ୍ୱାରସେନୀ, ବାଂଜି ବା ବାଉଁଶ ଗଛ ତଳେ ଥିବାରୁ ବାଂଜିତଲେନ୍, ବସ୍ତର ଦେଶରୁ ଆସିଥିବାରୁ ବସ୍ତରେନ୍, ମହନି ବା ସମ୍ମୋହନର ଦେବୀ ମହନିକନ୍ୟା, ଶବର ଜାତିରୁ ଶଉରୁଣୀ, ବ୍ରାହ୍ମଣ ଜାତିରୁ ବାଉନବୁଢ଼ୀ, କଲାର ଜାତିରୁ ହୋଇଥିବାରୁ କଲାରୁଣି, ଫଲ୍‌ସା ଗଛ ତଲେ ହୋଇଥିବାରୁ ଫଲ୍‌ସାତଲେନ୍, ବାହାଲଜମିରେ ଆସ୍ଥାନ ଥିବାରୁ ବାହାଲତଲିଏନ୍ ଇତ୍ୟାଦି ଏବଂ ଆହୁରି ଅନେକ ପ୍ରକାରର ନାମ ଦେବୀମାନଙ୍କର ହୋଇଛି। ଘନ ଜଙ୍ଗଲ ଥିବାରୁ ଜଙ୍ଗଲକୁ ଯାଇ ହିଂସ ଜୀବଜନ୍ତୁଙ୍କ କବଳରୁ ସୁରକ୍ଷିତ ଫେରି ଆସିବା ପାଇଁ ମଣିଷ ଜଙ୍ଗଲରେ ଥାପନା କରିଥିଲା ଦେବୀଙ୍କୁ। ଗଡ଼ର ସୁରକ୍ଷାପାଇଁ ଗଡ଼ ଦେବୀ, ଗ୍ରାମର

ସୁରକ୍ଷା ପାଇଁ ଗ୍ରାମଦେବୀ, କୁଳର ସୁରକ୍ଷା ଓ ବିସ୍ତାର ପାଇଁ କୁଳଦେବୀ, ରାଷ୍ଟ୍ରର ସୁରକ୍ଷା ପାଇଁ ରାଷ୍ଟ୍ରଦେବୀ ସବୁ ଅଧିଷ୍ଠିତ ଓ ପୂଜିତ ହୋଇ ଆସୁଅଛନ୍ତି। ଗୋଟିଏ ଗୋଟିଏ ଗାଁରେ ଗ୍ରାମ ଦେବୀ, ପାର୍ଶ୍ୱଦେବୀ, ଆନୀତ ଦେବୀ ଭଳି ପାଞ୍ଚ ସାତଟି ଦେବୀ ରହିଛନ୍ତି।

ପଶ୍ଚିମ ଓଡ଼ିଶାରେ ପୂଜା ପାଉଥିବା ଦେବୀମାନଙ୍କର ଏକ ତାଲିକା: ବୃନ୍ଦାବତୀ, କାଳିକା, ଛତରବାହୁତି, ଭୈରବୀ, ହାଟଗୁଲେନ, ବାଏତି, ଚଣ୍ଡୀ, ବସ୍ରେନ, ଧାରନୀ, ଭୁବନେଶ୍ୱରୀ, ମାଉଲି, ଭେଁଡ଼ିବିଛଲ, ଧୁବାଘାଟେନ, ମିରଚୁ, ପେଁର୍‌ରାଗଡ଼େନ୍, ସମଲେଶ୍ୱରୀ, ବନଖଡ଼େଁନ, ଲୁହାଗଡ଼େନ୍, ପାଟନେଶ୍ୱରୀ, ବାବୁରା, କୋଟଗରେନ୍, ଲଙ୍କେଶ୍ୱରୀ, ବାୟା, ଭଁଡ଼ାରଗଡ଼େନ୍, ବାଣିଭଗାରେନ୍, ସୁବୁଲେନ୍, କଳାରୁଣୀ, ଠୁଟିମାଏଲି, ରାତେନ, ଶଉରୁଣୀ, ବାରଗୁଲେନ୍, ଗଙ୍ଗାଦି, ମହନିକନ୍ୟା, କାଳିସୁନ୍ଦରୀ, ମାଏଟପାଟ, ବୁକ୍ଷାଗର୍ଡେନ, ନିଆଲିମଲି, ଦକ୍ଷିଣକାଲି, ଜାଲିପଦରେନ, ଦଶମତୀ, ଦମେନଦେଇ, ଝରାବଲେନ, କୁସଙ୍ଗେଇ, ଠାକରାନୀ, ଅଗ୍ନିଗଣେନ, କରମସାନୀ, ଛୁଟିବୁଢ଼ୀ, ଶାକମ୍ବରୀ, ଘସିଏନ୍, ଚାଷିଏନ୍, ଆଶାପୁରୀ, ମାହେଶ୍ୱରୀ, ବିଂଧବାସିନୀ, ମଗ୍ରେନ୍, ମେଣ୍ଟାଶୁଣି, କଁନଧନମାଉଲି, ଫଲ୍‌ସାତଲେନ୍, ଚରଦେଇ, ଶବରୀ, ବନଦୁର୍ଗା, ସାଆନ୍ତେଶ୍ୱରୀ, ମହାଲଛମା, ଦୁର୍ଗା, ବଏରାସରାଣୀ, ଖମ୍ବେଶ୍ୱରୀ, ଡାଲଖାଇ, ଦୁଲ୍ଲା, ଧରତିନି, ନାଚ୍‌ନି, କଳାସୀ, ବାଂଜିତଲେନି, ଅପର୍ଣ୍ଣା, ବଏଁରା ସରେନ, ନକଟିଦେବୀ, ଲକ୍ଷ୍ମୀ, ନାଚନୀ, ପଥରଖଁଡ଼େନ୍, ଧରତିନୀ। ଏଠାରେ ସ୍ପଷ୍ଟ କରାଯାଇପାରେ ଯେ ଏଠାରେ ପ୍ରସ୍ତୁତ ଦେବୀମାନଙ୍କ ତାଲିକା ସମ୍ପୂର୍ଣ୍ଣ ନୁହେଁ । ଏଥିରେ ଆଉ ଅନେକ ଗୁଡ଼ିଏ ଦେବୀଙ୍କ ନାଆଁ ମଧ୍ୟ ଯୋଡ଼ାଯାଇ ପାରିବ, ଯେଉଁମାନେ କି ଏ ଅଞ୍ଚଳରେ ପୂଜିତ।

ସବୁଠୁ ମୂଳ ଓ ବଡ଼ କଥାଟି ହେଉଛି ପୂଜା ପାଉଥିବା ସମସ୍ତ ଦେବୀ କ୍ରମଶଃ ଆର୍ଯ୍ୟାୟିତ ହୋଇ ଯାଉଛନ୍ତି। ମହାନ ଭାରତୀୟ ଆର୍ଯ୍ୟ ପରମ୍ପରାର ଧାରା କ୍ଷୁଦ୍ର ଆଞ୍ଚଳିକ ପରମ୍ପରାର ଧାରାକୁ ସମ୍ପୂର୍ଣ୍ଣ ବାବେ ଗ୍ରାସ କରିଛି ଏବଂ କରୁଛି ମଧ୍ୟ। ସମସ୍ତ ଆଞ୍ଚଳିକ ଦେବୀ ହେଇ ଯାଇଛନ୍ତି ଦୁର୍ଗା ବା ଦୁର୍ଗାଙ୍କ ଅଂଶ ବିଶେଷ। ସମସ୍ତଙ୍କ ପୂଜା ଦଶହରା ମାସରେ ହିଁ ହୁଏ। ଆଞ୍ଚଳିକ ପରମ୍ପରାର ଦେବୀମାନେ ଯେଉଁମାନେକି ଲୋକଦ୍ୱାରା ସ୍ଥାପିତ ହୋଇଥିଲେ ଏବଂ କାଳ କାଳ ଧରି ଲୋକଙ୍କ ଦ୍ୱାରା ପୂଜିତ ହେଉଥିଲେ ସେମାନଙ୍କ ସ୍ଥାନୀୟ ସତ୍ତା ଆଜି ବିଲୁପ୍ତ। ଆଦିବାସୀ ପରଂପରାର ଦେବୀମାନେ ମଧ୍ୟ କାଳକ୍ରମେ ମହାନ ଆର୍ଯ୍ୟ ପରଂପରାର ଦେବୀ ଧାରା ସହ ସଂଯୁକ୍ତ ବା ବିଲୀନ୍ ହୋଇଯାଇଛନ୍ତି। ଡାଲଖାଇ ଓ ଅନ୍ୟାନ୍ୟ କୋଠିର ପାରଂପରିକ କୋଠି ସ୍ଥାନରେ ଦେବୀ ଦୁର୍ଗା ପୂଜା ପାଉଛନ୍ତି। ଏହାର କାରଣଟି ହେଉଛି ସାର୍ବଜନୀନ ଦୁର୍ଗାପୂଜାର ପୂଜା ମେଢ଼ ପ୍ରସ୍ତୁତି ତୋରଣ ଓ ଲକ୍ଷ ଲକ୍ଷ ଟଙ୍କା ବ୍ୟୟ ଅନ୍ୟାନ୍ୟ ଦେବୀଙ୍କ ପୂଜାକୁ ଚପିଯାଉଛି। ତେଣୁ ଦେବୀଶକ୍ତି ମହାମାୟୀ ଦୁର୍ଗା ସମସ୍ତ ମାନସରେ ଗୃହୀତ ହୋଇଯାଇଛି। କ୍ଷୁଦ୍ର ପରମ୍ପରାର ଦେବୀମାନେ ଏଣୁ ମହାନ ପରମ୍ପରାର ଦେବୀ ବା ଦେବୀଙ୍କ ଅଂଶ ରୂପରେ ଚିହ୍ନିତ ହେଉଛନ୍ତି। ଜମି ମଧ୍ୟରେ, ଘୋର ଜଙ୍ଗଲ ଭିତରେ ଥିବା ଦେବୀ ଅସ୍ଥାନମାନେ ରାସ୍ତାକଡ଼କୁ ଚାଲି ଆସୁଛନ୍ତି। ମୁକୁଳା ହୋଇ ପଡ଼ିଥିବା ଲୋକଦେବୀ ପୀଠମାନଙ୍କରେ ମନ୍ଦିର ତିଆରି ହେଉଛି।

ସମାଜ ତତ୍ତ୍ୱବିତ୍‌ମାନେ ମତବ୍ୟକ୍ତ କରନ୍ତି ଯେ, ସଭ୍ୟତାର ପ୍ରାରମ୍ଭ ସମୟରେ ପୁରୁଷ ସ୍ତ୍ରୀକୁ ଭୟ ଦୃଷ୍ଟିରେ ଦେଖୁଥିଲେ। କାରଣ ସ୍ତ୍ରୀର ମାସର ଏକ ନିର୍ଦ୍ଦିଷ୍ଟ ସମୟରେ ଯୋନିରୁ ରକ୍ତକ୍ଷରଣ, ସନ୍ତାନ ଜନ୍ମର କ୍ଷମତା ପୁରୁଷର ବୋଧଶକ୍ତିର ବାହାରେ ଥିଲା। ପରେ ପରେ ଯୌନ ସମ୍ପର୍କ, ରତୁସ୍ରାବ, ଶୁକ୍ରାଣୁ, ଡିମ୍ବାଣୁ, ବିଷୟରେ ଏକାଧିକ ତଥ୍ୟ କଥ୍ୟ ସବୁ ଜନମାନସକୁ ଆସିଲା। ତେଣୁ ପ୍ରାଚୀନ ସମାଜ ପରମ୍ପରାରେ ନାରୀ ଏକ ସ୍ୱତନ୍ତ୍ର ସ୍ଥାନର ଅଧିକାରିଣୀ ଥିଲା। ନାରୀକୁ, ନାରୀଚିନ୍ତନକୁ ନାରୀଭାବକୁ ଏଣୁ ପୂଜାକରିବା ଆରମ୍ଭ କରିଥିଲା ମାନବ। ଦେବୀମାନଙ୍କ ପ୍ରଭାବ ଓ ପ୍ରତିଷ୍ଠା ପାଇଁ ପ୍ରତିଷ୍ଠିତ ହୋଇଥିଲା ଏକାଧିକ ଧାରା ଓ ବିଶ୍ୱାସର ପରମ୍ପରା। କୋଶଳାଞ୍ଚଳର ମଧ୍ୟ ସେ ଧାରାରୁ ବିଚ୍ୟୁତ ହୋଇନାହିଁ। ସେ ବିଶ୍ୱାସ ଓ ପରମ୍ପରା କାଳକ୍ରମେ ଅନ୍ୟାନ୍ୟ ଅଂଚଳ ଭଳି ଏ ଅଂଚଳରେ ଶକ୍ତି ପରମ୍ପରାକୁ ଗଢିତୋଳିବା ସହ ପୁଷ୍ଟ କଲା। ଦ୍ୱାରସେନୀ ଦେବୀଙ୍କ ପୂଜନ ଏହାର ଏକ ବଳିଷ୍ଠ ଉଦାହରଣ। ବୌଦ୍ଧ ଧର୍ମରେ ତନ୍ତ୍ର ପ୍ରବେଶ କରିଥିବାରୁ ଓ ସେଠି ମଧ୍ୟ ଦେବୀବାଦର ପ୍ରସଙ୍ଗ ଆସିଥିବାରୁ ରାଣୀପୁର ଝରିଆଲ୍‌ରେ ଏକାଧିକ ନାରୀ ମୁହଁ ଥିବା ମୂର୍ତ୍ତିଗୁଡ଼ିକ ଅଛନ୍ତି। ଆହୁରି ମଧ୍ୟ ସାତବହନୀ ରୂପେ ଖ୍ୟାତ ସାତଜଣ ଭିନ୍ନ ଭିନ୍ନ ଜାତିର ସାଧିକା ମହିଳାଙ୍କ ନାମରେ ମଧ୍ୟ ପୂଜନସ୍ଥଳୀ ନରୂପିତ ହୋଇ ସେମାନେ ଦେବୀ ଭାବରେ ପୂଜା ପାଉଛନ୍ତି।

**ଉପସଂହାର:** ପଶ୍ଚିମ ଓଡ଼ିଶାରେ ଦେବୀ ଆରାଧନାର ପରମ୍ପରା ଖୁବ୍ ପ୍ରାଚୀନ। କାହିଁ କେଉଁ କାଳରୁ ମଣିଷ ଏ ଆରାଧନାରେ ନିଜକୁ ସନ୍ନିବିଷ୍ଟ କରି ସଂସାରରେ ଯାବତୀୟ ଦୁଃଖ ଓ ଝଡ଼ମାନଙ୍କୁ ସାମନା କରିବା ସାହସ ବାନ୍ଧୁଛି। ଘରେ ବାହାରେ, ରାସ୍ତାରେ, ଜଙ୍ଗଲରେ.ପାହାଡ଼ରେ, ଜଳେ, ସ୍ଥଳେ, ଆକାଶେ ଏଣୁ ସେ ଅଧିଷ୍ଠାତ୍ରୀ କରିଛି ଶକ୍ତି ମାନଙ୍କୁ ଓ ତାର ପୂଜା କରୁଛି ଓ ଆଶିଷ ଭିକ୍ଷା କରୁଛି। କିନ୍ତୁ କ୍ଷୁଦ୍ର ପରମ୍ପରାର ଆଞ୍ଚଳିକ ଦେବୀମାନେ ମହାନ ପରମ୍ପରା ସହ ବିଲୀନ ହୋଇଯିବା, ଦେବୀ ମାନଙ୍କ କୋଠି, ପୂଜାରୀ, ଦେବୀଙ୍କ ସହ ଯୋଡ଼ିହୋଇଥିବା ମିଥ୍ ଓ କିମ୍ବଦନ୍ତୀ ସବୁ ଲୁପ୍ତ ହୋଇଯିବା ଏକ ଚିନ୍ତାର ବିଷୟ । ଏ ସମ୍ପର୍କରେ ଅଧିକ ରକ୍ଷଣାବେକ୍ଷଣ, ଅଧ୍ୟୟନ ଓ ଗବେଷଣାର ଅନେକ ଆବଶ୍ୟକତା ଅଛି ।

**ସହାୟକ ଗ୍ରନ୍ଥସୂଚୀ:**


୧) ଦାସ, ଚିତ୍ତରଂଜନ। ୧୯୮୨। ଆଦିବାସୀ ସଂସ୍କୃତିର ସ୍ୱରୂପ। ଭୁବନେଶ୍ୱର: ଓଡ଼ିଶା ସାହିତ୍ୟ ଏକାଡ଼େମୀ।

୨) ନାୟକ, ଦ୍ୱାରିକାନାଥ। ୧୯୯୮। ସମ୍ବଲପୁରୀ ଲୋକଗୀତରେ ସମାଜ ଜୀବନର ସ୍ୱରୂପ। କଟକ : ଓଡ଼ିଶା ବୁକ୍‌ଷ୍ଟୋର।

୩) ନାୟକ, କ୍ଷେତ୍ରବାସୀ। ୧୯୮୧। ଭାରତୀୟ କାବ୍ୟତତ୍ତ୍ୱ। କଟକ: ପୁସ୍ତକ ଭଣ୍ଡାର ବାଂକାବଜାର।

୪) ପଟ୍ଟନାୟକ, କଇଳାଶ। ୧୯୯୬। ଲୋକ ସାହିତ୍ୟ ଚର୍ଚ୍ଚା। ୨ୟ ପ୍ରକାଶ। କଟକ: କଟକ ଟ୍ରେଡ଼ିଂ କମ୍ପାନୀ।

୫) ପଣ୍ଡା, ନିମାଇଁ ଚରଣ। ୧୯୯୭। ପଶ୍ଚିମ ଓଡ଼ିଶାର ଲୋକ ସାହିତ୍ୟର ସ୍ୱରୂପ। ସମ୍ବଲପୁର: ସାରସ୍ୱତ ପୁସ୍ତକଭଣ୍ଡାର।

୬) ପାଣିଗ୍ରାହୀ, କୁମୁଦ ରଂଜନ। ୨୦୧୨। ପଶ୍ଚିମ ଓଡ଼ିଶାର ଲୋକଗାଥା। ସମ୍ବଲପୁର: ସୁଖଦୁଖ୍ ପ୍ରକାଶନ।

୭) ବାଗ, ସଞ୍ଜୟ କୁମାର। ୨୦୧୨। ଲୋକଧାରା। ଭୁବନେଶ୍ୱର: ଏଥେନା ବୁକ୍ସ।

୮) ବିଶି, ଦୋଳଗୋବିନ୍ଦ। ୨୦୧୨। କନ୍ଧମାନଙ୍କର ସାଂସ୍କୃତିକ ପରମ୍ପରା। ବିଶ୍ୱବିଦ୍ୟାଳୟ ଆୟୋଗଙ୍କ ଆର୍ଥିକ ଅନୁଦାନରୁ ପ୍ରକାଶିତ ଓ ଭାରତ ଅଫ୍‌ସେଟ୍, ଟିଟିଲାଗଡ଼ରେ ମୁଦ୍ରିତ।

## Funding

No funding was received for conducting this study.

## Does this article screened for similarity?

Yes

## Conflict of interest

The Author has no conflicts of interest to declare that they are relevant to the content of this article.

## About the Licenses

© **Dr. Sanjay Kumar Mishra** 2025 The text of this article is open access and licensed under a Creative Commons Attribution 4.0 International License

## Cite this Article :

Mishra, Sanjay Kumar, "*Koshalanchalara Debi Upaasanara Dhara*", Bageesha, Vol. No. 03, Issue No. 02, March - April 2025, Article No: BM2025/02-A002| Page- 18-21| DOI: https://doi.org/10.70541/BAGEESHA/2025030202

BAGEESHA
ବାଗୀଶ
ତୃତୀୟ ବର୍ଷ, ଦ୍ୱିତୀୟ ସଂଖ୍ୟା | ମାର୍ଚ୍ଚ - ଅପ୍ରେଲ୍ ୨୦୨୫
Volume No. 03 | Issue No. 02 | Mar-Apr 2025
Refereed Peer-Reviewed Journal
ISSN: 3107-4294 (PRINT) | 2583-9543 (ONLINE)

# ପ୍ରଥମ ଓଡ଼ିଆ ଆତ୍ମ-ସଚେତନମୂଳକ ଉପନ୍ୟାସ: 'ଆହତ ସ୍ୱପ୍ନ'

**ଅଶୋକ କୁମାର ନାଏକ**
ଓଡ଼ିଆ ଅଧ୍ୟାପକ, ବେଳାଭୂମି ମହାବିଦ୍ୟାଳୟ, ଅଭଣା, ବାଲେଶ୍ୱର

RECEIVED : 11 JUL 2024
ACCEPTED : 25 APR 2025
REVISED : 30 APR 2025
PUBLISHED: 10 MAY 2025
ARTICLE QR CODE

ଗବେଷଣାତ୍ମକ ନିବନ୍ଧର ସମୀକ୍ଷକ:
ଡ. ରବୀନ୍ଦ୍ର କୁମାର ଦାସ
ସହକାରୀ ପ୍ରଫେସର, ଭାଷା ଭବନ,
ବିଶ୍ୱଭାରତୀ ବିଶ୍ୱବିଦ୍ୟାଳୟ, ଶାନ୍ତିନିକେତନ

DOI: 10.70541/BAGEESHA/2025030203

Article No. BM2025/02-A003
Categary : Research Article
Journal Home Page: https://bageesha.in
Support: editor.bageesha@gmail.com
BM2025/02-A003

ABSTRACT

**ସାରାଂଶ**

ଅଷ୍ଟମ ଦଶକରେ ଉପନ୍ୟାସର ବର୍ଣ୍ଣନା ଶୈଳୀରେ ଦେଖାଯାଇଥିବା ପରିବର୍ତ୍ତନ ମଧ୍ୟରେ ଆତ୍ମସଚେତନ ବର୍ଣ୍ଣନା ଶୈଳୀ ଅନନ୍ୟ। ଆତ୍ମ-ସଚେତନ ବର୍ଣ୍ଣନା ଶୈଳୀରେ ପରିବେଷିତ ଉପନ୍ୟାସ ଅଣ-ପାରମ୍ପରିକ ଅନାବଦ୍ଧ ହେଲେ ମଧ୍ୟ ପ୍ରାଥମିକ ଅବସ୍ଥାରେ ନିଜର କୌଶଳ ପ୍ରତି ଦୃଷ୍ଟି ଆକର୍ଷଣ କରାଏ। ସ୍ୱୟଂର ସଂରଚନା ପ୍ରତି ସମୀକ୍ଷାତ୍ମକ ମନ୍ତବ୍ୟ ପ୍ରକାଶ କରି ତା'ର କଳ୍ପନା କଳାକୁ ସଜୀବିତ କରେ। କଳ୍ପନାର କଳାକୁ ବାସ୍ତବତା ସହ ଏକତମ କରିଦିଏ। ଯେଉଁଠି କଳ୍ପନା ଓ ବାସ୍ତବତା ମଧ୍ୟରେ ଥିବା ସୀମାରେଖା ଅସ୍ପଷ୍ଟ ହୋଇଉଠେ। ପାଠକ ମନରେ ଦ୍ୱନ୍ଦ୍ୱକୁ ଧରି ରଖିବାରେ ବା ତା'ର ମାନସିକ ଖେଳ ବା ଚିନ୍ତନ ଶକ୍ତିକୁ ସକ୍ଷମ କରାଇବାରେ ଗୁରୁତ୍ୱପୂର୍ଣ୍ଣ ଉପାଦାନ ସାଜେ। ଏ ଧାରାରେ କହ୍ନେଇଲାଲ ଦାସଙ୍କ 'ଆହତ ସ୍ୱପ୍ନ' ପ୍ରଥମ। ଉପନ୍ୟାସରେ ଏ ଶୈଳୀ କିଭଳି ପ୍ରୟୋଗ ହୋଇଛି ତା'ର ବିଶ୍ଳେଷଣ କରାଯାଇ ଏକ ନୂତନ ଦିଗକୁ ଉନ୍ମୋଚିତ କରିବାର ପ୍ରୟାସ କରାଯାଇଛି।

ମୂଳଶବ୍ଦ: ଆତ୍ମ-ସଚେତନମୂଳକ ଉପନ୍ୟାସ, ଆହତ ସ୍ୱପ୍ନ।

ଉପକ୍ରମ: ଅଷ୍ଟମ ଦଶକ ପରବର୍ତ୍ତୀ ଓଡ଼ିଆ ସାହିତ୍ୟରେ ଉପନ୍ୟାସ କଳାର ବୈଚିତ୍ର୍ୟତା ପୂର୍ଣ୍ଣ ଭାବେ ସ୍ପଷ୍ଟ ହୁଏ। ଏ କଳା ବୈଚିତ୍ର୍ୟ ପରୀକ୍ଷା ନିଏ ନୂତନ ନୂତନ ବର୍ଣ୍ଣନା ଶୈଳୀର (Narration style)। ସାଧାରଣ ପ୍ରସଙ୍ଗକୁ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଓ ଅବୋଧ ତତ୍ତ୍ୱକୁ ମଧ୍ୟ ସହଜ ସୌନ୍ଦର୍ଯ୍ୟ କରିବାରେ ଏ ବର୍ଣ୍ଣନା ଶୈଳୀର ସଫଳ ପ୍ରୟୋଗ ସୂଚାଏ କଳା ପ୍ରତି ସଚେତନ, ଉପନ୍ୟାସର ସଚେତନତା ବା ଆତ୍ମ-ସଚେତନତା (Self-Consciousness) ପାଠକକୁ ଏକ ଭିନ୍ନ ସ୍ୱାଦର କଳା ଚାତୁରୀ ସହ ପରିଚିତ କରାଏ। ଏଠାରେ କୌଣସି ନିର୍ଦ୍ଦିଷ୍ଟ ଧାରାବନ୍ଧା ନିୟମ ନାହିଁ। ମୁକ୍ତ ଭାବେ ଗତିଶୀଳ କରି ଯେ କୌଣସି ଭାବ (Theme)କୁ ଧାରଣ କରିପାରେ। ଉପନ୍ୟାସର ଏ ନବନ୍ୟାସ ପାଠକକୁ ଚମତ୍କୃତ କରିବା ସହ ନିତ୍ୟ ନୂତନ ଭାବଧାରାରେ ପରିବେଷଣ ହୁଏ।

ଆତ୍ମ-ସଚେତନ ବର୍ଣ୍ଣନା ଶୈଳୀରେ ପରିବେଷିତ ଉପନ୍ୟାସ ଅଣ-ପାରମ୍ପରିକ ଅନାବଦ୍ଧ ହେଲେ ମଧ୍ୟ ପ୍ରାଥମିକ ଅବସ୍ଥାରେ ନିଜର କୌଶଳ ପ୍ରତି ଦୃଷ୍ଟି ଆକର୍ଷଣ କରାଏ। ସ୍ୱୟଂର ସଂରଚନା ପ୍ରତି ସମୀକ୍ଷାତ୍ମକ ମନ୍ତବ୍ୟ ପ୍ରକାଶ କରି ତା'ର କଳ୍ପନା କଳା (Fiction Art)କୁ ସଜୀବିତ କରେ। କଳ୍ପନାର କଳାକୁ ବାସ୍ତବତା (Reality) ସହ ଏକତମ କରିଦିଏ। ଯେଉଁଠି କଳ୍ପନା (Fiction) ଓ ବାସ୍ତବତା (Reality) ମଧ୍ୟରେ ଥିବା ସୀମାରେଖା ଅସ୍ପଷ୍ଟ ହୋଇଉଠେ। ପାଠକ ମନରେ ଦ୍ୱନ୍ଦ୍ୱକୁ ଧରି ରଖିବାରେ ବା ତା'ର ମାନସିକ ଖେଳ (Mind Game) ବା ଚିନ୍ତନ ଶକ୍ତିକୁ ସକ୍ଷମ କରାଇବାରେ ଗୁରୁତ୍ୱପୂର୍ଣ୍ଣ ଉପାଦାନ ସାଜେ। ଏହା ସୂଚିତ କରେ କଳ୍ପିତ ପାଠକକୁ ସମ୍ବୋଧନ କରି। କଳ୍ପିତ ପାଠକ (Imagined Reader) ଚାହୁଁ ବା ନଚାହୁଁ ଉପନ୍ୟାସର ଏକ ଉହ୍ୟ ଚରିତ୍ର (Hide Character) ଭାବେ ଉଭା ହୁଏ। ତା' ସହ ଯୋଡ଼ି ହୋଇ ନିଜକୁ ବିଶ୍ଳେଷଣ କରେ। ପୁଣି ପ୍ରାୟତଃ ପ୍ରଥମ ପୁରୁଷୀୟ ଶୈଳୀରେ କାହାଣୀର ବିଚ୍ଛିନ୍ନ ଧାରାକୁ ବା ଅଣ-ପାରମ୍ପରିକ କାହାଣୀକୁ ଆତ୍ମଜୀବନୀମୂଳକ ଉପନ୍ୟାସ ଭାବେ ଉପଥାପିତ କରେ। ଉପନ୍ୟାସର ଏଭଳି ଉପସ୍ଥାପନ ବେଳେ ଉପନ୍ୟାସର ବର୍ଣ୍ଣନାକାରୀ (Narrator) ଓ ଉପନ୍ୟାସର ଲେଖକ (Author) ମଧ୍ୟରେ ଅଭେଦତ୍ୱ ପରିକଳ୍ପିତ ହୁଏ।

VOL NO 03 ISSUE NO 02

ପାଠକ ମନରେ କ୍ଷଣ କ୍ଷଣକେ ଶଙ୍କା ପଶେ; ଅନୁମାନ ହୁଏ ଏ ହେଉଛନ୍ତି ପ୍ରକୃତ ଲେଖକ; ପୁଣି କ୍ରମେ ସଚେତନ ହେବାକୁ ହୁଏ ଏ କେବଳ ଜଣେ କାହାଣୀ ବର୍ଣ୍ଣନାକାରୀ। ଉପନ୍ୟାସର ଆତ୍ମ-ସଚେତନ ବା କାହାଣୀ ବର୍ଣ୍ଣନାକାରୀର ଆତ୍ମ-ସଚେତନ ବା କଥାକାରର ଆତ୍ମ-ସଚେତନ ବା ପାଠକର ଆତ୍ମ-ସଚେତନ ହିଁ ଆତ୍ମ-ସଚେତନମୂଳକ ଉପନ୍ୟାସର ସଚେତନତା।

**ବିଷୟର ଆଲୋଚନା:** ଏକବିଂଶ ଶତାବ୍ଦୀର ଓଡ଼ିଆ ଉପନ୍ୟାସରେ ବର୍ଣ୍ଣନା ଶୈଳୀର ବହୁଳ ବ୍ୟବହାର ହେଉଥିଲେ ମଧ୍ୟ ପ୍ରଥମ କରି ଏହାର ପ୍ରୟୋଗ ଦେଖିବାକୁ ମିଳେ କହ୍ନେଇଲାଲ ଦାସଙ୍କ 'ଆହତ ସ୍ୱପ୍ନ' (୧୯୮୫) ଉପନ୍ୟାସରେ। ତାଙ୍କ ମୃତ୍ୟୁ ପରେ ତାଙ୍କ କୃତି ଓ କୃତିତ୍ୱକୁ ସଂଗୃହୀତ କରି ଅସିତ ମହାନ୍ତି ଓ ପ୍ରଦୀପ୍ତ ଶ୍ରୀଚନ୍ଦନ ପ୍ରକାଶ କରନ୍ତି 'କହ୍ନେଇ କଥାଘର' (୧୯୮୬)। ସେଠାରେ ସ୍ଥାନିତ ହୁଏ କହ୍ନେଇଙ୍କ ପରୀକ୍ଷାଧର୍ମୀ ଉପନ୍ୟାସ ଦ୍ୱୟ 'ଦୁର୍ଘଟଣା' (୧୯୭୫) ଓ 'ଆହତ ସ୍ୱପ୍ନ' (୧୯୮୫)। ଏ କ୍ଷେତ୍ରରେ ଓଡ଼ିଆ ଉପନ୍ୟାସ ସାହିତ୍ୟରେ 'ଆହତ ସ୍ୱପ୍ନ' ଉପନ୍ୟାସକୁ ପ୍ରଥମ ଆତ୍ମ-ସଚେତନମୂଳକ ଉପନ୍ୟାସ ଭାବରେ ଗ୍ରହଣ କରାଯାଇ ତା'ର କଳା କୁଶଳତା ସମ୍ପର୍କରେ ଚର୍ଚ୍ଚା କରାଯାଇଛି। କିନ୍ତୁ ଏ ବର୍ଣ୍ଣନାଶୈଳୀ ଆତ୍ମଜୀବନୀଧର୍ମୀ ଉପନ୍ୟାସର ଭ୍ରମ ମଧ୍ୟ ଉପୁଯାଉଥିବାରୁ ପ୍ରଥମେ ଔପନ୍ୟାସିକ କହ୍ନେଇଲାଲ ଦାସଙ୍କ ସମ୍ପର୍କରେ ଯତ୍ କିଞ୍ଚିତ ଦୃଷ୍ଟି ଆକର୍ଷଣ କରାଯାଇପାରେ।

ସମୟର ସରହଦରୁ ଆଗକୁ ଚିନ୍ତା କରିବାର କ୍ଷମତା ଜଣେ ଦୂରଦ୍ରଷ୍ଟା କମ୍ ସ୍ରଷ୍ଟାର ଥାଏ। ସେଭଳି ସ୍ରଷ୍ଟାଙ୍କ ମଧ୍ୟରୁ କହ୍ନେଇଲାଲ ଦାସ ଅନ୍ୟତମ। ସ୍ୱଳ୍ପକାଳ (୧୯୪୭-୧୯୭୫) ମାତ୍ର ୨୮ ବର୍ଷ ବୟସ ମଧ୍ୟରେ ନିଜକୁ ଜଣେ କଥା ସାହିତ୍ୟିକ ଭାବେ ପ୍ରତିଷ୍ଠିତ କରିବା ସହଜସାଧ୍ୟ ମନେ ହୁଏନାହିଁ। ତା' ବ୍ୟତୀତ ପ୍ରଥମ ଗଳ୍ପ 'ବିବର୍ତ୍ତନବାଦ' (୧୯୬୮) ରୁ ମୃତ୍ୟୁ ପରେ ପ୍ରକାଶିତ 'ଧୃତରାଷ୍ଟ୍ରର୍ ଆଖି' (୧୯୭୫) ଯାତ୍ରା ମଧ୍ୟରେ ନିଜକୁ କବି, ଗାଳ୍ପିକ, ଔପନ୍ୟାସିକ, ରମ୍ୟରଚନାକାର, ଦିନାଲିପିକାର ଭାବେ ପ୍ରତିଷ୍ଠିତ କରିବା ଆଶ୍ଚର୍ଯ୍ୟ ଠୁ ବଳି ଚମତ୍କୃତ କରାଏ। ସେ ବାଲେଶ୍ୱର ଜିଲ୍ଲାର ଏକ ଦାରିଦ୍ର୍ୟ ପରିବାରରେ ଜନ୍ମ ଗ୍ରହଣ କରିଥିଲେ। ଦାରିଦ୍ର୍ୟ, ଅଭାବ, ଅର୍ଥାଟନ, ଅସହାୟତା ତାଙ୍କୁ ନିମ୍ନଗାମୀ କରିବା ଅପେକ୍ଷା ତାଙ୍କ ସୃଷ୍ଟିକୁ ଆହୁରି ବଳିଷ୍ଠ କରିଛି। ଏବଂ, ସେ ସପ୍ତମ ଦଶକର ଜଣେ ଶ୍ରେଷ୍ଠ କଥାକାର ଭାବରେ ଓଡ଼ିଆ ସାହିତ୍ୟ ଜଗତରେ ନିଜ ସ୍ୱାକ୍ଷର ଛାଡ଼ି ଯାଆନ୍ତି।

କହ୍ନେଇଲାଲଙ୍କ କଥାସାହିତ୍ୟ ତାଙ୍କ ଜୀବନର ପ୍ରତିଟି ମୁହୂର୍ତ୍ତକୁ ତୋଳି ଧରେ। ତାହା ଏତେ ବାସ୍ତବ ଯେ, କହ୍ନେଇଲାଲଙ୍କ ଜୀବନୀକୁ ଅଧ୍ୟୟନ କଲା ଭଳି ମନେହୁଏ। ସେଥିପାଇଁ ତାଙ୍କ ଅଧିକାଂଶ ସୃଷ୍ଟିର ଚରିତ୍ର, ଘଟଣା ଆଦିର ପୁନରାବୃତ୍ତି ହେବାର ଦେଖାଯାଏ। ତାଙ୍କ 'ଆହତ ସ୍ୱପ୍ନ' ଉପନ୍ୟାସ ମଧ୍ୟ ଏଥିରୁ ବାଦ୍ ପଡ଼ି ନାହିଁ। ତାଙ୍କ ସୃଷ୍ଟିରେ, "ଦାରିଦ୍ର୍ୟ, ଅସହାୟତା, ହୀନମନ୍ୟତା, କ୍ଷତାକ୍ତ ଅଭାବବୋଧ, ଅନୁତ୍ତରିତ ଅଭିଯୋଗ ଓ ଚାରିପାଖର ନିସ୍ତବ୍ଧ କୋଳାହଳ ବାରମ୍ବାର ପ୍ରେମିକାର ବୈଠକ ଘରେ ଧରାପଡ଼ି ଅପମାନିତ ହେଉଥିବା ଅସଫଳ ପ୍ରେମିକ ଏକ ନିଦା କର୍ମବାଦୀର ବର୍ତ୍ତମାନ ସର୍ବସ୍ୱ ସ୍ଥିତିବାଦ ଠାରୁ ଅସହାୟ ଭାଗ୍ୟବାଦର ଅନ୍ଧାରି ଭବିଷ୍ୟତ ଯାଏ ଛାଟିପିଟି ହେଉଥିବା ଓ ନିମ୍ନମଧ୍ୟବିତ୍ତ ପରିବାରର ଜଞ୍ଜାଳଟିକୁ ଓଟ ପରି ବୋହି ଚାଲୁଥିବା ଅଥଚ ଧରାବନ୍ଧା ରୁଟିନର ନିୟମକାନୁନକୁ ଅଜବ ଖିଆଲରେ ଡେଇଁ ଚାଲିଯାଉଥିବା ବୋହେମିଆନ୍ ଯାଯାବର ତତ୍ତ୍ୱ ସନ୍ଧାନୀ ସୌନ୍ଦର୍ଯ୍ୟବୋଧର ଉପାସକଠାରୁ ବିଶ୍ୱବିଦ୍ୱେଷୀ, ନାରୀ ବିଦ୍ୱେଷୀ ଏବଂ ସର୍ବୋପରି ଫ୍ରକପିନ୍ଧା ସ୍କୁଲ୍ ଝିଅଟିକୁ ଦେଖି ଅଟକି ଯାଉଥିବା କେବେ କେବେ ସୁନ୍ଦର ଗୋଲାପ ଫୁଲର ପାଖୁଡ଼ାକୁ ଟିକି ଟିକି କରି ମାଡ଼ିମକଚି ଚାଲିଯାଉଥିବା ଉନ୍ମାଦ; ସଜଳ ସକାଳର ପବିତ୍ର ଧୂପ ବାସ୍ନାରେ ଆମୋଦିତ ଗଭୀର ଈଶ୍ୱରବିଶ୍ୱାସୀ ଅଥଚ ଗଞ୍ଜେଇ ଚରସ ବିଡ଼ି ସିଗାରେଟର ବିଷାକ୍ତ ଧୂଆଁ କୁଣ୍ଡଳି ଭିତରେ ସମୟକୁ ପୋଡ଼ିଜାଳି ପାଉଁଶ କରିଦେଉଥିବା ନିଶାସକ୍ତ; ପ୍ରବୃତ୍ତି ଓ ନିବୃତ୍ତିର ନିକିତି ଡାଲାରେ ବାରମ୍ବାର ଭାରସାମ୍ୟ ହରାଉଥିବା ଅସହାୟ ବଟକରା, ଉର୍ଦ୍ଧ୍ୱଚେତନା ଓ ନିମ୍ନଗାମୀ କାମନାର ଦୋଛକି ମୋଡ଼ରେ ବାରମ୍ବାର ବାଟ ଭୁଲୁଥିବା ମଣିଷଟି"[୧]କୁ ସହଜେ ଲକ୍ଷ୍ୟ କରିହେବ। (ଫୁଙ୍ଗୁଳା ଦେହରେ ଗପ ଲେଖୁଥିବା ଏକଲା ମଣିଷର ଖୋଲା ଡାଏରୀ-ଗୌରହରି ଦାସ) ଗୌରହରି ଦାସଙ୍କ ପୂର୍ଣ୍ଣଚ୍ଛେଦହୀନ ଏକ ନିଶ୍ୱାସରେ ପ୍ରକାଶ କରିଥିବା ଏ ଉକ୍ତି ତାଙ୍କ ଜୀବନୀ ଅପେକ୍ଷା 'ଆହତ ସ୍ୱପ୍ନ' ଉପନ୍ୟାସର ସାରମର୍ମ ସମ୍ପର୍କରେ ଯଥାର୍ଥ ଭଳି ମାନେ ହୁଏ। ଉକ୍ତ ଉପନ୍ୟାସ ଏ ବାକ୍ୟଗୁଡ଼ିକର ପ୍ରତିଟି ମୁଖ୍ୟ ଶବ୍ଦକୁ (Key Word) ଧରଣ କରି ପରିବେଷିତ ହୋଇଅଛି।

ସପ୍ରସଙ୍ଗ ଏ ବକ୍ତବ୍ୟ ଆଧାରରେ 'ଆହତ ସ୍ୱପ୍ନ' ଉପନ୍ୟାସ ବିଚାର୍ଯ୍ୟ। ଆକାରରେ କ୍ଷୁଦ୍ର ହେଲେ ହେଁ ବର୍ଣ୍ଣନା ଶୈଳୀ (Narration style) ରେ ଏକ ନବ୍ୟୋପନ୍ୟାସର ଧାରାକୁ ଲକ୍ଷ୍ୟ କରିପାରିବା। ଯାହାର ଆରମ୍ଭ ଉପନ୍ୟାସ ମଧ୍ୟରେ ଉପନ୍ୟାସ (Novel Within Novel) ଲେଖିବାର ପ୍ରକ୍ରିୟା ମଧ୍ୟରେ ଉପସ୍ଥାପିତ ହୋଇଛି। ପୁଣି ଉପନ୍ୟାସରେ ଉପନ୍ୟାସ ସମ୍ପର୍କୀୟ ଚର୍ଚ୍ଚା (Novel about Novel) କହିଲେ ମଧ୍ୟ ଏହା ହିଁ ପ୍ରଥମ ବୋଲି କୁହାଯାଇପାରେ।

ପ୍ରଥମତଃ ଉପନ୍ୟାସର ଆଙ୍ଗିକ ଦିଗକୁ ଲକ୍ଷ୍ୟ କଲେ ଜଣାଯିବ ଯେ, 'କ' ରୁ 'ଡ' ପର୍ଯ୍ୟନ୍ତ ପରିଚ୍ଛେଦ କରଣ ବା ଏପିସୋଡ଼ିକ୍ ଶୈଳୀ (Episodic Style)ରେ ଅନେକ କ୍ଷୁଦ୍ର କ୍ଷୁଦ୍ର ଘଟଣାଗୁଡ଼ିକ କ୍ରମବିହୀନ (Un-ordered) ଭାବେ ପରିବେଷିତ। 'ଉପନ୍ୟାସ ଲେଖିବି', 'ଉପନ୍ୟାସ ଲେଖାଯାଇପାରେ', 'ଏସବୁ ଘଟଣାକୁ ନେଇ ଉପନ୍ୟାସ ଲେଖିବାକୁ ଭାବୁଛି' ଆଦି ନାନା ବାକ୍ୟଗୁଡ଼ିକ ଉପନ୍ୟାସ ଲେଖିବାର ଅଭ୍ୟାସ କାର୍ଯ୍ୟ ପ୍ରତି ପାଠକଙ୍କ ଦୃଷ୍ଟି ଆକର୍ଷଣ କରାଇବା ସହ ବିଚ୍ଛିନ୍ନ ଘଟଣାଗୁଡ଼ିକୁ ଏକତ୍ର ଯୋଡୁଛି। ଗଳ୍ପ କବିତାରେ ପାରଙ୍ଗମ ଥିଲେ ମଧ୍ୟ ଉପନ୍ୟାସ ଲେଖିବାରେ ଅକ୍ଷମତା; ଏ ଅକ୍ଷମତା କେବଳ ଗୋଟେ କ୍ଷେତ୍ରରେ ନୁହେଁ। କଲେଜରେ ସେକ୍ରେଟାରୀ ହୋଇନପରିବାର ଦକ୍ଷହୀନତା;

ଦେବୀଙ୍କୁ ପାଇବାରେ ବିଫଳତା; କୁନିଅପାକୁ ଖୁସି ଦେଇନପାରିବାର କ୍ଷୋଭତା; ଦରିଦ୍ର ବୃଦ୍ଧା ମା' ଓ ଭାଇ ଭଉଣୀମାନଙ୍କ ଆଶାକୁ ଧରିନରଖିପାରିବାରେ ଅସହାୟତା; ସମସ୍ତ ଜନଗହଳିରେ ମଧ୍ୟ ନିଃସଙ୍ଗତା ଅନୁଭବ କେବଳ ଅନୁଭବି ଦେଇଛି 'ଯନ୍ତ୍ରଣା'। ସେଇ ଯନ୍ତ୍ରଣା ସଂଲଗ୍ନ କ୍ଷୁଦ୍ର କ୍ଷୁଦ୍ର ଘଟଣାଗୁଡ଼ିକୁ କାହାଣୀର ରୂପ ଦେବା ବେଳକୁ ସେଥିରେ ଦେଖାଦେଇଛି ଅନ୍ୟମନସ୍କତା। ଏ ଅନ୍ୟମନସ୍କ ଉପନ୍ୟାସର ପାରମ୍ପରିକ କାହାଣୀ ଧାରାକୁ ଅବଶ୍ୟ କ୍ଷୁଣ୍ଣ କରିଛି; ମାତ୍ର ଗୋଟେ ଅସହାୟ, ଅସଫଳ ଯୁବକର ମାନସିକ ସ୍ୱରୂପକୁ ଉଦ୍‌ଘାଟନ କରିବାରେ ମଧ୍ୟ ସଫଳ ହୋଇଛି। ଯିଏ ପ୍ରେମ କରିଛି ଦେବୀଙ୍କୁ; କିନ୍ତୁ ପ୍ରେମରେ ସଫଳ ହୋଇପାରିନାହିଁ। ଯିଏ ଦାରିଦ୍ର୍ୟ ପରିବାରର ଭାର ଉଠେଇବା ପାଇଁ ଚାକିରିର ଧରାବନ୍ଧା ନିୟମରେ ଆବଦ୍ଧ ହୋଇଛି; କିନ୍ତୁ ତିଳ ତିଳ କରି ନିଜ ହୃଦୟକୁ ହତ୍ୟା କରିଛି। ଯିଏ କୌଣସି ନାରୀକୁ କଷ୍ଟ ଦେବା ପାଇଁ ଚାହିଁନି; କିନ୍ତୁ ତାକୁ ଅଧିକ ଭଲ ପାଉଥିବା କୁନିଅପାର ଆଖିରେ ଲୁହ ଦେଇଛି। କର୍ମବାଦରେ ବିଶ୍ୱାସୀ ଏ ଯୁବକ ନିଜକୁ ଭାଗ୍ୟବାଦୀରେ ରୂପାନ୍ତରିତ କରିଛି। ଆଉ ତା' ଜୀବନର ସବୁଠାରୁ ଗୋଟେ ଦୁର୍ଦ୍ଦିନ ଦିନ ବୋଲି ୨୫ ତାରିଖରେ ପଡୁଥିବା ଶୁକ୍ରବାର ଦିନକୁ ବାଛି ନେଇଛି। ଏହି ଶୁକ୍ରବାର-୨୫ ତାରିଖରେ ସେ ସବୁବେଳେ ଦୁଃଖ ପାଇଛି; ଭୋଗିଛି ପ୍ରବଳ ଯନ୍ତ୍ରଣା ଏବଂ ସେହି ଯନ୍ତ୍ରଣାରୁ ମୁକ୍ତି ପାଇଁ ସେ ଲେଖିଚାଲିଛି। ସେହି ଲେଖାରେ ବୁଣୁଛି ତାର କଷ୍ଟପୂର୍ଣ୍ଣ ଯନ୍ତ୍ରଣାଦାୟକ ସ୍ୱପ୍ନ ସବୁକୁ; ଆଉ ସେହି ସ୍ୱପ୍ନ ପୁଣିଥରେ ହେଉଛି ଆହତ।

ଦେବୀଙ୍କୁ କେନ୍ଦ୍ର କରି ଉପନ୍ୟାସ ମଧ୍ୟରେ ଉପନ୍ୟାସ ଲେଖିବାର ପ୍ରୟାସ ହିଁ ଉପନ୍ୟାସର ସଚେତନତା। ଉପନ୍ୟାସର ସଂରଚନା ଦିଗ ପ୍ରତି ପ୍ରତିନିଧିତ୍ୱ ଚରିତ୍ର ସଚେତନତା। ତେଣୁ ଉପନ୍ୟାସ ଲେଖିବାର ଅସାଧ୍ୟତା ଯୋଗୁଁ କୁହେ, "ମୋ ଦ୍ୱାରା ବୋଧ ହୁଏ ଉପନ୍ୟାସ ଲେଖା ହୋଇପାରିବ ନାହିଁ। କାରଣ ଉପନ୍ୟାସରେ ବୋଧ ହୁଏ କିଛି ନାଟକୀୟ ଘଟଣା ଓ ନାଟକୀୟ ଚରିତ୍ର ଦେବାକୁ ହୁଏ। ଯଦିବା ମୋର ଘଟଣା ଖୁବ୍ ନାଟକୀୟ ତଥାପି ସତ୍ୟ ଘଟଣାକୁ ନେଇ ଉପନ୍ୟାସ ଲେଖିବାକୁ କେମିତି ଏକ ପ୍ରକାର ଲାଗୁଛି। ଦେବୀ କ'ଣ ଭାବିବ?

ନା' ଉପନ୍ୟାସ ଅନ୍ୟ କୌଣସି ପ୍ରକାରେ ଆରମ୍ଭ କରିବି"।[୨]

ପୁଣି କୁନିଅପାକୁ ନେଇ ମଧ୍ୟ ଉପନ୍ୟାସ ଲେଖିବାର ଯୋଜନା ହୁଏ। କିନ୍ତୁ କିଛି ବାକ୍ୟ ରଚନା ପରେ ତାହା ଅନୁଭବ ହେଉଛି କେବଳ ଭାବପ୍ରବଣମୂଳକ ଉତ୍ତର ବୋଲି। ତେଣୁ ସେଥିରେ ବିରତି ଘଟୁଛି। ପ୍ରତିଥର ଉପନ୍ୟାସରେ ଗୋଟେ ଗୋଟେ ଘଟଣାକୁ କାହାଣୀର ରୂପ ଦେଇ ଉପନ୍ୟାସରେ ପରିଣତ ଘଟଣାକୁ କାହାଣୀର ରୂପ ଦେଇ ଉପନ୍ୟାସରେ ପରିଣତ କରିବାର ଚେଷ୍ଟା ଶେଷ ପର୍ଯ୍ୟନ୍ତ ଚାଲୁଛି। ସେଥିରେ ସେହି ଚରିତ୍ରର ପ୍ରକୃତ ଉଦ୍ଦେଶ୍ୟ ପ୍ରତିଫଳିତ ନ ହୋଇପାରିବା ଯୋଗୁଁ ଉପନ୍ୟାସର କାଳ୍ପନିକ ଉପାଦାନ ସମ୍ପର୍କରେ ସମୀକ୍ଷା କରି ପୁଣିଥରେ ଚେଷ୍ଟା ଓ ବିଫଳ ହେବାର ଅଭ୍ୟାସମୂଳକ କାର୍ଯ୍ୟ ପାଠକକୁ ସଚେତନ କରାଏ।

ଉପନ୍ୟାସର ସଂରଚନା ପ୍ରତି ସଚେତନ ଭାବେ ଏଭଳି ସମୀକ୍ଷାତ୍ମକ ମନ୍ତବ୍ୟ ପ୍ରକାଶ କରିବା ହିଁ ଆତ୍ମ-ସଚେତନ ବର୍ଣ୍ଣନା ଶୈଳୀର ଏକ ଅଭିନବ କୌଶଳ। ତେଣୁ Brain Stonehill କହନ୍ତି, "a self consciousness novel is an extended prose narrative that draws attention to its status as fiction."[୩] ଉପନ୍ୟାସର କଳ୍ପନା ଦିଗ ପ୍ରତି ଦୃଷ୍ଟି ଆକର୍ଷଣ କରାଉଥିବା ଗଦ୍ୟଧର୍ମୀ ବର୍ଣ୍ଣନା ଶୈଳୀ ହିଁ ଆତ୍ମ-ସଚେତନମୂଳକ ଉପନ୍ୟାସ। ଉକ୍ତ ଉପନ୍ୟାସରେ ସଚେତନ ଭାବରେ ଉପନ୍ୟାସ ଲିଖନ କଳା ପ୍ରତି ପାଠକଙ୍କ ଦୃଷ୍ଟି ଆକର୍ଷଣ କରାଯାଉଛି।

ଆତ୍ମ-ସଚେତନମୂଳକ ଉପନ୍ୟାସକୁ ଉପନ୍ୟାସ ଲେଖିବାର ଏକ ଅଭ୍ୟାସମୂଳକ କାର୍ଯ୍ୟ ବୋଲି ମଧ୍ୟ କୁହାଯାଇପାରେ। ଯେଉଁଠି ସଚେତନ ପ୍ରସଙ୍ଗ ଆସେ ଉପନ୍ୟାସର ଲିଖନ କାର୍ଯ୍ୟ କରୁଥିବା ମଧ୍ୟରେ; ଉପନ୍ୟାସରେ କାହାଣୀକୁ ବର୍ଣ୍ଣନା କରୁଥିବା ବା ଉପନ୍ୟାସରେ ବର୍ଣ୍ଣନା ସ୍ତରକୁ ଉଲଂଘନ କରି ଲେଖା ଉପରେ ମନ୍ତବ୍ୟ ପ୍ରକାଶ କରିବା ମଧ୍ୟରେ ସ୍ପଷ୍ଟୀକରଣ ହୁଏ। 'ଆହତ ସ୍ୱପ୍ନ' ଉପନ୍ୟାସର ଆରମ୍ଭ ହିଁ ହୁଏ ଏଭଳି, "ମୁଁ ଜାଣେନି ଉପନ୍ୟାସ କିପରି ଆରମ୍ଭ କରିବାକୁ ହୁଏ। କାରଣ ମୁଁ କେବେ ଉପନ୍ୟାସ ଲେଖିନି। ଉପନ୍ୟାସ ଲେଖିବୀ ବୋଲି ଅନେକ ଥର ଅନେକ ପ୍ରକାର ଚିନ୍ତା କରି ଅଟକି ଯାଇଛି। ଭାବିଛି ଗଳ୍ପ ଲେଖିଦେଲି ବୋଲି ଉପନ୍ୟାସ ବି ଲେଖି ପକାଇବି? ମୋର ମନେ ହୁଏ ଗଳ୍ପ ଯଦି କୁଟୀର ଶିଳ୍ପ ଉପନ୍ୟାସ ଏକ ବିରାଟ କାରଖାନା"।[୪]

ଏ ଉପନ୍ୟାସ ଲେଖିବାର ଅଭ୍ୟାସ ଲେଖକ (Author) ଓ ବର୍ଣ୍ଣନାକାରୀ (Narrator) ଚରିତ୍ର ମଧ୍ୟରେ ସାମଞ୍ଜସ୍ୟ ଆଣିବାର ପ୍ରୟାସ କରାହୁଏ। ଉପନ୍ୟାସ ମଧ୍ୟରେ ଅନେକ ଘଟଣା ଓ ପ୍ରସଙ୍ଗ ଆସେ ଯାହା ଲେଖକଙ୍କ ବ୍ୟକ୍ତିଗତ ଜୀବନ ସହ ସମତା ରକ୍ଷା କରେ। ପୂର୍ବରୁ ପ୍ରଦତ୍ତ ଗୌରହରି ଦାସଙ୍କ ଉକ୍ତି ଏ କ୍ଷେତ୍ରରେ ସ୍ମରଣୀୟ। ବର୍ଣ୍ଣନାକାରୀ ଚରିତ୍ରର ନାମ କ୍ରମେ ଜଣାଯାଉଛି 'କହ୍ନେଇ' ବୋଲି। ପୁଣି ଯେତେବେଳେ କହ୍ନେଇର ଦେବୀ ସହ ବିଚ୍ଛେଦ ଘଟି ସେ ଚାକିରି ଜୀବନର ଧରାବନ୍ଧା ନିୟମରେ ନିଜକୁ ଆବଦ୍ଧ ମନେକରୁଛି; ସେତେବେଳେ ସେ କୌଣସି ପରିଚିତ ବ୍ୟକ୍ତି ତାକୁ ଦେଖା କରିବାପାଇଁ ଆସିଲେ ତା' ସାମ୍ନାରେ ସେ ନିଜକୁ ଜେନ ଅଜଣା ବ୍ୟକ୍ତି ଭାବେ ପରିଚିତ କରାଇବି ବୋଲି ଭାବିଛି। ସେ ସେହି ବ୍ୟକ୍ତି ପାଖରେ ହିନ୍ଦୀରେ କଥାବାର୍ତ୍ତା କରିବା ସହ "ଶ୍ରୀଯୁକ୍ତ ଦାସଙ୍କର ଅନେକ ଦିନରୁ ମୃତ୍ୟୁ ଘଟିଛି" ବୋଲି କହିବ ପାଇଁ ପ୍ରସ୍ତୁତ ରହୁଛି। ଏ 'କହ୍ନେଇ' ଓ 'ଦାସ' ସଂଜ୍ଞାଧାରୀ ବ୍ୟକ୍ତି ପ୍ରକୃତରେ ଔପନ୍ୟାସିକ 'କହ୍ନେଇଲାଲ ଦାସ'ଙ୍କ ନାମ ସହ ସମତା ରକ୍ଷା କରେ। ପୁଣି ଗଳ୍ପ, କବିତା କ୍ଷେତ୍ରରେ ପାରଙ୍ଗମ ବ୍ୟକ୍ତି ଉପନ୍ୟାସ ଲେଖିବାର ଅଭ୍ୟାସ କରିବା

କାର୍ଯ୍ୟ ମଧ୍ୟ ଔପନ୍ୟାସିକଙ୍କର ସାହିତ୍ୟ ଦିଗକୁ ହିଁ ଇଙ୍ଗିତ କରେ। ତା' ବ୍ୟତୀତ ଜଣେ ଅସଫଳ ପ୍ରେମିକ, ଦାରିଦ୍ର୍ୟ ପରିବାର ଆଦି ପ୍ରସଙ୍ଗ ତାଙ୍କ ବ୍ୟକ୍ତିଗତ ଜୀବନର ସ୍ୱରୂପକୁ ବର୍ଣ୍ଣନାକାରୀ ଧାରଣ କରିବା ଅଥର୍ ସରୋଗେସି (Author Surrogacy) ପ୍ରକ୍ରିୟା ସହ ସିଧା ସଳଖ ଭାବେ ଜଡ଼ିତ ହେଉଛି। ତେଣୁ ଏଠାରେ ସହଜେ ପାଠକ ମନରେ ସନ୍ଦେହ ଜାତ ହୁଏ ଯେ, ଉପନ୍ୟାସର ଚରିତ୍ର 'କହ୍ନେଇଲାଲ ଦାସ' ଓ ଉପନ୍ୟାସର ଲେଖକ 'କହ୍ନେଇଲାଲ ଦାସ' ଏକ ଓ ଅଭିନ୍ନ? ଲେଖକ ଓ ବର୍ଣ୍ଣନାକାରୀ ବା ଲେଖକ ଓ ଚରିତ୍ର ମଧ୍ୟରେ ସାମଞ୍ଜସ୍ୟ ପରିଦୃଷ୍ଟ ହେବା ଯୋଗୁଁ ଉପନ୍ୟାସର କାଳ୍ପନିକତା (Fictionality) ଓ ବାସ୍ତବିକତା (Reality) ମଧ୍ୟରେ ବି ଅସ୍ୱଚ୍ଛତା କରାଏ। ଏ ସମ୍ପର୍କରେ Robert Alter ତାଙ୍କ ପୁସ୍ତକ 'Partial Magic:The Novel as Self conscious general' ରେ କହନ୍ତି, "The Self-conscious novel 'a novel which systematically flaunts its own condition of artifice and so doing probes into the problematic relationship between real seeming artifice and reality."[୪]

ଉପନ୍ୟାସରେ କହ୍ନେଇ ନିଜ ଜୀବନର ଘଟଣାଗୁଡ଼ିକୁ ବର୍ଣ୍ଣନା କରୁଥିବା ବେଳେ କାହାଣୀର ବାସ୍ତବତା ସହ ପାଠକ ଯୋଡ଼ି ହେଉଥାଏ। ଠିକ୍ ଏହି ସମୟରେ 'ଉପନ୍ୟାସ ଏଭଳି ଲେଖାଯାଇପାରେ' ବା 'ଏହାକୁ ନେଇ ଉପନ୍ୟାସ ଲେଖିଲେ ଭଲ ହୁଅନ୍ତା' ଭଳି ବିଚାର ଉପନ୍ୟାସର କାଳ୍ପନିକତାକୁ ସୂଚିତ କରେ। ଉପନ୍ୟାସରେ ଚରିତ୍ର ଯେଉଁ ଘଟଣା ସମ୍ପର୍କରେ ବର୍ଣ୍ଣନା କରୁଛି; ସେ ସମୟରେ ପାଠକର କାହାଣୀ ପ୍ରତି ବାସ୍ତବ ହୃଦବୋଧ ଜନ୍ମେ। ପୁଣି ସମାନ୍ତରାଳ ଭାବେ ଉପନ୍ୟାସ ଲେଖିବାର ପ୍ରକ୍ରିୟା ସମ୍ପର୍କରେ ଉଲ୍ଲେଖ ପାଠକର କାହାଣୀ ପ୍ରତି ଥିବା ଧାରାର ମୋହକୁ ଭଙ୍ଗ (Forth wall breaking) କରେ। ବର୍ଣ୍ଣିତ ଘଟଣାର ବାସ୍ତବତାକୁ ସୂଚିତ କରି ପରବର୍ତ୍ତୀ ସମୟରେ ତାକୁ ଉପନ୍ୟାସ ରଚନା କରିବାର କଳାତ୍ମକ ପ୍ରୟାସ ବୋଲି ଇଙ୍ଗିତ କରିବା ମଧ୍ୟରେ ଆତ୍ମ-ସଚେତନମୂଳକ ଉପନ୍ୟାସର ସାଧାରଣ ଧର୍ମକୁ ଲକ୍ଷ୍ୟ କରିହେବ।

ଉପନ୍ୟାସରେ ଚରିତ୍ର ବା ବର୍ଣ୍ଣନାକାରୀ ଲେଖକଙ୍କ ସ୍ୱରୂପକୁ ସ୍ପଷ୍ଟ କରାଉଥିବାର ଅନୁଭବ ପାଠକଙ୍କୁ ଦେଉଥିବା ହେତୁ ଏହା ପ୍ରଥମ ପୁରୁଷୀୟ ଶୈଳୀରେ ରଚିତ ହେବା ସ୍ୱାଭାବିକ। ଯେଉଁଠି 'ମୁଁ' ହିଁ ସମଗ୍ର ଉପନ୍ୟାସରେ ଗୁରୁତ୍ୱ ଲଭିଛି। 'ମୁଁ', 'ମୋର', 'ମୋତେ' ଆଦି ସର୍ବନାମ ପ୍ରୟୋଗ ପୂର୍ବକ ଉପନ୍ୟାସର ଉପସ୍ଥାପନା ଆତ୍ମଜୀବନୀମୂଳକ ଉପନ୍ୟାସର ଭ୍ରମ ମଧ୍ୟ ଜନ୍ମାଏ। ଏଭଳି ବର୍ଣ୍ଣନା ଶୈଳୀ ଉପନ୍ୟାସରେ ଚରିତ୍ର ଦେଇ ପାଠକକୁ ଲେଖକଙ୍କ ସହ ଏକାତ୍ମ କରେ। କାହାଣୀ ପ୍ରତି ପାଠକର ମନକୁ ଟାଣି ରଖେ। କିନ୍ତୁ ଏ ଉପନ୍ୟାସରେ ଦ୍ୱିତୀୟ ପୁରୁଷୀୟ ଶୈଳୀର ମଧ୍ୟ ପରିଦୃଷ୍ଟ ହୁଏ। ଯେତେବେଳେ ଚରିତ୍ରଟି ଦେବୀକୁ ସମ୍ବୋଧନ କରି ଉପନ୍ୟାସ ଲେଖୁଛି ବା କୁନିଅପାକୁ ଚିଠି ଲେଖୁଛି ସେତେବେଳେ ପ୍ରଥମ ଓ ଦ୍ୱିତୀୟ ପୁରୁଷୀୟ ଶୈଳୀର ମିଶ୍ରଣ ବା ମିଶ୍ରିତ ଶୈଳୀକୁ ଅନୁସନ୍ଧାନ କରିହେବ। ପ୍ରଥମ ପୁରୁଷୀୟ ଶୈଳୀରେ ଉପନ୍ୟାସଟି ପରିବେଷିତ ହେଲେ ଏକ କଳ୍ପିତ ପାଠକ (Imagined Reader)ର ଆଭାସ ସେଠାରେ ମିଳେ। ଯେତେବେଳେ ବର୍ଣ୍ଣନାକାରୀ ନିଜ ଆତ୍ମଜୀବନୀ ବା ନିଜ କାହାଣୀ ସମ୍ପର୍କରେ ବର୍ଣ୍ଣନା କରୁଥାଏ; ସେତେବେଳେ କେଉଁ ଏକ ପାଠକ ବା ଶ୍ରୋତାକୁ ଆଖିଆ ଆଗରେ ରଖି ହିଁ ବର୍ଣ୍ଣନା କରିଥାଏ। ଉକ୍ତ ଉପନ୍ୟାସରେ ବି ପ୍ରଥମରୁ ହିଁ ସୂଚିତ, "ମୁଁ ଜାଣେନି ଉପନ୍ୟାସ କିପରି ଆରମ୍ଭ କରିବାକୁ ହୁଏ। କାରଣ ମୁଁ କେବେ ଉପନ୍ୟାସ ଲେଖିନି। ଉପନ୍ୟାସ ଲେଖିବୀ ବୋଲି ଅନେକ ଥର ଅନେକ ପ୍ରକାର ଚିନ୍ତା କରି ଅଟକି ଯାଇଛି। ଭାବିଛି ଗଳ୍ପ ଲେଖିଦେଲି ବୋଲି ଉପନ୍ୟାସ ବି ଲେଖି ପକାଇବି? ମୋର ମନେ ହୁଏ ଗଳ୍ପ ଯଦି କୁଟୀର ଶିଳ୍ପ ଉପନ୍ୟାସ ଏକ ବିରାଟ କାରଖାନା"।[୬] ଏଭଳି ସୂଚନାତ୍ମକ ଓ ପ୍ରଶ୍ନାତ୍ମକ ବାକ୍ୟ କଦାପି ସ୍ୱଗତ ସଂଳାପ ଭଳି ମନେହେବ ନାହିଁ। ଟିକେ ଗଭୀର ଭାବେ ଅନୁଧ୍ୟାନ କଲେ ଧାରଣା ହେବ ଯେ ତାକୁ ଯିଏ ପାଠ କରୁଛି ତା' ଉଦ୍ଦେଶ୍ୟରେ ହିଁ ପ୍ରକାଶ କରାଯାଉଛି। ତେଣୁ ଏଠାରେ ଏକ କଳ୍ପିତ ପାଠକକୁ କଳ୍ପନା କରିହୁଏ। ପୁଣି କଳ୍ପିତ ପାଠକ ଭଳି ଏକ ଲୁକ୍କାୟିତ ଚରିତ୍ର (Hidden Character)ର ପରିବେଷଣ ଏ ଧରଣର ବର୍ଣ୍ଣନା ଶୈଳୀର ବିସ୍ତାରିତ କ୍ଷେତ୍ର ସମ୍ପର୍କରେ ସଚେତନ କରାଏ।

**ଉପସଂହାର:** ଉପନ୍ୟାସ ଲେଖିବାର ସ୍ୱପ୍ନ, ଦେବୀକୁ ପାଇବାର ସ୍ୱପ୍ନ ଆଦିରେ ଆହତ ହେଇଥିବା ଛୋଟ ଛୋଟ ଘଟଣାଗୁଡ଼ିକର ଏକୀକରଣ ହିଁ କହ୍ନେଇଲାଲ ଦାସଙ୍କ ଉପନ୍ୟାସ 'ଆହତ ସ୍ୱପ୍ନ'। ଏଥିରେ ତାଙ୍କ ଅନେକ ଉଦ୍ଭଟ କଳ୍ପନା, ବିଚ୍ଛିନ୍ନ ସ୍ୱପ୍ନ ବା ମନର ବିଶୃଙ୍ଖଳିତ ଭାବନାଗୁଡ଼ିକ ଉପନ୍ୟାସରେ ରୂପାନ୍ତରିତ କରିବାର ଅଭ୍ୟାସ କରାଯାଇଛି। ସେହି ଅଭ୍ୟାସର ଯତ୍ନ ହିଁ 'ଆହତ ସ୍ୱପ୍ନ'। କ୍ଷୁଦ୍ରାବୟବ ବିଶିଷ୍ଟହେଲେ ମଧ୍ୟ ଉପନ୍ୟାସଟି ଏକ ନୂତନ ରୂପରେ ରୂପାୟିତ ହୋଇଛି। ପ୍ରସଙ୍ଗଟି ସାଧାରଣ ହେଲେ ମଧ୍ୟ ପରିବେଷଣ ଶୈଳୀରେ ପରୀକ୍ଷିତ କରାଇବା ଦେଇଛି ଉପନ୍ୟାସକୁ ନୂତନ ପରିଚୟ। ଏ ପରିଚୟ କରାଇଛି ଉପନ୍ୟାସକୁ ଏ ଶୈଳୀର 'ବୀଜ'। ଯେଉଁଠି ସାମ୍ପ୍ରତିକ ସମାଜର ଜଣେ ଅସଫଳ ଓ ଯନ୍ତ୍ରଣାପୂର୍ଣ୍ଣ ମଣିଷ ବୋଲି ନିଜକୁ ବିଚାର କରୁଥିବା ଯୁବକର ନକରାତ୍ମକ ମନସ୍ତତ୍ତ୍ୱର ବିଶ୍ଳେଷଣ ଘଟିଛି। ସେହି ବିଶୃଙ୍ଖଳିତ ନକରାତ୍ମକ ଚିନ୍ତା ପୁଣି ଆଶାର ଆଲୋକ ନେଇ ସକାରାତ୍ମକ ଆଡ଼କୁ ଅଗ୍ରସର ହେବା ଭଳି ମନୋଭାବକୁ କେବଳ ଆତ୍ମ-ସଚେତନ ବର୍ଣ୍ଣନା ଶୈଳୀ ହିଁ ପରିବେଷଣ କରିବାର ଦକ୍ଷତା ରଖିଛି ବୋଲି କୁହାଯାଇପାରେ। ଉକ୍ତ ଉପନ୍ୟାସରେ ଏ ଅଭିନବ ବର୍ଣ୍ଣନା ଶୈଳୀର ସଫଳାତ୍ମକ ପ୍ରୟୋଗ ପରବର୍ତ୍ତୀ ଉପନ୍ୟାସ ପାଇଁ ଉଦାହରଣ ସୃଷ୍ଟି କରିପାରିଛି।

ପ୍ରାନ୍ତଟିକା:

୧) ମହାନ୍ତି, ଅସିତ, ଶ୍ରୀଚନ୍ଦନ, ପ୍ରଦୀପ୍ତ। ୨୦୧୪। କନ୍ହେଇ କଥାଘର। ଦ୍ୱିତୀୟ ସଂସ୍କରଣ। କଟକ: ଫ୍ରେଣ୍ଡସ୍ ପବ୍ଲିଶର୍ସ, ବିନୋଦ ବିହାରୀ। ପୃଷ୍ଠା-୫୨୨

୨) ମହାନ୍ତି, ଅସିତ, ଶ୍ରୀଚନ୍ଦନ, ପ୍ରଦୀପ୍ତ। ୨୦୧୪। କନ୍ହେଇ କଥାଘର। ଦ୍ୱିତୀୟ ସଂସ୍କରଣ। କଟକ: ଫ୍ରେଣ୍ଡସ୍ ପବ୍ଲିଶର୍ସ, ବିନୋଦ ବିହାରୀ। ପୃଷ୍ଠା-୩୩୬

୩) Landa, Gracia, Jose Angela, 2014, Notes on Metafiction, University of Zargoza, Page no.2

୪) ମହାନ୍ତି, ଅସିତ, ଶ୍ରୀଚନ୍ଦନ, ପ୍ରଦୀପ୍ତ। ୨୦୧୪। କନ୍ହେଇ କଥାଘର। ଦ୍ୱିତୀୟ ସଂସ୍କରଣ। କଟକ: ଫ୍ରେଣ୍ଡସ୍ ପବ୍ଲିଶର୍ସ, ବିନୋଦ ବିହାରୀ। ପୃଷ୍ଠା-୫୨୨

୫) Landa, Gracia, Jose Angela, 2014, Notes on Metafiction, University of Zargoza, Page no.2

୬) ମହାନ୍ତି, ଅସିତ, ଶ୍ରୀଚନ୍ଦନ, ପ୍ରଦୀପ୍ତ। ୨୦୧୪। କନ୍ହେଇ କଥାଘର। ଦ୍ୱିତୀୟ ସଂସ୍କରଣ। କଟକ: ଫ୍ରେଣ୍ଡସ୍ ପବ୍ଲିଶର୍ସ, ବିନୋଦ ବିହାରୀ। ପୃଷ୍ଠା-୫୨୨

## Funding
No funding was received for conducting this study.

## Does this article screened for similarity?
Yes

## Conflict of interest
The Author has no conflicts of interest to declare that they are relevant to the content of this article.

## About the Licenses
© **Ashok Kumar Naik 2025**. The text of this article is open access and licensed under a Creative Commons Attribution 4.0 International License

## Cite this Article :
Naik, Ashok Kumar, "*Prathama Odia Atma-Sachetanamulaka Upanyasa: 'Ahata Swapna'*, Bageesha, Vol. No. 03, Issue No. 02, March - April 2025, Article No: BM2025/02-A001| Page- 22-26| DOI: https://doi.org/10.70541/BAGEESHA/2025030203

BAGEESHA
ବାଗୀଶ
ତୃତୀୟ ବର୍ଷ, ଦ୍ୱିତୀୟ ସଂଖ୍ୟା | ମାର୍ଚ୍ଚ - ଅପ୍ରେଲ୍ ୨୦୨୫
Volume No. 03 | Issue No. 02 | Mar-Apr 2025
Refereed Peer-Reviewed Journal
ISSN: 3107-4294 (PRINT) | 2583-9543 (ONLINE)

# ଓଡ଼ିଆ କ୍ଷୁଦ୍ରଗଳ୍ପ ଧାରାରେ ନାରୀ ମନସ୍ତତ୍ତ୍ୱ ଓ ମହାପାତ୍ର ନୀଳମଣି ସାହୁ

ଶକୁନ୍ତଳା ମିର୍ଦ୍ଧା[୧], କିଶୋର ଚନ୍ଦ୍ର ମହନ୍ତ[୨]
ସ୍ନାତକୋତ୍ତର ଭାଷା ଓ ସାହିତ୍ୟ ବିଭାଗ, ଫକୀର ମୋହନ ବିଶ୍ୱବିଦ୍ୟାଳୟ, ବାଲେଶ୍ୱର

RECEIVED : 04 JAN 2025
ACCEPTED : 25 APR 2025
REVISED : 30 APR 2025
PUBLISHED: 10 MAY 2025

ARTICLE QR CODE

BM2025/02-A004

**ଗବେଷଣାତ୍ମକ ନିବନ୍ଧର ସମୀକ୍ଷକ:**
ଡ. ବିଜୟଲକ୍ଷ୍ମୀ ଦାଶ
ସହକାରୀ ପ୍ରଫେସର, ଓଡ଼ିଆ ବିଭାଗ,
ରେଭେନ୍ସା ବିଶ୍ୱବିଦ୍ୟାଳୟ, କଟକ

DOI:10.70541/BAGEESHA/2025030204

Article No. BM2025/02-A004
Categary : Research Article
Journal Home Page: https://bageesha.in
Support: editor.bageesha@gmail.com

ABSTRACT

**ସାରାଂଶ**

ନାରୀର ମନ ହେଉଛି ଏକ ବିସ୍ତୀର୍ଣ୍ଣ ପଡ଼ିଆ ଭୂମି ସଦୃଶ। ତା' ମନ କେବେହେଲେ ଖାଲି ପଡ଼ିରହେ ନାହିଁ। ସେ ପ୍ରତି ମୁହୂର୍ତ୍ତରେ ମନ ଭିତରେ କିଛି ନା କିଛି ଚିନ୍ତା କରିଥାଏ, ସ୍ୱପ୍ନ ଦେଖୁଥାଏ; ସେସବୁରୁ କେତେକ ବାହାରକୁ ପ୍ରକାଶ ଘଟେ ତ ପୁଣି କେତେକ ସେହିଭଳି ଅଗୋଚର ହୋଇ ରହିଯାଏ। ଓଡ଼ିଆ କ୍ଷୁଦ୍ରଗଳ୍ପ ଧାରାରେ ଏ ସଂକ୍ରାନ୍ତରେ ଅନେକ ସଫଳ ଗଳ୍ପ ଦୃଷ୍ଟିକୁ ଆସେ। ଏ ଧାରର ଜଣେ ସଫଳ ସ୍ରଷ୍ଟା ହେଉଛନ୍ତି ମହାପାତ୍ର ନୀଳମଣି ସାହୁ। ତାଙ୍କ ରଚିତ ଅନେକ କ୍ଷୁଦ୍ରଗଳ୍ପରେ ନାରୀ ମନର ସେଇ ଅପ୍ରକାଶିତ ଇଲାକାକୁ ସେ ଆବିଷ୍କାର କରିବାର ଚେଷ୍ଟା କରିଛନ୍ତି। ଏବଂ, ଅନେକାଂଶରେ ସେ ସଫଳ ମଧ୍ୟ ହୋଇଛନ୍ତି। ଉକ୍ତ ଆଲୋଚନା ମହାପାତ୍ର ନୀଳମଣି ସାହୁଙ୍କ ଏହି ଧାରାରେ ରଚିତ ଗଳ୍ପମାନଙ୍କର ଏକ ପରିଚୟାତ୍ମକ ଉପସ୍ଥାପନା।

**ମୂଳଶବ୍ଦ:** ନାରୀ, ନାରୀ ମନସ୍ତତ୍ତ୍ୱ, କ୍ଷୁଦ୍ରଗଳ୍ପ ଧାରା, ମହାପାତ୍ର ନୀଳମଣି ସାହୁ, ଓଡ଼ିଆ କ୍ଷୁଦ୍ରଗଳ୍ପ।

**ଉପକ୍ରମ:** ନାରୀ ହେଉଛି ସମାଜରେ ଶ୍ରେଷ୍ଠ। ତା' ସ୍ଥାନ ଯୁଗେ ଯୁଗେ ଉର୍ଦ୍ଧ୍ୱରେ। ଗୋଟିଏ ପରିବାରକୁ ସନ୍ତୁଳିତ କରି ରଖିବା କିମ୍ବା ବିଶୃଙ୍ଖଳା ହେବା ପଛରେ ସେ ପ୍ରତ୍ୟକ୍ଷ ନ ହେଲେ ପରୋକ୍ଷରେ ଭୂମିକା ଗ୍ରହଣ କରିଥାଏ। ତା ମନ ସଦା ଚଳ ଚଞ୍ଚଳ ହୋଇଥାଏ। ନାରୀ ମନ କେବେହେଲେ ଖାଲି ହୋଇ ରହେ ନାହିଁ। ପ୍ରତି ମୁହୂର୍ତ୍ତରେ ସେ କିଛି ନା କିଛି ଚିନ୍ତା କରୁଥାଏ। ଏମାନଙ୍କ ଚିନ୍ତା ଚେତନାକୁ ଲକ୍ଷ୍ୟ କରି ଓଡ଼ିଆ ଗାଳ୍ପିକଗଣ ଅନେକ ଗଳ୍ପ ରଚନା କରି ଯାଇଛନ୍ତି। ଏହି ନାରୀ ମନସ୍ତତ୍ତ୍ୱକୁ ଗଳ୍ପ ସାହିତ୍ୟରେ ଦୁଇ ଗୋଟି ପର୍ଯ୍ୟାୟରେ ବିଭକ୍ତ କରାଯାଇଛି। ପ୍ରଥମ ପର୍ଯ୍ୟାୟକୁ ୧୯୨୦ମସିହା ପରବର୍ତ୍ତୀ ସମୟଠାରୁ ୧୯୫୦ମସିହା ପର୍ଯ୍ୟନ୍ତ। ଏହିପରି ଦ୍ୱିତୀୟ ପର୍ଯ୍ୟାୟ ୧୯୫୦ମସିହା ପରବର୍ତ୍ତୀ ଗଳ୍ପରେ ନାରୀ ମନସ୍ତତ୍ତ୍ୱ ଅଧିକ ସକ୍ରିୟ ହୋଇପାରିଛି। ପ୍ରଥମ ପର୍ଯ୍ୟାୟର ମନସ୍ତାତ୍ତ୍ୱିକ ଗାଳ୍ପିକ ଗଣ ହେଉଛନ୍ତି କାନ୍ତ କବି ଲକ୍ଷ୍ମୀକାନ୍ତ ମହାପାତ୍ର, ଗୋଦାବରୀଶ ମିଶ୍ର, ଗୋଦାବରୀଶ ମହାପାତ୍ର, ସୁରେନ୍ଦ୍ର ମହାନ୍ତି, ପ୍ରାଣବନ୍ଧୁ କର, ଗୋପୀନାଥ ମହାନ୍ତି, ରାଜକିଶୋର ରାୟ, ରାଜକିଶୋର ପଟ୍ଟନାୟକ, ଅଖିଳ ମୋହନ ପଟ୍ଟନାୟକ ଆଦି। ସେହିପରି ଦ୍ୱିତୀୟ ପର୍ଯ୍ୟାୟର ମନସ୍ତାତ୍ତ୍ୱିକ ଗାଳ୍ପିକ ଗଣ ହେଉଛନ୍ତି କିଶୋରୀ ଚରଣ ଦାସ, ଶାନ୍ତନୁ କୁମାର ଆଚାର୍ଯ୍ୟ, ମନୋଜ ଦାସ, ବୀଣାପାଣି ମହାନ୍ତି ଓ ମହାପାତ୍ର ନୀଳମଣି ସାହୁଙ୍କ ଗଳ୍ପରେ ନାରୀ ମନସ୍ତତ୍ତ୍ୱ ଚିତ୍ର ପ୍ରତିପାଦିତ ହୋଇଛି।

**ଓଡ଼ିଆ କ୍ଷୁଦ୍ରଗଳ୍ପରେ ନାରୀ ମନସ୍ତତ୍ତ୍ୱ:** ମନସ୍ତାତ୍ତ୍ୱିକ ବିଶ୍ଳେଷଣ ହେଉଛି ଏକ ପ୍ରକାର ଚିକିତ୍ସା ପଦ୍ଧତି ଯାହା ମାନସିକ ଅସମତାକୁ ଭଲ କରେ। ଏଥିରେ ରୋଗୀର ସଚେତନ ଓ ଅଚେତନ ମନକୁ ବିଶ୍ଳେଷଣ କରି ଚିକିତ୍ସା କରାଯାଏ। ଏହି ମନୋବିଶ୍ଳେଷଣ ଓ ଚେତନା ପ୍ରବାହ ଧାରା ସମ୍ପର୍କରେ ଏକ ଧାରଣା ମଣିଷ ମନରେ ଊନବିଂଶ ଶତାବ୍ଦୀର ଶେଷ ପର୍ଯ୍ୟାୟରେ ସୃଷ୍ଟି ହୁଏ। ସିଗମଣ୍ଡ ଫ୍ରଏଡ୍ ମଣିଷ ମନର ଚେତନ, ଅବଚେତନ ଓ ଅଚେତନ ସମ୍ପର୍କରେ ଅନୁଧ୍ୟାନ କରି କହିଛନ୍ତି ଆମର ଚେତନ ମନ ହେଉଛି ଭାସମାନ ବରଫ ଖଣ୍ଡ ପରି ମାତ୍ର ଏକ ଦଶମାଂଶ। ଅନ୍ୟ ନବମାଂଶ ହେଉଛି ଅଚେତନ ଓ ଅବଚେତନ ମନ ଯାହା ପ୍ରଚ୍ଛନ୍ନ ଭାବେ ରହିଛି।

ଅନ୍ଧାରୀ ମନର ଅବୋଧ ଗୁପ୍ତ ଇଲାକାକୁ ଉଦ୍ଘାଟନ ଓ ଆବିଷ୍କାର କରିବା ହିଁ ମନସ୍ତାତ୍ତ୍ୱିକ ବିଶ୍ଳେଷଣର କ୍ରିୟା। ମନସ୍ତାତ୍ତ୍ୱିକ ବିଶ୍ଳେଷଣରୁ ଚେତନା ପ୍ରବାହ ଧାରାର ମଧ ହୋଇଛି ପରୀକ୍ଷା ନିରୀକ୍ଷା। ଓଡ଼ିଆ ଗଳ୍ପ ସାହିତ୍ୟରେ ୧୯୨୦ ମସିହା ପରବର୍ତ୍ତୀ ସମୟରୁ ମନସ୍ତତ୍ତ୍ୱ ଉପରେ ପ୍ରାଧାନ୍ୟ ପ୍ରଦାନ କରାଯାଉଥିବା ଲକ୍ଷ୍ୟ କରାଯାଏ। ଏହି ଓଡ଼ିଆ ଗଳ୍ପକୁ ଆଲୋଚ୍ୟ ସମୟରେ ମନସ୍ତାତ୍ତ୍ୱିକ ଦୃଷ୍ଟିକୋଣରୁ ଯେଉଁମାନେ ସମୃଦ୍ଧ କଲେ ସେମାନଙ୍କ ମଧ୍ୟରେ କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ 'ପରଦା' ଗଳ୍ପରେ ଜଣେ ବୃଦ୍ଧର ରକ୍ଷଣଶୀଳ ମନୋବୃତ୍ତି ହିଁ ଗଳ୍ପର ଉପଜୀବ୍ୟ। ସେହିପରି ତାଙ୍କ ବିଖ୍ୟାତ ଗଳ୍ପ 'ବୁଢ଼ା ଶଙ୍ଖାରୀ'ରେ ମନୋବିଶ୍ଳେଷଣ ସମ୍ମତ ରୀତି ଦୃଶ୍ୟମାନ। ଗୋଦାବରୀଶ ମିଶ୍ରଙ୍କ ନାରୀ ଚରିତ୍ରମାନେ ମୂଳତଃ ଦୁଇ ଶ୍ରେଣୀର, ପ୍ରଥମ ଶ୍ରେଣୀର ହେଲେ କ୍ରୁରା, ଅସହିଷ୍ଣୁ, ପରିବାରଘାତିନୀ, ସ୍ୱାମୀ ଜଡ଼ଦାୟୀ ନୀତିହୀନା ନାରୀ। 'ପରଦାସୀନ' ଗଳ୍ପର ଚଞ୍ଚଳା, 'ଶ୍ରୀମତୀ'ର ଶ୍ରୀମତୀ, 'ବଡ଼ପୁଅର' ବିମଳା, 'ଦସ୍ତିଲାବନ୍ଧୁ'ର ପ୍ରେମଶିଳା। ଦ୍ୱିତୀୟ ଶ୍ରେଣୀର ନାରୀମାନେ ସରଳା, ପୁତ୍ରସ୍ନେହୀ,ସମାଜସେବୀ,ପରୋପକାରୀ, ସ୍ୱାମୀ ସୋହାଗିନୀ ଆଦି ଉତ୍ତମ ଗୁଣର ଅଧିକାରୀ। ପରଦାସୀନର 'ସରୋଜିନୀ', କାଚବଜ୍ରକରର 'ଶାନ୍ତିଦେବୀ' ଓ 'ମାଉସୀ', ଅନ୍ନଛତ୍ରର 'ସୀତା', ପାଷାଣର ଭାଷାର 'ମାଳତୀ', ନାରୀର ଗତିରେ 'ସୁଲକ୍ଷଣା', ସାବତପୁଅରେ 'ହେମମଣି', ପୁଅାଣିଘରର 'ବାସନ୍ତୀ ଭାଉଜ' ଇତ୍ୟାଦି। ଗୋଦାବରୀଶ ମହାପାତ୍ରଙ୍କ 'ନୀଳମାଷ୍ଟରାଣୀ', 'ଦୁଇଟି ଟଙ୍କା', 'ଭଗ୍ନ ହୃଦୟ', 'ଗୋଟିଏଚିତ୍ର', 'ଖଦଡ଼ହକିଂ', 'ଭଗୀଦାସଙ୍କଶାଢୀ', 'ମାଗୁଣିର ଶଗଡ଼', 'ମୁଣ୍ଡା ସାହାଡ଼ା', 'ପ୍ରେମର ସିଂହାସନ', 'ସ୍ୱପ୍ନ', 'ଗୋଟିଏ ଚାମୁଚା' ଆଦି। କାଳିନ୍ଦୀ ଚରଣ ପାଣିଗ୍ରାହୀଙ୍କ 'ବିଟଘର ଓ ରେଳଗାଡ଼ି', 'ସାବିତ୍ରୀର ଦୁଃଖ', 'ପୁନଶ୍ଚ', 'ନିୟତିର କ୍ରୀଡ଼ା', 'ପ୍ରେମିକ', 'ଡାଆନୀ ବୁଢ଼ୀ', 'ସାଗରିକା', 'ନିଶୀଥୀନୀ', ଭଗବତୀ ଚରଣ ପାଣିଗ୍ରାହୀଙ୍କ 'ଜଙ୍ଗଲି', 'ସମୟାତୀତ', 'ବଞ୍ଚିତା', 'ଝଡ଼', 'ଆରମ୍ଭ ଓ ଶେଷ', 'ନିତ୍ୟାନନ୍ଦ ମହାପାତ୍ରଙ୍କ 'ସଉଦାଗର' 'ଶତାର୍ଦ୍ଧ ବର୍ଷ ପରେର ବିଶ୍ୱରୂପ', 'ଜୀବନର ମାନଦଣ୍ଡ', 'ରୋମାନ୍ସ ଓ ରୋମନ୍ଥନ', 'ମର୍ତ୍ତ୍ୟ ସାବିତ୍ରୀ', 'ସ୍ତ୍ରୀ ଚକ୍ର', 'ରାଜକନ୍ୟା', ସଚ୍ଚିଦାନନ୍ଦ ରାଉତରାୟଙ୍କ 'ଜଙ୍ଗଲ', 'ମଲାକଇଁ', 'ରଜାପୁଅ ଆଦି।

ସୁରେନ୍ଦ୍ର ମହାନ୍ତିଙ୍କ 'ସବୁଜ ପତ୍ର ଓ ଧୂସର ଗୋଲାପ'ଗଳ୍ପରେ ଟି.ପି. ଯୋଶେଫ, ମିସ୍ ଲାରା ଓ ମିସ୍ ଡ୍ରାଇଭର୍ ପ୍ରମୁଖ ଜୀବନର ଅପରାହ୍ନର ଧୂସର ଭୂମିକାରେ ଉପନୀତ ହେଲେହେଁ ଯୌବନର ଉଦ୍ଦାମ ସବୁଜ ସ୍ଥିତି ପ୍ରତି ପ୍ରଚୁର ଆକୁଳତା ପ୍ରକାଶ କରିଛନ୍ତି। 'ସେ ଓ ମୁଁ' ଗଳ୍ପରେ ଅଧ୍ୟାପକ ସ୍ୱାମୀଙ୍କ ଲମ୍ପଟ ଆଚରଣରେ ବିକ୍ଷୁବ୍ଧ ନାରୀମନ ଅଭିମାନରେ ବିଦ୍ରୋହ କରି ଉଠିଛି। ପତ୍ନୀ ବିଶ୍ରୀକୁମ ତେଣୁ ଭଗବାନଙ୍କ ପାଖରେ ପ୍ରାର୍ଥନା କରିଛନ୍ତି। 'ନୀଳଜ୍ୟୋସ୍ନା' ଗଳ୍ପରେ ପ୍ରଣୟୀ ପ୍ରଣୟିନୀଙ୍କର ପରସ୍ପରକୁ ପ୍ରତୀକ୍ଷା, ସଂଭୋଗ ଓ ସ୍ମୃତିଚାରଣର ଆବଚେତନିକ ଅଭିବ୍ୟକ୍ତି ପ୍ରକଟିତ। ଗଳ୍ପନାୟକ ପରିଣିତା କଲ୍ୟାଣୀକୁ ପାର୍କରେ ଅପେକ୍ଷା କରି ନୈରାଶ୍ୟବୋଧ କରିଛନ୍ତି। 'କ୍ଳାନ୍ତ ଚୈତାଳି' ଗଳ୍ପରେ ରମଣୀକାନ୍ତ, କଲ୍ୟାଣୀ ଓ ମିସମାଳବିକା ପ୍ରତ୍ୟେକ ଚରିତ୍ରର ଅବଚେତନ ମନର ସ୍ୱରୂପ ଉଦ୍ଘାଟିତ। ସେମାନେ ପରିଣତ ବୟସରେ ମଧ କ୍ଳାନ୍ତ ମନ ଓ ପ୍ରାଣ ନେଇ ଖୋଜି ଚାଲିଛନ୍ତି ଅତୀତର ସୌରଭିତ ଚୈତ୍ରକୁ। ୧୯୭୪ ମସିହାରେ ରେଳ ଧର୍ମଘଟର ପୃଷ୍ଠଭୂମିରେ ରଚିତ 'ପ୍ରତୀକ୍ଷା'ଗଳ୍ପରେ କଲିକତା ହାୱଡ଼ା ଷ୍ଟେସନରେ ଟ୍ରେନକୁ ଅପେକ୍ଷା କରିଥିବା ଶୁଭେନ୍ଦୁ, ନବେନ୍ଦୁ ଓ ସିପ୍ରାବୋଷ ଭଳି ଚରିତ୍ର ମାନଙ୍କ ମାନସିକ ଚିତ୍ର ଏଥିରେ ପ୍ରଦତ୍ତ।'ନାରୀର ମନ' ଗଳ୍ପର କଥାବସ୍ତୁ ସାରଳା ଦାସଙ୍କ ରଚିତ ମହାଭାରତର ବନପର୍ବର କଥାବସ୍ତୁ ଉପରେ ଆଧାରିତ। ଦ୍ରୌପଦୀଙ୍କର ପଞ୍ଚପତି ଥିବା ସତ୍ତ୍ୱେ ସେ କର୍ଣ୍ଣଙ୍କ ପ୍ରତି ଆସକ୍ତ ଥିଲେ। ଠିକ ସେହିପରି ମିଥ୍ ମାଧ୍ୟମରେ ଗାଳ୍ପିକ ସାଂପ୍ରତିକ ନାରୀ ମାନସିକତାକୁ ପ୍ରକାଶ କରିଛନ୍ତି ।

ପ୍ରାଣବନ୍ଧୁ କରଙ୍କ 'ରାଣୀ' ଗଳ୍ପ, 'ଜୀବନ ନଦୀ', 'ଶ୍ୱେତପଦ୍ମ', 'ଶେଷ ବସନ୍ତ' ଗଳ୍ପରେ ପ୍ରୌଢ ମଣିଷଟିର ଦ୍ୱନ୍ଦ୍ୱାତ୍ମକ ମାନସିକତାର ସଫଳ ପ୍ରୟୋଗ ପରିଲକ୍ଷିତ। ଗୋପୀନାଥ ମହାନ୍ତିଙ୍କ 'କାଉକୋଇଲି' ଗଳ୍ପରେ ବର୍ତ୍ତମାନର ବୃଦ୍ଧା ଅତୀତର ଯୁବତୀ ନେପୁରୀର ମନସ୍ତାତ୍ତ୍ୱିକ ଚିତ୍ର ଚମତ୍କାର ଭାବରେ ଅଭିବ୍ୟକ୍ତ। 'ବୁଢ଼ାକବି' ଗଳ୍ପରେ ଶାନ୍ତି ଭଲପାଉଥିବା ଗଙ୍ଗାଧରର ଅନ୍ୟତ୍ର ବିବାହରେ ତା'ର ମାନସିକ ଯନ୍ତ୍ରଣା , 'ନୀଳିମାର କବର'ରେ ଅତିକ୍ରାନ୍ତ ବୟସ୍କା ନୀଳିମାର ଜନୈକ ସୁଦର୍ଶନ ପୁରୁଷ ଦର୍ଶନରେ ନାରୀତ୍ୱର ଜାଗରଣ ଆଦିମ ଆକାଂକ୍ଷା ଓ ଶାରୀରିକ ପ୍ରତିକ୍ରିୟା ବର୍ଣ୍ଣିତ। ରାଜା କିଶୋର ରାୟଙ୍କ 'ଓଡ଼ିଶାରେ ଦାନ କାହିଁ', 'ପଦେ କଥାରେ' ସନ୍ତାନହରା ବୃଦ୍ଧା ନାରୀର ମାନସିକ ବିକୃତ। 'ଶୀଳା ଓ ଶୈଳୀ' ଗଳ୍ପରେ ନାରୀର ମାତୃତ୍ୱ ଆଶାରେ ଅତ୍ରୀ ଉଷ୍ଣପ୍ରସ୍ରବଣରେ ସ୍ନାନ ଜଳ ମଧ୍ୟରୁ ଗୁଆ ପରିବର୍ତ୍ତେ ପିତଳ କୃଷ୍ଣମୂର୍ତ୍ତି ପ୍ରାପ୍ତି ଓ ଉଦରସାତ ଏବଂ ତଦ୍‌ଜନିତ ମୃତ୍ୟୁ ନାରୀତ୍ୱର ଚିରନ୍ତନ ଆକାଂକ୍ଷାର ଏକ ପ୍ରାଣୋଚ୍ଛ୍ୱାସମୟ ରୂପାୟନ। ରାଜକିଶୋର ପଟ୍ଟନାୟକଙ୍କ ଲକ୍ଷ୍ୟଭ୍ରଷ୍ଟ ଚକ୍ରବାଳ, ପ୍ରତିଧ୍ୱନି, କାଞ୍ଚମାଳୀ, ଇତିହାସ, ପୋଡ଼ାଦାଗ, କୁଟୀଳ ମନର ପରିଧି ଆଦି। ଅଖିଳ ମୋହନ ପଟ୍ଟନାୟକଙ୍କ 'ଡିମିରି ଫୁଲ'ଗଳ୍ପରେ ଦମ୍ପତ୍ତିଙ୍କ ଏକ ମାତ୍ର କନ୍ୟା ମଞ୍ଜୁର ମୃତ୍ୟୁକୁ ସ୍ୱାମୀ ନିକଟରେ ପ୍ରକାଶ ନ କରିବାର କାରଣ ପାଗଳିନୀ ପ୍ରାୟ ମା'କୁ ଝିଅର ମିଛ ଗବେଷଣା ଓ ବିଦେଶ ଯିବାର ମିଥ୍ୟା ସଂବାଦ ଦେବା। 'ଚନ୍ଦ୍ରର ଅଭିଶାପ' ଗଳ୍ପଟି ପଶ୍ଚାତପଟ୍ଟ ଦୃଶ୍ୟ ଶୈଳୀରେ ରଚିତ ହୋଇଥିଲେ ମଧ ଏହି ଗଳ୍ପର ମୁଖ୍ୟ ଚରିତ୍ର ସୀମାଦ୍ରିର ଅବଚେତନ ମନର ପ୍ରତିକ୍ରିୟା, ଆଚରଣ ଓ କରୁଣ ପରିଣତି ବର୍ଣ୍ଣିତ। 'ଲ୍ୟାମ୍ପ ପୋଷ୍ଟର ଇତି କଥା'ରେ ଗଳ୍ପ ନାୟିକା ଯଶୋଦାଙ୍କ ଅତୀତ ଜୀବନର କେତୋଟି ବିକ୍ଷିପ୍ତ ସ୍ମୃତି ନେଇ ରଚିତ।

କିଶୋରୀ ଚରଣ ଦାସଙ୍କ 'ନିମନ୍ତ୍ରଣ' ଗଳ୍ପରେ ରହିଛି ରବି ଓ ମିନୁର ଭଲ ପାଇବା ପରେ ପୁଣି ପାରିବାରିକ ପରିସ୍ଥିତିରେ ପଡ଼ି ବିଚ୍ଛେଦ ଏବଂ ମିନୁ ଅନ୍ୟତ୍ର ବିବାହ କରୁଥିବା ସମୟରେ ରବିକୁ ନିମନ୍ତ୍ରଣ କରୁଛି। ସେ ରବି ବୋଲି ସମ୍ବୋଧନ ନ କରି Rubbish କହିଛି ତାକୁ। 'ଭଙ୍ଗାଖେଳଣା'ରେ ଦେଖାଦେଇଛି ଗୀତାବୋଉ ପ୍ରେମିକକୁ ବିବାହ କରିନଥିଲେ ବି ପୂର୍ବ ପ୍ରେମିକର

ସ୍ମୃତିକୁ ଭୁଲି ପାରି ନାହାଁନ୍ତି। ସେହିପରି ଚପଳମତି ବାଳିକା ଗୀତାର ଅସ୍ଥିର ମାନସିକତା ବର୍ଣ୍ଣିତ। 'ବଡ଼ଲୋକ'ଗଳ୍ପରେ କୃଷ୍ଣାଙ୍କର ନାରୀ ସମିତିରେ ଯୋଗଦାନ, ଲୋକଦେଖାଣିଆ ଆବ୍ରୁ ଓ ଅହଂକାର ପ୍ରକଟିତ ହୋଇଛି। 'ସାବିତ୍ରୀର ସୁଦିନ'ରେ ଏକ ତ୍ରିକୋଣୀୟ ପ୍ରେମର ପଟ୍ଟଭୂମିରେ ନାରୀ ମାନସିକତାର ଅସହାୟତା ସ୍ୱରୂପ ଉଦ୍ଘାଟିତ ହୋଇଛି। ମିଃ ଚାନ୍ଦଙ୍କୁ ଆପଣାର କରିବାର ଅସଫଳ ପ୍ରୟାସ ସାବିତ୍ରୀଙ୍କ ଜୀବନରେ ଦୁଃଖରେ ମସିରେଖା ଟାଣି ଦେଇଛି। 'ମାନିନୀ' ଗଳ୍ପରେ ପ୍ରଦତ୍ତ ହୋଇଛି ନିଜ ସ୍ୱାମୀଙ୍କଠାରୁ ଈପସିତ ପ୍ରାପ୍ୟରୁ ବଞ୍ଚିତା ଜଣେ ନାରୀମନର ଆହତ ଅଭିମାନର ଚିତ୍ର। 'ଲକ୍ଷବିହଙ୍ଗ'ଗଳ୍ପ ନାରୀ ମନସ୍ତତ୍ତ୍ୱର ଏକ ଚମତ୍କାର ନିଦର୍ଶନ। ଗଳ୍ପନାୟିକା ମିସେସ ପତ୍ନୀଙ୍କ ଚେତନ ଓ ଆବଚେତନିକ ମନର ସ୍ୱରୂପ ଉଦ୍ଘାଟନ କରିଛି। 'ଅତିଥି'ଗଳ୍ପରେ ସୁନୀତି ଦେବୀଙ୍କର ଅତୀତ ଜୀବନର ବିକ୍ଷିପ୍ତ ସ୍ମୃତିଚାରଣ,ଜଗୁ ଦାଦାଙ୍କର ସୁନୀତି ଘରେ ଆତିଥ୍ୟ ଗ୍ରହଣର ବ୍ୟାପକ ପଟ୍ଟଭୂମିରେ ବର୍ଣ୍ଣିତ। 'ବନମୟୂର' ଗଳ୍ପରେ ମିସ ସରୋଜାଙ୍କ ମନସ୍ତତ୍ତ୍ୱ ନିଖୁଣ ଭାବରେ ବର୍ଣ୍ଣିତ। 'ମଣିହରା' ଗଳ୍ପରେ ନିର୍ମଳା ଦେବୀଙ୍କର ନିଜ ପୁତ୍ରକୁ ହରାଇବା ପରେ ଅନ୍ତର ଭିତରେ ଯେଉଁ ଦୁଃଖ ଓ ଅନୁଶୋଚନା ଅନୁଭବ କରିଛନ୍ତି ତା'ର ରୂପଚିତ୍ର ପ୍ରଦତ୍ତ। ତିନୋଟି ଦୃଶ୍ୟରେ ସେକ୍ସ ଓ ସାଥୀତ୍ୱକୁ ନେଇ ସବିତା ଦେବୀଙ୍କ ମନରେ ଯେତେ ଯାହା କ୍ରିୟା ଓ ପ୍ରତିକ୍ରିୟା ତାର ଏକ ସ୍ୱଷ୍ଟ ଚିତ୍ର। 'ମୁକ୍ତକେଶୀ' ଗଳ୍ପରେ ବୈଧବ୍ୟ ଯନ୍ତ୍ରଣାରେ ପୀଡ଼ିତ ଏକ ଅସହାୟ ତରୁଣୀର ଉଚ୍ଛୃଙ୍ଖଳତା ପ୍ରକଟିତ। 'କୁଆପଥର' ଗଳ୍ପରେ ନାରୀ ମନର ଏକ ବିଚିତ୍ର ରୂପାୟନ। 'ବଡ଼ ଅପା' ରେ ସୁଲକ୍ଷଣା ଦେବୀ, 'ଜିଘାସା'ରେ ସୁମତି ଦେବୀ, 'ଦଶହରାରୁ ଦିଆଲିଯାଏ' ଗଳ୍ପରେ ଅମ୍ବିକାପ୍ରସାଦ, 'ଜାଳେଣୀ'ର ଚିତ୍ରାଦେବୀ, 'ମଲ୍ଲିକଢି ଓ ଚାକରାଣୀ' ଗଳ୍ପରେ ମାଲିକାଣୀ ମଲ୍ଲିକାର ଆଭିଜାତ୍ୟ, 'ଶାଶ୍ୱତୀ'ରେ ଶାଶ୍ୱତୀ,'ବାସୀ ଲହୁଣୀ'ରେ ବିଧବା ସୁରବାଳା,'ମୁନୁ ପାଇଁ ଗପଟିଏ'ରେ ମୁନୁ, 'ପ୍ରେମର ଦ୍ୱିତୀୟ ପାଠ'ରେ ମାରୁତି ଓ ମାମି, 'ମରାଳି'ର ସୁରଭି ମହାପାତ୍ର, 'ପୁରୁଣା କବିତା'ରେ ରମାବୋଉ,'ବିଜୟିନୀ'ରେ ପତ୍ନୀ,ନିଲୁ,'ଦର୍ପଣ'ରେ ମାଧୁରୀ ମହାପାତ୍ର ଓ ମାୟା ପଟ୍ଟନାୟକ,'ଗର୍ଭଧାରିଣୀ'ର ମାନମୟୀ,'ମାଲ୍ୟାର୍ପଣ'ର ନନ୍ଦା ମହାନ୍ତି,'ସମଦୁଃଖିନୀ'ରେ ଶ୍ରୀଲେଖା,'ଆବର୍ତ୍ତ'ର ମନ୍ଦିର ମହାପାତ୍ର, 'ବେଷ୍ଟଫ୍ରେଣ୍ଡ'ର ସୀମା ଓ ନୀନା, 'ଇଚ୍ଛାପୂରଣ'ରେ ନୀନା ମହାନ୍ତି, 'ମୋ ବାପା ଓ ବିଲେଇ'ର ସୁପ୍ରିୟା ଦେବୀ, 'ସନ୍ତାନବତୀ'ର ବୃଦ୍ଧା।

ଶାନ୍ତନୁ କୁମାର ଆଚାର୍ଯ୍ୟଙ୍କ 'ରାଞ୍ଚି ଏକ୍ସପ୍ରେସ୍' ଗଳ୍ପରେ ଚାକିରୀ କରି ଜୀବନ ନିର୍ବାହ କରୁଥିବା ଆଧୁନିକା ନାରୀର ନିଃସଙ୍ଗତାବୋଧ ଓ ଦୁରନ୍ତ ସ୍ୱପ୍ନର ବିଡ଼ମ୍ବନା ପ୍ରଦତ୍ତ। 'ଆମ ମାଉସୀ' ଗଳ୍ପରେ ଜନୈକା ମାଉସୀଙ୍କର ସ୍ନେହ ସ୍ନିଗ୍ଧ ଝଲକ ଏବଂ ତାଙ୍କର ଆକସ୍ମିକ ମୃତ୍ୟୁରେ ଗାଳ୍ପିକଙ୍କର ସହାନୁଭୁତି ଗଳ୍ପଟିର ଭାବପିଣ୍ଡ ନିର୍ମାଣ କରିଥାଏ। 'ପ୍ରେମର ପ୍ରମାଣ' ଗଳ୍ପରେ ବଳଭଦ୍ର ଓ ଲୀଳାବତୀଙ୍କ ମାନସିକତାରେ ଅସହାୟତାବୋଧ ଫୁଟି ଉଠିଛି। 'ଅନ୍ଧାର ନିରୁତ୍ତର' ଗଳ୍ପରେ ଆଜିର ମୂଲ୍ୟବୋଧହୀନ ସମାଜରେ ଶିକ୍ଷିତା ମହିଳାଙ୍କର ଅସହାୟତା ବର୍ଣ୍ଣିତ। ଡାକ୍ତରାଣୀ ଅନ୍ନପୂର୍ଣ୍ଣା ଏ ସମାଜର ବିପଥଗାମୀ ଯୁବକମାନଙ୍କ ଦ୍ୱାରା ଧର୍ଷିତା ହୋଇଛନ୍ତି। ଜୀବନ ତାଙ୍କ ପାଇଁ ହୋଇଛି ଅନ୍ଧକାରମୟ। 'ଶିଖରଚଣ୍ଡୀ' ଗଳ୍ପରେ ନାରୀର ଉଗ୍ର ମୂର୍ତ୍ତିର ପରିପ୍ରକାଶ। କେତେବେଳେ ନାରୀର ଅସହାୟତା ତ ପୁଣି କେତେବେଳେ ନାରୀର ଉଗ୍ରରୂପ ଦେଖିବାକୁ ମିଳେ। 'ଘଟସୂତ୍ର' ଗଳ୍ପରେ ଜଣେ କାଳି,ଅସୁନ୍ଦରୀ ଝିଅର ସ୍ୱପ୍ନ ଓ ସମ୍ଭାବନାକୁ ରୂପାୟିତ କରାଯାଇଛି। ଜଣେ ପତ୍ନୀଙ୍କର ବିଗତ ଦିନର କରୁଣ ସ୍ମୃତିକୁ ଅବଲମ୍ବନ କରି 'ପତ୍ନୀ'ଗଳ୍ପଟି ରଚିତ। 'ହେମାମାଳିନୀ' ଗଳ୍ପରେ ଅଭିନେତ୍ରୀ ହେମାମାଳିନୀ ଭଳି ଦେଖାଯାଉଥିବା ମିସେସ୍ ହାରିସେନଙ୍କୁ ଅଧାମ୍ ପ୍ରାଣ କଣ୍ଟାପଡ଼ା ଗ୍ରାମର ସରଳ ଗ୍ରାମବାସୀମାନେ ଚିହ୍ନି ନ ପାରି ତାଙ୍କୁ ଅତିଥି ଭାବରେ ସ୍ୱାଗତ କରିଛନ୍ତି। 'ମିନାକ୍ଷୀ'ଗଳ୍ପରେ ମଣିଶଙ୍କରଙ୍କ ସହ ଥିବା ସଂପର୍କକୁ ମିନାକ୍ଷୀ ସାରାଜୀବନ ପାଥେୟ କରି ଅତିବାହିତ କରିଛନ୍ତି।

ମନୋଜ ଦାସଙ୍କ 'ବିଷ କନ୍ୟାର କାହାଣୀ' ଗଳ୍ପରେ ଏ ସମାଜରେ ନିଜର ସ୍ଥିତି ପାଇଁ ସଂଗ୍ରାମଶୀଳ ଏକ ନାରୀ ଜୀବନର କରୁଣ କାହାଣୀ ବର୍ଣ୍ଣିତ। ଦେହଜୀବୀ ହୀରା 'ବିଶୁଦ୍ଧ ହିନ୍ଦୁ ହୋଟେଲ'ରେ ନିଜର ଜୀବିକା ଅନୁସନ୍ଧାନ କରିବା ପର୍ଯ୍ୟାୟରେ ନିଜକୁ ଖୁବ ଅସହାୟ ଓ ଏକାକୀ ଅନୁଭବ କରିଛି। 'ଆରଣ୍ୟକ' ରେ ମିସେସ ମିଟି ଓ ମିସେସ ଚାକୋଡ଼ିଙ୍କ ମନସ୍ତତ୍ତ୍ୱ ପ୍ରତିପାଦିତ। 'କିମ୍ଭୀରିଣୀ' ଗଳ୍ପରେ ଜଣେ ବାଲ୍ୟ ବିଧବା ନାରୀର ସ୍ୱପ୍ନ,କରୁଣ ମାନସିକତା ଓ ତଦଜନିତ ଅନୁଭୂତି ବର୍ଣ୍ଣିତ। 'ବିଶ୍ରାମ'ଗଳ୍ପରେ ପ୍ରେମ ପ୍ରତାରିତା ଆଙ୍ଗ୍ଲୋ ଇଣ୍ଡିଆନ ମିସ ଡଲି ମୋନାର୍ଲିଙ୍କ ମାନସିକତା ବିଶ୍ଳେଷିତ ହୋଇଛି। ବୀଣାପାଣି ମହାନ୍ତିଙ୍କ 'କାଳାନ୍ତର' ଗଳ୍ପରେ ସମାଜରେ ନାରୀର ଅସହାୟତା ସ୍ଥିତି ଓ ତଦଜନିତ ମାନବିକ ସମବେଦନଶୀଳତା ଭାବଧର୍ମ ରୂପରେ ନିରୂପିତ ହୋଇଛି। 'ଆରୋହଣ' ଗଳ୍ପରେ ସାବିତ୍ରୀ ନିଜର ବିକଳାଙ୍ଗ ସ୍ୱାମୀଙ୍କୁ ନେଇ ଯେଉଁ ଚିନ୍ତା ପ୍ରକଟିତ ହୋଇଛି ତାହା ବର୍ଣ୍ଣିତ। 'ବସ୍ତ୍ର ହରଣ' ଗଳ୍ପରେ ସାଂପ୍ରତିକ ସମାଜର ତିନିଗୋଟି ପର୍ଯ୍ୟାୟରେ ନାରୀର ଅସହାୟତା ପ୍ରକାଶିତ। ପ୍ରଥମ ପର୍ଯ୍ୟାୟରେ ସରସୀ,ଦ୍ୱିତୀୟ ପର୍ଯ୍ୟାୟରେ ପଦ୍ମିନୀ ଓ ତୃତୀୟ ପର୍ଯ୍ୟାୟରେ ଶାଶ୍ୱତୀ। ' ଇଣ୍ଟରଭିୟୁ' ଗଳ୍ପରେ ନାରୀ ଜୀବନର ଅସହାୟତା ଅଧିକ ତୀବ୍ର ଓ କାରୁଣ୍ୟ ବିଜଡ଼ିତ। ପରିବାର ଚଳାଇବାକୁ ଆଗେଇ ଆସି ପ୍ରତିମା ମନରେ ଅନେକ ପ୍ରଶ୍ନ ଆସିଛି। 'ପାଟଦେଇ' ଗଳ୍ପରେ ସମାଜର ନିମ୍ନ ସ୍ତରରେ ରହୁଥିବା ନାରୀ ଜୀବନର ନିର୍ଯ୍ୟାତନା, ଅସହାୟତା ଓ ବିପର୍ଯ୍ୟୟର ଏକ କରୁଣ ଚିତ୍ର। 'ତୃତୀୟ ପାଦ'ରେ ନଖିର ମନସ୍ତତ୍ତ୍ୱ ଚିତ୍ର ପ୍ରକଟିତ। 'ଅଶ୍ରୁ ଅନଳ'ରେ କେତକୀର ମନରେ ରହିଛି ସମାଜର ଉଚ୍ଛୃଙ୍ଖଳିତ ଯୁବଗୋଷ୍ଠୀଙ୍କୁ ସଂହାର କରିବାର ଅଭିଳାଷ। 'ଖେଳ ଚାଲିଛି'ରେ ବୀଥିକା ସ୍ୱାମୀଙ୍କ ସହ ମାନସିକ ଅମେଳ ହେତୁ ନିଜକୁ ନିଃସଙ୍ଗ, ଅସହାୟ ମନେ କରିଛି। 'ପାଚେରୀ ସେପଟ ନଈ' ଗଳ୍ପରେ ସୁବର୍ଣ୍ଣା ସ୍ୱାମୀଙ୍କ ସହ ରହି ମଧ୍ୟ ସଞ୍ଜୟ ପ୍ରତି ଆକର୍ଷିତା ହୋଇଛନ୍ତି। 'ଅଭିନେତ୍ରୀ'ରେ ମନୀଷାର ମନସ୍ତତ୍ତ୍ୱ, 'ପଦ୍ମ ଘୁଞ୍ଚି ଘୁଞ୍ଚି ଯାଉଛି'ରେ ନାରୀ ଜୀବନର ଅପହଞ୍ଚ ସ୍ୱପ୍ନ

ସ୍ୱପ୍ନ ଓ ତଦ୍‌ଜନିତ ଅସହାୟତାବୋଧ ପ୍ରକଟିତ।

**ସାଂପ୍ରତିକ ଗଳ୍ପରେ ନୀଳମଣି ସାହୁ:** ଗଳ୍ପର ପ୍ରାରମ୍ଭରେ ବିଭିନ୍ନ ଲୌକିକ ଅଲୌକିକ କାହାଣୀ ନେଇ ରଚିତ ହେଉଥିଲା। ସମୟକ୍ରମେ ତାହା ଆଜି ପରୀକ୍ଷାଧର୍ମୀ ଗଳ୍ପ ହୋଇପାରିଛି। ଏହି କାରଣରୁ ନୀଳମଣି ସାହୁ ଭଲମନ୍ଦ ସବୁ ଜିନିଷକୁ ଆଦରି ନେବାର ମନସ୍ତତ୍ତ୍ୱ ଯୋଗୁଁ ମଣିଷର ସମସ୍ୟାର ଗୁରୁତ୍ୱ ଆକଳନ କରିବାକୁ ଯାଇ ସେଥିରେ ଲୁକ୍କାୟିତ ଥିବା ଦୂର ଦିଗଟିକୁ ଖୁବଶୀଘ୍ର ଆବିଷ୍କାର କରିଛନ୍ତି। ତାଙ୍କର ଅଧିକାଂଶ ଗଳ୍ପରେ ସେ ମଧୁରହାସ୍ୟ ଆବିଷ୍କାର କରିପାରନ୍ତି ଓ ପରେ ସିରିୟସକୁ ସରଳ ଭାବରେ ବିଚାର କଲେ ତାହା ମହାକାରୁଣ୍ୟରେ ପରିଣତ ହୁଏ। ସାହିତ୍ୟ କେବଳ ବାର୍ତ୍ତା କି ବକ୍ତବ୍ୟ ନୁହେଁ। ତା'ର ଭାଷା ଓ ଭଙ୍ଗୀ ଭୋକ୍ତାଙ୍କ ମାନସିକତା ଅନୁରୂପ ହେବ ସଫଳ ସାହିତ୍ୟ ସାଧକଙ୍କପାଇଁ ଜରୁରୀ ପ୍ରାଥମିକ ଆବଶ୍ୟକତା। ଭାଷାବିନ୍ୟାସଦ୍ୱାରା ଅଭିପ୍ରେତ ଭୋକ୍ତାଙ୍କ ମନକୁ ସ୍ପର୍ଶ କରିପାରିବାହିଁ ଶବ୍ଦଯୋଦ୍ଧାଙ୍କ ପ୍ରକୃତ ପରିଚୟ। ଭାବଜଗତର ପରିସର ବୃହତ୍ ହୋଇଥିବାରୁ ଶବ୍ଦ ପ୍ରୟୋଗ କରିବାରେ ନୀଳମଣି ଖୁବ୍ ସଚେତନ। ବିଶେଷକରି ସେ କଥ୍ୟରୀତିକୁ ଗୁରୁତ୍ୱ ଦେଇଛନ୍ତି। ସାହିତ୍ୟରେ ନାରୀ, ପ୍ରକୃତି ଓ ମାନବ ହୃଦୟ ସୌନ୍ଦର୍ଯ୍ୟ ଚେତନାର ପ୍ରଧାନ ଉପାଦାନ। ନାରୀ ଓ ପ୍ରକୃତି ନୀଳମଣିଙ୍କ ସୃଷ୍ଟିର ଲକ୍ଷ୍ୟ ନୁହନ୍ତି; ଉପଲକ୍ଷ୍ୟ ମାତ୍ର। ସେଥିରେ ପଶୁ, ପକ୍ଷୀ, ବୃକ୍ଷ ପୁଣି ମାତା, ପତ୍ନୀ, ପ୍ରିୟାଠାରୁ ଆରମ୍ଭ କରି ସର୍କସର ରାଣୀ ପର୍ଯ୍ୟନ୍ତ ବହୁ ସୁନ୍ଦରୀ ଅଛନ୍ତି। ନାରୀ ତାଙ୍କ ଗଳ୍ପରେ ପ୍ରଧାନ ଉପାଦାନ। ଲେଖକଙ୍କ ନାରୀ ବର୍ଣ୍ଣନା ଭୋକ୍ତାଙ୍କୁ ମନ୍ତ୍ରମୁଗ୍ଧ କରେ। ନାରୀ ଓ ପ୍ରେମ ପୁଣି ନିତ୍ୟଯୁକ୍ତ। ପ୍ରେମ ହିଁ ସତ୍ୟ ଓ ସୁନ୍ଦରର ଅନୁଭବକୁ ଅଧିକ ପ୍ରତ୍ୟକ୍ଷ ଓ କ୍ରିୟାଶୀଳ କରିଥାଏ। ତାଙ୍କ ବର୍ଣ୍ଣନାରେ ଚିରନ୍ତନୀ ନାରୀର ଆନ୍ତରିକ ସୌନ୍ଦର୍ଯ୍ୟ ଉଦ୍‌ଘାଟନ ଦୃଷ୍ଟିରୁ ଶାଶ୍ୱତ ନାରୀତ୍ୱ ଓ ସନାତନ ମାତୃତ୍ୱର ରୂପୋନ୍ମୋଚନ ଦିଗରୁ ଏହା ଏକାନ୍ତ ପ୍ରୟୋଜନୀୟ।

**ନୀଳମଣି ସାହୁଙ୍କ ଗଳ୍ପରେ ନାରୀମନସ୍ତତ୍ତ୍ୱ:** ଏଯାବତ୍ ଯେତେ ସବୁ ସୃଷ୍ଟି ହୋଇଛି କେବଳ ନାରୀ ପାଇଁ ହିଁ ସମ୍ଭବ ହୋଇପାରିଛି। ସେହିପରି ଆମେ ମହାପାତ୍ର ନୀଳମଣି ସାହୁଙ୍କ ସୃଷ୍ଟି ମଧ୍ୟରେ ଅନେକ ଗଳ୍ପ ଏହି ନାରୀ କୈନ୍ଦ୍ରିକକୁ ନେଇ ଦେଖିପାରିବା। ନାରୀ ଜୀବନର ସମସ୍ୟାକୁ ଗଭୀର ଭାବରେ ସେ ଦେଖି ପରଖି ସାହିତ୍ୟର ନବରସରେ ମଣ୍ଡିତ ହୋଇଛି ଗଳ୍ପ ସାହିତ୍ୟ। ବାହାରକୁ ସେସବୁ ଲୀଳା ବା ସୁଆଙ୍ଗ ପରି ମନେ ହେଉଥିଲେ ମଧ୍ୟ ଅନ୍ତଃସ୍ୱର ତାହା ଟ୍ରାଜିକ ବା ଦୁଃଖଦ ଭରି ରହିଥାଏ। ସେହି ଗଳ୍ପଗୁଡ଼ିକ ମଧ୍ୟରୁ କେତୋଟି :

'ସନ୍ନିପାତସ୍ୟ ଲକ୍ଷଣମ୍' ଗଳ୍ପରେ ଗାଳ୍ପିକ ଦେଖାଇଛନ୍ତି ଯେତେବେଳେ ଗୋଟିଏ ପରିବାରରେ ପରିବାରର ଭରଣପୋଷଣ ପାଇଁ ପୁରୁଷଟିଏ କର୍ମକ୍ଷମ ହୋଇ ପାରୁନାହିଁ ବାଧ୍ୟ ହୋଇ ସ୍ତ୍ରୀଟି କର୍ମ କ୍ଷେତ୍ରକୁ ଆପଣେଇ ନେଇଛି ଏକ ଅଫିସ କାମରେ। ଶଶିରେଖା ସ୍ୱଳ୍ପବେତନ ପ୍ରାପ୍ତ ଯୋଗୁଁ ପରିବାର ଚଳାଇ ନ ପାରି ନିଜକୁ ଅତ୍ୟନ୍ତ ଅସହାୟ ମନେ କରିଛି। ଏପରିକି ଶରୀର ରୋଗାକ୍ରାନ୍ତ ହୋଇ ସନ୍ନିପାତ ରୋଗ ମଧ୍ୟ ହୋଇଛି। ମାତ୍ର ସର୍ବୋପରି ଦେଖାଯାଇଛି ଶରୀର ରୋଗାକ୍ରାନ୍ତ ହେବାର ଲକ୍ଷଣ/କାରଣ ଗୁଡ଼ିକ ମଧ୍ୟରେ ଅର୍ଥନୈତିକ ସମସ୍ୟା ଓ ଅଫିସର ଉପରିସ୍ଥ କର୍ମଚାରୀଙ୍କ ଲୋଲୁପ ଦୃଷ୍ଟି। ଏଥିରୁ ବର୍ତ୍ତିବାର ବାଟ ଖୋଜି ସେ ଆଜି ରୋଗାକ୍ରାନ୍ତ ଗୋଟିଏ ପଟରେ। ଆମ ସମାଜର ଅନେକ ଅମଲାତନ୍ତ୍ର ଓ ପଦସ୍ଥ କର୍ମଚାରୀ ଏହି ଧରଣର ଅଟନ୍ତି। ନାରୀଟିଏ ଏ କ୍ଷେତ୍ରରେ ନିରୂପାୟ ହୋଇଯାଏ। 'ସୁମିତ୍ରାର ହସ' ଗଳ୍ପରେ ଆଧୁନିକ କାଳରେ ନାରୀ ସ୍ୱାଧୀନତା ପାଇଥିଲେ ମଧ୍ୟ ସେ ନିଜର ସ୍ୱାଧୀନତାକୁ ଜାହିର କରିବାରେ ବିଫଳ ହେଉଛି। ଏପରିକି ଅନେକ ଦୁର୍ଦ୍ଦଶାର ସମ୍ମୁଖୀନ ହୋଇଥାଏ। ଯାହା କେବେବି ତାକୁ ପିଛା ଛାଡ଼ି ନ ଥାଏ। ପୂର୍ବରୁ ନାରୀ ପରାଧୀନତା ଥାଇ ଯେଉଁସବୁ ସମସ୍ୟା ଭୋଗୁଥିଲା ବର୍ତ୍ତମାନ ନାରୀ ସ୍ୱାଧୀନତା ପାଇ ମଧ୍ୟ ସେହିପରି ଦୁଃଖ, ଦୁର୍ଦ୍ଦଶା, ଯନ୍ତ୍ରଣା, ହତାଶ, ନୈରାଶ ଭୋଗ କରୁଛି। ସୁମିତ୍ରା ସେଦିନ ସହର ନିର୍ଜନ ପାର୍କରେ ବସି ହସରେ ଫାଟି ପଡୁଥିବା କଥା ସମସ୍ତେ ଦେଖିଥାଇ ପାରୁଥାନ୍ତି; ମାତ୍ର ପିତୃମାତୃହୀନ ହେବାପରେ ତାକୁ ଯେଉଁ ବିଷାଦ ଘାରି ଆସିଛି ହୁଏତ କେହି ଦେଖିପାରି ନଥିବେ। ପିତାମାତାଙ୍କୁ ହରାଇବା ପରେ ସୁମିତ୍ରା ପାଠପଢି ଚାକିରି କରିଥିଲେ ମଧ୍ୟ ତା'ର ଜୀବନରେ ଦୁଃଖ, ଦୁର୍ଦ୍ଦଶା, ଲୁହ ପିଛା ଛାଡ଼ିନି। ସେକ୍ରେଟେରିଏଟର ଲେଡ଼ି ଆସିଷ୍ଟାଣ୍ଟ ସୁମିତ୍ରା ସହରର ପାର୍କରେ ବସି କେବଳ ଅତୀତର ସ୍ମୃତି ଚାରଣ କରିଛି। ଯୁଦ୍ଧ ପରବର୍ତ୍ତୀକାଳୀନ ନାରୀ ଜୀବନରେ ଏକ ଏକ ବୁକୁଫଟା ବିଳାପ ସାଜିଛି।

'ରାନୁ ଅପାଠାରୁ ପୁଷି ପର୍ଯ୍ୟନ୍ତ 'ଗଳ୍ପରେ ନାରୀଟିଏ ହିଁ ସଂସାର ଗଢେ ପୁଣି ନାରୀଟିଏ ହିଁ ସଂସାର ଭାଙ୍ଗେ। ଗଢିବା ଭାଙ୍ଗିବା କ୍ଷମତା କେବଳ ନାରୀ ନିକଟରେ ରହିଛି। ଏହି ଗଳ୍ପରେ ଦୁଇଟି ସମସ୍ୟା ଉପୁଜିଛି ଗୋଟିଏ ହେଉଛି ସ୍ୱାମୀର ଅସହାୟତା ଯୋଗୁଁ ସ୍ତ୍ରୀ ନିଜର ସୁନ୍ଦର ପଣରେ ଅନ୍ୟ ପୁରୁଷମାନଙ୍କୁ ଆକୃଷ୍ଟ କରି ଅବୈଧ ସନ୍ତାନ ଜନ୍ମ କରିଛି। ସ୍ୱାମୀଟି ଦୁର୍ବଳ ଓ ଶ୍ୟାମଳ, ମାତ୍ର ସ୍ତ୍ରୀଟି ସୁନ୍ଦରପଣ ଯୋଗୁଁ ପରପୁରୁଷଙ୍କୁ ଆକୃଷ୍ଟ କରାଇ ନିଜର ଦେହର କ୍ଷୁଧା ମେଣ୍ଟାଉଛି। ଅନ୍ୟପଟରେ ଚାରି ଚାରିଟି ସନ୍ତାନର ମା' ଏହି କୁକର୍ମ ଯୋଗୁଁ ମୁଣ୍ଡଟେକି ବାଟ ଚାଲି ପାରୁ ନାହାନ୍ତି। ରାନୁ ସଙ୍କୋଚ ଥାଇ ମଧ୍ୟ ମାର ଘୃଣିତ କର୍ମ ପାଇଁ ସାରାଜୀବନ ଅବିବାହିତ ରହିଯାଇଛି। ବାକି ତିନି ଭଉଣୀ ପ୍ରେମକରି କେହି ସଫଳ ହୋଇପାରି ନାହାନ୍ତି। ବରଂ ସମସ୍ତେ ହୋଇଛନ୍ତି ପ୍ରତାରିତ। କଳଙ୍କରୁ ମୁକ୍ତ ହେବାପାଇଁ ଏକମାତ୍ର ଉପାୟ ହେଉଛି ଆତ୍ମହତ୍ୟା ବୋଲି ରାନୁ ତା'ର ଅନ୍ୟ ଭଉଣୀମାନଙ୍କୁ ସୂଚେଇ ଦେଇଛି, କାରଣ ତା' ମାଆ ମଧ୍ୟ ଆତ୍ମହତ୍ୟା କରିଛି, ଏହା ପୁଣି ଜିନ୍‌ଗତ ପ୍ରଭାବ। ରାନୁର ବାପା ନିଜ ସ୍ତ୍ରୀକୁ ଖୁସିରେ ରଖିବା ପାଇଁ ସର୍ବସ୍ୱ ଉତ୍ସର୍ଗ କରିଥିଲେ ମଧ୍ୟ ପାରିନାହାନ୍ତି। ତେଣୁ ଗଳ୍ପରେ କୁହାଯାଇଛି "ସୁନ୍ଦରୀ ଗୁଣବତୀ ମାଆର ମନକୁ ସନ୍ତୁଷ୍ଟ କରିବା ପାଇଁ ତାଙ୍କର ପିତା ଜୀବନଯାକ କମ ସାଧନା କରି ନାହାନ୍ତି। ତାଙ୍କର

ଉପାର୍ଜିତ ସମସ୍ତ ଧନ ସମ୍ପତ୍ତି ସେ ମାଆର ମନୋରଞ୍ଜନ ଲାଗି ଖର୍ଚ୍ଚକରି ସର୍ବସ୍ୱାନ୍ତ ହୋଇଛନ୍ତି। ମାତ୍ର ମାଆର ମନକୁ ଶେଷ ପର୍ଯ୍ୟନ୍ତ ପାଇ ନାହାନ୍ତି। ମା' ତାଙ୍କୁ ଶେଷ ପର୍ଯ୍ୟନ୍ତ ଠକି ଦେଇଛି ।"(ପୃଷ୍ଠା-୧୮ ) "ସୁନନ୍ଦାର ଲୁହରେ ନାରୀ ଜୀବନର ପୁଞ୍ଜିଭୂତ ଅସହାୟତା ଓ କାରୁଣ୍ୟର ଆଲେଖ୍ୟ ହେଉଛି ଏହି ଗଳ୍ପ। ଝିଅଟିଏ ଯେତେବେଳେ ନିଜ ପିତାମାତା ତଥା ଆତ୍ମୀୟ ସ୍ୱଜନଙ୍କୁ ହରାଇ ଏକାକିନୀ ହୋଇଯାଏ ସେତେବେଳେ ତା' ଜୀବନରେ ସୁଖ ବୋଲି ଆଉ କିଛି ନଥାଏ। ଏଠାରେ ମଧ୍ୟ ଠିକ୍ ଅନୁରୂପ ଭାବେ ସେହି ଦୃଶ୍ୟ ଘଟିଛି ସୁନନ୍ଦାର ଭାଗ୍ୟରେ। ରାଜନୈତିକ କର୍ମୀଙ୍କୁ ବିବାହ କରି ମଧ୍ୟ ତା' ଜୀବନରେ ଦୁଃଖର ଅବସାନ ଘଟିନାହିଁ। ଫକୀର ମୋହନଙ୍କ 'ରେବତୀ' ଗଳ୍ପରେ ରେବତୀର ଦୁଃଖର ଅବସାନ ନ ହେବାପରି ଏଠାରେ ସୁନନ୍ଦାର ମଧ୍ୟ ଦୁଃଖ ସରିନି। ଗାଳ୍ପିକଙ୍କ ଭାଷାରେ "ସଂକର୍ଷଣ ଥକ୍‌କା ହୋଇ କାନ୍ଥକୁ ଆଉଜି ବସି ରହିଲା। ଆଉ ଅନୁଭବ କଲା ତା'ର ପାଦ ଉପରେ ଗରମ ଗରମ ଲୁହର ବର୍ଷା।"(ସୁନନ୍ଦାର ଲୁହ, ପୃଷ୍ଠା -୧୪୭)

'ଚପଳା ରାୟର ଇତିକଥା' ଗଳ୍ପକୁ ପାଠକଲେ ମନେ ପକାଇ ଦିଏ ଗୋପୀନାଥ ମହାନ୍ତିଙ୍କ 'ରାହୁର ଛାୟା' ଓ ସୁରେନ୍ଦ୍ର ମହାନ୍ତିଙ୍କ 'ସହସ୍ର ଶଯ୍ୟାର ନାୟିକା' ଉପନ୍ୟାସ। ସତୀ ଓ ସିପ୍ରା ଜୀବନରେ ଯେମିତି ଅନେକ ପୁରୁଷ ଆସିଛନ୍ତି ସେମିତି ଚପଳାର ଜୀବନରେ ଅନେକ ପୁରୁଷ ଆସିଛନ୍ତି ନିଜ ନିଜର କାମନା ବାସନା ମେଣ୍ଟାଇ ପୁଣି ଚାଲି ଯାଇଛନ୍ତି। ପୁରୁଷ ଜାତି ଭ୍ରମର ଜାତି ଗୋଟିଏ ଫୁଲରୁ ଆଉ ଗୋଟିଏ ଫୁଲକୁ ଉଡ଼ିବୁଲନ୍ତି ମଧୁ ଶୋଷିବା ଆଶାରେ। ତେଣୁ ଚପଳା ଜୀବନର ପ୍ରତିଟି ମୁହୂର୍ତ୍ତରେ ଅନୁଭବ କରିଛି ସୀମାହୀନ ଅତୃପ୍ତି ଓ ଅବସାଦ। ପୁରୁଷଙ୍କୁ ସେଥିପାଇଁ ସମାଲୋଚନା କରି କୁହାଯାଇଛି ପୁରୁଷମାନେ ବାହା ହେବା ବେଳେ ଖୋଜନ୍ତି ସତୀତ୍ୱ କିନ୍ତୁ ପ୍ରେମରେ କେବେ ସତୀତ୍ୱ ମୁଣ୍ଡ ଖେଳାଏନି। 'କମଳୀର ପ୍ରେମ' ଗଳ୍ପରେ ନାରୀ ଜୀବନର ବ୍ୟର୍ଥତା ଓ ହତାଶା ସୂଚୀତ ହୋଇଛି। ଭଲ ପାଇବା ନିକଟରେ ସବୁ ତୁଚ୍ଛ ମନେକରୁଥିବା କମଳୀ ଦିନେ ଜାତି ଓ ସମାଜକୁ ଉପେକ୍ଷା କରିଛି। ଯେଉଁ ପୁରୁଷ ପାଇଁ ଏତେ ସବୁ କରିଛି କମଳୀ, ସେ ତାକୁ ଶେଷରେ କରିଛି ପ୍ରତାରିତ। କମଳୀ ଜୀବନରେ ବହୁ ପୁରୁଷର ସାନ୍ନିଧ ଲାଭ କରି ଅନ୍ତର ମାତୃତ୍ୱର କାମନାରେ ଆଲୋଡ଼ିତ ହୋଇଯାଇଛି। ତାର ସତୀତ୍ୱ ଲୁଣ୍ଠନ କରିଥିବା ପୁରୁଷମାନଙ୍କ ବିରୋଧରେ ସେ ଦୃଢ ପ୍ରତିବାଦ କରିଛି। ବିଧବା ନାରୀ ଜୀବନର ଆର୍ତ୍ତ ଓ ଅସହାୟତା ଭିତରେ କମଳୀର ବିଷାଦିତ ପ୍ରେମର ଚିତ୍ର ପ୍ରଦତ୍ତ। ବର୍ତ୍ତମାନ ସମାଜରେ ଏହିଭଳି ଅବସ୍ଥା ଭୋଗ କରୁଥିବା ନାରୀଙ୍କ ସଂଖ୍ୟା କିଛି କମ ନୁହେଁ।

'ଡାକ୍ତର ମୃଣାଳିନୀ'ରେ କୁହାଯାଇଛି ନାରୀ ହେଉଛି ଜନନୀ, ସଜନୀ, ଭଗିନୀ, ଗୃହିଣୀ, ପ୍ରେମିକା, ସେବିକା ସବୁକିଛି। ମାତ୍ର ସମୟେ ସମୟେ ଏପରି ଏକ ଏକ ପରିସ୍ଥିତି ଆସି ଜୁଟେ କୌଣସି ଭୂମିକାରେ ସେ ରହିପାରେ ନାହିଁ। ମୃଣାଳିନୀ ଚରିତ୍ରଟି ଦୁଃଖ, ଯନ୍ତ୍ରଣା ଓ କାରୁଣ୍ୟର ପ୍ରମୂର୍ତ୍ତ ଅଭିବ୍ୟକ୍ତି। ତା ଜୀବନ ମଧ୍ୟରେ ସେ ହର୍ଷବର୍ଦ୍ଧନ ଓ କଲେଜ ଛାତ୍ର ପ୍ରତି ତାଙ୍କର ସଂଗୁପ୍ତ ଆସକ୍ତି କୌଣସି ନିର୍ଦ୍ଦିଷ୍ଟ ସୀମାରେ ଉପନୀତ ହେବାକୁ ଦେଇ ନାହାନ୍ତି। କେବଳ ସେ ଅତୀତର ବିକଳ ବିଧୃତ ସ୍ମୃତିର ଧକ୍କାରେ ବାରମ୍ବାର କ୍ଷତବିକ୍ଷତ ହୋଇଛି। ତା' ଜୀବନରେ ଅସମାହିତ ଅସହାୟତା ଓ କାରୁଣ୍ୟର ପ୍ରତିରୂପ ଦେଖାଦେଇଛି। 'ଶେଷ ସନ୍ଧ୍ୟାର ପ୍ରଳାପ' ଜୀବନ ଅପରାହ୍ନରେ ପ୍ରତ୍ୟେକ ମଣିଷର ପ୍ରାଣ ନିଃସହାୟ ଓ କରୁଣ ବିଳାପ। ଉଦିତ ସୂର୍ଯ୍ୟ ଯେପରି ମଧ୍ୟାହ୍ନ ଦେଇ ଅସ୍ତ ଆଡ଼କୁ ଗତିକରେ ମାନବ ଜୀବନର ସମସ୍ତ ଆଶା, ଆକାଂକ୍ଷା, ସ୍ୱପ୍ନ ସେପରି ମଉଳି ଯାଏ। ଏହି ସୂର୍ଯ୍ୟର ଗତି ଭଳି ସମାନ ଘଟଣା ଘଟିଛି ଗଳ୍ପ ନାୟିକା ମଲ୍ଲୀବୁଢୀର ଜୀବନରେ। ତଥାପି ତା'ର ଡାକ୍ତର ଦୀନବନ୍ଧୁ ପ୍ରତି ସୃଷ୍ଟି ହୋଇଥିବା ଅନୁରାଗଟି ରାଧୁଆକୁ ଶୁଣାଇ ଜୀବନରେ କିଛି ସାନ୍ତ୍ୱନା ପାଇପାରିଛି। ଏହି ଗଳ୍ପରେ ନିଃସଙ୍ଗ ବୁଢୀର ବିଷାଦ ବୋଧ ହିଁ ଗଳ୍ପର ମୁଖ୍ୟ କଥାବସ୍ତୁ। ଏଠାରେ ଗୋଟିଏ ଶାରୀରିକ ପରିବେଶ ଓ ଅନ୍ୟଟି ସୂକ୍ଷ୍ମ ମାନସିକ ସ୍ଥିତି ବର୍ଣ୍ଣିତ ହୋଇଛି। 'ଭାର୍ଯ୍ୟା ଓ ଭଗାରିଜନିତ' ଗଳ୍ପରେ ଭାରତୀୟ ସମାଜରେ ବିବାହ ବନ୍ଧନରେ ବାନ୍ଧି ହେବାଟା ଏକ ପରମ୍ପରାଗତ ପ୍ରବାହ। ମାତ୍ର ବିବାହ ବନ୍ଧନରେ ବାନ୍ଧିହେବା ପରେ ମୂଳ ପରିବାରଠାରୁ ଦୂରେଇଇବାକୁ ଲାଗିଥାଏ। ଏପରିକି ଭାଇ ଭାଇ ମଧ୍ୟରେ ଶତ୍ରୁତା ସୃଷ୍ଟି ହୁଏ। ସମ୍ପର୍କ ଆଉ ମଧୁର ହୋଇ ରହେ ନାହିଁ। ସେ ଚାହେଁ କ୍ଷୁଦ୍ର ପରିବାର, କ୍ଷୁଦ୍ର ପରିବାର ସୁଖୀ ପରିବାର। ପୁରୁଷଟି ସ୍ତ୍ରୀ ଗ୍ରହଣ କରିବା ପରେ ଭାଇକୁ ଭଗାରୀ କରିଦିଏ। କାରଣ ସେ ସମୟରେ ତା ଆଗରେ ଦୁଇଟି ବାଟ ଆସି ଛିଡ଼ା ହୁଏ, ଗୋଟିଏ ସ୍ତ୍ରୀ ଅନ୍ୟଟି ଭାଇ ଓ ପରିବାର। ସେ ସିଧାସଳଖ ହୋଇ ରହିବାକୁ ବାଧ୍ୟ ହୁଏ, ଗାଳ୍ପିକଙ୍କ ଭାଷାରେ "ଗୁଡ଼ାଏ ଶାଖାପ୍ରଶାଖା ଡାଳପତ୍ର ଲମ୍ବାଇ ଝାମ୍ପୁରା ହୁଅ ନାହିଁ। ଯଥେଷ୍ଟ ଡେଙ୍ଗା ହୁଅ–ଗଗନ ସ୍ପର୍ଶୀ ଉଚ୍ଚତର ମହିମା ଅଲଗା। ଗୋଟାଏ ମଧ୍ୟମ ଧରଣର ରେଞ୍ଜ ହୁଅନା। ଗୋଟାଏ ନଭଶ୍ଚୁମ୍ବୀ ପିକ ହୁଅ।"(ପୃ-୧୯୩)

'ଚିତ ଆକାଶର ତାରା' ସଂସାରଟିଏ ଗଢିବା ପାଇଁ ହେଲେ ଉଭୟ ସ୍ୱାମୀ ଓ ସ୍ତ୍ରୀର ଆବଶ୍ୟକ ପଡ଼ିଥାଏ। ଦାଂପତ୍ୟ ଜୀବନରେ ଯଦି କିଏ ଅଧବାଟରୁ ଚାଲିଯାଏ /ମୃତ୍ୟୁବରଣ କରେ ତେବେ ସଂସାର ଆଉ ସୁଖୀ ହୋଇ ରହେନାହିଁ। ଚାରିଆଡ଼େ ଖେଳିଯାଏ ଏକ ବିଷାଦର ଛାୟା। ସ୍ୱାମୀକୁ ଛାଡ଼ି ସ୍ତ୍ରୀ ଚାଲିଗଲେ ସ୍ୱାମୀକୁ ସେତେଟା ପ୍ରଭାବ ପକାଇ ପାରି ନଥାଏ। ମାତ୍ର ସ୍ତ୍ରୀଟିଏ ବିଧବା ହେଲେ ସତେ ଯେପରି ତା ପାଇଁ ସବୁଦ୍ୱାର ବନ୍ଦ ହୋଇଯାଇଥାଏ। କିନ୍ତୁ ବେଳେବେଳେ ସ୍ତ୍ରୀ ମଧ୍ୟ ନିଜର ସ୍ୱେଚ୍ଛାଚାରିତା ଯୋଗୁଁ ଅବାଟକୁ ଆପଣେଇ ନିଏ। ନିଜର ଅସ୍ତିତ୍ୱକୁ ଭୁଲି ସେ ପରପୁରୁଷ ସଙ୍ଗେ ଦିନ ବିତାଏ। ଗଳ୍ପନାୟିକା ସୁନ୍ଦରୀ ନାନୀର ସ୍ୱାମୀ ଅକାଳ ମୃତ୍ୟୁ ପରେ ସେ ଅସତ ପଥକୁ ଖସିଯାଇ ଅନ୍ତଃସତ୍ତ୍ୱା ହୋଇଛି ଏବଂ ପରେ ଆତ୍ମଗ୍ଲାନିରେ ଆତ୍ମହତ୍ୟା କରିଛି। ଏହି ସୁନ୍ଦରୀ ନାନୀ ପରି ଅନେକ ନାରୀ ଆଜି ସମାଜରେ ଦେଖିବାକୁ ମିଳୁଛନ୍ତି। ଯେଉଁମାନେ କି ସମାଜକୁ ଏକ କଳଙ୍କିତ ଅଧ୍ୟାୟ ଆଡ଼କୁ ଟାଣି ନେଉଛନ୍ତି।

'ଅନ୍ୟ ପରିଚୟ' ଏହି ଗଳ୍ପରେ ଗାଳ୍ପିକ ଦେଖାଇଛନ୍ତି ଯେ ସମାଜ ଆଖିରେ ପତିପତ୍ନୀର ସମ୍ପର୍କ ଥିବା ଭଳି ମନେ ହେଉଥିଲେ ବି ବାସ୍ତବରେ ଅନେକଙ୍କ ମଧ୍ୟରେ ସେମିତି ଘନିଷ୍ଠ ସମ୍ପର୍କ ରହି ନଥାଏ। ଗଳ୍ପନାୟକ ଶଶିକାନ୍ତ ଓ ନାୟିକା ଅନୁରାଧା ପତିପତ୍ନୀ ହେଲେ ବି ସେମାନଙ୍କ ହୃଦୟର ସଂଗୁପ୍ତ ଭାବନା କେବେ ପ୍ରକାଶିତ ହୋଇପାରିନାହିଁ। ତେଣୁ ଗତାନୁଗତିକ ଜୀବନଚର୍ଯ୍ୟାରେ ଅତିଷ୍ଠ ହୋଇ ନିକଟବର୍ତ୍ତୀ ନିର୍ଜନ ସବୁଜ ଅରଣ୍ୟକୁ ଯାଇଛନ୍ତି ମନଖୋଲି କେତୋଟି ମୁହୂର୍ତ୍ତ ବିତାଇବାପାଇଁ। ମାତ୍ର ସେଠାରେ ମଧ୍ୟ ସେମାନେ ପରସ୍ପରକୁ ଆବିଷ୍କାର କରିଛନ୍ତି ଅବୋଧ ଭାବରେ। ଅଭିମାନ, ପ୍ରତ୍ୟାଶା, ଛଳନା, ଏସବୁ ଗୋଟିଏ ଗୋଟିଏ ଅପାରଗ, ଅପରିପକ୍ୱ ମିଜାଜର ପ୍ରତିକ୍ରିୟା ବୋଲି ସେମାନେ ଉପଲବ୍ଧି କରିପାରିଛନ୍ତି। 'ଗୋଟିଏ ଡାଏରୀର ଇତିକଥା' ଏହା ଏକ ଚମତ୍କାର କାହାଣୀ ଭିତ୍ତିକ ଗଳ୍ପ। ଗଳ୍ପ ନାୟକ ବିଦ୍ୟାଧର ବାବୁଙ୍କ ପିଲାଦିନରୁ ଡାଏରୀ ଲେଖିବାର ସଉକଟି କାହିଁକି ହଠାତ ବନ୍ଦ ହୁଏ ଏ ନେଇ ମନରେ ପ୍ରଶ୍ନବାଚୀ ସୃଷ୍ଟି ହୁଏ। ଜଣେ ଅଭିନେତ୍ରୀ ଚରିତ୍ରକୁ ନେଇ ଏ ସମାଜର ଲମ୍ପଟ ସୁନୀଲ ଚୌଧୁରୀ ଭଳି ବ୍ୟକ୍ତିମାନେ ଖେଳ ଖେଳନ୍ତି। ନାରୀର ଜୀବନ ତାଙ୍କ ପାଇଁ ଗୋଟିଏ କ୍ରୀଡ଼ନକ ସଦୃଶ। ପ୍ରତିଷ୍ଠାରେ ବିଫଳ, ଅନୁତପ୍ତ ଅଭିନେତ୍ରୀ ଶେଷରେ ଆତ୍ମହତ୍ୟାକୁ ହିଁ ଜୀବନର ଶ୍ରେୟ ମଣି ନେଇଛି। ଗଳ୍ପନାୟକ ଯାହାଙ୍କ ସହ ଦୀର୍ଘ ପାଞ୍ଚବର୍ଷ ସମ୍ପର୍କ ରଖି ଆସିଥିଲେ ସେହିଦିନର ଘଟଣା ପରଠାରୁ ସେ ଡାଏରୀ ଲେଖା ସଂପୂର୍ଣ୍ଣ ବନ୍ଦ କରିଦିଅନ୍ତି। ସେ କେବଳ ଏତିକି କହିଛନ୍ତି ଜୀବନ ସୁଖର ନୁହେଁ କି ଦୁଃଖର ନୁହେଁ, ପାପର ନୁହେଁ କି ପୂଣ୍ୟର ନୁହେଁ, ଜୀବନ କେବଳ ଜୀବନ। ଶତ୍ରୁପାଇଁ ନୁହେଁ କି ମିତ୍ରପାଇଁ ମଧ୍ୟ ନୁହେଁ, ଏହା କେବଳ ନିଜପାଇଁ। 'ଝରା ଶିଉଳିର କାହାଣୀ'ରେ ଗଳ୍ପନାୟିକା ରୁକ୍ମିଣୀର କରୁଣ କାହାଣୀ ବର୍ଣ୍ଣିତ। ଗଳ୍ପଟିର ବର୍ଣ୍ଣନା ହୋଇଛି ଆତ୍ମକଥନ ରୀତିରେ। କେଉଁ ଅପଦେବତାର ଅଭିସମ୍ପାତରେ ତା'ର ରୁଗ୍ଣ ସ୍ୱାମୀଟି ମୃତ୍ୟୁବରଣ କଲାପରେ ଝରା ଶିଉଳି ଭଳି ରୁକ୍ମିଣୀର ଜୀବନ ମଉଳିଯାଇଛି। ପ୍ରତ୍ୟେକ ନାରୀର ଯେପରି ସଂସାର କରିବାର ଇଚ୍ଛା ଥାଏ ରୁକ୍ମିଣୀର ମଧ୍ୟ ଇଚ୍ଛା ଅନୁରୂପ। ମାତ୍ର ଅଭିଶପ୍ତ ଜୀବନ ପରି ଯେଉଁ ଡାଳକୁ ଧରୁଛି ସେ ଡାଳ ସବୁ ଆପଣାଛାଏଁ ଭାଙ୍ଗି ଭାଙ୍ଗି ଯାଉଛି। ତା' ଦୁଃଖରେ ଗାଳ୍ପିକ ଏତେ ମର୍ମାହିତ ହୋଇଛନ୍ତି ଯେ "ରିଲିଫ କାର୍ଯ୍ୟସାରି ବହୁଗ୍ରାମ ବୁଲି ମୁଁ ପୁଣି ହେଡ଼ କ୍ୱାର୍ଟର୍ସକୁ ଫେରି ଆସିଲି। ମାତ୍ର ରୁକ୍ମିଣୀ କଥା ମୁଁ ଆଉ ଭୁଲି ପାରିଲି ନାହିଁ। ଅଧିକାଂଶ ସମୟରେ ରୁକ୍ମିଣୀର ଚିନ୍ତା ହିଁ ମୋର ମନକୁ ଅସ୍ଥିର କରି ପକାଇଲା ,ରୁକ୍ମିଣୀର ଘୃଣ୍ୟ ଆଚରଣରେ ମୁଁ ମର୍ମାହତ ହୋଇଛି ।"(ପୃ-୨୧୨)

'ସହଯାତ୍ରିଣୀର ଦୁଃଖ'ରେ ଶ୍ରୀକ୍ଷେତ୍ର ଗମନ କାଳରେ ଲେଖକ ଏକ ବୃଦ୍ଧ ସହିତ ଭେଟ ହୋଇ ତାର ଜୀବନର କରୁଣ କାହାଣୀକୁ ଶୁଣି ରଚନା କରିଛନ୍ତି ଏହି ଗଳ୍ପ। ନିଜର ଆତ୍ମୀୟ ସ୍ୱଜନଙ୍କ ଦ୍ୱାରା ପ୍ରତାରିତ ହୋଇଥିବା ବୃଦ୍ଧାଙ୍କ ଅସହାୟତା ବର୍ଣ୍ଣିତ। ଜୀବନର ଚଲାପଥରେ ନିଜକୁ ପ୍ରତିଷ୍ଠିତ କରିବାକୁ ହେଲେ ଅର୍ଥର ଆବଶ୍ୟକତା କେତେ ଜରୁରୀ ତାହା ଜଣାଇ ଦିଏ। ଅଭାବରେ/ଦାରିଦ୍ର୍ୟ କିପରି ମଣିଷକୁ ନିଷ୍ଠୁରଣ ଭାବେ ଆତ୍ମୀୟ ସ୍ୱଜନଙ୍କଠାରୁ ଦୂରେଇ ନେଇ ତାକୁ ଅଶ୍ରୁକରୁଣ କରି ଗଢିତୋଳେ ତାର ଏକ ଭାବଧର୍ମୀ ଏହି ଗଳ୍ପରେ ପ୍ରଦତ୍ତ। 'ସତୀବରର ଇତିବୃତ୍ତ' ଭାରତୀୟ ସଂସ୍କୃତିରେ ଅତି ପୁରାକାଳରୁ ପ୍ରକୃତିକୁ ପୂଜା କରାଯାଉଥିଲା। ବୃକ୍ଷଲତା, ଚନ୍ଦ୍ରସୂର୍ଯ୍ୟ, ଗ୍ରହନକ୍ଷତ୍ର ଆଦି ଥିଲେ ଉପାସ୍ୟ ଦେବତା। ଗଳ୍ପନାୟକ ଏଠାରେ ଏକ ବଟ ବୃକ୍ଷକୁ ମୁଖ୍ୟ ଚରିତ୍ର ହିସାବରେ ଚିତ୍ରଣ କରିଛନ୍ତି। ଯାହାକି ଆମ ପ୍ରାଚୀନ ସଂସ୍କୃତି ଓ ସଭ୍ୟତାର ମୂକସାକ୍ଷୀ। ତାହାରି ମୂଳରେ ଅତୀତର କେତେ ଅସୁମାରି ନାରୀ ସ୍ୱାମୀଙ୍କ ଚିତାଗ୍ନିରେ ଝାସ ଦେଇ ନିଜ ସତୀତ୍ୱର ପରାକାଷ୍ଠା ପ୍ରଦର୍ଶନ କରି ଯାଇଛନ୍ତି ତା'ର କଳନା ନାହିଁ। ଜମିଦାର ବଂଶର ଭ୍ରମରବର ରାୟଙ୍କ ପତ୍ନୀ କମଳ କୁମାରୀଙ୍କର ସ୍ୱାମୀଙ୍କ ଚିତାଗ୍ନିରେ ଝାସ ଦେବାର ପ୍ରସଙ୍ଗଟି ଆମ ପରମ୍ପରାର ନିଷ୍ଠୁର ଆଦର୍ଶକୁ ସ୍ମରଣ କରାଇଦିଏ। ଯାହା ଆମ ପରମ୍ପରା ଭିତରେ, ସୀତା, ସାବିତ୍ରୀ, ଶକୁନ୍ତଳା, ଦମୟନ୍ତୀ, ସତୀବ୍ରତ ନାରୀମାନଙ୍କର ପ୍ରସଙ୍ଗ ଉତ୍ଥାପିତ କରାଇଦିଏ। 'ବିଷ୍ଣୁମାୟା' ମଣିଷର ବଞ୍ଚି ରହିବା ପାଇଁ ଖାଦ୍ୟ,ବସ୍ତ୍ର,ବାସଗୃହ ଅତ୍ୟାବଶ୍ୟକ ସାମଗ୍ରୀ ରୂପରେ ପରିଚିତ ହେଉଥିଲେ ମଧ୍ୟ ସେ ଆଉ ଏକ ପିପାସାରୁ କେବେ ନିଜକୁ ମୁକ୍ତ କରିପାରେ ନାହିଁ ତାହା ଯୌନକ୍ଷୁଧା। ଏହି ଗଳ୍ପରେ ସାବିତ୍ରୀ, ତିଲୋତ୍ତମା ଓ ବିଷ୍ଣୁଙ୍କୁ ନେଇ ଏକ ତ୍ରିକୋଣୀୟ ପ୍ରେମ ଓ ତା'ର ପୃଷ୍ଠଭୂମିରେ ଚରିତ୍ରମାନଙ୍କର ମାନସିକ ଉଦବେଗଗର ଚିତ୍ର ପ୍ରଦତ୍ତ। ସାବିତ୍ରୀର ସ୍ୱାମୀ ଅନେକ ଦିନ ଧରି ବାହାରେ ରହିବା ଫଳରେ ତା'ର ସ୍ୱାଭାବିକ ନାରୀ ମନ ଘିଅପରି ତରଳି ଯାଇ ସତୀତ୍ୱର ପାହାଚରୁ ଖସି ଯାଇଛି। ସେ ଅନେକ ପୁରୁଷଙ୍କ ସହ ସାନ୍ନିଧ ଲାଭ କରି ସମାଜରେ ହୋଇଛି ଉପେକ୍ଷିତା। ଏପରିକି ବିଷ୍ଣୁ ମଧ୍ୟ ଅନ୍ୟ ଏକ ନାରୀକୁ ବିବାହ କରି ପରିତୃପ୍ତ ନୁହେଁ। 'ନଦୀ ଓ ନାରୀ' ନଦୀର ଗତିପଥକୁ କେବେହେଲେ ରୋକି ହୁଏ ନାହିଁ କି ନାରୀର ମନର ଭାବନାକୁ ମଧ୍ୟ ରୋକାଯାଇପାରେ ନାହିଁ। କାରଣ ନାରୀମନ କେବେହେଲେ ଶୂନ୍ୟ ହୋଇ ରହିପାରେ ନାହିଁ। ବେଳେବେଳେ ସେ ଏତେ ଭାବବିହ୍ୱଳ ହୋଇଯାଏ ଯେ ସୀମା ଲଙ୍ଘନ କରିବାକୁ ମଧ୍ୟ ପଛଘୁଞ୍ଚା ଦେଇନ ଥାଏ। ବେଗବତୀନଦୀ କୂଳ ଲଂଘିବା ପରି ନାରୀ ମଧ୍ୟ କୂଳ ଲଙ୍ଘେ। ଏହି ଗଳ୍ପରେ ପ୍ରେମକୁ ମାଧ୍ୟମ କରି ବନଜା ଗନ୍ତାୟତଙ୍କ ମାନସିକତା ବିଶ୍ଳେଷିତ। ନିଜ ସ୍ୱାମୀଙ୍କ ପ୍ରତିଷ୍ଠାର ଦୁର୍ଗରୁ ବାହାରି ଆସି ସେ ସ୍ୱେଚ୍ଛାଚାରିଣୀ ଜୀବନ ବିତାଇବାକୁ ଆଗ୍ରହୀ ହୋଇଛି। ଯେଉଁ ପ୍ରେମରେ ସ୍ୱର୍ଗୀୟ ପବିତ୍ରତା ନାହିଁ, ନାରୀର ଶାଶ୍ୱତୀ ଓ ପାବନୀ ମୂର୍ତ୍ତିର ପ୍ରତିଫଳନ ନାହିଁ; ଅଛି କେବଳ ଗୋଟିଏ ଯୌନ ପୀଡ଼ିତ ମାନସିକତାର ଅଶାନ୍ତ ଉଦବେଳନ ଓ ଅତୃପ୍ତି। ତେଣୁ ସେ ମୁକ୍ତ କଣ୍ଠରେ ପ୍ରକାଶ କରେ "ମୁଁ ସ୍ୱର୍ଗର ସୁରଧ୍ୱନି ନୁହେଁ, ମର୍ତ୍ତ୍ୟର ପାବନକାରିଣୀ ଗଙ୍ଗା ବି ନୁହେଁ। ମୁଁ ନିମ୍ନଗାମିନୀ ରସାତଳ ପ୍ରବାହିନୀ ପାତାଳମୁଖିନୀ ଏକ ସ୍ରୋତସ୍ୱିନୀ।"(ବିଷ୍ଣୁମାୟା, ନଦୀ ଓ ନାରୀ, ପୃଷ୍ଠା-୧୫୨ )

'ଜନୈକା ସୁନ୍ଦରୀ ସମ୍ପର୍କରେ' ନାରୀର ଅବଚେତନ ମନର ଈର୍ଷା, ଅସୂୟା ଓ ଅସହାୟତାର ମିଶ୍ରରୂପ ଏହି ଗଳ୍ପ।

ଗୋଟିଏ ନାରୀ ନିକଟରେ ଅନ୍ୟ ଗୋଟିଏ ନାରୀର ସୌନ୍ଦର୍ଯ୍ୟ ତା'ର ଈର୍ଷାର କାରଣ ଭାବରେ ନିରୂପିତ ହୋଇଥାଏ। କାରଣ ପୁରୁଷମାନେ ସୌଭାଗ୍ୟକୁ ନେଇ ଓ ନାରୀମାନେ ସୌନ୍ଦର୍ଯ୍ୟକୁ ନେଇ ପରସ୍ପରକୁ ଈର୍ଷା କରିଥାନ୍ତି। ପ୍ରତିବେଶିନୀ ଶ୍ରୀମତୀ ଚୌଧୁରୀଙ୍କ ପ୍ରତି ଆସକ୍ତ ହେବାପରେ ଗଳ୍ପନାୟକ ପତ୍ନୀଙ୍କର ଯେଉଁ ମାନସିକ ପ୍ରତିକ୍ରିୟା ଦେଖାଯାଇଛି ତାହା ହିଁ ଗଳ୍ପଟିର କଥାବସ୍ତୁ ଭାବରେ ବର୍ଣ୍ଣିତ। ଜଣେ ଅନ୍ୟ ଜଣଙ୍କ ପ୍ରଶଂସାକୁ କେବେହେଲେ ସହ୍ୟ କରିପାରେ ନାହିଁ। ସମସ୍ତେ ନିଜ ନିଜର ପ୍ରଶଂସା ଶୁଣିବାକୁ ଭଲପାନ୍ତି ନିନ୍ଦା ନୁହେଁ। 'ଅସ୍ତ ସୂର୍ଯ୍ୟର ରଙ୍ଗ' ଏହି ଗଳ୍ପରେ ଡକ୍ଟର ମନୋରାମାଙ୍କ ଅବଚେତନ ମନର ଅସହାୟତା ଓ ଆଲୋଡ଼ିତ ଚିତ୍ର ଦେଖାଯାଇଛି। ଚିରକୁମାରୀ ମନୋରମା ନାରୀର ସହଜାତ ପ୍ରବୃତ୍ତି ନେଇ ଶୁଭେନ୍ଦୁ ଚୌଧୁରୀ ଓ କମଳ ମିଶ୍ରଙ୍କ ଭଳି ବହୁପୁରୁଷଙ୍କ ପ୍ରତି ଆସକ୍ତ ହୋଇଛି। ମାତ୍ର ମାତୃତ୍ୱ କାମନାର ଯେଉଁ ସୂକ୍ଷ୍ମ ଅବବୋଧଟି ତାଙ୍କ ମାନସିକତାକୁ ଆଚ୍ଛନ୍ନ କରି ବସିଛି ତାର ପ୍ରତିକ୍ରିୟାରେ ସେ ଅନ୍ୟଜଣେ ନାରୀର ପ୍ରସୂତି ଯନ୍ତ୍ରଣାକୁ ନିଜ ଭିତରେ ଅନୁଭବ କରିବା ବିଚିତ୍ର ଘଟଣା ନୁହେଁ। ବୈଷ୍ଣବୀ ମାତାଙ୍କର ଅବୈଧ ସନ୍ତାନକୁ ଉଦାର ମୁକ୍ତ କରିବାକୁ ଯାଇ ଡାକ୍ତର ମନୋରମା ତାର ଯନ୍ତ୍ରଣାକୁ ନିଜ ଭିତରେ ହୃଦୟଙ୍ଗମ କରିଛି। 'ଧରିତ୍ରୀର ସ୍ୱପ୍ନ' ଏକ ବ୍ୟଙ୍ଗାତ୍ମକ ଗଳ୍ପ। ଏଥିରେ ତିନିଜଣ ନାରୀଙ୍କ ମନର କଥାକୁ ବ୍ୟକ୍ତ କରାଯାଇଛି। ଏମାନେ ସମସ୍ତେ ଗୋଟିଏ ସ୍କୁଲର ଶିକ୍ଷୟତ୍ରୀ। ଧରିତ୍ରୀ ଦେବୀଙ୍କ ଅବଚେତନ ମନର ଅନ୍ଧାରି ଗୁହାରେ ଅବରୋଧ ଥିବା ଭାବରାଜିର ଉତ୍ତୋଳନ ଚିତ୍ର ପ୍ରଦତ୍ତ। ଧରିତ୍ରୀ ସ୍ୱପ୍ନରେ ବୁଡ଼ିରହି ଦେଖେ ତାର ଅତୀତ ଜୀବନର କରୁଣ ଅସହାୟତା ଓ ମୋହଭଙ୍ଗର ଭାବରୂପ। ସେ ନିଜକୁ ଯେତେ ଖାପଖୁଆଇ ଚଳିବାକୁ ଚେଷ୍ଟିତ ହେଲେ ମଧ୍ୟ କୌଣସି ଏକ ଦୁର୍ବଳ ମୁହୂର୍ତ୍ତରେ ତାର ଅସହାୟତା ଫୁଟି ଉଠେ ଖୁବ ନିଃସଙ୍ଗ ଭାବରେ। ସେ ସ୍ୱପ୍ନରେ ଦେଖେ ଭଙ୍ଗା ପୋଲ। ଠ କଠକ ଡେଉଁ ଥିବା ଗୋଟିଏ ସାପର କଟାମୁଣ୍ଡ, ହୁତ ହୁତ ହୋଇ ଜଳୁଥିବା ଗୋଟିଏ ଉଡ଼ନ୍ତା ଢେଙ୍କି ଏବଂ ଆହୁରି ଅନେକ କିଛି। କେବଳ ସ୍ୱପ୍ନ ହିଁ ଏସବୁ ଅସଂଲଗ୍ନ ଘଟଣାଗୁଡ଼ିକୁ ଏକାଠି ଯୋଡ଼ି ଦେଇପାରେ। 'ନିବେଦିତାର ନୈଶାଭିସାର' ଏହା ନିବେଦିତାର କ୍ଳାନ୍ତି ଅବସାଦ ଓ ମାନସିକ ଉତ୍ପୀଡ଼ନ ହିଁ ଗଳ୍ପଟିର ଭାବବସ୍ତୁ ଭାବରେ ପ୍ରତିପନ୍ନ ହୋଇଛି। ଯାହା ସଂପୂର୍ଣ୍ଣ ରୂପେ ପଶ୍ଚାତପଟ୍ଟ ଦୃଶ୍ୟ ଶୈଳୀରେ ରଚିତ ହୋଇଛି। ଏଠାରେ ଯେଉଁ ନିବେଦିତା କଥା କୁହାଯାଇଛି ସେ ଦେଶ ସେବାପାଇଁ ଉତ୍ସର୍ଗୀକୃତ କରିଥିବା ନିବେଦିତା ନୁହଁନ୍ତି। ଏ ନିବେଦିତା ହେଉଛନ୍ତି ପ୍ରଗଳଭା ନାରୀଟିଏ ଯିଏକି ଅଭିସାରିକା ଓ ସନ୍ତାନ ସୃଷ୍ଟିର ସମ୍ଭାବନାରୁ ବଞ୍ଚିତା। ଓଡ଼ିଶାଠାରୁ ବହୁ ଦୂରରେ ରହି କୌଣସି ଏକ ନିର୍ଜନ ବଙ୍ଗଳାରୁ ଏକ ଅଜ୍ଞାତ ନିରୁଦ୍ଦିଷ୍ଟ ପୁରୁଷ ପାଖକୁ ଚିଠି ଲେଖିବା ଯେତିକି ପ୍ରଗଳଭା କରିଛି, ସମପରିମାଣରେ ପାଠକ ମନରେ ଉନ୍ମାଦନା ମଧ୍ୟ ସୃଷ୍ଟି କରିଛି।

'ଅହଲ୍ୟାଦେବୀଙ୍କ ପ୍ରେମ ସମାଧି'ରେ ଅହଲ୍ୟା ଦେବୀଙ୍କ ବିଗତ ଦିନର ଘଟଣାଗୁଡ଼ିକ ମନେପକାଇ ରଚନା କରିବା। ପଚାଶ ବର୍ଷର ପ୍ରୌଢ଼ା ଅହଲ୍ୟା ଦେବୀଙ୍କ ମନ ଗଗନର ସ୍ମୃତିରେ ଭସାମେଘଗୁଡ଼ିକ ଭାସି ଚାଲିଛି ଏବଂ ସେଗୁଡ଼ିକ ତାଙ୍କର ସମଗ୍ର ମାନସିକତାକୁ ଆଚ୍ଛାଦିତ କରି ରଖିଛି। ଶ୍ରୀକାନ୍ତ ଚୌଧୁରୀଙ୍କ ସହିତ ଥିବା ବିଫଳ ପ୍ରେମର କରୁଣ ସ୍ମୃତି ତାଙ୍କ ମାନସିକତାକୁ ଆଲୋଡ଼ିତ କରିଛି। ଖାଲି ନୀରବ ଅଶ୍ରୁପାତ ଓ ଅତୀତର ମୃତ ସମ୍ପର୍କର ସମାଧି ଉପରେ ଆବେଗର ଫୁଲ ଚଢାଇବାର ନୀରସ ଉପଚାର। 'ଶ୍ରୀମତୀ ରାୟସିଂହ'ରେ ବସ୍ତୁବାଦୀ ପ୍ରାଚୁର୍ଯ୍ୟ ଓ ପ୍ରତିଷ୍ଠା ଭିତରେ ବୁଡ଼ିରହି ରୁଦ୍ଧଶ୍ୱାସ ହୋଇପଡୁଥିବା ଜଣେ ନାରୀର ମନସ୍ତାତ୍ତ୍ୱିକ ବିଶ୍ଳେଷଣ କରାଯାଇଛି। ଗତାନୁଗତିକ ମପାଚୁପା ଓ ଯାନ୍ତ୍ରିକ ଜୀବନ ଶ୍ରୀମତୀ ରାୟସିଂହକୁ ଅସ୍ୱସ୍ତିକର କରିଦେଇଚି ସେଥିରୁ ସେ ଚାହିଛନ୍ତି ମୁକ୍ତି। ମାତ୍ର ଏକ ମୁକ୍ତ ଆଳାପର ମାନସିକତା ନେଇ ସେ ନିଜକୁ ପଡ଼ୋଶୀ କବି ପତ୍ନୀଙ୍କ ପାଖରେ ପ୍ରକାଶ କରି ଆଶ୍ୱସ୍ତି ଅନୁଭବ କରନ୍ତି । ସାଂପ୍ରତିକ ସମୟର ଅନେକ ଧନିକ ଗୋଷ୍ଠୀର ନାରୀଙ୍କ ପାଖରେ ସବୁ ଥିଲେ ମଧ୍ୟ ସେମାନେ ସଦା ସର୍ବଦା ଏଇମିତି ଅନ୍ଧାରି ଗୁହାରେ ବୁଡ଼ିରହି ଦିନ କାଟୁଛନ୍ତି। ମନର ଭାବନାକୁ ଆଉ କାହା ଆଗରେ ବ୍ୟକ୍ତ କରିବାକୁ ସମୟ ନାହିଁ। ଘରର ଚାରିକାନ୍ଥ ଆବଦ୍ଧ ମଧ୍ୟରେ ଦିନ କାଟୁଛନ୍ତି। ସେମାନେ ନିଜକୁ ଅସହାୟ ମନେ କରିବା ସ୍ୱାଭାବିକ। 'ଡକ୍ଟର ନିହାରିକା ଦାସ ସମୀପେଷୁ' ନିହାରିକା ଓ ବିନୋଦର ମାନସିକ ପ୍ରତିକ୍ରିୟାକୁ ନେଇ ରଚିତ। ବିଗତ ତିରିଶ ବର୍ଷର ବିଫଳ ପ୍ରଣୟ ସ୍ମୃତିକୁ ନେଇ ଖୁବ୍ ଆବେଗମୁଖର ଦେଖାଦେଇଛି ଉଭୟଙ୍କ ମଧ୍ୟରେ। ଯଦିଓ ଜୀବନ ଅପରାହ୍ନରେ ସେ ପ୍ରେମ ମଳିନ, ରଙ୍ଗହୀନ, ତଥାପି ସେଇ ସକଳ ସ୍ମୃତିର ବନ୍ଧନରୁ ସେମାନେ ମୁକ୍ତ ହୋଇପାରିନାହାନ୍ତି। ଅତୀତରେ ଯାହା ସତ୍ୟ ଥିଲା ତାହା ହୁଏତ ଆଜି ପ୍ରଳାପ ଭଳି ମନେହେବ। ମାତ୍ର ସେହି ପ୍ରଳାପ ହିଁ ବଞ୍ଚିବାର ପାଥେୟ ଓ ଜୀବନର ପାଦଟୀକା ଭାବରେ ଗୃହୀତ ହୋଇଛି। ଗଳ୍ପରେ କୁହାଯାଇଛି "ଜୀବନର ସତ୍ୟକୁ କେହି ପ୍ରକାଶ କରି ପାରେନା। ମୋର ଦୃଢ ଧାରଣ ଯାହା ସତ୍ୟ ତାକୁ ପ୍ରକାଶ କରି ବସିଲେ ତାହା ଏହିପରି ଏକ ପ୍ରଳାପ ଶୁଭିବ। "(ନିବେଦିତାର ନୈଶାଭିସାର, ପୃଷ୍ଠା-୯୦ ) 'ଦୁଇ ଭର୍ତ୍ତୁକାର ବିଳାପ' ଚାକିରି କରି ଅର୍ଥ ଉପାର୍ଜନ କରୁଥିବା ଡଲିଦେବୀ କ୍ରମଶଃ ପରିବାର ମଧ୍ୟରେ ସ୍ୱାମୀଙ୍କ ସେବା ଓ କର୍ତ୍ତବ୍ୟବୋଧରୁ ବଞ୍ଚିତା ହୋଇ ମାନସିକ ଅସ୍ଥିରତା ଅନୁଭବ କରିଛନ୍ତି। ଭାରତବର୍ଷରେ ସ୍ୱାଧୀନତାପ୍ରାପ୍ତି ପରେ ନୂଆ ହୋଇ ଗଢି ଉଠିଥିବା ସମାଜରେ ନାରୀମାନେ ଚାକିରି କରି ପରିବାରର ଅର୍ଥନୈତିକ ବ୍ୟବସ୍ଥାକୁ ସୁଦୃଢ କରୁଥିଲେ ମଧ୍ୟ ପାରମ୍ପରିକ ହିନ୍ଦୁ ନାରୀର ଆଦର୍ଶବୋଧ କିପରି ଅପସୃତ ଓ ଅପାଂକ୍ତେୟ ହୋଇ ପଡ଼ିରହେ ତାର ଏକ ମାର୍ମିକ ଚିତ୍ର ପ୍ରତିପାଦିତ ହୋଇଛି।

........................................................................

**ଉପସଂହାର**: ନାରୀଟିଏ ବାହାରକୁ ଯେମିତି ସହଜ ସରଳ ମନା ଦେଖାଯାଉଥାଏ ପ୍ରକୃତରେ ସେ ସେପରି ହୋଇ ନ ଥାଏ।ତାର ମାନସ ପଟ୍ଟରେ ଅନେକ ଭାବନା ଉଙ୍କି ମାରୁଥାଏ। କେତେବେଳେ ତାହା ପ୍ରକାଶ କରି ପାରିଥାଏ ତ ପୁଣି ଆଉ କେତେବେଳେ ତାହା ଅସମାହିତ ହୋଇ ହୋଇ

ରହିଥାଏ। ଏଠାରେ ଗାଳ୍ପିକ ଗଣ ବିଭିନ୍ନ ପ୍ରକାର ନାରୀମାନଙ୍କ ଅନ୍ଧାରୀ ଗୁହାର ମନକୁ ଉଦଘାଟିତ କରି ସେମାନଙ୍କ ସ୍ୱରୂପ ଦେଖାଇବାକୁ ଚେଷ୍ଟିତ। ନାରୀ କେତେବେଳେ ଅସହାୟିନୀ ହୋଇଛି ତ ପୁଣି କେବେ ସେ ଉଗ୍ର ରୂପ ଧାରିଣୀ ହୋଇଛି। ସେମାନଙ୍କ ମନ ମଧ୍ୟରେ ଥିବା ଭାବନାକୁ ଉଦଘାଟିତ କରିବା ସବୁ ସମୟରେ ସମ୍ଭବପର ହୋଇ ପାରେ ନାହିଁ। ଆହୁରି ମଧ୍ୟ ଦେଖା ଯାଇଛି ଆଜି ନାରୀ ସମାଜରେ ଯେଭଳି ନିର୍ଯ୍ୟାତିତ ଅସହାୟତାବୋଧ ପ୍ରକଟିତ ସେଥିପାଇଁ ପୁରୁଷ ଦାୟୀ ନୁହେଁ ବରଂ ନାରୀ ହିଁ ନାରୀର ପ୍ରଧାନ ଶତ୍ରୁ ହୋଇଥାଏ।

## ସହାୟକ ଗ୍ରନ୍ଥସୂଚୀ:


୧) ଖୁଣ୍ଟିଆ, ବ୍ରହ୍ମାନନ୍ଦ। ୨୦୧୯। ସ୍ୱାଧୀନତା ପରବର୍ତ୍ତୀ ପ୍ରମୁଖ ଗଳ୍ପ ସ୍ରଷ୍ଟା ନବଦିଗନ୍ତ। ୨ୟ ସଂସ୍କରଣ। କଟକ: ବିନୋଦବିହାରୀ।

୨) ପଟ୍ଟନାୟକ, ପଠାଣି। ୨୦୧୩। ମହାପାତ୍ର ନୀଳମଣି ସାହୁ: ସୃଷ୍ଟି ମାନସ। କଟକ: ଓଡ଼ିଶା ବୁକ୍ ଷ୍ଟୋର୍।

୩) ପଟ୍ଟନାୟକ, ବିଭୂତି। ୨୦୧୦। ସାହିତ୍ୟର ସୂଚୀପତ୍ର। ୮ମ ସଂସ୍କରଣ। କଟକ: ନାଳନ୍ଦା ବିନୋଦବିହାରୀ।

୪) ପ୍ରଧାନ, ଜ୍ୟୋତ୍ସ୍ନାମୟୀ। ୨୦୨୩। ସାହିତ୍ୟ ତତ୍ତ୍ୱ: ପ୍ରାଚ୍ୟ ଓ ପାଶ୍ଚାତ୍ୟ। ୧୨ଶ ସଂସ୍କରଣ। କଟକ: ଫ୍ରେଣ୍ଡସ୍ ପବ୍ଲିଶର୍ସ, ବିନୋଦବିହାରୀ।

୫) ସାହୁ, ମହାପାତ୍ର ନୀଳମଣି। ୧୯୬୨। ବିଷ୍ଣୁମାୟା। ୧ମ ସଂଖ୍ୟା। କଟକ: ଗ୍ରନ୍ଥମନ୍ଦିର।

୬) ସାହୁ, ମହାପାତ୍ର ନୀଳମଣି। ୧୯୯୦। ସୁମିତ୍ରାର ହସ। ୫ମ ସଂଖ୍ୟା। କଟକ: ଫ୍ରେଣ୍ଡସ୍ ପବ୍ଲିଶର୍ସ।

୭) ସାହୁ, ମହାପାତ୍ର ନୀଳମଣି। ୧୯୯୫। ପିଙ୍ଗଳା ସେ ଅନ୍ୟ ଜଣେ। ୧ମ ସଂଖ୍ୟା। କଟକ: ଅଗ୍ରଦୂତ।

୮) ସାହୁ, ମହାପାତ୍ର ନୀଳମଣି। ୧୯୮୩। ରାନୁ ଅପାଠାରୁ ପୁଷି ପର୍ଯ୍ୟନ୍ତ। ୧ମ ସଂଖ୍ୟା। କଟକ: ଓଡ଼ିଶା ବୁକ୍ ଷ୍ଟୋର୍।

୯) ସାହୁ, ମହାପାତ୍ର ନୀଳମଣି। ୧୯୮୪। ନିବେଦିତାର ନୈଶଭିଶାର। ୧ମ ସଂଖ୍ୟା। କଟକ: ଷ୍ଟୁଡ଼େଣ୍ଟ ଷ୍ଟୋର।

୧୦) ସାହୁ, ମହାପାତ୍ର ନୀଳମଣି। ୧୯୮୯। ଆକାଶ ପାତାଳ। ୩ୟ ସଂଖ୍ୟା। କଟକ: ଓଡ଼ିଶା ବୁକ୍ ଷ୍ଟୋର୍।

୧୧) ସାହୁ, ମହାପାତ୍ର ନୀଳମଣି। ୧୯୯୦। ସୁନନ୍ଦାର ଲୁହ। ୫ମ ସଂଖ୍ୟା। କଟକ: ଫ୍ରେଣ୍ଡସ୍ ପବ୍ଲିଶର୍ସ।



### Funding
No funding was received for conducting this study.

### Does this article screened for similarity?
Yes

### Conflict of interest
The Author has no conflicts of interest to declare that they are relevant to the content of this article.



### About the Licenses
© **Sakuntala Mirdha, Kishor Chandra Mahanta 2025**. The text of this article is open access and licensed under a Creative Commons Attribution 4.0 International License



### Cite this Article :
Mirdha, Sakuntala, Mahanta, Kishor Chandra, "*Odia Kshudragalpa Dharaare Nari Manastatwa O Mahapatra Nilamani Sahu*", Bageesha, Vol. No. 03, Issue No.02, March-April 2025, Article No: BM2025/02-A004| Page- 27-34| DOI: https://doi.org/10.70541/BAGEESHA/2025030204

BAGEESHA
ବାଗୀଶ
ତୃତୀୟ ବର୍ଷ, ଦ୍ୱିତୀୟ ସଂଖ୍ୟା | ମାର୍ଚ୍ଚ - ଅପ୍ରେଲ୍ ୨୦୨୫
Volume No. 03 | Issue No. 02 | Mar-Apr 2025
Refereed Peer-Reviewed Journal
ISSN: 3107-4294 (PRINT) | 2583-9543 (ONLINE)

# ଓଡ଼ିଶାରେ ଗୋପାଳମାନଙ୍କ ଦୋଳଯାତ୍ରା

**ସିପୁନ ଭୂତିଆ**

ଗବେଷକ, ସଂସ୍କୃତି ଅଧ୍ୟୟନ ବିଭାଗ, ପ୍ରାଚୀନ, ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର

RECEIVED : 05 FEB 2025
ACCEPTED : 25 APR 2025
REVISED : 30 APR 2025
PUBLISHED: 10 MAY 2025

ARTICLE QR CODE

**ଗବେଷଣାତ୍ମକ ନିବନ୍ଧର ସମୀକ୍ଷକ:**
ଡ. ଗୋପୀନାଥ ବାଗ
ସହକାରୀ ପ୍ରଫେସର, ଓଡ଼ିଆ ବିଭାଗ,
ସମ୍ବଲପୁର ବିଶ୍ୱବିଦ୍ୟାଳୟ, ଜ୍ୟୋତି ବିହାର, ବୁର୍ଲା

DOI:10.70541/BAGEESHA/2025030205

Article No. BM2025/02-A005
Categary : Research Article
Journal Home Page: https://bageesha.in
Support: editor.bageesha@gmail.com

BM2025/02-A005

ABSTRACT

## ସାରାଂଶ

ଦୋଳ ହେଉଛି ଗୋପାଳ ଜାତିର କୌଳିକ ଉତ୍ସବ। ଏହି ଉତ୍ସବ ଏକାଦଶୀ ଶତାବ୍ଦୀ ପୂର୍ବରୁ ପାଳିତ ହେଇ ଆସୁଛି ବୋଲି ପ୍ରମାଣ ମିଳେ। ଓଡ଼ିଶାରେ ପାଳିତ ହେଉଥିବା ବିଭିନ୍ନ ଉତ୍ସବମାନଙ୍କ ଭିତରୁ ଦୋଳଯାତ୍ରା ସ୍ୱତନ୍ତ୍ର। ଏହା କେବଳ ଓଡ଼ିଶା ନୁହେଁ ଭାରତର ଉତ୍ତର ପ୍ରଦେଶ, ମଧ୍ୟପ୍ରଦେଶ, ହରିଆଣା, ଗୁଜୁରାଟ, ରାଜସ୍ଥାନ, ବିହାର ଆଦି ରାଜ୍ୟରେ ମହାସମାରୋହରେ ପାଳିତ ହୁଏ। ବିଶେଷ ଭାବରେ ରାଧାକୃଷ୍ଣଙ୍କୁ କେନ୍ଦ୍ରକରି ପାଳିତ ହେଉଥିବା ଉତ୍ସବଗୁଡ଼ିକ ଭିତରେ ଦୋଳଯାତ୍ରା ଶ୍ରେଷ୍ଠ। ଦୋଳର ପୂଜାବିଧି, ଲଉଡ଼ି ଖେଳ, ହୋଲିର ମହତ୍ତ୍ୱ ଏବଂ ସାମ୍ପ୍ରତିକ ସମୟରେ ଦୋଳପର୍ବରେ ଦେଖାଯାଉଥିବା ବିଭିନ୍ନ ସମସ୍ୟାଗୁଡ଼ିକୁ ଦେଖେଇବା ସହ ଏକ ଅବଧାରଣା ସୃଷ୍ଟି କରିବା ଏହି ପ୍ରବନ୍ଧର ଆଭିମୁଖ୍ୟ।

ମୂଳଶବ୍ଦ: ଦୋଳଯାତ୍ରା, ଗୋପାଳ ଜାତି, ଦୋଳର ପୂଜାବିଧି, ଲଉଡ଼ି ଖେଳ, କୌଳିକ ଉତ୍ସବ।

**ଉପକ୍ରମ:** ଦୋଳଯାତ୍ରା ଓଡ଼ିଶାରେ ଗୋପାଳମାନଙ୍କର ଏକ ଜାତୀୟ ଉତ୍ସବ। ସେମାନେ ଫଗୁଣ ପୂର୍ଣ୍ଣମୀ ଦିନ ତାଙ୍କ ଆରାଧ୍ୟ ରାଧାକୃଷ୍ଣଙ୍କୁ ଦୋଳ ମଣ୍ଡପରେ ଝୁଲାନ୍ତି। ମନରୁ ସମସ୍ତ ପ୍ରକାରର ଭେଦଭାବକୁ ଦୂରେଇ ଦେଇ ରଙ୍ଗ ଅବିରକୁ ଦେହରେ ଲଗାନ୍ତି। ଏହାଦ୍ୱାରା ଭାଇଚାରା ସୃଷ୍ଟି ହୁଏ। ଅବିର ଦ୍ୱାରା ବସନ୍ତ, ହାଡ଼ଫୁଟି ଭଳି ମହାମାରୀ ରୋଗ ମଧ୍ୟ ଭଲ ହୁଏ। ଦୋଳପର୍ବ ଫଗୁଣ ପୂର୍ଣ୍ଣମୀଠାରୁ ଆରମ୍ଭ ହୋଇ ପାଞ୍ଚଦିନ ଧରି ଚାଲେ। ସ୍ଥାନ ବିଶେଷରେ ଦଶଦିନ ପର୍ଯ୍ୟନ୍ତ ଚାଲେ। ଏହାକୁ ଦଶଦୋଳ କୁହାଯାଏ। ସ୍କନ୍ଦ ପୁରାଣ ଅନୁସାରେ ଏହା ତିନିରୁ ପାଞ୍ଚଦିନ ଧରି ପାଳିତ ହୁଏ।[1] ଦୋଳର ଆଭିଧାନିକ ଅର୍ଥ ହେଉଛି 'ଝୁଲା' ବା ଦୋଳି। ଦୋଳ ମଣ୍ଡପରେ ରାଧାକୃଷ୍ଣଙ୍କ ଯୁଗଳ ମୂର୍ତ୍ତିକୁ ଭକ୍ତମାନେ ଭକ୍ତିରେ ଝୁଲେଇ ଥାଆନ୍ତି। ସନ୍ଥକବି ଅଚ୍ୟୁତାନନ୍ଦଙ୍କ ମତରେ ଏହା ଫଗୁଣ ମାସର ଶୁକ୍ଳପକ୍ଷ ପୂର୍ଣ୍ଣମୀ ତିଥି ପୂର୍ବା ଫାଲଗୁନୀ ନକ୍ଷତ୍ରରେ ପାଳିତ ହୋଇଥାଏ।[2] ଏଥିରେ ପର୍ଯ୍ୟାୟକ୍ରମେ ଦୋଳର ଉତ୍ପତ୍ତି, ଗୋଠପୂଜା, ଚାଚେରୀ ଲୀଳା, ଲଉଡ଼ି ଖେଳ, ହୋଲି ବିଷୟରେ ଆଲୋଚନା କରାଯାଇଛି।

**ବିଷୟର ଆଲୋଚନା:** ସାଧାରଣ କେଉଁ ଆବାହମାନ କାଳରୁ ଦୋଳଯାତ୍ରାର ପରମ୍ପରା ପ୍ରଚଳିତ ତାହା କହିବା ସମ୍ଭବ ନୁହଁ। କାରଣ ସଭ୍ୟତାର ଦ୍ୱିତୀୟ ପର୍ଯ୍ୟାୟରେ ଯାଯାବର ଗୋପାଳ ଗୋଷ୍ଠୀ ଗୋପାଳନ କରୁଥିଲେ। ଜଙ୍ଗଲରେ ଶ୍ରମ ଲାଘବ ଓ ସମୟ ବିତେଇବା ପାଇଁ ବାଡ଼ି ବା ଲାଠି ସାହାଯ୍ୟରେ ବିଭିନ୍ନ ପ୍ରକାର ଖେଳକୁଦ କରୁଥଲେ, ଯାହା ପରବର୍ତ୍ତୀ ସମୟରେ ଲଉଡ଼ି ଖେଳ ବା ଦୋଳ ଉତ୍ସବର ରୂପ ପାଇଛି।

ପ୍ରଥମେ ଏହା ବସନ୍ତୋତ୍ସବ ବା ମଦନୋତ୍ସବ ଭାବରେ ପାଳିତ ହେଉଥିବାର ଜଣାଯାଏ। କାରଣ ମଣିଷ ପ୍ରାଥମିକ ଅବସ୍ଥାରେ ପ୍ରକୃତିକୁ ହିଁ ପୂଜା କରୁଥିଲା। ପ୍ରକୃତିର ଶ୍ରେଷ୍ଠ ସମୟ ବସନ୍ତ ଋତୁ ହୋଇଥିବାରୁ ବସନ୍ତକୁ ସ୍ୱାଗତ କରିବା ପାଇଁ ଭାରତର ବିଭିନ୍ନ ପ୍ରାନ୍ତରେ ଏହି ଉତ୍ସବ ପାଳନ କରାଯାଉଥିଲା। ସରସ୍ୱତୀ କଣ୍ଠାଭରଣରେ 'ସୁବସନ୍ତକ', ବିଶାଖା ଦତ୍ତଙ୍କ ମୁଦ୍ରାରାକ୍ଷସରେ 'କୌମୁଦୀ ମହୋତ୍ସବ', କାଳିଦାସଙ୍କ ମାଳବିକାଗ୍ନିମିତ୍ରରେ 'ଦୋହଦ' ମଦନୋତ୍ସବ ଭାବରେ ପାଳିତ ହୋଇଥିବାର ଦେଖାଯାଏ। ମାଳବିକାଗ୍ନିମିତ୍ର

ନାଟକରେ ଜଣେ ସୁନ୍ଦରୀ ନାରୀ ଭୂଷିତା ହୋଇ, ପାଦରେ ଅଳତା ଲଗେଇ, ବାମ ପାଦରେ ଅଶୋକ ବୃକ୍ଷକୁ ଆଘାତ କରିବା ସଙ୍ଗେ ସଙ୍ଗେ ଗଣ୍ଡିରୁ ଡାଳଯାଏଁ ଫୁଲ ଫୁଟିଯାଏ। ଏହି ନାଟକରେ ରାଣୀଙ୍କର ଅସୁସ୍ଥତା ହେତୁ ମାଳବିକା ଏହିକାର୍ଯ୍ୟ କରିବାର ଦେଖାଯାଏ। (ପାଢ଼ୀ। ୧୯୯୮/୨୦୨୦। ୬୩୮)

ଓଡ଼ିଆ ସାହିତ୍ୟର ଶୂଦ୍ରମୁନି ସାରଳା ଦାସଙ୍କ ମହାଭାରତରେ ବସନ୍ତ ଉତ୍ସବ ଅନୁଷ୍ଠିତ ହେବାର ଦେଖାଯାଏ। ଆଦିପର୍ବର ସରହ ସୁନ୍ଦରୀ ପ୍ରସଙ୍ଗ, ମଧ୍ୟପର୍ବର ସୁଭଦ୍ରା ହରଣ ପ୍ରସଙ୍ଗ ଓ ବିରାଟପର୍ବର କୀଚକ ବଧ ପ୍ରସଙ୍ଗରେ ବସନ୍ତ ଉତ୍ସବର ବର୍ଣ୍ଣନା ହେଇଛି। ପାଣ୍ଡବମାନେ ଅଜ୍ଞାତବାସ କାଳରେ ବିରାଟ ରାଜ୍ୟରେ ଛଦ୍ମବେଶରେ ଥାଆନ୍ତି। ଯୁଧିଷ୍ଠିର ବିରାଟ ରାଜାଙ୍କୁ ବସନ୍ତ ଉତ୍ସବ ବିଷୟରେ ପଚାରୁଛନ୍ତି, ବିରାଟ ରାଜା କହୁଛନ୍ତି, "ସହଜେ ଆମେ ଜାତିରେ ଗଉଡ଼। ବନବାସୀ। ବସନ୍ତ ଉତ୍ସବ ବିଷୟରେ ଆମେ କିପରି ଜାଣିବୁ"।[3] ଯୁଧିଷ୍ଠିରଙ୍କ ଆଜ୍ଞାରେ ଏକୋଇଶ ଦିନ ଭିତରେ ବିମାନ ତିଆରି କରି ବସନ୍ତ ଉତ୍ସବ ପାଳନ କରାଗଲା। ସେହିପରି ସୁଭଦ୍ରା ହରଣରେ କୃଷ୍ଣଙ୍କ ଅଷ୍ଟପାଟବଂଶୀ ଓ ରେବତୀଙ୍କ ସହ ସୁଭଦ୍ରା ବସନ୍ତ ଋତୁରେ ଜଳକ୍ରୀଡ଼ା କରୁଥିବାର ଦେଖାଯାଏ। ଗୋପକନ୍ୟାମାନେ ନିଜ ନିଜ ଭିତରେ ପାଣି ପିଚକାରୀ ମାରୁଛନ୍ତି।[4] ଉପରୋକ୍ତ ଲେଖାଗୁଡ଼ିକୁ ଦେଖିଲେ ଜଣାଯାଏ ଯେ, ସେ କାଳରେ ବସନ୍ତୋତ୍ସବ ବା ମଦନୋତ୍ସବ ହେଉଛି ଦୋଳ ଉତ୍ସବର ପୂର୍ବରୂପ।

ଦୋଳଯାତ୍ରା ପ୍ରାଚୀନତାର ପ୍ରମାଣ ମିଳେ ଏକାଦଶ ଶତାବ୍ଦୀର ଜ୍ୟୋତିର୍ବିଦ ଶ୍ରୀ ଶତାନନ୍ଦଙ୍କ ରଚିତ 'ଶତାନନ୍ଦ ସଂଗ୍ରହ' ଗ୍ରନ୍ଥରୁ। (ମହାପାତ୍ର। ୧୯୭୯।୧୬୯) ଏଥିରେ ଦୋଳଯାତ୍ରା ବିଷୟରେ ବର୍ଣ୍ଣନା କରାଯାଇଛି ଯାହା ଦୀର୍ଘ ହଜାରେ ବର୍ଷର ପୁରୁଣା। ଏହାର ସୃଷ୍ଟି ପଛରେ ଏକ ପୌରାଣିକ ମତ ରହିଛି। ଅଚ୍ୟୁତାନନ୍ଦଙ୍କ ଗୋପାଳଓଗାଳରେ ରାଧାଙ୍କ ତଡ଼କୀ ଚୋରି ଘଟଣାରୁ ଦୋଳ ଉତ୍ସବ ସୃଷ୍ଟି। ଶରଣ ଦାସଙ୍କ ଚାଚେରୀ ଲୀଳା ଗଦ୍ୟ ରଚନାରେ ରାଧାଙ୍କ ତଡ଼କୀ (କାନଫୁଲ) ହଜିବା କଥା ବିଶଦ ଭାବରେ ବର୍ଣ୍ଣିତ। କାହାଣୀଟି ଏହିପରି-

"ଦିନେ ରାଇ ବିନୋଦିନୀ ବୃଷଭାନୁ ଜେମା ରାଧା ନିଜ ପ୍ରିୟ ସଖୀଗଣଙ୍କ ସହ ଯମୁନାକୁ ସ୍ନାନ କରିବା ପାଇଁ ଗଲେ। ଯମୁନା ଘାଟରେ ପହଞ୍ଚିବା ପରେ ସ୍ନାନ ନିମନ୍ତେ ଜଳ ଭିତରେ ପ୍ରବେଶ କଲେ। ରାଧାଙ୍କର ବାମ କର୍ଣ୍ଣରୁ ଗୋଟିଏ ତଡ଼କୀ ପାଣି ଭିତରେ ପଡ଼ିଗଲା। ତଡ଼କୀକୁ ଖାଦ୍ୟ ଭାବି ରୋହିମାଛ ଗିଳିଦେଲା। ରୋହିକୁ ଖାଦ୍ୟ ଭାବି ଚିଲ ନେଇଗଲା। ବୃନ୍ଦାବନର ଗଛ ଡାଳରେ ବସି ଖାଇବା ବେଳେ, ତଳେ ରୋହି ସହ ତଡ଼କୀ ପଡ଼ିଗଲା। ଏହି ସମୟରେ କୃଷ୍ଣଙ୍କ ସହ ସୁଦାମା, ସୁବଳ, ମଧୁ, ମଙ୍ଗଳ ଆଦି ସଖାଗଣ ବଣରେ ଗାଈ ଜଗିଥିଲେ। ସୁଦାମା ରୋହିକୁ ପାଇଲା। ଉଜ୍ଜ୍ୱଳ ଦିଶୁଥିବା ତଡ଼କୀଟି ରୋହି ଦେହରୁ ଆଣି କୃଷ୍ଣକୁ ଦେଲା। କୃଷ୍ଣ ତଡ଼କୀର ସୌନ୍ଦର୍ଯ୍ୟରେ ବିଭୋଳିତ ହୋଇ ତଡ଼କୀର ମାଲିକାଣୀକୁ ଦେଖିବାକୁ ବିଚାର କଲେ। ସଖା ଦାମ କହିଲେ, ଆଗକୁ ଫଗୁଣ ଆସୁଛି। ଗୋଟିଏ ବିମାନ ତିଆରି କରିବା। ଫଗୁଣ ମାସର ଦଶମୀ ତିଥିରୁ ପୂର୍ଣ୍ଣିମା ଯାଏ ଦୋଳଯାତ୍ରା କରିବା। ଦୋଳଯାତ୍ରା ଉତ୍ପତ୍ତି ସମ୍ପର୍କରେ ଓଡ଼ିଶାର ଗ୍ରାମାଞ୍ଚଳରେ କେତେକ କାହାଣୀ ମିଳେ। ସେଥିରୁ ଜଣାଯାଏ - "ଏବେ ଆମ୍ଭେ ଉପାଏ କରିବା। ଦୋଳଯାତ କରି ଆମ୍ଭେ ଯାତେ ଭିଆଇବା। ରାତ୍ର ଚାଚେରୀ ବୁଲିବା। ଦୀପ ଦିହୁଡ଼ୀ ହୁଳା ଜାଳିବା। ଏ ତଡ଼କୀ ବେତେ ବାନ୍ଧି ଛାମୁରେ ଥିବା। ଯେ ମୋହର ବୋଲିବ ଦେଖି ଜାଣିମା।" (ପଟ୍ଟନାୟକ। ୧୯୭୫। ୪୦)

ଉପରୋକ୍ତ ପଂକ୍ତିରେ ଗୋପ ଠାକୁରାଣୀ ପୂର୍ଣ୍ଣମାସୀ ହିଁ ଦୋଳଯାତ୍ରା କରିବା ପାଇଁ ଶ୍ରୀକୃଷ୍ଣଙ୍କୁ କହିଛନ୍ତି।

ଚାଚେରୀ ବୁଲାଇବା ରୀତି ଫଗୁଣ ମାସ ଦଶମୀ ତିଥିର ପର ଦିନଠାରୁ ପୂର୍ଣ୍ଣମୀ ପର୍ଯ୍ୟନ୍ତ ପାଞ୍ଚଦିନ ଧରି ଅନୁଷ୍ଠିତ ହୁଏ। କାଠରେ ଗୋଟିଏ ବିମାନ ତିଆରି କରି ତାକୁ ନାନା ଚିତ୍ର ବିଚିତ୍ର କରି ସଜେଇ ଦିଆଯାଏ। ଗ୍ରାମର କୋଠଘରଠାରେ ପ୍ରଥମେ ବିମାନ ପୂଜା ହୁଏ। ରାଧାକୃଷ୍ଣଙ୍କ ଯୁଗଳ ମୂର୍ତ୍ତି ବା କେବଳ କୃଷ୍ଣଙ୍କ ବିଗ୍ରହକୁ ଆଣି ଗୋପାଳମାନେ ବିମାନ ଭିତରେ ରଖନ୍ତି। ବିମାନର ଓଜନ ଅନୁଯାୟୀ ଗ୍ରାମର ବୟସ୍କ ଓ ଯୁବକମାନେ ବିମାନ କାନ୍ଧେଇ ଥାଆନ୍ତି। କିନ୍ତୁ ଯେ ଯେତେ ପଦ ପଦବୀରେ ଥିଲେ ବି, ଫଗୁ ଦଶମୀରୁ ହୋଲି ଭିତରେ ଦୋଳ ବିମାନକୁ ଥରେ ବି ହଉ କାନ୍ଧରେ ଲଗେଇ ଥାଆନ୍ତି। କାରଣ ସେମାନଙ୍କର ବିଶ୍ୱାସ ଥାଏ ଯେ କୃଷ୍ଣ ହେଉଛନ୍ତି ସ୍ୱୟଂ ପରମବ୍ରହ୍ମ, ପରମାତ୍ମା। ତେଣୁ ସେମାନେ ଏହାକୁ ପରମ ସୌଭାଗ୍ୟ ବୋଲି ମନେ କରନ୍ତି। ଏହାପରେ ବିମାନ ବନ୍ଦାପନା କରି ଜଣେ ବୟସ୍କ ଲୋକ ତାଳରେ ଗୋଡ଼ ପକେଇ, ଗୀତଗାଇ ଭେଟ କରିଥା'ନ୍ତି। ଏହାପରେ ଆରମ୍ଭ ହୁଏ ଚାଚେରୀ ଯାତ୍ରା। ଖୋଳ କରତାଳ ସହ ଶଙ୍ଖ, ଘଣ୍ଟ, ଶିଙ୍ଗା, ବଂଶୀ ଆଦି ବାଦ୍ୟରେ ଗାଁଆ ଦାଣ୍ଡ କମ୍ପିଉଠେ। ବାଳକମାନେ ଗୀତ ଗାଇ ଲଉଡ଼ି ଖେଳନ୍ତି। ଖେମଟା ନାଚନ୍ତି। ରାଧାକୃଷ୍ଣ ପ୍ରତ୍ୟେକ ଗୋପାଳଙ୍କ ଘରେ ପାଞ୍ଚଦିନ ବୁଲିବୁଲି ଭୋଗ ଖାଆନ୍ତି। ଇଷ୍ଟଦେବତାଙ୍କୁ ନିଜ ଦ୍ୱାର ସମ୍ମୁଖରେ ଦେଖି ଗୋପାଳମାନେ କୃତ୍ୟକୃତ୍ୟ ହୁଅନ୍ତି।

ପୂର୍ଣ୍ଣମୀ ଦିନ ପାହାନ୍ତାରୁ ଗୋପାଳମାନେ ଗୋପୂଜା ନିମନ୍ତେ ଗୋଗୋଷ୍ଠକୁ ବାହାରି ଯାଆନ୍ତି। କାରଣ ଗୋମାତା ହେଉଛନ୍ତି ସେମାନଙ୍କର ସାମାଜିକ ଓ ଆର୍ଥନୀତିକ ପ୍ରଗତିର ବାହକ, ପୁଣି ହିନ୍ଦୁଧର୍ମରେ ବନ୍ଦନୀୟା। ତେଣୁ ସେମାନେ ସାଙ୍ଗରେ ନେଇ ଯାଆନ୍ତି ନୂଆ ଶିକା, ବାହୁଙ୍ଗି, କଳସୀ, ଶିଙ୍ଗା, ବଂଶୀ, ଆମ୍ବଡ଼ାଳ ଓ ବିଭିନ୍ନ ପୂଜା ସାମଗ୍ରୀ। ଗୋଠରେ ପହଞ୍ଚିବା ପରେ ପ୍ରଥମେ ଗାଈ ମହିଷୀଙ୍କୁ ଭଲ ଭାବରେ ଗାଧୋଇ ଦିଅନ୍ତି। ତା ପରେ ନଦୀ କି ପୋଖରୀକୁ କୁମ୍ଭନେଇ ଯାଆନ୍ତି। ପହଞ୍ଚିବା ପରେ ତୁଠରେ ଗୋଟିଏ ଜାଗାକୁ ଗୋବରରେ ଲିପି ଦିଅନ୍ତି। ଗୋପାଳ କଳସୀକୁ ନେଇ ପୂର୍ବମୁଖୀ ହୋଇ ଜଳରେ ବୁଡ଼େ। ଗୋମୟ ଲିପିଥିବା ସ୍ଥାନରେ ପାଣି ଆଣି କଳସୀଗୁଡ଼ିକୁ ବଡ଼ରୁ ସାନକ୍ରମେ ସଜେଇ ରଖେ। ଏହାପରେ ଆରମ୍ଭ ହୁଏ

ପୂଜାକାର୍ଯ୍ୟ।

ସାଙ୍ଗରେ ଆଣିଥିବା ଦହି, କ୍ଷୀର, ଘିଅ, ଗୁଡ଼, ସର, ଲବଣୀ, ଛେନା ଆଦି ଭୋଗ ଲଗାଯାଏ। ଧୂପ, ଦୀପ, ନୈବେଦ୍ୟ ଦିଆଯାଏ। ଯୁବକମାନେ ଶିଙ୍ଗା ଓ ବେଣୁ ବଜେଇ, ପଟୁଆର କରି ନଦୀତୁଠରୁ ବାହାରନ୍ତି। ଗୋପାଳ ଗୋଠରେ ପହଞ୍ଚି ଆରମ୍ଭ କରି ଦିଏ ଗୋଠପୂଜା। ଐଶାନ୍ୟ କୋଣକୁ ମୁହଁକରି ପୂଜା କରାଯାଏ। ଗାଇ ମହିଷୀମାନଙ୍କ ଭିତରେ ଯିଏ ଶ୍ରେଷ୍ଠ, ରକ୍ଷାକାରୀ ତାକୁ ପ୍ରଥମେ ପୂଜା କରାଯାଏ। ପ୍ରଥମ ଚିରର କ୍ଷୀର ଭୂମିରେ ପକାଯାଏ। ଗୋଟିଏ ଚିର ବାଛୁରୀ ପାଇଁ ଛାଡ଼ିଦେଇ ବାକି କ୍ଷୀର ଗୋପାଳ ଘରପାଇଁ ରଖେ। "ଏହାପରେ ଗାଇ ବା ମହିଷୀର ଗୋବରରେ ଗୋଠର କେନ୍ଦ୍ରସ୍ଥଳରେ ବା ଗୁହାଳେ ଏକମଞ୍ଜ କଦଳୀ ପତ୍ର ଉପରେ ଦୁଇଟି ଗୋବର୍ଦ୍ଧନ ମୂର୍ତ୍ତି ସ୍ଥାପନ କରାଯାଏ। ମୂର୍ତ୍ତି ଉପରେ ଚୂଳମାଳ, ଫୁଲ ଓ ଅବିର ଦେଇ କଳସ ସହ ପୂଜା କରାହୁଏ। ଭାଗବତ ଓ ହରିବଂଶ ବର୍ଣ୍ଣିତ ଗୋବର୍ଦ୍ଧନ ପର୍ବତ ଓ ଗୋପର ଗୋସମ୍ପଦ ବୃଦ୍ଧି ନିମିତ୍ତ, କୃଷ୍ଣକର୍ତ୍ତୃକ ଏହାର ପୂଜା କିମ୍ବଦନ୍ତୀକୁ ଭିତ୍ତିକରି ଗୋପାଳମାନେ ଦୋଳପର୍ବରେ ଗୋବର୍ଦ୍ଧନକୁ ପୂଜା କରନ୍ତି।"(ପଣ୍ଡା। ୨୦୧୩। ୭୨) ଏହାପରେ ବଳି ମରାଯାଏ। ଗୋଠକୁ ଭୂତ, ପ୍ରେତ, ପିଶାଚ ତଥା ବାହ୍ୟ ଶତ୍ରୁ କବଳରୁ ରକ୍ଷା କରିବା ପାଇଁ ଏହା କରାଯାଏ। ଏକ ନୂତନ ହାଣ୍ଡିରେ ଜ୍ୱଳନ୍ତ ଅଙ୍ଗାର, ଝୁଣା, ଘିଅବତୀ ରଖାଯାଏ। ଜଣେ ବୟସ୍କ ବ୍ୟକ୍ତି ହାଣ୍ଡିଟିକୁ ଜାଳି ଗୋଠ ଚାରିପଟେ ସାତଥର ବୁଲିଥା'ନ୍ତି। ଏହାପରେ ହାଣ୍ଡିଟିକୁ ନେଇ ଅତୁଠରେ ବିସର୍ଜନ କରି ଦିଅନ୍ତି। ବଳିମରା ପରେ ଆରମ୍ଭ ହୁଏ ମେଣ୍ଢାଘର ପୋଡ଼ି। ଆମ ହିନ୍ଦୁଧର୍ମ ପରମ୍ପରାରେ ଅଗ୍ନି ହେଉଛନ୍ତି ଜଣେ ଶକ୍ତିଶାଳୀ ଦେବତା। ଉତ୍ତର-ପୂର୍ବ ଦିଗର ଦିଗପାଳ। ମନରୁ ସବୁ ହିଂସା, ଛନ୍ଦ, କପଟ, ଅହଂକାର ଆଦି ଅସୂୟା ଭାବକୁ ଗୋପାଳମାନେ ମେଣ୍ଢାଘର ପୋଡ଼ିରେ ଜାଳି ଦିଅନ୍ତି।

"ଅଇଘେରା ପାଇଁ ଜାଳେଣି ସାମଗ୍ରୀ ସବୁ ଏକାଠି କରି ଠିକ୍ ଏକ କୁଡ଼ିଆ ଘରଭଳି ସଜ୍ଜିତ କରାଯାଇଥାଏ,ଯେମିତି ସେଇ ଭିତରେ ଗୋଟିଏ ମେଷ ରହି ପାରିବ। କାରଣ ମେଷ ଅଗ୍ନିଙ୍କ ବାହନ। ପ୍ରାୟ ସବୁ ସ୍ଥାନରେ ବିଭିନ୍ନ ପ୍ରକାର ଖାଦ୍ୟ ପଦାର୍ଥରେ ନିର୍ମିତ ଗୋଟିଏ ମେଷର ପ୍ରତିକୃତି ରଖି ଦିଆଯିବା ବେଳେ ଆଉ କେତେକ ସ୍ଥାନରେ, ସେଇ ପ୍ରତିକୃତି ସହିତ ସତକୁ ସତ ଏକ ଜିବନ୍ତ ମେଷକୁ ତା'ରି ଭିତରେ ରଖି ଦିଆଯାଏ।" (ମହାପାତ୍ର। ୧୯୭୯। ୧୭୧)

ମେଷ କୁଡ଼ିଆରେ ନିଆଁ ଲଗେଇ ଦେବାପରେ ମେଷଟି ବାହାରକୁ ପଳେଇ ଆସିଥାଏ। ମେଣ୍ଢାଘର ପୋଡ଼ି ବଙ୍ଗଳାରେ 'ମେଧାର ଘର ପୋଡ଼ାଣ', ମହାରାଷ୍ଟ୍ରରେ 'ହୋଲାଛା', ଉତ୍ତର ଭାରତରେ 'ଦଣ୍ଡ ରାକ୍ଷସୀ ପୂଜା' ଏବଂ ଭାରତର ଅନେକ ସ୍ଥାନରେ 'ହୋଲିକା ଦହନ' ଭାବେ ପରିଚିତ। (ମହାପାତ୍ର। ୧୯୭୯। ୧୭୧) ହୋଲିକା ହେଉଛି ରାକ୍ଷସ ରାଜ ହିରଣ୍ୟକଶ୍ୟପଙ୍କ ଭଉଣୀ। ହିରଣ୍ୟକଶ୍ୟପଙ୍କ ପୁତ୍ର ପ୍ରହ୍ଲାଦ ବିଷ୍ଣୁଭକ୍ତ। ପିତାଙ୍କ ଶତ ବାରଣ ସତ୍ତ୍ୱେ ପ୍ରହ୍ଲାଦ ବିଷ୍ଣୁଙ୍କୁ ପୂଜାକଲା। ବାପାଙ୍କର ବଇରୀ ହେଲା। ଏମିତିକି ଜୀବନରୁ ମାରିଦେବା ପାଇଁ ବାପା ବିଭିନ୍ନ ଯୋଜନା କଲେ। ବିଫଳ ହେଲେ। ଶେଷରେ ରାକ୍ଷସରାଜଙ୍କ ଭଉଣୀ ହୋଲିକା ପ୍ରହ୍ଲାଦକୁ ଧରି ଭୟଙ୍କର ଅଗ୍ନି ଭିତରକୁ ପଶିଲା। ହେଲେ ଫଳ ହେଲା ଓଲଟା। ବିଷ୍ଣୁଭକ୍ତ ପ୍ରହ୍ଲାଦ ବଞ୍ଚିଗଲା। ଅଗ୍ନି କୌଣସି କ୍ଷତି କରିପାରିବନି ବର ପାଇଥିବା ସତ୍ତ୍ୱେ ହୋଲିକା ଜଳି ଭସ୍ମ ହେଇଗଲା। ଅଧର୍ମ ଉପରେ ଧର୍ମର,ଅନ୍ୟାୟ ଉପରେ ନ୍ୟାୟର ବିଜୟ ହେଲା। ସମାଜରୁ ଅନ୍ୟାୟ, ଅସତ୍ୟ, ଅବିଚାର, ଛଳନା ଆଦିକୁ ଦୂର କରିବା ପାଇଁ ହୋଲିକା ଦହନ ଉତ୍ସବ ପାଳନ କରାଯାଏ।

ମେଣ୍ଢାଘର ପୋଡ଼ି ପରେ ଗୋପାଳମାନେ ଘରକୁ ଫେରନ୍ତି। ଏହାପରେ ଚାଲେ ପିଠାବଣ୍ଟା କାର୍ଯ୍ୟ। ପୂର୍ବ ରାତିରୁ ପ୍ରସ୍ତୁତ ନାନା ପ୍ରକାର ପିଠା ଯଥା- ଆରିସା, କାକରା, ମଣ୍ଡାପିଠା, ପୋଡ଼ପିଠା ଆଦି ତିଆରି କରି ପଡ଼ିଶା ଘର, ବନ୍ଧୁବାନ୍ଧବଙ୍କୁ ଦିଆଯାଏ। ସମ୍ପର୍କକୁ ଦୃଢ଼ କରିବା ପାଇଁ ଇଏ ଏକ ମାଧ୍ୟମ। ଏହାପରେ ସମସ୍ତ ଗୋପାଳ ଏକାଠି ହୁଅନ୍ତି। ପରମେଶ୍ୱରଙ୍କ ବାନାନେଇ ଗ୍ରାମଦେବତୀଙ୍କ ପୀଠକୁ ଯାଆନ୍ତି। କାରଣ ଗ୍ରାମର ସମସ୍ତ କାର୍ଯ୍ୟ ଗ୍ରାମଦେବତୀଙ୍କ ଆଶୀର୍ବାଦରୁ ହିଁ ସଫଳ ହୋଇଥାଏ ବୋଲି ସେମାନେ ବିଶ୍ୱାସ କରନ୍ତି। ଦେବୀପୀଠରେ ଜଣେ ଗୋପାଳ ଦେହରେ ଗ୍ରାମଦେବତୀ ଆସନ୍ତି। ତାକୁ କାଳିଶୀ କହନ୍ତି। ସେ ଦୋଳଯାତ୍ରାର ଭବିଷ୍ୟତ, ଗାଁ'ର ଭବିଷ୍ୟତ ସହ ଗାଁଲୋକଙ୍କ ଭବିଷ୍ୟତ ସମ୍ପର୍କରେ ସୂଚନା ଦିଅନ୍ତି। ବିପଦ ଥିଲେ ପ୍ରତିକାର କହି ଦିଅନ୍ତି। ଗ୍ରାମଦେବତୀଙ୍କ ପାଖରେ ପୂଜାବିଧି ସାରି ଅର୍ଘ୍ୟ ଦେବାପାଇଁ ପ୍ରସ୍ତୁତ ହୁଅନ୍ତି।

ଗୋପାଳୁଣୀ ପୂର୍ବରୁ ପ୍ରସ୍ତୁତ କରି ରଖିଥିବା ହଳଦୀ ପାଣିକୁ ଗୋପାଳଙ୍କ ପାଦରେ ପକେଇ ଦିଏ। ଗୋପାଳମାନେ ଉତ୍ତପ୍ତ ଖରାରେ ଖାଲି ପାଦରେ ବୁଲୁଥିବାରୁ ଏହା ତାଙ୍କୁ କିଛି ମାତ୍ରାରେ ସାନ୍ତ୍ୱନା ଦିଏ। ବନ୍ଦାପନା ପରେ ଶିଙ୍ଗାରେ କିଛି ଜଳ ଓ କ୍ଷୀର ଭରି କରି ଭଗବାନଙ୍କୁ ଦିଆଯାଏ।ଝ ଅର୍ଘ୍ୟଦେବା ପଛରେ ଗୋପାଳଙ୍କ ଆଉ ଏକ ଉଦ୍ଦେଶ୍ୟ ଅଛି। ଏହିଦିନ ବର୍ଷ ଯାକର ହୋଇଥିବା କଳି ତକରାଳ, ମାନ ଅଭିମାନ, ଗଣ୍ଡଗୋଳ ଆଦି ତୁଟିଥାଏ। ଯେଉଁ ଗୋପାଳଭାଇର ଯଦି କୌଣସି ଗୋଟିଏ ବି ବିଷୟରେ କଥା ତୁଟି ନଥାଏ, ତେବେ ତା ଘରେ ଅର୍ଘ୍ୟ ଦିଆଯାଏ ନାହିଁ। ଉକ୍ତ ଗୋପାଳ ଜଣଙ୍କ ସଙ୍ଗେ ସଙ୍ଗେ କ୍ଷମା ପ୍ରାର୍ଥନା କରି ଦଣ୍ଡ ସ୍ୱୀକାର କରିଥାଏ।

ଅର୍ଘ୍ୟ ଖୁଆଇବା ସରିବା ବେଳକୁ ଖରାଟିକେ କମି ଯାଇଥାଏ। ସେତିକି ବେଳେ ଆରମ୍ଭ ହୁଏ ମୁଖ୍ୟ ଦୋଳଯାତ୍ରା। ଗାଁ ମଝି ବା ଗାଁ ମୁଣ୍ଡରେ ଥିବା ଦୋଳମଣ୍ଡପକୁ ରାଧାକୃଷ୍ଣ ବିଜେ କରନ୍ତି। ଏହା ପରେ ହୁଏ ଦୋଳ ମେଲଣ। ପ୍ରତ୍ୟେକ ଗାଁ'ର ଦୋଳ ବିମାନ ଏକାଠି ହୁଅନ୍ତି ଦୋଳ ମଣ୍ଡପରେ। ସେଦିନ ସବୁ ଗୋପାଳ ହେଇ ଯାଆନ୍ତି ଦାମ, ସୁଦାମ, ସୁବାହୁ, ସୁବଳ ଆଉ ସବୁ ଗୋପାଳୁଣୀ ସାଜନ୍ତି ଲଳିତା, ବିଶାଖା, ଇନ୍ଦୁରେଖା। ଗାଁ ପାଲଟେ ଗୋପପୁର। ପଡ଼ୋଶୀ ତଥା ବନ୍ଧୁବାନ୍ଧବଙ୍କ ଭିଡ଼ ଜମେ ଦୋଳ ମଣ୍ଡପ ପାଖରେ। ଏହାପରେ ଆରମ୍ଭ ହୁଏ ଲଉଡ଼ିଖେଳ

ବା ବାଡ଼ିଖେଳ। କିଛିକିଛି ଜାଗାରେ କାଠିଖେଳ କହନ୍ତି। ପଶ୍ଚିମ ଓଡ଼ିଶା ଯଥା- ସମ୍ବଲପୁର, ବଲାଙ୍ଗୀର, କଳାହାଣ୍ଡି, ନୂଆପଡ଼ା ଆଦିରେ ଏହାକୁ ବନାବାଡ଼ି କହନ୍ତି।

ପ୍ରଥମେ ଗ୍ରାମର ବୟସ୍କ ଲୋକ ଭେଟ କରନ୍ତି। ସଳଖ କେନ୍ଦୁବାଡ଼ିଟିଏ ଧରି ଗୀତ ଗାଆନ୍ତି। ତାଳ ସହ ପାଦ ପକେଇ, ନିଶ ଫୁଲେଇ କୁହାଟି ମାରନ୍ତି। ଦୁଇ ବା ତାଠାରୁ ଅଧିକ ଯୁବକ ମିଶି ପାଇକାଳୀ ଖେଳନ୍ତି। ପାଇକ ଅର୍ଥାତ କ୍ଷତ୍ରିୟଙ୍କ ନାଚପରି। ଗୀତ-ବାଦ୍ୟର ତାଳେତାଳେ ତାଙ୍କ କେନ୍ଦୁବାଡ଼ିଟି ଚକ୍ରାକାରରେ ବୁଲୁଥାଏ।

"ପ୍ରଥମେ ବେଦବର/ ଦ୍ୱିତୀୟେ ହରିହର/ ଜଗ ଧନୁର୍ଦ୍ଧର।/ ଆଦ୍ୟେ ଥିଲେ ଚକ୍ର ବାଜୁଥିବଟି (୨ ଥର)/ ପୋତିଲି ଖୁଣ୍ଟି/ ଭୋଲାମ ବାଡ଼ିଆ ଭୋଲାମ ଗଣ୍ଠି (୨ ଥର)/ ପୋତ ଖୁଣ୍ଟି"। (ସଂଗୃହିତ; ସୁରେଶ ବେହେରା)

ଏହାପରେ ଆରମ୍ଭ ହୁଏ ଲଉଡ଼ି ଖେଳ। କେନ୍ଦୁ ବା ଭେରୁ ଗଛରୁ ବାଡ଼ି ପ୍ରସ୍ତୁତ କରନ୍ତି। ଏଥିରେ ବାରଜଣ ବା ତାଠାରୁ ଅଧିକ ଗୋପାଳ ଥାଆନ୍ତି। ଗାୟକ, ବାୟକ ଓ ଗୀତର ପାଳି ଧରିବା ପାଇଁ କିଛି ରହିଥା'ନ୍ତି। ରାଧା, କୃଷ୍ଣ, କଂସ, ନନ୍ଦ, ଯଶୋଦା, ଅକ୍ରୁର ଓ ଅନ୍ୟ ଚରିତ୍ରଗୁଡ଼ିକ ଅଭିନୟ ପାଇଁ କିଛି ଲୋକ ଥାଆନ୍ତି। ପ୍ରଥମେ ଗୁରୁ, ରାଧାକୃଷ୍ଣ, ସଭା, ମଣ୍ଡପ ଆଦିକୁ ବନ୍ଦନା କରି ଖେଳ ଆରମ୍ଭ ହୋଇଥାଏ। ରାଧାକୃଷ୍ଣଙ୍କ ବିଭିନ୍ନ ବିଷୟ ଯଥା- ତାଟକ ଚୋରି, ନବମିଳନ, କୁଞ୍ଜମିଳନ, ସର୍ପାଭିସାର, ପଦ୍ମାଭିସାର ଆଦି, ମହାଭାରତ, ରାମାୟଣ, ହରିବଂଶ ଓ ଭାଗବତରୁ ସଂଗୃହୀତ ହୋଇ ଗୀତ ଆକାରରେ ପ୍ରଶ୍ନୋତ୍ତର ଛଳରେ ପରିବେଷିତ ହେଉଥାଏ।

ବାଦ୍ୟର ରୁକୁଟ ବା ତାଳ ଅନୁଯାୟୀ ଗୋପାଳର ପାଦ ଓ ବାଡ଼ି ପଡ଼େ। ବାଦ୍ୟର ତାଳକୁ ଅନୁସରଣ ନ କଲେ ପାଦ ପଡ଼ିବନି। ଯେମିତିକି, ଗୋଟିଏ ବାଦ୍ୟ ଶେଷ ହେବାବେଳେ ଛିଡ଼ାଣ ଦିଆଯାଏ, 'ଧିନି ତାଗିଡ଼ି ତାଗିଡ଼ି ତାଗିଡ଼ି (୩ ଥର) ତା ଧିନାଖିଟା ଧା ଧିନାଖିଟା ଧା ଧିନାଖିଟା ତଡ଼ଂ।' ଏହି ତାଳରେ ତିନିଥର ଘୁରିଘୁରି ବସିବାକୁ ପଡ଼େ। ବିଭିନ୍ନ ରସ ଅନୁଯାୟୀ ଭିନ୍ନାଭିନ୍ନ ବାଦ୍ୟ ମଧ୍ୟ ବାଜେ। ଯେମିତିକି କରୁଣ ରସ ପାଇଁ 'ଧିନି ତାଖିଟି ତିନି ତା' ବାଜିବା ବେଳେ, ବୀର ରସ ପାଇଁ 'ଧେ ଧେ ଧିନ୍ଦାତା ତାକ ଧେ ଧେ ଧିନ୍ଦାତା' ବାଜେ। ବାଡ଼ିଖେଳ ମଧ୍ୟରେ ବେଳେବେଳେ ବାଡ଼ି ଚକ୍ରାକାରରେ ବୁଲୁଥାଏ। ନିଜେ ଖେଳିବା ସହ ସାଥି ଖେଳାଳିର ବାଡ଼ିକୁ ମଧ୍ୟ ଗୋପାଳ ବାଡ଼ାଏ। ବିପକ୍ଷ ବାଡ଼ି ବ୍ୟତୀତ କାହା ଦେହରେ ବାଡ଼ି ବାଜେନି। ଏହା ସମ୍ଭବ ହୋଇଥାଏ ତାଙ୍କର ପୂର୍ବ ଅଭ୍ୟାସ ଯୋଗୁଁ। ରାଧାକୃଷ୍ଣଙ୍କ ଅତି ଚର୍ଚ୍ଚିତ 'ଫଗୁଣ ପୂର୍ଣ୍ଣୀମା ଜହ୍ନ ମୋ ଫୁଲ ବଉଳବେଣୀ' ଗୀତ ଗାଇ ଗୋପାଳମାନେ ଦର୍ଶକମାନଙ୍କ ଚିତ୍ତଚୋରୀ କରନ୍ତି।

ଏହାପରେ ଆରମ୍ଭ ହୋଇଥାଏ ଓଗାଳ। ଓଗାଳର ଅର୍ଥ ହେଉଛି ପଥରୋଧ କରିବା। (ମହାପାତ୍ର। ୧୯୯୭। ୬) କିଛି ଗୋପାଳ ମଥୁରା ଗୋପାଳ ସାଜି ଅନ୍ୟ ଗୋପର ଗୋପାଳ ସାଜିଥିବା ଦଳକୁ ପ୍ରଶ୍ନ ପଚାରେ। ଯେମିତିକି ଗୋଟିଏ ଦଳ ପଚାରେ "ଗୋପାଳ ଭାଇମାନେ ତୁମେଯେଉଁ ଅବିରକୁ ଦେହରେ ବୋଳୁଛ ଏହା କିପରି ଉତ୍ପତ୍ତି ଲାଭ କଲା"? ଉତ୍ତର ଆସେ- ତ୍ରେତୟା ଯୁଗରେ ଦଶାନନ ରାବଣ ଶ୍ରୀରାମଙ୍କ ଶରାଘାତରେ ଯୁଦ୍ଧଭୂମିରେ ପଡ଼ିଛନ୍ତି। ରାମ ଲଙ୍କାପତିଙ୍କଠାରୁ ବ୍ରହ୍ମଜ୍ଞାନ ଲାଭ କରିଛନ୍ତି। ଖୁସିହେଇ ବର ଯାଚିଛନ୍ତି। ରାବଣ ଶୁଣି କହିଛନ୍ତି, "ହେ ରାମ, ଆପଣଙ୍କ ଶରାଘାତରେ ମୋର ସମସ୍ତ ସୈନ୍ୟ ସହ ପୁତ୍ରନାତି ମଧ୍ୟ ନିହତ ହେଲେ। ତାଙ୍କ ରୁଧିରରେ ଯୁଦ୍ଧଭୂମି କାଦୁଅରେ ପରିଣତ ହେଇ ଯାଇଛି। ଏହାର କିଛି ପ୍ରତିକାର କରନ୍ତୁ"। ରାମଚନ୍ଦ୍ର କହିଲେ "ହେ ଦଶାନନ, ଏ ରଙ୍ଗମାଟି ରୁଧିର ଏବେ ଏଠି ପଡ଼ିଥାଉ। ମୁଁ ଦ୍ୱାପର ଯୁଗରେ ପୁଣିଥରେ କୃଷ୍ଣ ରୂପରେ ଅବତାର ନେବି। ସଖାମାନଙ୍କ ସହ ମିଶି ଦୋଳଯାତ୍ରା କରିବି। ସେଇ ସମୟରେ ଏଠାରୁ ମାଟିନେଇ ତାକୁ ଚୂର୍ଣ୍ଣ କରି ସେଥିରେ ଅବିର ତିଆରି କରାଯିବ। ଯାହା ଫଗୁଣ ମାସରେ ଗୋପାଳଙ୍କ ସହ ସମସ୍ତ ଜାତି, ବର୍ଣ୍ଣର ଲୋକମାନେ ଦେହରେ ମାରିବେ"। ଓଡ଼ିଶାର ଦୋଳ ଉତ୍ସବରେ ଗୁଜୁରାଟ ପରି ନାରୀମାନେ ଭାଗ ନେଇ ପାରନ୍ତି ନାହିଁ। ଏମାନେ କେବଳ ଦର୍ଶକ।

ପୂର୍ବରୁ ହୋଲିରେ ବ୍ୟବହାର କରାଯାଉଥିବା ଅବିର ସ୍ୱାସ୍ଥ୍ୟପ୍ରଦ ଥିଲା। ଏଥିରେ ବସନ୍ତ ଦିନର ବିସୂଚୀକା ନିବାରଣ ଲାଗି କର୍ପୂର, ଜାଫ୍ରାଇନ୍ ପରି କେତେକ ଉପାଦାନ ରହୁଥିଲା। ଆନନ୍ଦ ଉପଭୋଗ ସହ ସ୍ୱାସ୍ଥ୍ୟ ରକ୍ଷା ଥିଲା ଆମ ପର୍ବ ପର୍ବାଣୀର ବଡ଼ ବିଶେଷତ୍ୱ। କିନ୍ତୁ ଦୁଃଖର କଥା ଆଜିର ବିଜ୍ଞାନ ଆମକୁ ଅନେକ ସୁଖ ଶାନ୍ତି ଦେବା ସହିତ ଆମର ଉଚ୍ଛୃଙ୍ଖଳତାକୁ ବଢ଼ାଇବାରେ ମଧ୍ୟ ସହାୟକ ହୋଇଛି। ଆଜିର ରାସାୟନିକ ରଙ୍ଗର ବ୍ୟବହାର ସେ ମଧ୍ୟରୁ ଅନ୍ୟତମ।

ଉପସଂହାର: ଆଜିର ଆଧୁନିକ ଜୀବନ ପ୍ରବାହ ଦୋଳପର୍ବ ପାଳନର ସାମାଜିକ ଓ ସାଂସ୍କୃତିକ ଆବଶ୍ୟକତାକୁ ଅନେକାଂଶରେ ଭିତ୍ତିହୀନ କରି ଦେଇଛି। ଯାହାଦିନେ ଗୋଟିଏ ଜାତିର ସାତନ୍ତ୍ର୍ୟର ପରିଚୟ ଥିଲା, ତାହା ଆଜିର ନବ ଶିକ୍ଷିତମାନଙ୍କ ନିକଟରେ ଲଜ୍ୟାର କାରଣ ହୋଇଛି। ଆଜିର ଗୋପାଳ ଯୁବକ ବିମାନ କାନ୍ଧେଇବା ବା ବାଡ଼ିଧରି ଲଉଡ଼ି ଖେଳିବାକୁ ସଙ୍କୋଚ ବୋଧ କରୁଛି। ସେଥିପାଇଁ କେତେକ ଗ୍ରାମରେ ଦୋଳଯାତ୍ରା ହୋଇ ପାରୁନାହିଁ। ଦୋଳଗୋବିନ୍ଦଙ୍କୁ ଦୋଳମଣ୍ଡପରେ ବସାଇ ଭୋଗ ଦେଇ ଦିଆଯାଉଛି। ଏହା ଆମ ସାଂସ୍କୃତିକ ଜୀବନର ଅବକ୍ଷୟର ସୂଚନା। ଆଜିର ଯୁବକମାନେ ଏଥିପ୍ରତି ସଚେତନ ହେଲେ ଆମର ଜାତୀୟ ଅସ୍ମିତାର ସୁରକ୍ଷା ସମ୍ଭବ ହେବ।

### ସହାୟକ ଗ୍ରନ୍ଥସୂଚୀ:

୧) ଦାସ, ଅଚ୍ୟୁତାନନ୍ଦ। ୧୯୮୫। ହରିବଂଶ (ତୃତୀୟ ଖଣ୍ଡ)। କଟକ: ରାଧାରମଣ ପୁସ୍ତକାଳୟ ।

୨) ଦାସ, ଅଚ୍ୟୁତାନନ୍ଦ। ୨୦୦୬। ଗୋପାଳ ଓଗାଳ। ରତ୍ନାକର ଚଇନି ଓ ଅନ୍ୟମାନେ(ସଂ)। ଅଚ୍ୟୁତାନନ୍ଦ ରଚନାବଳୀ (ଓଗାଳ

ଖଣ୍ଡ)। କଟକ: ଅଚ୍ୟୁତାନନ୍ଦ ସୃତି ସଂସଦ।

୩) ଦାସ, କୁଞ୍ଜବିହାରୀ। ୧୯୫୮। ଓଡ଼ିଆ ଲୋକ ଗୀତ ଓ କାହାଣୀ। ବିଶ୍ୱଭାରତୀ, ଶାନ୍ତିନିକେତନ: ଓଡ଼ିଆ ଗବେଷଣା ବିଭାଗ।

୪) ଦାସ, ମହାଦେବ। 'ପ୍ର.କା.ନାହିଁ': ସଚିତ୍ର ମାର୍କଣ୍ଡେୟ ପୁରାଣ। କଟକ: ବୀଣାପାଣି ପୁସ୍ତକ ଭଣ୍ଡାର।

୫) ଦାସ, ଶରଣ। ୧୯୭୫। ଚାଚେରୀ ଲୀଳା। ଆଶୁତୋଷ ପଟ୍ଟନାୟକ(ସଂ), କାଠିଆପଡ଼ା, ଜଗତସିଂହପୁର।

୬) ଦାସ ସାରଳା। ୧୯୬୫। ମହାଭାରତ (ମଧ୍ୟପର୍ବ, ଦ୍ୱିତୀୟ ଖଣ୍ଡ), ଆର୍ତ୍ତବଲ୍ଲଭ ମହାନ୍ତି(ସଂ)। ଓଡ଼ିଶା: ସାଂସ୍କୃତିକ ବ୍ୟାପାର ବିଭାଗ।

୭) ଦାସ ସାରଳା। ୧୯୭୨। ମହାଭାରତ (ବିରାଟ ପର୍ବ), ଆର୍ତ୍ତବଓଲ୍ଲଭ ମହାନ୍ତି(ସଂ), ଓଡ଼ିଶା: ସାଂସ୍କୃତିକ ବ୍ୟାପାର ବିଭାଗ।

୮) ପଣ୍ଡା, ପ୍ରଦୀପ୍ତ କୁମାର। ୨୦୧୩। ଦୋଳଯାତ୍ରା ଓ ଗୋପାଳଙ୍କ ଲଉଡ଼ି ଉତ୍ସବ, ଅସିତ ମହାନ୍ତି ଓ ଅନ୍ୟମାନେ(ସଂ), ଫଗୁ ଓ ଫଗୁଣର ପର୍ବ। କଟକ: ଅରିଲୋ ମେଲଣ ସାରସ୍ୱତ କମିଟି ।

୯) ପାଢ଼ୀ, ବେଣୀମାଧବ। ୨୦୨୦। କୃଷ୍ଟି ଓ ଦୃଷ୍ଟି, ସୁଦର୍ଶନ ଆଚାର୍ଯ୍ୟ(ସଂ),ବେଣୀମାଧବ ଗ୍ରନ୍ଥାବଳୀ। କଟକ: ଫ୍ରେଣ୍ଡସ୍ ପବ୍ଲିଶର୍ସ।

୧୦) ବେହେରା, ସୁରେଶ। ବୟସ- ୪୫, ଜାତି- ଗଉଡ଼, ଯୋଗାଯୋଗ-୯୯୩୭୨୫୨୦୮୬,ପଦଲାପୁର, ସପ୍ତଶଯ୍ୟା, ଢେଙ୍କାନାଳ।

୧୧) ମହାନ୍ତି, ବ୍ରଜମୋହନ(ସଂ)। ୨୦୦୦। ପୁରାଣ ପରିକ୍ରମା (ଦ୍ୱିତୀୟ ସ୍ତବକ)। କଟକ: ଓଡ଼ିଶା ବୁକଷ୍ଟୋର୍।

୧୨) ମହାପାତ୍ର, ଖଗେଶ୍ୱର। ୧୯୯୭। ସମାଲୋଚନାର ଦିଗ ଦିଗନ୍ତ, କଟକ: ଫ୍ରେଣ୍ଡସ୍ ପବ୍ଲିଶର୍ସ।

୧୩) ମହାପାତ୍ର, ସତ୍ୟନାରାୟଣ। ୧୯୭୯। ଦୋଳଯାତ୍ରା ଓ ହୋଲି, ବ୍ରଜମୋହନ ମହାନ୍ତି ଓ ସୁଭାଷଚନ୍ଦ୍ର ମହାନ୍ତି(ସଂ), ଓଡ଼ିଶାର ପର୍ବପର୍ବାଣି ଓଷାବ୍ରତ ଯାନିଯାତ୍ରା। କଟକ: ଓଡ଼ିଶା ବୁକଷ୍ଟୋର୍ ।

୧୪) ମିଶ୍ର, ପଣ୍ଡିତ ହରିହର(ଅନୁ)। 'ପ୍ର.କା.ନାହିଁ': ସ୍କନ୍ଦ ପୁରାଣ (ଉତ୍କଳ ଖଣ୍ଡ), କଟକ: ଧର୍ମଗ୍ରନ୍ଥ ଷ୍ଟୋର୍।

## Funding
No funding was received for conducting this study.

## Does this article screened for similarity?
Yes

## Conflict of interest
The Author has no conflicts of interest to declare that they are relevant to the content of this article.

## About the Licenses
© **Sipun Bhutia 2025**.The text of this article is open access and licensed under a Creative Commons Attribution 4.0 International License

## Cite this Article :
Bhutia, Sipun, "*Odishare Gopalamananka Dolajatra*", Bageesha, Vol. No. 03, Issue No. 02, March - April 2025, Article No: BM2025/02-A004| Page- 35-39| DOI: https://doi.org/10.70541/BAGEESHA/2025030205

ALOCHANA
ସମାଲୋଚନା
ବି ବି ଧ ଚ ର୍ଚ୍ଚା
ତୃତୀୟ ବର୍ଷ, ଦ୍ୱିତୀୟ ସଂଖ୍ୟା | ମାର୍ଚ୍ଚ - ଅପ୍ରେଲ୍ ୨୦୨୫
Volume No. 03 | Issue No. 02 | Mar-Apr 2025
Refereed Peer-Reviewed Journal
ISSN: 3107-4294 (PRINT) | 2583-9543 (ONLINE)

# ସାହିତ୍ୟର ପରିଭାଷା

**ପ୍ରଫେସର ଗୌରାଙ୍ଗ ଚରଣ ଦାଶ**
ଅବସରପ୍ରାପ୍ତ ପ୍ରଫେସର, ଓଡ଼ିଆ ବିଭାଗ, ରେଭେନ୍ସା ବିଶ୍ୱବିଦ୍ୟାଳୟ, କଟକ

ସାହିତ୍ୟ ବିଦ୍ୟାଶୃଙ୍ଖଳାଗୁଡ଼ିକ ମଧ୍ୟରେ ଅନ୍ୟତମ। କହିପାରିବା–ସାହିତ୍ୟ ହେଉଛି ରସବିଦ୍ୟା, ଆଲକେମି, ସକଳ ବିଦ୍ୟା ବା ଜ୍ଞାନର ଶାବ୍ଦିକ ଅଭିବ୍ୟକ୍ତି। ନାଚ, ସଙ୍ଗୀତ, ଚିତ୍ର, ସ୍ଥାପତ୍ୟ, ନୃତ୍ୟ ଓ ଅଭିନୟ ମଧ୍ୟ ଏହି ଧାରାର ଅନ୍ୟ ଏକ ଏକ ପ୍ରତୀକ। ସେଥିପାଇଁ କୁହାଯାଏ- ବିଦ୍ୟାର ଯେ କୌଣସି ଶୃଙ୍ଖଳାକୁ ଶବ୍ଦ ମାଧ୍ୟମରେ ରୂପାନ୍ତରଣ ଓ ଅନ୍ୟ ହୃଦୟ/ଅବବୋଧରେ ସଂଚରଣ କଳା ହିଁ ସାହିତ୍ୟ। ଏବଂ ଏହି ରୂପାନ୍ତରଣ କ୍ରିୟା ଆଦୌ ସହଜ ନୁହେଁ, ଜଟିଳତମ; ତେଣୁ ସାଧନା-ସାପେକ୍ଷ। ଆମ ଭିତରୁ କେତେକ ସାହିତ୍ୟ କହିଲେ କାବ୍ୟ-କବିତା, କଥା ଓ ନାଟକକୁ ବୁଝିଥାନ୍ତି। ସ୍ପଷ୍ଟ ଶବ୍ଦରେ କହିଲେ, ଏହା ଏକ ପ୍ରକାରର ଭ୍ରାନ୍ତଧାରଣା।

ଏହି ପ୍ରସଙ୍ଗରେ ଅନେକଙ୍କର ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ରହିଛି, ତାହା, ସାହିତ୍ୟର ଅନୁରୂପ ସଂଜ୍ଞାକୁ ଯଦି ଆମେ ମାନିନେବା, ତେବେ ବିଦ୍ୟାକୁ ଏତେ ଶୃଙ୍ଖଳାରେ ଭାଗ ଭାଗ କରାଯାଇଛି କାହିଁକି? ଜଣେ ଅଧ୍ୟାୟୀ ବିଜ୍ଞାନ, ଆଉ ଜଣେ କଳା, ଜଣେ ମାନବବିଦ୍ୟା ଆଉ ଜଣେ ବାଣିଜ୍ୟବିଦ୍ୟାଘରେ ବସୁଛି କାହିଁକି? ସେ କେବଳ ବିଦ୍ୟାଘର ଭିତରେ ବସୁନି, ସାଧିତ ବିଦ୍ୟାର ଅଧିକାରୀ ବୋଲି ପ୍ରମାଣପତ୍ର ହାସଲ କରୁଛି। ପ୍ରମାଣପତ୍ରକୁ ମାଧ୍ୟମ କରି ବଞ୍ଚିବା ପାଇଁ ବୃତ୍ତି ଖୋଜୁଛି। ଜଣେ ସାଧିତ ବିଦ୍ୟାକୁ ଜୀବନ ବଞ୍ଚିବାରେ କେତେ ଭାବରେ ବ୍ୟବହାର କରୁଛି, ତାହା ଭିନ୍ନ ପ୍ରସଙ୍ଗ। ଆମେ ପ୍ରସଙ୍ଗର ଭିତରକୁ ଯିବା ନାହିଁ। ମାତ୍ର ବଡ଼ କଥା ହେଉଛି, କୌଣସି ବିଦ୍ୟାରେ ଅଧିକ ଜ୍ଞାନ ଆହରଣ, ଗବେଷଣା ଓ ତାହାର ପ୍ରୟୋଗ ପାଇଁ ଆମ ଭିତରେ ଆଗ୍ରହ ଓ ସଚେତନତା ଉଦୟ ହେଉଛି। ଆମ ସୃଷ୍ଟ ବିଦ୍ୟାଘରଗୁଡ଼ିକର ସ୍ୱତନ୍ତ୍ର ରୂପ ଏହିପରି- ୧. ପ୍ରାକୃତିକ ବିଜ୍ଞାନ ( ପଦାର୍ଥବିଦ୍ୟା, ରସାୟନବିଦ୍ୟା, ଜୀବବିଜ୍ଞାନ, ଉଦ୍ଭିଦବିଜ୍ଞାନ, ଜ୍ୟୋତିର୍ବିଦ୍ୟା, ବସ୍ତୁବିଦ୍ୟା, ଚିକିତ୍ସାବିଦ୍ୟା ଇତ୍ୟାଦି), ୨. କଳାବିଦ୍ୟା (ସାହିତ୍ୟ, ଚିତ୍ର, ସଙ୍ଗୀତ, ନାଚ, ନୃତ୍ୟ, ଚିତ୍ର, ସ୍ଥାପତ୍ୟ, ଅଭିନୟ ଇତ୍ୟାଦି), ୩. ମାନବବିଦ୍ୟା (ଦର୍ଶନ, ରାଜନୀତିବିଜ୍ଞାନ, ସମାଜବିଜ୍ଞାନ, ମନଃସ୍ତତ୍ତ୍ୱ, ନୃତତ୍ତ୍ୱ, ଇତିହାସ ଇତ୍ୟାଦି), ବାଣିଜ୍ୟ ଏବଂ ରହିଛି ଉଭୟ-ଗୋତ୍ରୀ ଗଣିତ, ପରିସଂଖ୍ୟାନବିଦ୍ୟା। ମାତ୍ର ଆମେ ପ୍ରାୟତଃ ପାଶୋରି ଦେଇଥାଉଁ, କୌଣସି ବିଦ୍ୟା ନିଃସଙ୍ଗ ନୁହେଁ, ସଦା ଅନ୍ୟ ଅନୁସଙ୍ଗୀ। ଅର୍ଥାତ୍ ଜଣେ ପଦାର୍ଥବିଦ୍ୟାବିତ୍ ସଙ୍ଗୀତ, ଚିତ୍ର, ଗଣିତ; ଜଣେ ଜୀବବିଜ୍ଞାନୀ ଅର୍ଥନୀତି, ସମାଜଶାସ୍ତ୍ର, ସାହିତ୍ୟ; ଜଣେ ଗଣିତଜ୍ଞ ଚିତ୍ର, ମନୋବିଜ୍ଞାନ, ଅର୍ଥଶାସ୍ତ୍ର; ଜଣେ ଚିକିତ୍ସାବିଦ୍ୟାବିତ୍ ସଙ୍ଗୀତ, ଦର୍ଶନ, ରାଜନୀତିବିଜ୍ଞାନ ବିଦ୍ୟାବିଶ୍ୱସ୍ତ ହୋଇପାରେ। ସବୁ ଭୂମି, ସବୁ କାଳର ପ୍ରତ୍ୟେକ ମଣିଷ ବହୁବିଦ୍ୟାର ଅଧିକାରୀ ହୋଇଛି। ଜଣେ ବ୍ୟକ୍ତି ଏକାଧିକ ବିଦ୍ୟାରେ କିପରି ଧୁରୀଣ ହୋଇପାରେ, ପୃଥିବୀର ପ୍ରତ୍ୟେକ ଭୂମିରେ ଏହାର ବହୁ ଉଦାହରଣ ରହିଛି। ଏହାର ଏକ ମାତ୍ର କାରଣ, ପ୍ରତ୍ୟେକ ମଣିଷ ସର୍ଜନଶୀଳ, ସ୍ୱପ୍ନଦ୍ରଷ୍ଟା, ତେଣୁ ବୁଦ୍ଧିଦୀପ୍ତ ସ୍ରଷ୍ଟା ଓ କବି।

ଏହି ପ୍ରସଙ୍ଗରେ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ, ବିଦ୍ୟା ଅବବୋଧ ଓ ନିର୍ମାଣ କ୍ଷେତ୍ରରେ ଜଣେ ବ୍ୟକ୍ତିକୁ ଆମେ କବି କାହିଁକି କହିବା? ଉତ୍ତର ସଂକ୍ଷେପରେ ଏତିକି ହେବ, ବ୍ୟକ୍ତି ଆପଣା ଅନୁଭବ, ବିଚାର ଓ ସାଧିତବିଦ୍ୟାକୁ ଅନ୍ୟ ଚେତନାରେ ସଂଚରି ଦେବାକୁ ଚାହେଁ। କାରଣ ସେ ଜାଣି ଥାଏ, ସଂଚରଣଶୀଳତା ବ୍ୟତିରେକ ବିଦ୍ୟାର ସଂରକ୍ଷଣ ଓ ଗତିଶୀଳତା ଅସମ୍ଭବ। ଏଥିପାଇଁ ସେ ମାଧ୍ୟମ ଖୋଜୁଥାଏ। ଅଭିବ୍ୟକ୍ତି ପାଇଁ ମାଧ୍ୟମ ରହିଛି। ଏବଂ, ସେଗୁଡ଼ିକ ମଧ୍ୟରେ ଭାଷା ଅନ୍ୟତମ ଓ ଶକ୍ତିଶାଳୀ। ପ୍ରଥମ ପର୍ଯ୍ୟାୟରେ ଭାଷିକ ଅଭିବ୍ୟକ୍ତି ଥିଲା ମୌଖିକ। ସମୟକ୍ରମେ ମଣିଷ ଲିପି ଉଦ୍‌ଭାବନ କରିଛି। ଲିପି ମାଧ୍ୟମରେ ବିଦ୍ୟାକୁ ଲିଖିତରୂପ ଦେଇଛି। ପ୍ରଥମ ରୂପ ଗଦ୍ୟ। ସମୟକ୍ରମେ, ବ୍ୟକ୍ତି ବିଦ୍ୟାକୁ ସ୍ମୃତିରେ ସହଜରେ ସଂପାଦି ରଖିବା ପାଇଁ ଅଭିବ୍ୟକ୍ତିକୁ କଳାତ୍ମକ କରିଛି। ଶବ୍ଦଗୁଡ଼ିକ ସଙ୍ଗୀତରେ ସନିବଦ୍ଧ, ଅର୍ଥାତ ପଦ୍ୟାତ୍ମକ ହୋଇଛି। ଏବଂ, ଏହା ହେଉଛି ଗଦ୍ୟ, ପଦ୍ୟ, ଗଦ୍ୟପଦ୍ୟାତ୍ମକ, ବ୍ୟାଖ୍ୟାନ ଓ ସଂଳାପଧର୍ମୀ। ବିଦ୍ୟାର ସମ୍ଭାବ୍ୟ ମୂଳ ସହିତ ନୂଆ ନୂଆ ମାତ୍ରା ଯୋଡ଼ି ହୋଇଯାଉଛି। ବିଦ୍ୟା-ଅଭିବ୍ୟକ୍ତ ଭାଷିକ-ଗଢଣକୁ ଶାସ୍ତ୍ର କୁହାଯାଉଛି। ନିର୍ଦ୍ଦିଷ୍ଟ ବିଦ୍ୟା ପାଇଁ ନିର୍ଦ୍ଦିଷ୍ଟ ଶାସ୍ତ୍ର ଅଥବା ଗୋଟିଏ ଗ୍ରନ୍ଥରେ ବହୁ ଶାସ୍ତ୍ରର ସମୀକରଣ ଓ ବିସ୍ତାରଣ ହେଉଛି। ତାହା ଏକ ଜନସମୁଦାୟ, ବିଦ୍ୟାନ- ବିଶେଷଜ୍ଞ ଓ କ୍ଷମତାଦ୍ୱାରା ଗୃହୀତ ଓ ପରୀକ୍ଷିତ ହେଉଛି ମଧ୍ୟ। ତେଣୁ ଆମେ ସ୍ୱୀକାର କରିବା, ଭାଷିକ ଓ ଭାବଧର୍ମୀ କଳାକର୍ମ ହିଁ ବିଦ୍ୟାର ଧାରକ, ଏବଂ ବ୍ୟକ୍ତି ହୃଦୟରେ ସଂଚରଣ, ବ୍ୟକ୍ତିର ଚେତନା ଉନ୍ମୀଳନ ଓ ସମୂହରେ ପ୍ରସାରଣର ମାଧ୍ୟମ। ବୃହତ୍ତର ଅର୍ଥରେ ଏହା ସାହିତ୍ୟ-ତାହା ହୋଇପାରେ ସାଧାରଣ ଗୋଷ୍ଠୀ- ମଣିଷ ଅଥବା ପଣ୍ଡିତ ନିୟନ୍ତ୍ରିତ ଭାଷା।

ଉପର୍ଯ୍ୟୁକ୍ତ ବିଚାରକୁ ସ୍ପଷ୍ଟ କରିବା ପାଇଁ ଭାରତରେ ପାଲି, ପ୍ରାକୃତ ଓ ଅପଭ୍ରଂଶ ଭାଷାରେ ଲିଖିତ କେତେକ ରଚନାକୁ ଉଦାହରଣ କରାଯାଇପାରେ। ବହୁ ସଂଖ୍ୟକ ରଚନାର ଶୈଳୀ ପଦ୍ୟାତ୍ମକ ଏବଂ ସେଗୁଡ଼ିକର ବ୍ୟାଖ୍ୟା ଓ ଟୀକା ମଧ୍ୟ ରହିଛି। କୌଟିଲ୍ୟଙ୍କ ଅର୍ଥଶାସ୍ତ୍ର (ଅର୍ଥନୀତି), ପାଣିନିଙ୍କ ଅଷ୍ଟାଧ୍ୟାୟୀ (ବ୍ୟାକରଣ), ପତଞ୍ଜଳିଙ୍କ ମହାଭାଷ୍ୟ (ବ୍ୟାକରଣ), ଭରତଙ୍କ ନାଟ୍ୟଶାସ୍ତ୍ର (କାବ୍ୟ ଓ ରସସଂକ୍ରାନ୍ତ ଚର୍ଚ୍ଚା) ବହୁ ବିଦ୍ୱାନଙ୍କ ଲିଖିତ ଅଭିଧାନ, ଧର୍ମ ଓ ଦର୍ଶନ, ଜ୍ୟୋତିର୍ବିଦ୍ୟା, ଆୟୁର୍ବିଦ୍ୟା, ସଙ୍ଗୀତ, ନୃତ୍ୟ, ବାସ୍ତୁବିଦ୍ୟା, ଧାତୁବିଦ୍ୟା ଆଦି ଶତ ସଂଖ୍ୟକ ଗ୍ରନ୍ଥ କଣ ସାହିତ୍ୟ କୋଟିର ନୁହେଁ? ଅତ୍ୟନ୍ତ ଜଟିଳ ତତ୍ତ୍ୱର ରମଣୀୟ ଅଭିବ୍ୟକ୍ତି ହିଁ ପାଠକ, ଶ୍ରୋତାକୁ ବିମୋହିତ କରେ, ସ୍ମୃତିର ସଂପଦ ହୋଇଯାଏ। ଜ୍ଞାନ ଓ ବିଦ୍ୟା ବଂଚେ ଏବଂ ବଦଳେ ଓ ପ୍ରସାରିତ ହୁଏ। ବିଦ୍ୟା ଓ ସାହିତ୍ୟର ସଂପର୍କ କେତେ ଅନ୍ତରଙ୍ଗ ଓ ଅଭିନ୍ନ, ଏହାର ସାର୍ବକାଳିକ ଉଦାହରଣ ବ୍ୟାସଙ୍କ ଉପରେ ପିତୃତ୍ୱ ଆରୋପିତ ଗ୍ରନ୍ଥ ମହାଭାରତ। କୁହାଯାଏ, ମହାଭାରତକୁ ମହାକାବ୍ୟ କହିଲେ ଗ୍ରନ୍ଥ ପ୍ରତି ଅମର୍ଯ୍ୟାଦା ହେବ। ଏହା ଭାରତ-ସୃଷ୍ଟ ସକଳ ବିଦ୍ୟାର ଠୁଳରୂପ। ପ୍ରାୟ ଦୁଇ ହଜାରରୁ ଅଧିକ ବର୍ଷ ଅବଧିରେ ବହୁ ବିଦ୍ୱାନଙ୍କ ଦ୍ୱାରା ପରିଶୀଳିତ ଓ ପରିବର୍ଦ୍ଧିତ ଏକ ମହାଗ୍ରନ୍ଥ, ଜ୍ଞାନ ଓ ବିଦ୍ୟା-ଭାରତ, ଶାସ୍ତ୍ରର ଶବ୍ଦିକ କଳାରୂପ ଏବଂ ଆତ୍ମପରିଚିତି। ତେଣୁ ଆମେ କହିପାରିବା, ଅତୀତରେ ଶାସ୍ତ୍ର ଓ ସାହିତ୍ୟ-ଦୁଇଟି ସ୍ୱତନ୍ତ୍ର ପ୍ରକରଣ ନ ଥିଲା। ଥିଲେ- ଏକରୂପୀ।

ପ୍ରାୟ ଦଶମ ଶତାବ୍ଦୀ ପରେ ଭାରତର ପ୍ରାନ୍ତୀୟ ଭାଷାଗୁଡ଼ିକରେ ସକଳ ବିଦ୍ୟା ଉଭୟ ଗଦ୍ୟ ଓ ପଦ୍ୟରୀତିରେ ଲେଖାଯାଉଛି, ସେଗୁଡ଼ିକ ଚାଟଶାଳିରେ ପଢାଯାଇଛି। ପ୍ରତ୍ୟେକର ଅଭିବ୍ୟକ୍ତି କେତେ କଳାତ୍ମକ, ଏ ସଂକ୍ରାନ୍ତରେ ସବିଶେଷ ତଥ୍ୟ ଜାଣିବା ପାଇଁ ଆମ ରାଜ୍ୟ ସଂଗ୍ରହାଳୟ, ଉତ୍କଳ ବିଶ୍ୱବିଦ୍ୟାଳୟ ଓ ଜାତୀୟ ଅଭିଲେଖାଗାରରେ ସଂଚିତ ଗଣିତ, ଚିକିତ୍ସାଶାସ୍ତ୍ର, ଜ୍ୟୋତିଷଶାସ୍ତ୍ରର ପୋଥିଗୁଡ଼ିକ ପଢାଯାଇପାରେ। ଊନବିଂଶ ଶତାବ୍ଦୀର ବ୍ରିଟିଶ ଉପନିବେଶବାଦର ସଂକ୍ରମଣ ଦେଶୀଭାଷାରେ ବିଦ୍ୟାଚର୍ଚ୍ଚା ରୀତି ପରିବର୍ତ୍ତନର କାରଣ ହୋଇଛି। ଚାଟଶାଳି ସ୍କୁଲରେ ରୂପାନ୍ତରଣ ହୋଇଛି। ପ୍ରଥମେ ମିସନାରି ପାଦ୍ରୀ ଏବଂ ପରେ ଦେଶୀ ପଣ୍ଡିତମାନେ ନୂଆ ବିଦ୍ୟାଳୟ ପାଇଁ ପଢାବହି ଲେଖିଛନ୍ତି। ବିଦ୍ୟାଚର୍ଚ୍ଚାର ପଦ୍ଧତି ବଦଳିଛି। ତାହା ମୁଖ୍ୟତଃ ଗଦ୍ୟପ୍ରଧାନ ହୋଇଛି। ଭାରତରେ ପଶ୍ଚିମର ଜ୍ଞାନ ଓ ଶାସ୍ତ୍ରର ପ୍ରସାରଣ ଏବଂ ପ୍ରଶାସନର ସୁବିଧା ପାଇଁ ମେକଲେ ୧୮୩୪ ମସିହାରେ ନୂଆ ଶିକ୍ଷା ନୀତି ପ୍ରଣୟନ କରିଛନ୍ତି। ଦେଶୀଭାଷାରେ ଅବଶ୍ୟ ପଢାବହି ଲେଖାଯାଇଛି। ମାତ୍ର ଇଂରାଜି ଭାଷା ପ୍ରାଧାନ୍ୟ ପାଇଛି। ଆମ ଇଂରାଜି ପଢୁଆ ନୂଆ ସାମନ୍ତ ଓ ଦେଶୀବାବୁମାନଙ୍କୁ ମାତୃଭାଷା ବିଷପିତା ଲାଗିଛି। ଓଡ଼ିଆ ଭାଷାରେ ଜ୍ଞାନବିଜ୍ଞାନର ବିଭିନ୍ନ ବିଷୟକ ପ୍ରବନ୍ଧମାନ ଅବଶ୍ୟ ପତ୍ରପତ୍ରିକାରେ ପ୍ରକାଶ ପାଉଛି। କେତେକ ଆଲୋଚନା ସାହିତ୍ୟ ବହିରେ ସଂକଳିତ ହେଉଛି। ସେଗୁଡ଼ିକୁ ପ୍ରବନ୍ଧ ସାହିତ୍ୟ କୁହାଯାଉଛି। ମାତ୍ର କୌଣସି ବିଦ୍ୟାକୁ ସ୍ୱତନ୍ତ୍ର ଭାବରେ ଦେଶୀଭାଷାର ଲେଖାଯାଉନାହିଁ, ପଢାଯାଉନାହିଁ। ବିଶେଷତଃ ଉଚ୍ଚଶିକ୍ଷା ଆୟତନରେ ଅଧ୍ୟୟନ ଓ ଅଧ୍ୟାପନାର ମାଧ୍ୟମ ହେଉଛି ଇଂରାଜିଭାଷା। ଅବସ୍ଥା ଏପରି ହୋଇଛି ଯେ, ଆମ ଉଚ୍ଚଶିକ୍ଷିତ ବାବୁମାନେ ସ୍ପଷ୍ଟ କରିଦେଇଛନ୍ତି, ଜ୍ଞାନବିଜ୍ଞାନର କୌଣସି ଶାସ୍ତ୍ର ଚର୍ଚ୍ଚା ପାଇଁ ଓଡ଼ିଆ ଭାଷା ପୂର୍ଣ୍ଣତଃ ଅସମର୍ଥ। ଭାରତରେ ପ୍ରାଚୀନ ଓ ମଧ୍ୟକାଳରେ ଜ୍ଞାନଚର୍ଚ୍ଚା ଓ କ୍ଷମତାର ଭାଷା ଥିଲା ମୁଖ୍ୟତଃ ସଂସ୍କୃତି। ବିଂଶ ଶତାବ୍ଦୀରେ ସଂସ୍କୃତର ସ୍ଥାନ ପୂରଣ କରୁଛି ଇଂରାଜି। ବାବୁମାନଙ୍କର ଯୁକ୍ତି, ପ୍ରାକୃତିକ ବିଜ୍ଞାନ, ମାନବବିଦ୍ୟା, କଳା ଓ ବାଣିଜ୍ୟର ଜଟିଳତତ୍ତ୍ୱର ଭଣ୍ଡାର ହେଉଛି ଇଂରାଜି ଭାଷା। ଏହାର ସାହାଯ୍ୟ ବିନା ବିଦ୍ୟା ଚର୍ଚ୍ଚା ଅସମ୍ଭବ।

ଭାରତ ଆଜି ବ୍ରିଟିଶ ଉପନିବେଶ ନୁହେଁ। ପୃଥିବୀର ପ୍ରାୟ ସକଳ ରାଜନୀତିକ ଆୟତନ ଉପନିବେଶବାଦମୁକ୍ତ। ମାତ୍ର ଜ୍ଞାନଚର୍ଚ୍ଚା ଓ ପ୍ରସାରଣ କ୍ଷେତ୍ରରେ ଆମେ ଉପନିବେଶବାଦମୁକ୍ତ ହୋଇପାରୁଛି କି? ଏହି ପ୍ରସଙ୍ଗ ଚର୍ଚ୍ଚା କାଳରେ ଆମେ ଭୁଲିଯାଉଛୁ, ଆଜି ଜାପାନୀ, ଚୀନା, ସ୍ପାନିସ, ଡେନିସ, ଫିସ, ଜର୍ମାନି ପ୍ରମୁଖ ଭାଷାରେ ବିଦ୍ୟାର ସକଳ ପ୍ରରୂପର ଚର୍ଚ୍ଚା ହେଉଛି। ଅନ୍ୟ ଭୂମିରେ ଯଦି ଏହି ଭାବାଦର୍ଶ ବର୍ତ୍ତମାନ, ଆମ ଭୂମି ତାହାର ପ୍ରୟୋଗଶାଳା ନ ହେବ କାହିଁକି? ଆମ ଭାଷାର ପ୍ରାଚୁର୍ଯ୍ୟ ଓ ଶକ୍ତି କଣ ବାସ୍ତବତଃ ଏତେ ଦୁର୍ବଳ? ନା ଦୁର୍ବଳ ଆମ ବିଚାର ଓ ଚେତନା। ଏକଥା ବି କୁହାଯାଇପାରେ, ଆମ ବାବୁମାନେ ବିଦ୍ୟାବୋଧନରେ ଅସମର୍ଥ, ଏବଂ ସେମାନଙ୍କ ବୋଧନ ଅସାମର୍ଥ୍ୟର ଉଦାହରଣ ଆପଣା ଭାଷାରେ ଭାବ ପ୍ରକାଶ ପାଇଁ ବୈରାଗ୍ୟ। ସେମାନେ ନା ଭାଷାପ୍ରେମୀ, ନା ବିଦ୍ୟାପ୍ରେମୀ, ବରଂ କୁହାଯାଉ ବିଲ ଓ ଖଟୁଲିପ୍ରେମୀ। ପ୍ରେମର ଗୁଣସୂତ୍ର ବୈରାଗ୍ୟ ନୁହେଁ, ବୈରାଗ୍ୟର ଅନୁରାଗୀକରଣ।

ମୁଁ ଇଂରାଜିଭାଷାବିରୋଧୀ ଜନ୍ତୁ ନୁହେଁ। ବରଂ ଅନୁରାଗୀ। ଅନ୍ୟ ଭାଷାଗୁଡ଼ିକ ପ୍ରତି ମଧ୍ୟ ମୋର ସମ ମାନସିକତା। ଏବଂ, ଏକଥା ଜାଣେ, ଜଣେ ନିଜ ଭାଷା ମାଧ୍ୟମରେ ଅନ୍ୟ ଭାଷାରେ ଲିଖିତ ବିଦ୍ୟା ଓ ଜ୍ଞାନକୁ ବୁଝେ, ଅନୁଭବ କରେ। ତେଣୁ ଆମେ ଅନ୍ୟ ଭାଷାକୁ ପଢିବା, ପଢା ମାଧ୍ୟମରେ ଅନ୍ୟର ସଂପଦକୁ ନିଜ ବିଦ୍ୟାଘର ଭିତରକୁ ବୋହି ଆଣିବା। ନିଜ ଭଣ୍ଡାରକୁ ପୁଷ୍ଟ କରିବା ଏବଂ ନିଜ ମଣିଷମାନଙ୍କ ପାଖରେ ପରଷି ଦେବା। ଏବଂ ଅନୁବାଦ ମାଧ୍ୟମରେ ନିଜ ବିଭବ ଅନ୍ୟମାନଙ୍କ ପାଖରେ ଖୋଲିଦେବା। ପ୍ରମାଣ କରିଦେଇପାରିବା, ଆମେ ରାଜନୀତିକ ଉପନିବେଶବାଦ ସଂକ୍ରମଣମୁକ୍ତ ମଣିଷ, ବିଶ୍ୱମଣିଷ, ଜ୍ଞାନରାଜ୍ୟର ମଣିଷ। ଏହାର ପ୍ରମାଣ ହେବ ଆମ ଭାଷିକ ଅଭିବ୍ୟକ୍ତି, ଅର୍ଥାତ ସାହିତ୍ୟ। ସାହିତ୍ୟ ଗପ, କବିତା, ନାଟକ, ଜୀବନୀ, ଭ୍ରମଣବୃତ୍ତାନ୍ତ କେବଳ ନୁହେଁ, ନୁହେଁ ଆମେ ବିଭକ୍ତ କରିଥିବା କୌଣସି ନିର୍ଦ୍ଦିଷ୍ଟ ବିଦ୍ୟା-ପ୍ରରୂପ, ଏହା ସକଳ ବିଦ୍ୟାର କଳା-ରୂପ, ଚିତ୍ରପ୍ରସାଦକ ରୂପ, ମହାରୂପ। ଅନ୍ୟ ଶବ୍ଦରେ କହିଲେ ସର୍ବବିଦ୍ୟା। ନୁହେଁ ଆମେ ବିଭକ୍ତ କରିଥିବା କୌଣସି ବିଦ୍ୟାପ୍ରରୂପ ।

***(ସୌଜନ୍ୟ: ଅ-ଶେଷ ବିମର୍ଶ,ଏଷଣା)***

ALOCHANA
ସମାଲୋଚନା
ନୂ ଆ ଫ ର୍ଦ୍ଦ

ତୃତୀୟ ବର୍ଷ, ଦ୍ୱିତୀୟ ସଂଖ୍ୟା | ମାର୍ଚ୍ଚ - ଅପ୍ରେଲ୍ ୨୦୨୫
Volume No. 03 | Issue No. 02 | Mar-Apr 2025
Refereed Peer-Reviewed Journal
ISSN: 3107-4294 (PRINT) | 2583-9543 (ONLINE)

# କତିପୟ କଥାୟନ-ଦୃଷ୍ଟି-ସଂପାତ (ନମୁନା: 'ଚତୁର ବିନୋଦ'ସ୍ଥ ପ୍ରୀତି ବିନୋଦ)

**ଡ. ରବୀନ୍ଦ୍ର କୁମାର ଦାସ**
ସହକାରୀ ପ୍ରଫେସର, ଓଡ଼ିଆ ବିଭାଗ, ବିଶ୍ୱଭାରତୀ ବିଶ୍ୱବିଦ୍ୟାଳୟ, ଶାନ୍ତିନିକେତନ

**ମୂଳଶବ୍ଦ:** କଥକ ପକ୍ଷ, ଶ୍ରୋତୃ ପକ୍ଷ, କଥାନକ, କାର୍ଯ୍ୟକାରଣ, କଥା ପଞ୍ଚସନ୍ଧି, ଘଟଣାକ୍ରମ, ଚତୁର ବିନୋଦ, ପ୍ରୀତି ବିନୋଦ, କଥାୟନ-ଦୃଷ୍ଟି-ସଂପାତ।

ABSTRACT

**ସାରାଂଶ:** ଏହି ପ୍ରବନ୍ଧରେ କଥାୟନ ତତ୍ତ୍ୱ ବା Narratologyର କତିପୟ ଅନୁଷଙ୍ଗକୁ ଆଧାର କରି ପ୍ରସ୍ତୁତ ହୋଇଛି। ଦୃଷ୍ଟାନ୍ତମୂଳକ ନମୁନା ଭାବରେ 'ଚତୁର ବିନୋଦ'ର ପ୍ରୀତି ବିନୋଦକୁ ଗ୍ରହଣ କରାଯାଇଛି। 'ଚତୁର ବିନୋଦ' ଏମିତି ଏକ କଥାଗ୍ରନ୍ଥ ଯେଉଁଥିରେ ବହୁ ପ୍ରକାରର ପରୀକ୍ଷାନିରୀକ୍ଷା କରାଯାଇଛି। ଏହାର କଥା ପରିବେଷଣ ଶୈଳୀ ଅତ୍ୟନ୍ତ ଉତ୍ତରଆଧୁନିକ ଶୈଳୀ ସଦୃଶ। କଥାଗ୍ରନ୍ଥ ଏବଂ କଥାଗ୍ରନ୍ଥସ୍ଥ ସ୍ଥାନକାଳପାତ୍ରଗତ ଶୀର୍ଷିକିକରଣ ଅତ୍ୟନ୍ତ ମଧ୍ୟଯୁଗୀୟ ଶୈଳୀ ସାପେକ୍ଷ। କଥାବସ୍ତୁ ସଂରଚନା ଅତ୍ୟନ୍ତ ଲୋକସାହିତ୍ୟ ସର୍ବସ୍ୱ। ଭାଷା ବିନ୍ୟାସରେ ପ୍ରାଚେରୀବଦ୍ଧତା ନାହିଁ; ବରଂ ଏକାଧିକ ଭାଷାର ପ୍ରୟୋଗିକ ପରୀକ୍ଷଣ ବିଦ୍ୟମାନ। ପ୍ରତ୍ୟେକ ଗଳ୍ପର ଶେଷରେ ଯେଉଁ ଲେଖକୀୟ ଦୈପାର୍ଶ୍ୱିକ ନୈତିକ ନିର୍ଘୋଷ ରହିଛି, କେବଳ ତେତିକିକୁ ବାଦ ଦେଲେ ଅନ୍ୟ ସମସ୍ତ ଅନୁଷଙ୍ଗ ପ୍ରାୟତଃ ସମକାଳ। ସେଥିପାଇଁ ଏ ପ୍ରବନ୍ଧରେ ପୂର୍ଣ୍ଣତଃ ନହେଲେ ମଧ୍ୟ କତିପୟ ଉପପାଦନକୁ ଭିତ୍ତିକରି ବିଶ୍ଳେଷଣ କରିବାକୁ ପ୍ରୟାସ କରାଯାଇଛି।

କଥାକାର ବ୍ରଜନାଥ ବଡ଼ଜେନାଙ୍କର 'ଚତୁର ବିନୋଦ' କଥାଗ୍ରନ୍ଥ ହେଉଛି ଅଷ୍ଟାଦଶ ଶତାବ୍ଦୀରେ ରଚିତ ଏକ କାଳଜୟୀ କଥାସୃଷ୍ଟି। ଅଷ୍ଟାଦଶ ଶତାବ୍ଦୀକୁ ଓଡ଼ିଆ ସାହିତ୍ୟରେ କାବ୍ୟଯୁଗ ବା ଅଳଙ୍କାର ଯୁଗ ବୋଲି କୁହାଯାଇଥାଏ। ବ୍ରଜନାଥ ବଡ଼ଜେନା ସେହି କାବ୍ୟ ଯୁଗର ଜଣେ କବି ଭାବରେ ଅନନ୍ୟ ପ୍ରସିଦ୍ଧିର ଅଧିକାରୀ ହେଇଥିଲେ ମଧ୍ୟ 'ଚତୁର ବିନୋଦ' ପରି ଏକ ବ୍ୟତିକ୍ରମମୂଳକ କଥାଗ୍ରନ୍ଥ ରଚନା କରି ଯୁଗୀୟ ଚେତନାରେ ଦୃଷ୍ଟାନ୍ତମୂଳକ ନବୀନତା ସୃଷ୍ଟି କରିଛନ୍ତି ।

'ଚତୁରବିନୋଦ' କଥାଗ୍ରନ୍ଥର ସବୁଠାରୁ ବଡ଼ ଗୁରୁତ୍ୱପୂର୍ଣ୍ଣ ଦିଗଟି ହେଉଛି କଥା, କଥକ, କଥନ ଏବଂ ଶ୍ରୋତାସଂପୃକ୍ତି। ଏହିକଥା ଗ୍ରନ୍ଥରେ ରସାଳକାଞ୍ଚନ ନାମକ ନଗରର ନେତ୍ରାମୋଦ ନାମକ ଜଣେ ବୈଶ୍ୟର କନ୍ୟା ଚଞ୍ଚଳାକ୍ଷୀ ହେଉଛନ୍ତି ଶ୍ରୋତା କଥକ ହେଉଛନ୍ତି ରାଜକୁମାର ମୋହନାଙ୍ଗ। କଥାର ଅବଧି ହେଉଛି ମାତ୍ର ଗୋଟିଏ ରାତ୍ରି ଚତୁରବିନୋଦରେ ଚାରିଟି ବିନୋଦ ରହିଛି। ସେଗୁଡ଼ିକ ସେଗୁଡ଼ିକ ଯଥାକ୍ରମେ ହାସ ବିନୋଦ, ରସ ବିନୋଦ, ନୀତି ଦିନୋଦ ଏବଂ ପ୍ରୀତି ବିନୋଦ। ହାସ ବିନୋଦରେ ଦୁଇଟି ଗଳ୍ପ ରହିଛି। ଯଥା - ହାସ ବିନୋଦ ଏବଂ ଅତିହାସ ବିନୋଦ। ରସ ବିନୋଦରେ ଚାରୋଟି ଗଳ୍ପ ରହିଛି। ନୀତି ବିନୋଦରେ ସେହିପରି ଚାରୋଟି ଗଳ୍ପ ଏବଂ ପ୍ରୀତି ବିନୋଦରେ ସର୍ବମୋଟ ଛଅଟି ଗଳ୍ପ ଲିପିବଦ୍ଧ ହେଇଛି ।

'ଚତୁର ବିନୋଦ'ର ଯେଉଁ ଅଭିନବ ଦିଗଟି ପାଠକକୁ ଆବୃତ୍ତ ଚମତ୍କୃତ କରେ ତାହା ହେଉଛି ତାର ଗଳ୍ପ ସଂରଚନା ଶୈଳୀ। ଯାହାକୁ ଏକ ଆଙ୍ଗିକ ସର୍ବସ୍ୱ ସାହିତ୍ୟିକ ବିଭାଗ ଭାବରେ ଗ୍ରହଣ କରାଯାଇଥାଏ। 'ଚତୁର ବିନୋଦ' ଏକ ସ୍ୱୟଂସମ୍ପୂର୍ଣ୍ଣ କଥାଗ୍ରନ୍ଥ ହେଲେ ମଧ୍ୟ ଏଥିରେ ସର୍ବମୋଟ ଅଠରଗୋଟି ଗଳ୍ପ ରହିଛି। ଯାହା ପ୍ରଥମରୁ ସୂଚିତ। ଯଦି ସମୁଦାୟ କଥାଗ୍ରନ୍ଥଟିକୁ ଗୋଟିଏ ମହାବ୍ୟାଖ୍ୟାନ ଭାବେ ଗ୍ରହଣ କରାଯାଏ, ତେବେ ଏହି ମହାବ୍ୟାଖ୍ୟାନର ଅନ୍ତର୍ଗତ ବିଭିନ୍ନ ଗଳ୍ପ ମଧ୍ୟସ୍ଥ କଥାନକ ତଥା ତନ୍ମଧରେ ଘଟୁଥିବା ବିଭିନ୍ନ ଘଟଣାର ଆନୁକ୍ରମିକ ଶୃଙ୍ଖଳା, ଦ୍ୱନ୍ଦ, ଉତ୍କଣ୍ଠା, ପଞ୍ଚସନ୍ଧି, ଦୃଷ୍ଟିକୋଣ, କଥାବସ୍ତୁ ପ୍ରଭୃତି ତାହାର ଗୋଟିଏ ଗୋଟିଏ ଆଙ୍ଗିକ ଉପାଦନ ଭାବରେ ସ୍ୱୀକୃତ ହେବ ।

'ଚତୁର ବିନୋଦ'ର ଗଳ୍ପ ସଂରଚନା ବା କଥାବିନ୍ୟାସ ବା ଗଳ୍ପ ଗୁମ୍ଫନ ଶୈଳୀକୁ ନେଇ ସମାଲୋଚକମାନେ ବିଭିନ୍ନ

ପ୍ରକାରର ଚର୍ଚ୍ଚାରେ ନିମଗ୍ନ ରହିଥାନ୍ତି। ଏଠାରେ ଗୁମ୍ଫନର ଅର୍ଥ ହେଉଛି ରଚନ ବା ଗ୍ରଥନ। ଆନୁକ୍ରମିକ ରୀତିରେ ଧ୍ୱନିଠାରୁ ଆରମ୍ଭ କରି କଥାନକ ବା ମହାବ୍ୟାଖ୍ୟାନ ମଧ୍ୟସ୍ଥ ଯେଉଁ କଥାଶିଳ୍ପଗତ ଅନୁଷଙ୍ଗ ରହିଥାଏ, ତାହାକୁ ଗ୍ରଥନ ବା ସଂଗ୍ରଥନ ବୋଲି କୁହାଯାଏ। ତାହାର ଶୈଳ୍ପିକ ନାମାନ୍ତର ହେଉଛି ଗୁମ୍ଫନ। ନିମ୍ନରେ ପ୍ରୀତି ବିନୋଦକୁ ଭିତ୍ତିକରି 'ଚତୁର ବିନୋଦ'ରେ ଯେଉଁ ଚମତ୍କାର ଗଳ୍ପ ଗୁମ୍ଫନଶୈଳୀର ଅଭିବ୍ୟକ୍ତି ଘଟିଛି ତାହା ଆଲୋଚନା କରାଗଲା।

**କଥା ପ୍ରକରଣ:** ପ୍ରୀତି ବିନୋଦରେ ଯେଉଁ କଥାଭାଗ ରହିଛି ସେଥିରେ ସର୍ବମୋଟ ଛଅଟି ଗଳ୍ପ ଅନ୍ତର୍ଭୁକ୍ତ। ସେହି ୬ଟି ଗଳ୍ପ ମଧ୍ୟରେ ଶଠ ପ୍ରୀତି,ଦୁଷ୍ଟ ପ୍ରୀତି, ନୀଚ ପ୍ରୀତି, କାର୍ଯ୍ୟଘେନା ପ୍ରୀତି,ପ୍ରବଳ ଶଠ ପ୍ରୀତି ଅନ୍ତର୍ଭୁକ୍ତ ।

**କଥନ ପ୍ରକରଣ:** କଥନ ପ୍ରକରଣରେ ଲେଖକୀୟ କଥନ ରାଜକୁମାର ମୋହନାଙ୍ଗ ଚରିତ୍ର ମୁଖରେ ବିସ୍ତାରିତ ହୋଇଛି। ଏହା କେତେବେଳେ ଗଦ୍ୟ ରୂପ ଗ୍ରହଣ କରିଛି ତ କେତେବେଳେ ପଦ୍ୟ ରୂପେ ପୁଣି କେତେବେଳେ ଛଟା ରୂପରେ ତ କେତେବେଳେ ମୁହାବରା ରୂପେ। ଏମିତି ବିବିଧତାପୂର୍ଣ୍ଣ କଥନ ପ୍ରକରଣ କଥା ଗ୍ରନ୍ଥର ପ୍ରାଣବିନ୍ଦୁ ପାଲଟିଛି ।

**କଥକ ପ୍ରକରଣ:** କଥାଭାଗରେ ଯେଉଁ କଥନ ପ୍ରକାର୍ଯ୍ୟ ରହିଛି ତାହାର କଥକ ହେଉଛନ୍ତି ମୋହନାଙ୍ଗ। "ହଉ ତେବେ ପ୍ରୀତି ବିନୋଦ କଥା କହିବା ଶୁଣ" ଉଚ୍ଚାରଣ କରି କଥକ କଥାଭାଗକୁ ଗତିଶୀଳ କରାଇଛନ୍ତି ।

**ଶ୍ରୋତୃ ପ୍ରକରଣ:** ଶ୍ରୋତୃ ପ୍ରକରଣର ଶ୍ରୋତ୍ରୀ ହେଉଛନ୍ତି ଚଞ୍ଚଳାକ୍ଷୀ। ପ୍ରୀତି ବିନୋଦର ପ୍ରାରମ୍ଭିକ ଭାଗରେ ଚଞ୍ଚଳାକ୍ଷୀ କହିଛନ୍ତି "ହେ ପ୍ରିୟତମ! ପ୍ରୀତି ବିନୋଦ ବୋଲି ଯେଉଁ କଥା ତେବେ କହିବା ହେଉ ।"

ତାପରେ ମୋହନାଙ୍ଗ ଗୋଟିଏ ସଂସ୍କୃତ ଶ୍ଳୋକ ମାଧ୍ୟମରେ ପ୍ରୀତି କିଭଳି ବିଭିନ୍ନ ପ୍ରକାରର ହୋଇପାରେ ତାହା ପ୍ରକାଶ କରିଛନ୍ତି। ଚଞ୍ଚଳାକ୍ଷୀ ଗୋଟିଏ ପରେ ଗୋଟିଏ ପ୍ରୀତି ଶ୍ରବଣ କରିବାପାଇଁ ଆଗ୍ରହ ପ୍ରକାଶ କରିଛନ୍ତି। କଥକ ମୋହନାଙ୍ଗ ସର୍ବମୋଟ ଛଅଗୋଟି ପ୍ରୀତିକୁ ଅତି ସୁନ୍ଦର ଭାବରେ ନିଜର କଥନ ପ୍ରତିଭା ମାଧ୍ୟମରେ ବ୍ୟକ୍ତ କରିଛନ୍ତି। ଏହିପରି ଭାବରେ କଥା ପ୍ରକରଣ, କଥନ ପ୍ରକରଣ, କଥକ ପ୍ରକରଣ, ଶ୍ରୋତୃ ପ୍ରକରଣର ବିସ୍ତାର 'ଚତୁର ବିନୋଦ'ରେ ସଂଘଟିତ ।

**କଥାନକ:** ପ୍ରୀତି ବିନୋଦରେ ଯେଉଁ ଛଅଟି କଥାଭାଗ ରହିଛି, ତହିଁରେ କଥାନକ ସଂଭାଗଟି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ମନେହୁଏ। ପ୍ରତ୍ୟେକ କଥାନକରେ କାର୍ଯ୍ୟକାରଣଗତ ସମ୍ବନ୍ଧ ରହିଛି। ଘଟଣାର ଆନୁକ୍ରମିକ ଶଙ୍ଖଳା ରହିଛି। ତତ୍ ସହିତ ଲେଖକୀୟ ଦୃଷ୍ଟିକୋଣ ମଧ୍ୟ ସ୍ପଷ୍ଟ ଭାବରେ ପ୍ରତିଫଳିତ ହୋଇଛି ।

ପ୍ରୀତି ବିନୋଦର ପ୍ରଥମ ଗଳ୍ପର ଶ୍ରୀର୍ଷକ ହେଉଛି 'ଶଠପ୍ରୀତି'। କଥାନକ ଦୃଷ୍ଟିରୁ ଯଦି ଏହି ଶଠପ୍ରୀତିକୁ ଚର୍ଚ୍ଚମା କରାଯାଏ, ତେବେ ଏଥିରେ କେତେଗୁଡ଼ିଏ ଘଟଣାର ଆନୁକ୍ରମିକ ଶୃଙ୍ଖଳା ବିଦ୍ୟମାନ ଥିବାର ଲକ୍ଷ୍ୟ କରାଯାଏ। ଯଥା-

ଘଟଣା-୧: କର୍ମପୁର ବ୍ରାହ୍ମଣଗଙ୍ଗାସ୍ନାନ କରିବାକୁ ଯାତ୍ରା କରିବା ।

ଘଟଣା-୨: କର୍ମପୁର ବ୍ରାହ୍ମଣଠାରେ ଧନଥିବାର ଅନୁମାନ କରି ନାପିତ ମନମନୁଆ ତାଙ୍କର ପଶ୍ଚାତ ଗମନ କରିବା।

ଘଟଣା-୩: ବ୍ରାହ୍ମଣ ନାପିତକୁ ଅବିଶ୍ୱାସ କରିବା, ତାର ଜାତି କ'ଣ ବୋଲି ମନରେ ବିଚାର କରିବା ଇତ୍ୟାଦି ।

ଘଟଣା-୪: ଗୋସାଇଁଙ୍କର ସନ୍ଦେହ ଦୂର କରିବା ପାଇଁ ନାପିତ ଗୋଟିଏ ଗଳ୍ପ ପରିବେଷଣ କରିବା ଏବଂ ତତ୍ପରେ ବ୍ରାହ୍ମଣଙ୍କୁ ବିଭିନ୍ନ ଗଳ୍ପକଥନ ମାଧ୍ୟମରେ ବିଶ୍ୱସ୍ତ କରାଇ ବ୍ରାହ୍ମଣଙ୍କ ଠାରେ ଶହେ ଟଙ୍କା ରହିଛି ବୋଲି ସ୍ଥିର ନିଶ୍ଚିତ ହେବା ଏବଂ ସେହି ଟଙ୍କାକୁ କୌଶଳପୂର୍ବକ ଲୁଟି ନେବା ପାଇଁ ଚାରୁରୂପ ନାମକ ଜଣେ ଶୁଣ୍ଢୀ ସାହାଯ୍ୟରେ ଷଡ଼ଯନ୍ତ୍ର ରଚିବା ଏବଂ କର୍ମପୁରଙ୍କଠାରେ ଥିବା ଏକଶତ ଟଙ୍କାକୁ ଆତ୍ମସାତ କରିବାରେ ସଫଳ ହେବା ।

କଥାନକ ମଧ୍ୟରେ ସାଧାରଣତଃ ବିଭିନ୍ନ ଘଟଣାର ଆନୁକ୍ରମିକ ଗୁମ୍ଫନ ହୋଇଥାଏ। ଘଟଣାଗୁଡ଼ିକ କାର୍ଯ୍ୟକାରଣ ସମ୍ବନ୍ଧ ମାଧ୍ୟମରେ ପାରସ୍ପରିକ ସଂପୃକ୍ତି ରକ୍ଷା କରିଥାନ୍ତି। କାର୍ଯ୍ୟକାରଣ ସମ୍ବନ୍ଧ ନ ରହିଲେ କୌଣସି ଗଳ୍ପର କଥାଭାଗ କଥାନକରହିତ ହୋଇଯାଏ। ଯଦି କାର୍ଯ୍ୟକାରଣ ଦୃଷ୍ଟିରୁ ଦୁଷ୍ଟ ପ୍ରୀତିକୁ ବିଚାର କରାଯାଏ, ତେବେ କ୍ଷେତ୍ରପାଳ ଭୂମିଜ ଅହିପୁର ପର୍ବତ ପଥରେ ଗମନାଗମନ କରୁଥିବା ମହାଜନମାନଙ୍କଠାରୁ ଧନ ଲୁଟିବାକୁ କାର୍ଯ୍ୟ ଏବଂ ତହିଁ ହେତୁ ମହାଜନ ମାନଙ୍କର ବାଣିଜ୍ୟ ବନ୍ଦ ହେଇଯିବାକୁ କାରଣ ବୋଲି ବିବେଚନା କରାଯାଇ ପାରିବ। ମହାଜନମାନେ ମିଳିତ ଭାବେ ବିଚାରଆଲୋଚନା କରି କ୍ଷେତ୍ରପାଳକୁ ଧନରତ୍ନ ଅର୍ପଣ କରି ତା ସହିତ ପ୍ରୀତି ସୃଷ୍ଟି କରିବାକୁ ଆଉ ଗୋଟିଏ କାରଣପ୍ରକରଣ ବୋଲି ମଧ୍ୟ ଆକଳନ କରିହେବ ।

କଥାନକ ମଧ୍ୟରେ ରହିଥିବା ଘଟଣାସମୂହ ଏବଂ ତନ୍ମଧ୍ୟସ୍ଥ କାର୍ଯ୍ୟକାରଣଗତ ସମ୍ବନ୍ଧ ଦ୍ୱାରା ପାଠକ କଥାର ପଠନ କିମ୍ବା ଶ୍ରବଣ ପ୍ରତି ଆଗ୍ରହ ପ୍ରକାଶ ପାଇଥାଏ ।

**ପଞ୍ଚସନ୍ଧି:** କଥାଗୁମ୍ଫନ ପ୍ରକ୍ରିୟାରେ ପଞ୍ଚସନ୍ଧିର ସଂଯୋଜନା କଥା-ପରିବେଶକୁ ସରସସୁନ୍ଦର କରିଥାଏ। କଥା ମଧ୍ୟରେ ଯେଉଁ ଘଟଣାସବୁ ଘଟେ ସେଗୁଡ଼ିକର ଆରମ୍ଭ-ଆରୋହଣ-ଶୀର୍ଷ-ଅବରୋହଣ-ପରିସମାପ୍ତି ରହିଥାଏ। ଯଦି ପ୍ରୀତି ବିନୋଦର 'କାର୍ଯ୍ୟଘେନା ପ୍ରୀତି' ଏହି ପଞ୍ଚମ ସନ୍ଧି ଦୃଷ୍ଟିରୁ ବିଚାର କରାଯାଏ, ତେବେ ଯେତେବେଳେ କ୍ଷତ୍ରିୟ ଶଶଧର ନନ୍ଦିନୀ ନାମକ ଗୋଟିଏ ଗାଈ କିଣୁଛି ସେତେବେଳେ ସେହି ଘଟଣାକୁ ପ୍ରାରମ୍ଭ ବୋଲି ବିଚାର କରାଯିବ। ଗାଈ କିଣିବା, ଗାଈ ବନସ୍ତରେ ଯାଇ ଚରିଆସିବା,ଶଶଧର ତାର ଯତ୍ନନେବା , କିଛି ଦିନ ମଧ୍ୟରେ ଗାଈ ଗର୍ଭହେବା, ବାଛୁରୀ ଜନ୍ମକରିବା, ଦୁଇମାସ ଧରି ତାକୁ ଦୋହନ କରିବା, ଗାଈ ପ୍ରତ୍ୟହ କ୍ଷୀରଦେବା, ଶଶଧର ଆହୁରି

ଅଧିକ କ୍ଷୀର ପାଇବା ପାଇଁ ଗାଈକୁ ଦିବ୍ୟକୋମଳ ଘାସ ଆଣି ଖୁଆଇବା, ଅନ୍ନରାନ୍ଧି ଖୁଆଇବା, ଗୁହାଳ ଚିକ୍କଣ କରି ସଜାଡ଼ିବା ପ୍ରଭୃତି ହେଉଛି ଆରୋହଣଗତ ଉପାଦାନ। କଥାବସ୍ତୁର ଶୀର୍ଷ ଭାଗ ହେଉଛି ଯେତେବେଳେ ନନ୍ଦିନୀ ଗର୍ଭ ହେଇଛି, ସେଇ ସମୟ। ଯେତେବେଳେ ତା ସ୍ତନରୁ କ୍ଷୀର ଶୁଖିଯାଇଛି, ସେ ଭଲ ଭାବରେ ପୂର୍ବ ଭଳି କ୍ଷୀର ଦେଇପାରିନାହିଁ, ସେତେବେଳେ କ୍ଷତ୍ରିୟ ଶଶଧର ମନରେ ନନ୍ଦିନୀ ପ୍ରତି ହତାଦର ଭାବ ସୃଷ୍ଟି ହୋଇଛି। ଏହି ଭାବ କ୍ରମଶଃ ଉତ୍କଟ ରୂପ ଧାରଣ କରିଛି ଏବଂ ଶେଷରେ ଶଶଧର ନନ୍ଦିନୀକୁ ପିଟି କରି ଘଉଡ଼େଇ ଦେଇଛି। ନନ୍ଦିନୀ ଏ ଓଳି ସେ ଓଳି ହୋଇ, ଅଇଁଠା ପତରଖାଇ ଯନ୍ତ୍ରଣା ଜର୍ଜରିତ ଜୀବନ ଅତିବାହିତ କରିଛି। ନନ୍ଦିନୀ କ୍ଷୀର ନଦେବା ପସଙ୍ଗଟି ହେଉଛି କଥା ପଞ୍ଚସନ୍ଧିର ଶୀର୍ଷ ବିନ୍ଦୁ। ଶଶଧର ଲୋଭଗ୍ରସ୍ତ ହୋଇ ନନ୍ଦିନୀ ଗାଈର ରକ୍ଷଣାବେକ୍ଷଣ କରିଥିଲା, ଅତିଶୟ ଗାଈଦୁଗ୍ଧଲୋଭୀ ଶଶଧର ଯେତେବେଳେ ନନ୍ଦିନୀ ପାଖରୁ ଦୁଗ୍ଧ ପାପ୍ତ ନ ହେଲା, ସେତେବେଳ ନନ୍ଦିନୀକୁ ସେ ଅବହେଳା କରିବା ଆରମ୍ଭ କଲା। ଏହି ପ୍ରକ୍ରିୟା ମାଧ୍ୟମରେ କଥା ବିନ୍ୟାସରେ ଯେଉଁ ମୋଡ଼ ସୃଷ୍ଟିହେଲା, ତାହାକୁ climax ବା ଶୀର୍ଷବିନ୍ଦୁ ବୋଲି କୁହାଯାଏ । ତାପରେ ନନ୍ଦିନୀ ଅତ୍ରତତ୍ର ଭ୍ରମଣ କରିବା ଏବଂ ଶେଷରେ ଶଶଧର ସଂପୂର୍ଣ୍ଣ ଭାବରେ ନନ୍ଦିନୀକୁ ଘରୁ ବିତାଡ଼ିତ କରିଦେବା ହେଉଛି ଏହି କାର୍ଯ୍ୟଘେନା ପ୍ରୀତି ଗଳ୍ପଭାଗର ପରିସମାପ୍ତି ବିନ୍ଦୁ। ପଞ୍ଚସନ୍ଧି ପ୍ରକରଣ ଅନୁସାରେ କଥାକାରମାନେ କଥା କୃତିକୁ ଏହି ପରି ପାଞ୍ଚ ଗୋଟି ସନ୍ଧି ମାଧ୍ୟମରେ ସୁବିନ୍ୟସ୍ତ କରିଥାନ୍ତି ।

ଦ୍ୱନ୍ଦ୍ୱ ଏବଂ ଉତ୍କଣ୍ଠା: ପଞ୍ଚସନ୍ଧି ମଧ୍ୟରେ ଯେତେବେଳେ ଆରମ୍ଭ ଭାଗରୁ ଘଟଣା ଶୀର୍ଷ ବିନ୍ଦୁ ଆଡ଼କୁ ଗତିଶୀଳ ହୁଏ, ସେତେବେଳେ ଦ୍ୱନ୍ଦ୍ୱ ଓ ଉତ୍କଣ୍ଠା ସୃଷ୍ଟି ହୋଇଥାଏ। ଦ୍ୱନ୍ଦ୍ୱ ଏବଂ ଉତ୍କଣ୍ଠା ସର୍ବଦା ପାଠକୀୟ ପ୍ରତିକ୍ରିୟାକୁ ସମ୍ବେଦିତ କରିଥାଏ। ପାଠକ ଯେତେବେଳେ ଭାବେ ଏହାପରେ କ'ଣ ହେବ? (What happened then?) ସେତେବେଳେ ଦ୍ୱନ୍ଦ୍ୱ ସୃଷ୍ଟି ହୁଏ ଏବଂ ଏହି ଦ୍ୱନ୍ଦ୍ୱକୁ ସଂଘର୍ଷ ମଧ କୁହାଯାଏ। ଏହି ଦ୍ୱନ୍ଦ୍ୱ ସୃଷ୍ଟି ହେବାଦ୍ୱାରା ପାଠକ ବା ଶ୍ରୋତା ବା ଦର୍ଶକ ମଧ୍ୟରେ ଉତ୍କଣ୍ଠା ସୃଷ୍ଟି ହୁଏ। ଫଳରେ ପାଠ ବା କଥା ସଂରଚନା ପାଠକକୁ ଅଧିକ ଆକର୍ଷଣ କରେ। ପାଠକ ଅବଚେତନରେ ଯେଉଁ ଉଦବେଗ, ଆଶଙ୍କା, ଭୟ, ଈର୍ଷା ପ୍ରଭୃତି ରହିଥାଏ, ସେଗୁଡ଼ିକ କଥାବସ୍ତୁଗତ ଦ୍ୱନ୍ଦ୍ୱ ଦ୍ୱାରା ସମ୍ମୁଖକୁ ଚାଲିଆସେ। ଫଳରେ ପାଠକ ଜାଣିପାରେନା ଯେ ସେ ଗୋଟେ କଥାଗ୍ରନ୍ଥକୁ କେବଳ ପଠନ ମାତ୍ର କରିଚାଲିଛି। ସେ ଭାବିନିଏ କଥାଗ୍ରନ୍ଥ ମଧ୍ୟରେ ଯେଉଁ ଘଟଣାସବୁ ଘଟୁଛି ସେ ଘଟଣାର ଚରିତ୍ର ମଧ ସେ ନିଜେ। ଫଳରେ କଥାଗ୍ରନ୍ଥ ଏବଂ ପାଠକ ମଧ୍ୟରେ ଘନିଷ୍ଠ ସମ୍ବନ୍ଧ ପ୍ରତିଷ୍ଠିତ ହୁଏ। ପ୍ରୀତି ବିନୋଦର ପ୍ରାୟତଃ ପ୍ରତ୍ୟେକ ଗଳ୍ପରେ ଏହି ଦ୍ୱନ୍ଦ୍ୱ ଏବଂ ଉତ୍କଣ୍ଠା ବିଦ୍ୟମାନ। ଯଦି ପ୍ରବଳ ଶଠପ୍ରୀତି ଗଳ୍ପରେ ଦ୍ୱନ୍ଦ୍ୱ ଓ ଉତ୍କଣ୍ଠା କିଭଳି ପାଠକୀୟ ଅତ୍ୟୁତ୍ସକତାର ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛି ବୋଲି ପରୀକ୍ଷା କରାଯାଏ, ତେବେ ଦେଖାଯିବ ଯେ ହେମବତୀନଗରର ରାଜା କେଳିଗୁପ୍ତ ସେହି ନଗରର ବାସିନ୍ଦା ମନୋହର ବଣିଆର ସ୍ତ୍ରୀ ଖଞ୍ଜନୀର ଅପୂର୍ବ ସୌନ୍ଦର୍ଯ୍ୟ ପ୍ରତି ଆକୃଷ୍ଟ ହେବା ଏବଂ ତାକୁ ରମଣ କରିବା ପାଇଁ ଇଚ୍ଛା କରିବା ଏବଂ ସେଥିପାଇଁ ଗୋଟିଏ ସୁସଂରଚିତ ପଦକ୍ଷେପ ଗ୍ରହଣ କରିବା ଦ୍ୱାରା ପାଠକ ମଧ୍ୟରେ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଛି। ରାଜା କେଳିଗୁପ୍ତ ଖଞ୍ଜନୀକୁ କିଭଳି ଭାବରେ ଉପଭୋଗ କରିବେ ସେ ନେଇ ପାଠକ ମଧ୍ୟରେ ଅତିଶୟ ଉତ୍ସୁକତା ସୃଷ୍ଟି ହୋଇଛି। ଯେତେବେଳେ ରାଜା ମନୋହର ବଣିଆକୁ ଡକାଇ ଚାଙ୍ଗଡ଼ା ଘରର ଦାୟିତ୍ୱ ତା ହାତରେ ଅର୍ପଣ କରନ୍ତି ଏବଂ ସେ ନିଜେ ପାଞ୍ଚ ସାତ ବରଷଧରି କାମବିକାର ପୂର୍ବକ ନପୁଂସକ ଆଚରଣ କରୁଛନ୍ତି ବୋଲି କହି ଗୌରୀବ୍ରତ ଆରମ୍ଭ କରନ୍ତି ସେତେବେଳେ ପାଠକୀୟ ଉତ୍ସୁକତା ଅଧିକ ବୃଦ୍ଧିପ୍ରାପ୍ତ ହୋଇଛି। ଯେତେବେଳେ ରାଜା କହିଛନ୍ତି ଯେ ଯେଉଁ ଘରେ ସେ ପୂଜା କରିବେ ସେ ଘରେ ପୁରୁଷର ପ୍ରବେଶ ହେବନାହିଁ। ସେ ଘରେ ପ୍ରତ୍ୟେକ ଦିନ ରାତ୍ରିରେ ଜଣେ ସ୍ତ୍ରୀ ଦୀପ ତେଜିବ। ସେ ବେଶ୍ୟା କି ବିଧବା ହେଇ ନ ଥିବା କୁଳ ସ୍ତ୍ରୀ ହୋଇଥିବ। ରାଜା ତା ପାଇଁ ନୂଆ ଅଳଙ୍କାର, ନୂଆ ଶାଢ଼ୀ ଏବଂ ପାଞ୍ଚଶହ ଟଙ୍କା ପ୍ରଦାନ କରିବେ। ଏହାର ଦାୟିତ୍ୱ ନେବେ ମନୋହର ବଣିଆ। ଗଳ୍ପର ଏହି ଭାଗରେ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଥିବାର ଲକ୍ଷ୍ୟ କରାଯାଏ। ଏହି ଭାଗରେ ପାଠକ ମଧ୍ୟରେ "ଏୟା ପରେ କ'ଣ ଘଟିବ ? ଏହା ପରେ କ'ଣ ଘଟିବ?" ପକ୍ରିୟାଟି ଅତ୍ୟନ୍ତ ପ୍ରଭାବଶାଳୀ ହୋଇ ଉଠିଥାଏ। ଏଇ ଧରଣର ଅବସ୍ଥା ତଥା ସ୍ଥିତିକୁ କଥା ରଚନାରେ ଦ୍ୱନ୍ଦ୍ୱ ବା Conflict ବୋଲି କୁହାଯାଏ। ଏହି ଦ୍ୱନ୍ଦ୍ୱ ଦ୍ୱାରା ପାଠକ ମଧ୍ୟରେ ଉତ୍କଣ୍ଠା ସୃଷ୍ଟି ହୁଏ। ଫଳରେ କଥାରଚନାର ପଠନ ପ୍ରତି ପାଠକର ଅନ୍ତରଙ୍ଗ ସଂପୃକ୍ତି ସୃଷ୍ଟି ହୁଏ। ଏହି ଧରଣର ଦ୍ୱନ୍ଦ୍ୱ ଓ ଉତ୍କଣ୍ଠା ହେଉଛି ଗଳ୍ପଗୁମ୍ଫନ ଶୈଳୀର ଏକ ଅନିର୍ବାର୍ଯ୍ୟ ଅଙ୍ଗ ।

**ପରିବେଶ:** ଗଳ୍ପଗୁମ୍ଫନ ବା ଗଳ୍ପସଂରଚନା ଶୈଳୀର ଅନ୍ୟତମ ଉପାଦାନ ହେଉଛି setting ବା ପରିବେଶ ବା ସାମଗ୍ରିକ ସଂରଚନା। ଯେତେବେଳେ ଜଣେ କଥାକାର କଥାବିନ୍ୟାସ କରନ୍ତି, ସେତେବେଳେ ସେଇ କଥାକୃତିର ଶୀର୍ଷକୀକରଣଠାରୁ ଆରମ୍ଭ କରି, କଥାକୃତିର ପରିସମାପ୍ତି ପର୍ଯ୍ୟନ୍ତ ବିଭିନ୍ନ ପ୍ରକାରର ପରିବେଶକୁ ତହିଁରେ ସଂଯୁକ୍ତ କରିଥାନ୍ତି। ସେଥିପାଇଁ କଥାକୃତିର ସାମଗ୍ରିକ ବିନ୍ୟାସ ଭାବରେ setting ବା ପରିବେଶ ମଧ୍ୟରେ ସମସ୍ତ ପ୍ରକାର ସାହିତ୍ୟକ ଉପାଦାନଗୁଡ଼ିକ ଅନ୍ତର୍ଭୁକ୍ତ ହୋଇଥାଏ। ଚରିତ୍ର ଚୟନ ହେଉ ବା ଚରିତ୍ରର ନାମକରଣ ହେଉ ବା ଚରିତ୍ରର ପ୍ରକାରଭେଦ, ସଂଳାପ, ଦ୍ୱନ୍ଦ୍ୱ, ଉତ୍କଣ୍ଠା, ବିଷୟବସ୍ତୁ, କଥାନକ, କାର୍ଯ୍ୟକାରଣ, ଦୃଷ୍ଟିକୋଣପ୍ରଭୃତିର ଏକ ସମନ୍ୱିତ ବିନ୍ୟାସଗତ ଐକ୍ୟ ହେଉଛି setting। ତାହାକୁ କଥାକୃତିର ଅନ୍ୱିତି ବୋଲି ମଧ ଅଭିହିତ କରିହେବ। ଯଦି ପ୍ରୀତି ବିନୋଦର ଗୋଟିଏ ଗପକୁ ନେଇ ଏହି settingକୁ ସଦୃଷ୍ଟାନ୍ତ ଆଲୋଚନା କରାଯାଏ, ତେବେ ଏହା ଆହୁରି ସ୍ପଷ୍ଟ ହୋଇଉଠିବ। ପ୍ରୀତି ବିନୋଦ ଗଳ୍ପରେ ପ୍ରଥମେ ଚଞ୍ଚଳାକ୍ଷୀର ଅନୁରୋଧରେ ମୋହନାଙ୍ଗ କଥାବୃତ୍ତାନ୍ତ ଆରମ୍ଭ କରିଛି। ସହଜ ପ୍ରୀତିରେ ଧର୍ମପାଳ ରାଜ୍ୟର ରାଜା ହେଉଛନ୍ତି ଭୁଜବଳ। ତାଙ୍କର ରାଣୀ ପଦ୍ମବାସୀ। ସେ ପଦ୍ମିନି ଜାତୀୟା

ନାୟିକା। ରାଣୀ ତୋଟାପୁରର ପୁଷ୍କରିଣୀକୁ ଯେତେବେଳେ ସ୍ନାନ କରିବାକୁ ଯା'ନ୍ତି, ସେତେବେଳେ ସେଠାରେ ଶତଦଳ ପଦ୍ମ ଫୁଟିଥିବାର କଥା ଏହି ଗଳ୍ପରେ ବର୍ଣ୍ଣନା କରାଯାଇଛି। ସେଇ ପୁଷ୍କରିଣୀରେ ପାଞ୍ଚଟି ଭ୍ରମର ମଧୁପାନ କରନ୍ତି। ସେମାନଙ୍କ ନାମ ଯଥାକ୍ରମେ - ମଧୁମତ୍ତ, କେଳିକନ୍ଦ, ଚାରୁନାଦ,ଗନ୍ଧଲୋଳ ଓ ଷଟପଦ। ସହଜ ପ୍ରୀତିର କଥା ବିନ୍ୟାସରେ ପ୍ରଥମେ କଥାର ଗତଶୀଳତା, କଥକ ଏବଂ ଶ୍ରୋତ୍ରୀ ମଧ୍ୟସ୍ଥ ପାରସ୍ପରିକ ସଂଶ୍ଳିଷ୍ଟି, କଥକର କଥାବୃତ୍ତାନ୍ତ, ରାଜ୍ୟ ଏବଂ ରାଜାଙ୍କ ନାମ, ରାଜାଙ୍କ ରାଣୀଙ୍କ ନାମ, ରାଣୀଙ୍କର ଚାରିତ୍ରିକ ତଥା ସୌନ୍ଦର୍ଯ୍ୟାତ୍ମକ ଗୁଣଧର୍ମ, ତୋଟାପୁରରେ ଥିବା ପୁଷ୍କରିଣୀ ପ୍ରସଙ୍ଗ, ସେଠାରେ ଥିବା ମକରନ୍ଦ ପାନ କରୁଥିବା ପାଞ୍ଚଟି ଭ୍ରମରର ନାମ ପର୍ଯ୍ୟନ୍ତ ଯାହା ଯାହା ଉପାଦାନ ସଂଗ୍ରଥିତ କରାଯାଇଛି, ତହିଁରେ ପରିବେଶଗତ ଅନ୍ୱିତି ଲକ୍ଷ୍ୟକରାଯାଏ । ଏହାପରେ କଥାବସ୍ତୁ ଭିନ୍ନ ଏକ ମୋଡ଼ ନେଇଛି। ରାଣୀ ପଦ୍ମବାସୀ ଯେତେବେଳେ ସ୍ନାନ କରିଛନ୍ତି (ସେ ଯେହେତୁ ପଦ୍ମିନୀ ଜାତୀୟା ନାୟିକା ଏବଂ ତାଙ୍କ ଶରୀରରୁ ସର୍ବଦା ପଦ୍ମଗନ୍ଧ ନିଃସୃତ ହୁଏ) ସେତେବେଳେ ଭ୍ରମରମାନେ ଭ୍ରମ ବଶତଃ ରାଣୀଙ୍କ ମୁହଁକୁ ପଦ୍ମ ତୁଲ୍ୟ ମନେକରି ତାଙ୍କୁ ହଇରାଣହରକତ କରିଛନ୍ତି। ରାଣୀ ବିରକ୍ତ ହୋଇଛନ୍ତି। ଶେଷରେ ସେ ତାଙ୍କର ଅନୁଚରମାନଙ୍କୁ ଡାକି ସେ ପାଞ୍ଚଟି ଭ୍ରମରକୁ ଏକ ଦୂର ସ୍ଥାନରେ ଛାଡ଼ିଦେଇ ଆସିବାପାଇଁ ନିର୍ଦ୍ଦେଶ ଦେଇଛନ୍ତି। ସେୟା ହେଇଛି; କିନ୍ତୁ କିଛିଦିନ ପରେ ଦେଖାଯାଇଛି ଯେ, ସେଇ ପୁଷ୍କରିଣୀରେ ପୁଣି ସେଇ ପାଞ୍ଚଟି ଭଅଁର ଆସି ପୁଣି ଉପଦ୍ରବ ସୃଷ୍ଟି କରିଛନ୍ତି। ରାଣୀଙ୍କ ନିର୍ଦ୍ଦେଶରେ ସେଇ ଭଅଁରଗୁଡ଼ିକୁ ଧରି ସେମାନଙ୍କ ପାଦରେ ଜରିସୂତା ଲଗେଇ ଦିଆଯାଇଛି। ପୁନର୍ବାର ଦୂରରେ ନେଇ ଭ୍ରମରମାନଙ୍କୁ ଛାଡ଼ି ଦିଆଯାଇଛି। ତା' ପରଦିନ ସେମାନେ ଆସି ସେଇ ପୁଷ୍କରିଣୀରେ ପୁଣି ମକରନ୍ଦ ପାନ କରିଛନ୍ତି, ରାଣୀଙ୍କୁ ବିରକ୍ତ କରିଛନ୍ତି। ଆଲୋଚ୍ୟ ଗଳ୍ପର ଦ୍ୱିତୀୟ ଭାଗରେ ପଦ୍ମ ପୋଖରୀରେ ଯେଉଁ ଭ୍ରମର ପାଞ୍ଚଟି ରହିଛନ୍ତି, ସେମାନେ ରାଣୀଙ୍କୁ ବିରକ୍ତ କରିବା, ରାଣୀଙ୍କ ନିର୍ଦ୍ଦେଶରେ ଭ୍ରମରଙ୍କୁ ନେଇ ଦୂର ସ୍ଥାନରେ ଛାଡ଼ିଦେବା, ପୁଣି ସେ ଭ୍ରମରମାନେ ପ୍ରତ୍ୟାବର୍ତ୍ତନ କରି ପଦ୍ମ ପୋଖରୀରେ ପ୍ରବେଶ କରିବା, ପୁଣି ରାଣୀଙ୍କ ନିର୍ଦ୍ଦେଶ କ୍ରମେ ସେଇ ଭ୍ରମର ପାଞ୍ଚଟିର ଗୋଡ଼ରେ ଜରିସୂତା ଲଗାଇଦେବା ଏବଂ ଶେଷରେ ରାଣୀ ସେଇ ପାଞ୍ଚଟି ଭଅଁର ସେଇ ପୋଖରୀକୁ ନିୟମିତ ଆସୁଛନ୍ତି ବୋଲି ଅବଗତ ହେବା ପ୍ରଭୃତି ପ୍ରସଙ୍ଗର ସମୁଚିତ ବିନ୍ୟାସ ହେଉଛି ଆଲୋଚ୍ୟ ସହଜ ପ୍ରୀତି କଥାଭାଗର କଥାବସ୍ତୁଗତ ପରିବେଶ ବା ସାମଗ୍ରିକ ବିନ୍ୟାସ ।

"ପ୍ରୀତିରେ ଯେତେ ସଙ୍କଟ ପଡ଼ିଲେ ମଧ୍ୟ ଦୂର ହୁଏନାହିଁ ବା ଏହାକୁ ମଣିଷ ଛାଡ଼ିପାରେ ନାହିଁ" ତେଣୁ ଏଭଳି ଏକ ନୈତିକତାପୂର୍ଣ୍ଣ ବା ନୀତିଗର୍ଭିତ ପ୍ରସଙ୍ଗକୁ ଉତ୍ଥାପିତ କରିବା ପାଇଁ ଏଠାରେ କଥାକାର ମାନବୀୟ ଚରିତ୍ର ଏବଂ ଅଣମାନବୀୟ ଚରିତ୍ରସମୂହକୁ ସଂଯୁକ୍ତ କରିଛନ୍ତି। ମାନବୀୟ ଚରିତ୍ର ମଧ୍ୟରେ ରାଣୀ ରହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ରାଣୀଙ୍କ ସଖୀ ଏବଂ ଅନୁଚରମାନେ ଅଛନ୍ତି। ଅତମାନବୀୟ ଚରିତ୍ର ମଧ୍ୟରେ ପାଞ୍ଚଟି ଭ୍ରମର। ସ୍ଥାନ ସ୍ଥାନ ହେବା ବି ତୋଟାପୁରର ପୁଷ୍କରିଣୀ, ଏବଂ ଘଟଣା ହେଉଛି ରାଣୀ ସ୍ନାନ କଲାବେଳେ ପାଞ୍ଚଟି ଭ୍ରମର ଆସି ରାଣୀଙ୍କ ମୁଖରେ ଉପବେଶନ କରିବା ଏବଂ ରାଣୀଙ୍କୁ ବିରକ୍ତ କରିବା। ଏହିଭଳି ଏକ ଗଳ୍ପକୁ ଆରମ୍ଭରୁ ଶେଷକୁ କଥାକାର ସୁନ୍ଦର ଭାବରେ ସନ୍ତୁଳିତ ଭାବରେ କ୍ରମ ସଂଯୋଜନା ପଦ୍ଧତିରେ କଥାବସ୍ତୁକୁ ସମ୍ପାଦନା କରିଛନ୍ତି। ଫଳରେ ପାଠକୀୟ ଆକର୍ଷଣ ଏବଂ ଉପସ୍ଥାପନଗତ ଚମତ୍କାରିତା ଏହି ସହଜ ପ୍ରୀତି ଗଳ୍ପର ମୁଖ୍ୟ ଉପଜୀବ୍ୟ ବିଷୟ ପାଲଟିଛି। ତେଣୁ ଗଳ୍ପର ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଯେଉଁ ଯେଉଁ ଘଟଣା ଘଟିଛି,ଯେଉଁ ସବୁ ଚରିତ୍ରମାନଙ୍କୁ ଏଥିରେ ସଂଯୋଜିତ କରାଯାଇଛି, ଯେଉଁ ସ୍ଥାନର କଥା ବର୍ଣ୍ଣିତ ହୋଇଛି ଏବଂ ଯେଉଁ ସମୟର କଥା ଲିପିବଦ୍ଧ ହୋଇଛି, ସେ ସବୁକୁ ଭିତ୍ତିକରି ଏକ ସୁନ୍ଦର Setting ବା ପରିବେଶ ବା ସାମଗ୍ରିକ ବିନ୍ୟାସ ଏହି ଗଳ୍ପରେ ଲକ୍ଷ୍ୟ କରାଯାଏ ।

**ଚରିତ୍ର ଚୟନ:** ଚରିତ୍ରାୟନ ଦୃଷ୍ଟିକୋଣରୁ ପ୍ରୀତି ବିନୋଦକୁ ଯଦି ବିଚାର କରାଯାଏ ତେବେ ଏଥିରେ ମୁଖ୍ୟତଃ ଦୁଇପ୍ରକାର ଚରିତ୍ର ଚୟନ ଏବଂ ଚିତ୍ରାୟନ ହୋଇଥିବାର ଲକ୍ଷ୍ୟ କରାଯାଏ। ଯଥା-ମାନବୀୟ ଚରିତ୍ର ଏବଂ ଅଣମାନବୀୟ ଚରିତ୍ର ।

ମାନବୀୟ ଚରିତ୍ର ଭାବରେ ଗୋସେଇଁ ଶଠପ୍ରୀତିର କର୍ମପୁର ବ୍ରାହ୍ମଣ, ନାପିତ ମନମନୁଆଁ ବିରତୁଙ୍ଗ, ଜ୍ୟୋତିପୁଞ୍ଜି, ନିତମ୍ବିନୀ,ବୀର ମଣ୍ଡନ। ଦୃଷ୍ଟପ୍ରୀତିର କ୍ଷେତ୍ରପାଳ ଭୂମିଜ, ମହାଜନ ରହିଛନ୍ତି। ସହଜ ପ୍ରୀତିରେ ରାଣୀ ପଦ୍ମିନୀ, କାର୍ଯ୍ୟଘେନା ପ୍ରୀତିର କ୍ଷତ୍ରୀୟଶଶଧର, ପ୍ରବଳ ଶଠ ପ୍ରୀତିରେ ରାଜାକେଳିଗୁପ୍ତ, ମନୋହର ଜଣିଆ ଏବଂ ତାଙ୍କର ସ୍ତ୍ରୀ ଖଞ୍ଜାନୀ ପ୍ରଭୃତି ଅନ୍ୟତମ। ଅଣମାନବୀୟ ଚରିତ୍ର ମାଧ୍ୟମରେ ନୀଚ ପ୍ରୀତିର ଚନ୍ଦ୍ରଜ୍ୟାତ ରାଜହଂସ, କୃଷପାଦ ବକ। ସହଜ ପ୍ରୀତିର ମଧୁ ମତ୍ତ ,କେଳିକଳ,ଚାରୁନାଦ,ଗଳନାଦ,ଶଠପଦନାମକ ପାଞ୍ଚଟି ଭ୍ରମର କାର୍ଯ୍ୟଘେନା ପ୍ରୀତିରେ ନନ୍ଦିନୀଗାଈ ପ୍ରଭୃତି ଅନ୍ୟତମ।

ଯଦି ବର୍ତ୍ତୁଳ ଚରିତ୍ର ଏବଂ ସରଳରୈଖିକ ଚରିତ୍ର ଭାବରେ ଚରିତ୍ର ଚିତ୍ରଣକୁ ବିଚାରକୁ ନିଆଯାଏ, ତେବେ ଶଠପ୍ରୀତିରେ ବର୍ଣନା କରାଯାଇଥିବା କର୍ମପୁର ବ୍ରାହ୍ମଣ ଓ ମର୍ଦ୍ଦଳ ବାଦକର ପ୍ରସଙ୍ଗଟିକୁ ଗ୍ରହଣ କରାଯାଇପାରେ। ଅର୍ଥାତ୍ ଏଇ ଦୁଇଟି ଚରିତ୍ରରେ ବର୍ତ୍ତୁଳତା ଲକ୍ଷ୍ୟ କରାଯାଏ। କାରଣ ଏଇ ଦୁଇଟି ଚରିତ୍ରରେ ପରିବର୍ତ୍ତନ ଘଟିଛି। ଅନ୍ୟ ମାନବୀୟ ଏବଂ ଅଣମାନବୀୟ ଚରିତ୍ରଗୁଡ଼ିକରେ ସରଳରୈଖିକ ଗୁଣଧର୍ମ ଲକ୍ଷ୍ୟ କରାଯାଏ । କାରଣ ସେଥିରେ ଚରିତ୍ରମାନଙ୍କର କୌଣସି ପରିବର୍ତ୍ତନ ଘଟିନାହିଁ ।

ଚତୁର ବିନୋଦରସବୁଠାରୁ ବୈଚିତ୍ର୍ୟ ପୂର୍ଣ୍ଣଦିଗଟି ହେଉଛି ଏହାର ଭାଷିକ ସଂମ୍ପ୍ରସାରଣଶୀଳତା। ନିଜେ କଥାକାର ଛଅଟି ଭାଷାରେ ପାଣ୍ଡିତ୍ୟ ଅର୍ଜନ କରିଥିଲେ ବୋଲି କୁହାଯାଏ। ତେବେ ପ୍ରୀତି ବିନୋଦରେ ଯେଉଁ ଭାଷିକବିନ୍ୟାସ ଆମେ ଲକ୍ଷ୍ୟ କରୁ ତହିଁରେ ତତ୍ସମ ତଦଭବ,ଦେଶଜ, ବୈଦେଶିକ ଶବ୍ଦର ବ୍ୟବହାର ଲକ୍ଷ୍ୟ କରାଯାଏ । କେବଳ ସେତିକି ନୁହେଁ

କେତେକ ହିନ୍ଦୀ ମୁହାବରା ମଧ୍ୟ ଏହି ପ୍ରୀତି ବିନୋଦରେ ରହିଛି। ଯାହା ପାର୍ସିଆରବୀ ଭାଷା ପରିବାରର ଅନ୍ତର୍ଭୁକ୍ତ। ଯେପରିକି- "ଉଦରକେ ବାତ୍ ମୁଦଉଡ଼ତ ବା ଅବ୍ ସଙ୍କଟ ଜାନକୀ ହରୋ ବା ଅବ୍ ତୁମହାରା ତହିଁ ହାରା" ଇତ୍ୟାଦି। ଏହା ସହିତ ବିଭିନ୍ନ ପ୍ରକାରର ସୂକ୍ତି, ପ୍ରବଚନ, ଲୋକ ଉକ୍ତି, ଲୋକଚଳଣିପ୍ରଭୃତିର ଭାଷିକ ଚିତ୍ର ମଧ୍ୟ ରହିଛି। ଚନ୍ଦନ, ଚୂଆ, କର୍ପୂର, ପୀହଳା, ମୋତିବାଡ଼ି, ରୁପାଶିଙ୍କୁଳି,ତାମ୍ବୁଳ ବିଡ଼ିଆ ଘଟା, ମୋହନାଗଞ୍ଜା, ତମାଖୁ ବିଡ଼ା, ପାଚିଲା ପାନ,ଖଇର ଗୁଆ, କମଳଲୋହି, ଲବଙ୍ଗ ମରିଚ, କଳିଉତକା,କାକରାଖଇ ପ୍ରଭୃତି ପ୍ରସାଧନସୂଚକ, ଖାଦ୍ୟପଦାର୍ଥସୂଚକ ଶବ୍ଦଗୁଡ଼ିକ ବ୍ୟବହାର କରି ତତକାଳୀନ ସମାଜରେ ଖାଦ୍ୟପେୟର ଯେଉଁ ପରମ୍ପରା ଥିଲା ତାକୁ ଲେଖକ ଏଠାରେ ଅଭିବ୍ୟକ୍ତ କରିଛନ୍ତି। ତା ସହିତ ବିଭିନ୍ନ ପ୍ରକାର ଢଗଢମାଳିର ବ୍ୟବହାର ମଧ୍ୟ ପ୍ରୀତି ବିନୋଦରେ ହୋଇଥିବାର ଲକ୍ଷ୍ୟ କରାଯାଏ। ତେବେ ପ୍ରୀତି ବିନୋଦର ଭାଷିକ ଦିଗଟି ଆଦୌ ଦୁର୍ବୋଧ୍ୟତାଯୋଗ୍ୟ ନୁହେଁ। କେତେକ ଅପ୍ରଚଳିତ ଶବ୍ଦ ଏହି ବିନୋଦରେ ରହିଥିଲେ ମଧ୍ୟ ସେଗୁଡ଼ିକ ମଧ୍ୟଯୁଗୀୟ କାବ୍ୟକବିତାରେ ବ୍ୟବହୃତ ହେବାର ଦୃଷ୍ଟାନ୍ତ ଲକ୍ଷ୍ୟ କରାଯାଏ। କ୍ଲିଷ୍ଟ ଶବ୍ଦ ବିନ୍ୟାସ ଭଳି ନୁହେଁ। ବିନୋଦରେ ବ୍ୟବହୃତ ଶବ୍ଦଗୁଡ଼ିକୁ ସାମାନ୍ୟ ପ୍ରୟାସ କଲେ ଅତି ସହଜରେ ବୋଧ କରିହେବ ଏବଂ ହୃଦୟଙ୍ଗମ ମଧ୍ୟ କରିହେବ। ଅର୍ଥନିଷ୍ପତ୍ତିରେ କୌଣସି ବାଧା ସୃଷ୍ଟି ହେବ ନାହିଁ। ଚତୁର ବିନୋଦରେ ଯେଉଁ ଭାଷିକବିନ୍ୟାସ ଆମେ ଲକ୍ଷ୍ୟ କରୁ, ତାହା ପରବର୍ତ୍ତୀକାଳରେ ବହୁ ଓଡ଼ିଆ କଥାକାରଙ୍କୁ ପ୍ରଭାବିତ କରିଛି। ତନ୍ମଧ୍ୟରେ ଫକୀରମୋହନ ଅନ୍ୟତମ। ଫକୀରମୋହନୀୟ କଥା ସଂରଚନାର ଅଧିକାଂଶ ପ୍ରଭାବ ଏଇ ଚତୁର ବିନୋଦ ମାଧ୍ୟମରେ ପଡ଼ିଥିବାର ଲକ୍ଷ୍ୟ କରାଯାଏ । ଅର୍ଥାତ୍ ଚତୁରବିନୋଦର ଯେଉଁ ଅଭିବ୍ୟକ୍ତି, ପ୍ରକରଣ, ଯେଉଁ ଭାଷିକ ପ୍ରକରଣ, ଯେଉଁ ଶବ୍ଦ ବାକ୍ୟ, ଲୋକ ଉକ୍ତି, ବିଭିନ୍ନ ପ୍ରକାର କଥୋପକଥନ। ଲୋକଚଳଣି, ଲୋକବିଶ୍ୱାସ ପ୍ରଭୃତିର ପାରମ୍ପରିକ ଚିତ୍ରଣ ହୋଇଛି। ଫକୀରମୋହନ ପରବର୍ତ୍ତୀ ପର୍ଯ୍ୟାୟରେ ସେଇ ଧରଣର ଭାଷିକବିନ୍ୟାସକୁ ନିଜ କଥା ସାହିତ୍ୟରେ ପ୍ରୟୋଗ କରିଛନ୍ତି ।

ଚତୁର ବିନୋଦ ଅଷ୍ଟାଦଶ ଶତାବ୍ଦୀର କଥା ଗ୍ରନ୍ଥ ହେଲେ ମଧ୍ୟ ଏହା ସାଂପ୍ରତିକ କାଳ ପାଇଁ ମଧ୍ୟ ଅତ୍ୟଧିକ ପ୍ରାସଙ୍ଗିକ। ଉଭୟ ବିଷୟ ବସ୍ତୁଗତ ଦୃଷ୍ଟିରୁ ଏବଂ ଆଙ୍ଗିକ ଦୃଷ୍ଟିରୁ ଯେଉଁ ବିବିଧତା ଏହି କଥା ଗ୍ରନ୍ଥରେ ରହିଛି ତାହା ଆଗାମୀ ଦଶନ୍ଧିମାନଙ୍କରେ ମଧ୍ୟ ଓଡ଼ିଆସାହିତ୍ୟରେ କଥା ରଚୟିତାମାନଙ୍କୁ ପ୍ରଭାବିତ କରିବ। ବିଶେଷକରି ଚତୁର ବିନୋଦର କଥନ ପରମ୍ପରା ବା କଥନ ପ୍ରକରଣ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣମନେ ହୁଏ। କାରଣ ଏଥିରେ କଥକ ମୋହନାଙ୍ଗ ଯେଉଁ ଭଳି ଭାବରେ ଚଞ୍ଚଳାକ୍ଷୀକୁ ଗଳ୍ପ ଶୁଣାଉଛନ୍ତି, ତାହା ଆମ ସର୍ବ ଭାରତୀୟ କଥନ, କଥକ,ଶ୍ରୋତା ଏବଂ କଥା ବୃତ୍ତାନ୍ତ ପରମ୍ପରାକୁ ଉଜ୍ଜୀବିତ କରି ଧରି ରଖିଥିବାର ମନେ ହୁଏ ।

**ଚରିତ୍ରମାନଙ୍କର ନାମକରଣ:** ଗଳ୍ପଗୁମ୍ଫନ ଶୈଳୀର ଅନ୍ୟତମ ଅନୁଷଙ୍ଗ ଭାବରେ ଚରିତ୍ରମାନଙ୍କର ନାମକରଣକୁ ନିଆଯାଇପାରିବ। ପ୍ରୀତି ବିନୋଦରେ ଯେତେକ ଚରିତ୍ର ରହିଛନ୍ତି ସେଗୁଡ଼ିକ ନାମକରଣରେ ମଧ୍ୟଯୁଗୀୟ ଭାବସ୍ପନ୍ଦନ ଅନୁଭବ ହୁଏ। ଚରିତ୍ର ଗୁଡ଼ିକର ନାମକରଣରେ ପରିପ୍ରେକ୍ଷୀରେ ଶଠପ୍ରୀତିର କର୍ମପୁର ବ୍ରାହ୍ମଣ ହୁଅନ୍ତୁ ବା ନିତମ୍ବିନୀ ବେଶ୍ୟା ହୁଅନ୍ତୁ ବା ନନ୍ଦିନୀ ଗାଈ ବା ମନୋହର ବଣିଆ ବା କେଳିଗୁପ୍ତ... ଏମାନଙ୍କ ନାମକରଣରେ ଏକ ସଂଭ୍ରାନ୍ତୀୟ ବାତାବରଣର ସ୍ୱାଦ ଅନୁଭୂତ ହୋଇଥାଏ। ଚରିତ୍ରମାନଙ୍କର ନାମକରଣକୁ ବାଦ୍ ଦେବା ପରେ ଯେଉଁସବୁ ସ୍ଥାନ ବିଶେଷର ନାମକୁ ଏଠାରେ ସଂଯୁକ୍ତ କରାଯାଇଛି, ସେଗୁଡ଼ିକର ନାମକରଣ ପାଶ୍ଚାତ୍ ରେ ମଧ୍ୟ ମଧ୍ୟଯୁଗୀୟ ଭାବସ୍ପନ୍ଦ ଅନୁଭୂତ ହୋଇଛି। ଏହି ନାମକରଣ ମଧ୍ୟରେ ହେମକାଞ୍ଚନନଗର, ରାସରଙ୍ଗ ନଗର, ଅହିପୁର ପର୍ବତ, ଧର୍ମପାଳ ରାଜ୍ୟ, ହେମବତୀନଗର ପ୍ରଭୃତି ନାମକରଣରେ ସେଇ ମଧ୍ୟଯୁଗୀୟ କାବ୍ୟ ପରମ୍ପରାର ସ୍ଥାନସୂଚକ ନାମକରଣର ଦୃଷ୍ଟାନ୍ତ ଲକ୍ଷ୍ୟ କରାଯାଏ । ଏମିତିକି ପ୍ରୀତି ବିନୋଦରେ ଯେଉଁ ଛଅଟି ଗଳ୍ପ ରହିଛି, ସେଗୁଡ଼ିକର ଶୀର୍ଷକରେ ମଧ୍ୟ ସଂସ୍କୃତର ପ୍ରଭାବ ଲକ୍ଷ୍ୟ କରାଯାଏ । ତେଣୁ ଉଭୟେ ଚରିତ୍ରଗତ ନାମକରଣ ଏବଂ ସ୍ଥାନଗତ ନାମକରଣରେ କଥାକାର ମଧ୍ୟଯୁଗୀୟ ପରମ୍ପରାକୁ ଅନୁସରଣ କରି ଗଦ୍ୟ ଗ୍ରନ୍ଥଟିକୁ ଅତି ସୁନ୍ଦର ଭାବରେ ରଚନା କରିଛନ୍ତି ।

**ଲେଖକୀୟ ଦୃଷ୍ଟିକୋଣ:** ପ୍ରତ୍ୟେକ ଗଳ୍ପରେ ଗୋଟିଏ ଗୋଟିଏ ଲେଖକୀୟ ଦୃଷ୍ଟିକୋଣ ବା Point of view ରହିଛି। ଲେଖକୀୟ ଆଧିପତ୍ୟ ମଧ୍ୟ ଏହି କଥାଗ୍ରନ୍ଥରେ ଲକ୍ଷ୍ୟ କରାଯାଏ। ଲେଖକ ଏଠାରେ ବିଚାରକ ଆସନରେ ଅଧିଷ୍ଠିତ। ପ୍ରତ୍ୟକ ଗଳ୍ପ ବର୍ଣ୍ଣନାର ଶେଷରେ ସେଇ ଗଳ୍ପରେ ଯେଉଁ ନୈତିକ ଅଧୋପତନ ବା ନୈତିକ ଆନୁଷଙ୍ଗିକତା ରହିଛି ତାହାକୁ କଥାକାର ଲିପିବଦ୍ଧ କରିଛନ୍ତି। ଏହି ଲିପିବଦ୍ଧକରଣ ପଶ୍ଚାତରେ ଯେଉଁ ଅଭିପ୍ରାୟ ରହିଛି ତାହା ଗୋଟିଏ ଗୋଟିଏ ଘୋଷଣାନାମା ପରି ପ୍ରତୀୟମାନ ହୁଏ। ଯେମିତିକି- ଶେଷରେ କୁହାଯାଇଛି "ଶଠପ୍ରୀତି ଯେ ଏହି ପ୍ରକାର, କିଛି ଜଣା ନ ପଡ଼ଇ ଦଗା ଦିଅଇ ତେଣୁ ସକାଶୁ ଏ ପ୍ରୀତିରେ ବଡ଼ ଦୋଷ ନ କରିବ।"

କିମ୍ବା ଦୁଷ୍ଟ ପ୍ରୀତିର ଶେଷରେ କୁହାଯାଇଛି "ଏହାକୁ ଦୁଷ୍ଟ ପ୍ରୀତି କହି , କଲେ ଅକାର୍ଯ୍ୟ ହୁଅଇ, ନକଲେ ଚଳି ନ ପାରଇ। ଏ ଘେନି ଦୁଷ୍ଟ ଲୋକ ଥିବା ଠାରେ ବାସ ନ କରିବ, ଯେବେ ଅନ୍ତର ହୋଇ ନ ପାରିବ ତେବେ ଉପର ମନରେ ପ୍ରୀତି ରଖିଥିବ, ଏ ଦୁଷ୍ଟ ପ୍ରୀତି ଅଟଇ ।" ନୀଚ ପ୍ରୀତିରେ କୁହାଯାଇଛି - "ଏ ରୂପେ ନୀଚ ଲୋକ ସଙ୍ଗେ ପ୍ରୀତି କଲେ ଉତ୍ତମ ଲୋକ ବିପଦରେ ପଡ଼ଇ। ଏ ସକାସୁ ନୀଚଲୋକ ସଙ୍ଗେ ପ୍ରୀତି ନ କରିବ , ଏହାକୁ ନୀଚ ପ୍ରୀତି କହଇ ।" ସହଜ ପ୍ରୀତିରେ କୁହାଯାଇଛି - "ଶୁଣିଲୁକି ଏହାକୁ ସହଜ ପ୍ରୀତି କହି ଯେବେ ସଙ୍କଟ ପଡ଼ିଲେ ଛାଡ଼ିନ ପାରଇ।" କାର୍ଯ୍ୟ ଘେନା ପ୍ରୀତିରେ କୁହାଯାଇଛି - "ଶୁଣଲୁଟିକି ଏ ରୂପେ କାର୍ଯ୍ୟଘେନା

ପ୍ରୀତି। କାର୍ଯ୍ୟ ପାଉଥିବା ଯାକ ପ୍ରୀତି କରୁଥିବ , କାର୍ଯ୍ୟ ସରିଲେ ଶତ୍ରୁ ପ୍ରାୟ ଅନ୍ତର କରିବ, ଏ ପ୍ରକାର ପ୍ରୀତି ଉତ୍ତମ ନୁହଇ।" ପ୍ରବଳଶଠ ପ୍ରୀତିରେ କୁହାଯାଇଛି - "ଏ ରୂପେ ଏହାକୁ ପ୍ରବଳ ଶଠ ପ୍ରୀତି କହି, ଏ ପ୍ରୀତି ଉତ୍ତମ ନୁହଇ।"

ଲେଖକୀୟ ଦୃଷ୍ଟିକୋଣଗୁଡ଼ିକ ପ୍ରତ୍ୟେକ ଗଳ୍ପର ଶେଷଭାଗରେ ରହିଛି। ଲେଖକ ଏଠାରେ ଜଣେ ସମୀକ୍ଷକ ଭଳି କାର୍ଯ୍ୟ କରିଛନ୍ତି ଏବଂ ପ୍ରତ୍ୟେକ ଗଳ୍ପରେ ଯେଉଁ ଭଲମନ୍ଦ ଦିଗ ରହିଛି ତାହାକୁ ସେ ଅବଲୋକନ ନକରି କେବଳ, ମନ୍ଦଦିଗଟିକୁ ଏଠାରେ ଲିପିବଦ୍ଧ କରିଛନ୍ତି ଓ ସେଥୀରୁ ନିବୃତ୍ତ ରହିବା ପାଇଁ ପାଠକକୁ ପରାମର୍ଶ ଦେଇଛନ୍ତି। ଏ ଧରଣର ପରାମର୍ଶ ପଶ୍ଚାତରେ ତତ୍କାଳୀନ ସାମାଜିକ, ନୈତିକ , ଧର୍ମୀୟ ପରମ୍ପରାରେ ଦେଖା ଦେଇଥିବା ସ୍ଖଳନକୁ କଥାକାର ଲୋକଲୋଚନକୁ ଆଣିବାକୁ ଚେଷ୍ଟା କରିଛନ୍ତି ଏବଂ ତାହାକୁ ଦୂରୀକରଣ କରିବାକୁ ଏହିଭଳି ଘୋଷଣାନାମା ପ୍ରଦାନ କରିଥିବାର ଅନୁମାନ କରାଯାଏହ।

ବିଷୟବସ୍ତୁ ଦୃଷ୍ଟିରୁ ଯଦି ପ୍ରୀତି ବିନୋଦର କଥାବସ୍ତୁକୁ ବିଚାର କରାଯାଏ, ତେବେ ତତ୍କାଳୀନ ସମାଜର ସାମାଜିକ ଚିତ୍ର ଆମେ ଛଅଟି ଯାକ ବିନୋଦରେ ଲକ୍ଷ୍ୟ କରି ପାରିବା। ତତ୍କାଳୀନ ସମାଜରେ କିଭଳି ବ୍ରାହ୍ମଣମାନେ ଗଙ୍ଗାସ୍ନାନ କରିବାକୁ ଯାଉଥିଲେ, ମନମନୁଆ ଭଳି ବାରିକମାନେ ସେମାନଙ୍କୁ ଠକିବା ପାଇଁ ପ୍ରୟାସ କରିଥିଲେ। ବେଶ୍ୟାବୃତ୍ତି ତତ୍କାଳୀନ ସମାଜରେ କିଭଳି ଏକ ଅଙ୍ଗ ଭଳି ପରିଣତ ହୋଇଥିଲା, ଜାତିପ୍ରଥା କେମିତି ରହିଥିଲା, ଭାଗ୍ୟବାଦ ଉପରେ ମଣିଷର ବିଶ୍ୱାସ କେମିତି ଥିଲା, ଯୌନତା ଦ୍ୱାରା ପୁରୋହିତ ଶ୍ରେଣୀର ଲୋକମାନେ ମଧ୍ୟ କିଭଳି ପ୍ରଭାବିତ ହେଉଥିଲେ, କ୍ଷେତ୍ରପାଳ ଭଳି ଲୁଟେରାମାନେ କିଭଳି ମହାଜନମାନଙ୍କୁ ହଇରାଣ ହରକତ କରୁଥିଲେ, ନୀଚ ଏବଂ ଉଚ୍ଚ ବର୍ଗର ଲୋକମାନଙ୍କ ମଧ୍ୟରେ କିଭଳି ସମ୍ପର୍କଜନିତ ପାତରଅନ୍ତର ସମସ୍ୟା ରହିଥିଲା , ସ୍ନାନ ପାଇଁ ରାଣୀମାନେ କିଭଳି ପୁଷ୍କରିଣୀ ବ୍ୟବହାର କରୁଥିଲେ, ସ୍ୱାର୍ଥସର୍ବସ୍ୱ ହୋଇ ଲୋକମାନେ କିଭଳି ପଶୁପକ୍ଷୀଙ୍କୁ ଘରେ ରଖୁଥିଲେ ଏବଂ ଯେତେବେଳେ ସେମାନେ ମଣିଷର ଉପକାରରେ ଆସୁ ନଥିଲେ ସେତେବେଳେ ସେଇ ପଶୁପକ୍ଷୀମାନଙ୍କୁ ସ୍ୱାର୍ଥପର ମଣିଷମାନେ କିଭଳି ହତାଦର କରୁଥିଲେ, କେଳିଗୁପ୍ତ ଭଳି ରାଜାମାନେ କିଭଳି ଗରୀବ ମନୋହର ବଣିଆର ସୁନ୍ଦରୀ ସ୍ତ୍ରୀକୁ ଉପଭୋଗ କରିବାକୁ ପ୍ରୟାସ କରୁଥିଲେ ଆଦିର ସ୍ପଷ୍ଟ ଚିତ୍ର ପ୍ରୀତି ବିନୋଦରେ ପ୍ରତିଫଳିତ ହୋଇଛି। ଏକାଧାରରେ ସାମାଜିକ, ରାଜନୈତିକ, ସାଂସ୍କୃତିକ, ଅର୍ଥନୈତିକ ଚିତ୍ର ଏହି ପ୍ରୀତି ବିନୋଦରେ ଲକ୍ଷ୍ୟ କରାଯାଏ। ସେହି ଅନୁସାରେ ବିଭିନ୍ନ ପ୍ରକାରର ବିଷୟ ବିନ୍ୟାସ ମଧ୍ୟ ଏହି ପ୍ରୀତି ବିନୋଦର ସାରସର୍ବସ୍ୱ ଭାବରେ ପରିଗଣୀତ ହୋଇଥାଏ।

ସହାୟକ ପୁସ୍ତକସୂଚୀ:

1)Cobley, Paul. (2001) Narratology.: Routledge.

2)Mills, Sara. (1997) Discourse. Routledge.

3)Bradfold, Richard. (1997) Stylistics. Routledge.

●

ALOCHANA
ସମାଲୋଚନା
ପ୍ର ସ ଙ୍ଗ ନା ରୀ
ତୃତୀୟ ବର୍ଷ, ଦ୍ୱିତୀୟ ସଂଖ୍ୟା | ମାର୍ଚ୍ଚ - ଅପ୍ରେଲ୍ ୨୦୨୫
Volume No. 03 | Issue No. 02 | Mar-Apr 2025
Refereed Peer-Reviewed Journal
ISSN: 3107-4294 (PRINT) | 2583-9543 (ONLINE)

# ଆତ୍ମାନୁଭବର ଅନିର୍ବଚନୀୟ ଅନୁରାଗ : କବି ବ୍ରହ୍ମୋତ୍ରୀ ମହାନ୍ତି

**ଡ. ବିଜୟଲକ୍ଷ୍ମୀ ଦାଶ**
ସହକାରୀ ପ୍ରଫେସର, ଓଡ଼ିଆ ବିଭାଗ, ରେଭେନ୍‌ସା ବିଶ୍ୱବିଦ୍ୟାଳୟ, କଟକ

**ମୂଳଶବ୍ଦ:** ଆଧୁନିକ, ବ୍ରହ୍ମୋତ୍ରୀ ମହାନ୍ତି କବିତା, ସୁବୋଧ ଭାବ ବିନ୍ୟାସ, ବାସ୍ତବତା, ଓଡ଼ିଆ କବିତା, ପ୍ରଚଳିତ ଧାରା,ଆତ୍ମାନୁଭବ, ଅନୁରାଗ ଦୁର୍ବୋଧ

ABSTRACT

**ସାରାଂଶ:** ଆଧୁନିକ ଓଡ଼ିଆ କବିତା କ୍ଷେତ୍ରରେ କବି ବ୍ରହ୍ମୋତ୍ରୀ ମହାନ୍ତି ଏକ ପରିଚିତ ନାମ । ବ୍ରହ୍ମୋତ୍ରୀଙ୍କ କବିତା ସୁବୋଧ ଭାବ ବିନ୍ୟାସର ସରଳ ରୂପାୟନ। ଓଡ଼ିଆ କବିତାରେ ଆଧୁନିକତାର ଦ୍ୱାହି ଦେଇ ଦୁର୍ବୋଧତାକୁ ପ୍ରଶୟ ଦେଇଥିବା କବିମାନଙ୍କ କବିତାର ଶୈଳୀ ଠାରୁ ବ୍ରହ୍ମୋତ୍ରୀଙ୍କ କବିତାର ଗଠନ ଶୈଳୀ ଓ କବିତାର ଆତ୍ମିକ ବିଭବ ସ୍ୱତନ୍ତ୍ର। ତଥାକଥିତ ପ୍ରଚଳିତ ଧାରାରୁ ବ୍ରହ୍ମୋତ୍ରୀ ନିଜକୁ ନିବୃତ୍ତ କରି ରଖିଛନ୍ତି। ନିଜ ପାଇଁ ନିଜେ ସ୍ୱତନ୍ତ୍ର ବାଟଟିଏ ତିଆରି କରିଛନ୍ତି। ବ୍ରହ୍ମୋତ୍ରୀଙ୍କ କବିତା ବାସ୍ତବତାର ନିକଟବର୍ତ୍ତୀ। ଆପଣାର ବିଚାରକୁ ପ୍ରତିଷ୍ଠା କରିବା ପାଇଁ କବିତାର ବିଷୟବସ୍ତୁକୁ ଏକ କଳ୍ପିତ ବାସ୍ତବ ଭୂଇଁ ଉପରେ ସଂଚରଣ କରାଇଛନ୍ତି। ଆଲୋଚ୍ୟ ସମୀକ୍ଷାରେ ବ୍ରହ୍ମୋତ୍ରୀ ମହାନ୍ତିଙ୍କ କବିତାର ବିବିଧ ଦିଗ ଉପରେ ସବିଶେଷ ଚର୍ଚ୍ଚା କରିଛି।

କବି ବ୍ରହ୍ମୋତ୍ରୀଙ୍କ ଜନ୍ମ - ଅଗଷ୍ଟ ୧୯୩୪ ଓ ଦେହାବସାନ ୩୦ ଜୁନ୍ ୨୦୧୦। ଜନ୍ମତିଥି - ଜନ୍ମାଷ୍ଟମୀ। ଜନ୍ମସ୍ଥାନ -ପୁରୀର ମାର୍କଣ୍ଡେଶ୍ୱର ସାହି। କୃଷ୍ଣମୋହନ ଓ ମୋତିମାଳୀଙ୍କ ଝିଅ ବ୍ରହ୍ମୋତ୍ରୀ। ସ୍ୱାମୀ - ଗାଳ୍ପିକ ବିଜୟ କୃଷ୍ଣ ମହାନ୍ତି। କବିଙ୍କର ପ୍ରଥମ କବିତା ପ୍ରକାଶ ପାଇଥିଲା ୧୯୫୬ ମସିହାରେ, ପ୍ରଜାତନ୍ତ୍ରର ରବିବାର ସାହିତ୍ୟ ପୃଷ୍ଠାରେ, 'ନାରୀ ମହଲ' ଶୀର୍ଷକରେ। ଷାଠିଏ ଦଶକରୁ କାବ୍ୟ ଯାତ୍ରାର ଆରମ୍ଭ। ପ୍ରକାଶିତ କାବ୍ୟ ସଙ୍କଳନଗୁଡ଼ିକ ହେଉଛି - 'ଅବତରଣ' (୧୯୭୨), 'ଦୃଷ୍ଟିର ଦ୍ୟୁତି' (୧୯୮୧), 'ସ୍ତବକ' (୧୯୮୮), 'ସେତୁବନ୍ଧ' (୧୯୯୬), 'ସ୍ରୋତସ୍ୱିନୀ' (୧୯୯୫), 'ଦାୟିତ୍ୱ' (୨୦୦୦), 'ପ୍ରଦକ୍ଷିଣ' (୨୦୦୧), 'ଉତ୍ତରଣ' (୨୦୦୨), 'କବିତା ସମଗ୍ର' (୨୦୦୬), 'ନିରୀକ୍ଷଣ' (୨୦୦୩), 'ଚିରନ୍ତନ' (୨୦୦୪), 'ଶ୍ୟାମଳ ଶୋଭନ' (୨୦୦୫) ।

ପ୍ରଥମ ଦୁଇଟି କାବ୍ୟ ସଙ୍କଳନ 'ଅବତରଣ' ଓ 'ଦୃଷ୍ଟିର ଦ୍ୟୁତି'ରେ ଶାଶ୍ୱତ ପ୍ରେମର ପରିପ୍ରକାଶ ସାଙ୍ଗକୁ, ନାରୀ ଜୀବନର ଅଭିଳାଷ, ନାରୀ ଜୀବନର ସ୍ଥିତିକୁ ଅତ୍ୟନ୍ତ ସ୍ୱଷ୍ଟ ଓ ନିର୍ଭୀକ ଭାବେ କବି ପ୍ରକାଶ କରିଛନ୍ତି। ନାରୀ ମନର ଗୋପନ କାମନାକୁ ଅବଦମିତ ହେବାକୁ କବି ଦେଇ ନାହାନ୍ତି। ଏ କ୍ଷେତ୍ରରେ କବି ବ୍ରହ୍ମୋତ୍ରୀ ସାହସୀ ଓ ପାରଙ୍ଗମ ମନେ ହୋଇଛନ୍ତି। ନାରୀକୁ ଓ ନାରୀ ମନର ଚିରନ୍ତନ ଆବେଗକୁ ସେ ଭଲ ଭାବରେ ବୁଝିଛନ୍ତି।

ପ୍ରେମର ଉଦାର ଭାବମୟ ସ୍ୱର ତାଙ୍କ କବିତାର ଅନ୍ୟତମ ସଫଳତା। ଏ ପ୍ରେମ ଲୌକିକ ଓ ଅଲୌକିକ ସମନ୍ୱିତ ଭାବନା, ତ୍ୟାଗର ମହିମାରେ ମହିମାନ୍ୱିତ। କର୍ତ୍ତବ୍ୟର ଦୀପ୍ତିରେ ଉଦ୍‌ଭାସିତ। 'ସ୍ତବକ', 'ସ୍ରୋତସ୍ୱିନୀ', 'ସେତୁବନ୍ଧ', 'ଉତ୍ତରଣ' ଓ ପ୍ରଦକ୍ଷିଣ' ଆଦି ସଙ୍କଳନରେ ସ୍ଥାନିତ କବିତାରେ ଏ ଭାବଧାରା ପରିଲକ୍ଷିତ। ମଣିଷ ଜୀବନର ଚିରନ୍ତନ ଅନୁଭବକୁ ମଧ କବି ରୂପାୟିତ କରିଛନ୍ତି। କବିଙ୍କ ଚାରିପାଖରେ ଅଛି ପୁରୀର ଆଧାତ୍ମିକ ପରିବେଶ ଓ ପ୍ରଭୁ ଜଗନ୍ନାଥଙ୍କର ଅନନ୍ତ ମହିମାର ଉପଲବ୍ଧି। ଏ ସବୁ ଭିତରେ କବିଙ୍କର ସମାଜ ସଚେତନ କବି ସତ୍ତାଟି ବିଶ୍ୱବାସୀଙ୍କ ଦୁଃଖକୁ ସହାନୁଭୂତିର କୋମଳ ସ୍ପର୍ଶ ଦେବାକୁ ଇଚ୍ଛା କରିଛି। କବି ବ୍ରହ୍ମୋତ୍ରୀ ଜୀବନକୁ ଭଲ ପାଇଛନ୍ତି। ସଂସାରକୁ ମଧ ପ୍ରାଣାଧିକା କରିଛନ୍ତି। ସେଥିପାଇଁ କବିତାରେ ବିଶ୍ୱ ମାନବର ଆର୍ତ୍ତିକୁ ପ୍ରଧାନ ଉପଜୀବ୍ୟ କରିବାରେ ସମର୍ଥା ପାଲଟିଛନ୍ତି। ସେଥିପାଇଁ ବ୍ରହ୍ମୋତ୍ରୀ ପରବର୍ତ୍ତୀ ପିଢି ପାଇଁ ପ୍ରେରଣାଦାତ୍ରୀ ।

॥ ୨ ॥

ବ୍ରହ୍ମୋତ୍ରୀଙ୍କ କବିତା ବର୍ଣ୍ଣିତ ଘଟଣାଗୁଡ଼ିକ ଘଟୁଥିବା ସ୍ଥଳ- ଲୋକକାହାଣୀ କ୍ଷେତ୍ର, ଆମ ଚାରିପାଖର ସମାଜ, ଆମ ନିତିଦିନିଆ ଜୀବନର ଘଟଣା ସମୂହ। ଏଗୁଡ଼ିକର ବର୍ଣ୍ଣନା ପାଠକଙ୍କୁ ଆଦୌ କାଳ୍ପନିକ ମନେ ହୋଇ ନାହିଁ। ଘଟଣାଗୁଡ଼ିକର ଘଟୁଥିବା ସମୟ, ଆଧୁନିକତାର କୋଠରୀରେ ତିଆରି ହୋଇ

ଆସୁଥିବା ଏକ ନୂଆ ବିଚାରବୋଧ ଜନିତ ସଙ୍ଘାତର ପ୍ରତିଧ୍ୱନି। ଏସବୁ ଭିତରେ କବି ବ୍ରହ୍ମୋତ୍ରୀ ଆପଣାର ଜୀବନକୁ ମଧ୍ୟ ପରୀକ୍ଷାର ଏକ ଭୂମିରେ ପରିଣତ କରିଛନ୍ତି। ସୀମାବଦ୍ଧ ସମାଜର କୁତ୍ସାକୁ ତିରସ୍କାରକୁ ହୃଦୟରେ ବହନ କରିବାର କ୍ଷମତା କି ବ୍ରହ୍ମୋତ୍ରୀଙ୍କ ପାଖରେ ଉପଲବ୍ଧ। ସେଥିପାଇଁ କୌଣସି ବିପର୍ଯ୍ୟୟ ତାଙ୍କୁ ଅପ୍ରସ୍ତୁତ କରିପାରି ନାହିଁ। କବିଙ୍କର ଅନ୍ତର ଆଲୋକିତ ସାଗରର ଢେଉରେ ସଦା ଉଦ୍ବେଳିତ। ସେ ଆଲୋକିତ ଅନ୍ତରରେ ବେଳ ଅନନ୍ତ ଶକ୍ତିମୟ ଈଶ୍ୱର ହିଁ ବିରାଜିତ। କବି ସ୍ୱପ୍ରତିଭାକୁ ମଧ୍ୟ ଈଶ୍ୱରଙ୍କ ପାଦ ତଳେ ସମର୍ପି ଦେଇଛନ୍ତି ।

"ତୁମେ ମୋର କଣ୍ଠେ ପ୍ରଭୁ ଗୀତ ଗାଅ,/ ମନେହୁଏ ମୁଁ ଯେପରି ଗାଉଅଛି ଗୀତ/ ତୁମରି ପରଶେ ମୋର ଲେଖନୀ ଚଞ୍ଚଳ ହୁଏ/ କବି ବୋଲି ମୁହିଁ କିନ୍ତୁ ଜଗତେ ବିଦିତ ।"

ଠିକ୍ ଯେମିତି ଦିନେ କୁନ୍ତଳା କୁମାରୀ ଲେଖିଥିଲେ- "ତୁମ୍ଭରି କୃପାରେ ଲଳିତ ମଧୁର/ ଲଭିଲି ଭାଷା ସଂପଦ/ ଜନନୀ ଉତ୍କଳେ ମହତ କୋମଳ/ ଚିହ୍ନିଲି ତା ପଦ୍ମପାଦ ।/ ଶ୍ରୀ ପୟରେ ଦୀନାବର ମାଗେ କନ୍ୟା/ ସଫଳ ହେଉ ଜୀବନ/ ମାତୃଭାଷା ପୁଷ୍ଟ ତୋଳିଣ ସହର୍ଷ/ ହେବି ବରେଣ୍ୟ ମହାନ୍। (କୁନ୍ତଳା କୁମାରୀ ଜୀବନ ଚରିତ : ଚକ୍ରଧର ମହାପାତ୍ରଙ୍କ ପ୍ରଶ୍ନରୁ ସଂଗୃହୀତ)

ବ୍ରହ୍ମୋତ୍ରୀଙ୍କ କବିତାରେ ପ୍ରେମ ଭକ୍ତି ଭାବନା ପ୍ଲାବିତ। ଜୀବନରେ ସେଇ ପରମପ୍ରିୟ ପୁରୁଷ ହିଁ ତାଙ୍କର ବନ୍ଧୁ, ତାଙ୍କର ସ୍ୱପ୍ନ। ତାଙ୍କ ହୃଦୟର ମଣି। ନିବିଡ଼ ପ୍ରେମରେ ସେ ତାଙ୍କ ପାଖରେ ନିଜକୁ ସମର୍ପି ଦେଇଥିଲେ। ପ୍ରୀତିର ଅଞ୍ଜଳି ଭେଟି ଦେଉଥିଲେ। କବି ବ୍ରହ୍ମୋତ୍ରୀଙ୍କ 'ପୁଷ୍ପାଞ୍ଜଳି' କବିତାରେ - "ପ୍ରାର୍ଥନା ଏତିକି ପ୍ରଭୋ !/ ତୁମରି ସ୍ମରଣେ ଯେହ୍ନେ/ ମଗ୍ନ ରହି ପ୍ରତି ମୁହୂର୍ତ୍ତରେ/ ବିସ୍ମିତ ମୁଁ ହୁଏ ମୋର ପୃଥକ ସତ୍ତାକୁ/ ଢେଉଟିଏ ନାଚିକୁଦି ପରିଶେଷେ ଏକାକାର/ ସାଗର ଗର୍ଭରେ।"(ପୁଷ୍ପାଞ୍ଜଳି : କବି ବ୍ରହ୍ମୋତ୍ରୀ ମହାନ୍ତି)

ଏଇ ପ୍ରେମାନୁଭବକୁ କବି ସମୟ ଓ ସଂସାରର ଜାଗତିକ ବନ୍ଧନ ଭିତରେ ବାନ୍ଧି ରଖି ପାରି ନାହାନ୍ତି, ନିବିଡ଼ ଆକାଶ ପରି ପରିବ୍ୟାପ୍ତ କରି ଦେଇଛନ୍ତି। ବ୍ରହ୍ମୋତ୍ରୀଙ୍କ କବିତାରେ ପ୍ରେମ ସ୍ମୃତିର ମଧୁରତର ରୂପଚିତ୍ରର ଅନେକ ବିରଳ ଅନୁଭବକୁ ପ୍ରାଣସଂବେଦୀ ବର୍ଣ୍ଣନା ଭିତରେ କବି ଅଭିବ୍ୟକ୍ତ କରିଛନ୍ତି। ପ୍ରେମାବେଗରେ ପରିପୂର୍ଣ୍ଣ କବି ଅନ୍ତର ସ୍ୱ-ଆବେଗକୁ ସାର୍ବଜନୀନତା ପ୍ରଦାନ କରି ତାକୁ ଏକ ଭାବାନୁଭୂତି ରୂପରେ ଦେଖିଛନ୍ତି। ଏଠାରେ ପ୍ରେମିକ / ପ୍ରେମିକା ମୁଖ୍ୟ ନୁହନ୍ତି। ପ୍ରେମ ଏକ ଭାବ। ଯାହା ଐତିହାସିକ ସ୍ଥିତିସମ୍ପନ୍ନା ବ୍ୟକ୍ତିର ପ୍ରେମ-ପ୍ରତାରଣା ବିଜୟ-ପରାଜୟ, ମୃତ୍ୟୁ, ଜନ୍ମ, ଯୌବନ, ଜରା ସବୁ କିଛି ଇତିହାସ ଅନ୍ତର୍ଗତ। କବି ବ୍ରହ୍ମୋତ୍ରୀଙ୍କ ଦୃଷ୍ଟିରେ 'ମୃତ୍ୟୁ' ଓ ବାର୍ଦ୍ଧକ୍ୟ ଭୟଶୂନ୍ୟ ଅବସ୍ଥାର ରୂପାୟନ। ମୃତ୍ୟୁକୁ କେବେ ଭୟ ନକରି ତାକୁ ହେୟ ମଣିବା ଉଚିତ୍। ଏପରି କଲେ ହିଁ ମଣିଷର ଅବଶିଷ୍ଟ ଜୀବନ ସୁଖପ୍ରଦ ହୋଇପାରିବ। କବି ବ୍ରହ୍ମୋତ୍ରୀ 'ମୃତ୍ୟୁ ସମ୍ପର୍କରେ' କହନ୍ତି - "ଯେ କୌଣସି ମୁହୂର୍ତ୍ତରେ ମୃତ୍ୟୁ ଆସି ହାତ ଠାରି ପାରେ/ ସେହି ଆଶଙ୍କାରେ ଯେଉଁମାନେ ପ୍ରତିକ୍ଷଣେ ଆତଙ୍କିତ ସ୍ପନ୍ଦିତ ହୃଦୟ/ ଜୀବନ ତ ସେମାନଙ୍କୁ କରେ ଉପହାସ, ଅମୃତରେ/ ବୁଡିଥିବା ସତ୍ତ୍ୱେ/ ଅଯଥା ମୃତ୍ୟୁର ଭୟେ ସେମାନଙ୍କ ସ୍ଥିତି ଆହା/ କେବେ ଦୟନୀୟ।"('ମୃତ୍ୟୁ ସମ୍ପର୍କରେ' : ବ୍ରହ୍ମୋତ୍ରୀ ମହାନ୍ତି)

କବି ଦୃଷ୍ଟିରେ 'ମୃତ୍ୟୁ' - ସହଜ ଏବଂ ସ୍ୱଭାବିକ ମୁହୂର୍ତ୍ତ। ମୃତ୍ୟୁ ଆସିବା କଥା ଆସିବ। ତା' ପାଇଁ ଚିନ୍ତା ବା ଭୟ କରିବାର କୌଣସି କାରଣ ନାହିଁ। ମୃତ୍ୟୁ ସମ୍ପର୍କରେ ଚିନ୍ତା କରିବାର ଅର୍ଥ ପ୍ରତି ମୁହୂର୍ତ୍ତରେ ଜୀବନମୃତ ଅବସ୍ଥାରେ ବଞ୍ଚିବା। ଅମୃତର ସନ୍ତାନ ମାନବ କଦାପି ମୃତ୍ୟୁ ଭୟରେ ବିଚଳିତ ହେବା ଅନୁଚିତ। କବିତାରେ କବି ନାରୀ ବନ୍ଧୁ ନିରୂପମା ଦେବୀଙ୍କ ଉଦାହରଣ ଦେଇ କହୁଛନ୍ତି - "ହେଇ ତ, ସେଦିନ ମୋର ନାରୀ ବନ୍ଧୁ ନିରୂପମା ଦେବୀ ଆପଣାର ନିଶ୍ଚିତ ମୃତ୍ୟୁର/ ବ୍ୟାଧି ସମ୍ପର୍କରେ ସବୁକିଛି ଜାଣିବା ଉତ୍ତାରେ (ଅବଶ୍ୟ ଅନେକ ଦିନ ବ୍ୟାପରଟା ତାଂକ ପାଖେ ଲୁକ୍କାୟିତ ରଖା ଯାଇଥିଲା)/ ଜୀବନର ସବୁ ସ୍ୱାଦ ଭୁଲି ପ୍ରତିକ୍ଷଣେ ମରଣର ଆତଙ୍କରେ ଚିନ୍ତିତ ରହିଲେ। ('ମୃତ୍ୟ ସମ୍ପର୍କରେ' - ବ୍ରହ୍ମୋତ୍ରୀ ମହାନ୍ତି)

ବାନ୍ଧବୀ ନିରୂପମା ଦୂରାରୋଗ୍ୟ ବ୍ୟାଧିରେ ପୀଡ଼ିତା ଥିଲେ। ତାଙ୍କ ରୋଗ ସମ୍ପର୍କରେ ସେ ଅଜଣା ଥିଲେ। ଯେଉଁଦିନ ନିରୂପମା ଜାଣିଲେ ସେ ଦିନଠାରୁ ଜୀବନର ପ୍ରତିଟି ମୁହୂର୍ତ୍ତ ତାଙ୍କୁ ବିଷମୟ ମନେ ହେଲା। ତେଣୁ ମୃତ୍ୟୁକୁ ସବୁଠାରୁ ଏକ ସୁନ୍ଦର ଭାବନା ବୋଲି ଗ୍ରହଣ କରି ନେଲେ ଜୀବନର ପ୍ରକୃତ ସୁଆଦକୁ ଅନୁଭବ କରାଯାଇ ପାରିବ। କବି ମୃତ୍ୟୁକୁ ଯେମିତି ଏକ ଭିନ୍ନ ଦୃଷ୍ଟିରେ ଦେଖିଛନ୍ତି, 'ଭୁଲ'କୁ ମଧ୍ୟ କବି ଭିନ୍ନ ଏକ ଦୃଷ୍ଟିରେ ଦେଖିଛନ୍ତି। ଭୁଲ୍‌ର ସ୍ୱରୂପ ନିରୂପଣ କରିଛନ୍ତି। 'ଭୁଲ୍'କୁ ତିନି ଭାଗରେ ବିଭକ୍ତ କରିଛନ୍ତି। (କ) ଜାଣିଶୁଣି ନିଜ ଇଚ୍ଛାରେ ଭୁଲ କରିବା (ସ୍ୱେଚ୍ଛାକୃତ ଭୁଲ୍) (ଖ) ଅଜ୍ଞାତ ସାରରେ କରିଥିବା ଭୁଲ୍ (ଗ) ପରିସ୍ଥିତି ଚାପରେ ପଡ଼ି କରିଥିବା ଭୁଲ। କବି ବ୍ରହ୍ମୋତ୍ରୀ ଅତି ସହଜ ସରଳ ଭାଷାରେ 'ଭୁଲ୍'ର ଚମତ୍କାର ବର୍ଣ୍ଣନା କରିଛନ୍ତି ।

"ଭୁଲ୍‌ର ଏସବୁ ସିନା ପର କଥା/ ସଂଶୋଧିତ ଆକାର ପ୍ରକାର/ ନିଛକ ଭୁଲ୍‌ଟା ସତେ କେତେ ବେଶୀ/ ଉତ୍ତେଜନା ପ୍ରଦ, / ସ୍ଥାୟୀତ୍ୱ ଅବଶ୍ୟ ତାର ଦୀର୍ଘ ବା ସଂକ୍ଷିପ୍ତ ଶୁଦ୍ଧ ବିଚାର ସାପେକ୍ଷ।/ କିନ୍ତୁ ସେଇ ମୁହୂର୍ତ୍ତର ସ୍ପନ୍ଦନ/ କି ଅନିର୍ବଚନୀୟ "(ଭୁଲ: କବି ବ୍ରହ୍ମୋତ୍ରୀ ମହାନ୍ତି)

"ଭୁଲ ତିନି କିସମର ମୋ' ବିଚାରରେ/ ଇଚ୍ଛାକୃତ, ଅଜ୍ଞାତ ସାରେ,/ ପରିସ୍ଥିତି ପୀଡ଼ରେ, ମର୍ମଦାଉ/ ଅନିଚ୍ଛା ସତ୍ତ୍ୱେ ବି,/ ଏସବୁ ଭ୍ରମରୁ କିନ୍ତୁ ବହୁ କିଛି/ ଶିଖିବାର ଅଛି,/ ନିଜକୁ ବି ମାପିହୁଏ ଅନୁତାପେ/ ଶୁଦ୍ଧ କରିହୁଏ/ ଚୈତନ୍ୟକୁ ଦୃଷ୍ଟି ଲମ୍ବେ/ ସତର୍କତା ଅବଲମ୍ବନରେ।" ('ଭୁଲ' - ବ୍ରହ୍ମୋତ୍ରୀ ମହାନ୍ତି)

'ଭୁଲ୍'ରୁ ମଣିଷ ସଠିକ୍ ମାର୍ଗ ଚିହ୍ନ ଥାଏ। ଭୁଲ୍ ଭିତରେ ହିଁ ଠିକ୍‌ର ରୂପ ଲୁଚି ରହିଥାଏ। ନିଜକୁ କଳନା କରିବାର କଳାଟିଏ ଭୁଲ୍‌ରୁ ମଣିଷ ପ୍ରାପ୍ତ ହୁଏ। ଭୁଲ୍ ମଧ୍ୟ ମଣିଷର ଚିନ୍ତା ଚେତନା ଉଦ୍ରେକକାରୀ। ପ୍ରତି ମୁହୂର୍ତ୍ତରେ ସମାଜରେ ଅଜସ୍ର ଭୁଲ୍ ଘଟି

ଚାଲିଛି। ଭୁଲ୍‌ର ଆକାଶ ପରି ଅସୀମ। ସାଗରର ଲହରୀକୁ ଗଣିବା ଯେପରି ମଣିଷର ସାଧ ବାହାରେ ଠିକ୍ ସେମିତି ଜୀବନର ଭୁଲ୍‌ଗୁଡ଼ିକ କଳନା କରିବା ମଧ୍ୟ ଚିନ୍ତାର ବାହାରେ। ଭୁଲ୍ ଆକାଶ ସମ ପରିବ୍ୟାପ୍ତ। ସାଗର ଲହରୀ ସମ ଅକଳନ। କବି ବ୍ରହ୍ମୋତ୍ରୀ କୁହନ୍ତି - "ତରଙ୍ଗ ପ୍ରତି ଆକୃଷ୍ଟ ହୋଇ ମଣିଷ ସାଗରକୁ ଚିହ୍ନି ଥାଏ। ସେହିପରି ଭୁଲ୍ ପ୍ରତି ଆକର୍ଷିତ ହୋଇ ଭୁଲ୍ କରୁଥିବା ଲୋକଟିକୁ ଚିହ୍ନି ହୁଏ, ତାକୁ ସୁଧାରି ହୁଏ।" ଜୀବନକୁ ସୁଧାରିବାର ଏକ ପରିମଣ୍ଡଳ ପ୍ରସ୍ତୁତ କରେ 'ଭୁଲ୍'। ତେଣୁ 'ଭୁଲ୍' କବି ଦୃଷ୍ଟିରେ ଅନନ୍ୟ। 'ଭୁଲ୍'ର ସାନ୍ନିଧ୍ୟରେ କବି ବ୍ରହ୍ମୋତ୍ରୀ ଆପଣାର କବିତ୍ୱକୁ ଯାତ୍ରୀ କରାଇ ସଠିକ୍ ମାର୍ଗରେ ଉପନୀତ ହୋଇଛନ୍ତି ।

॥ ୩ ॥

ନାରୀ ଜୀବନବୋଧର ବିବିଧ ରୂପାୟନ ମଧ୍ୟ ବ୍ରହ୍ମୋତ୍ରୀଙ୍କ କବିତା। ବିଂଶ ଶତକର ଆରମ୍ଭରୁ ଜାତୀୟ ଆନ୍ଦୋଳନରେ ଯୋଗ ଦେଇଥିବା ନାରୀ ଲେଖିକାମାନେ ସାହିତ୍ୟ ସୃଷ୍ଟିରେ ମନୋନିବେଶ କରିଥିଲେ। ନାରୀ ପ୍ରାଣର ଉତ୍ତୀର୍ଣ୍ଣ ଅଭିଳାଷକୁ ବାଙ୍ମୟ କରି ସଂବେଦ୍ୟ କରିଛନ୍ତି କବି ବ୍ରହ୍ମୋତ୍ରୀ। ବିଭୁପ୍ରେମ, ମାନବ ପ୍ରେମର ଏକ ଉତ୍ତୀର୍ଣ୍ଣ ଅଭୀପ୍‌ସା ଅଙ୍ଗାଙ୍ଗୀ ଭାବେ ଜଡ଼ିତ। ସମାଜ ଓ ପାରିବାରିକ ଜୀବନରେ ନାନାପ୍ରକାର ଦୁଃସ୍ଥିତିକୁ ନାରୀ ପ୍ରତି ମୁହୂର୍ତ୍ତରେ ସାମ୍ନା କରେ। କବି ବ୍ରହ୍ମୋତ୍ରୀ ଏସବୁ ଦୁଃସ୍ଥିତିକୁ ସାମ୍ନା କରିବା ପାଇଁ ଏକ ନିର୍ଭର, ବିଶ୍ୱସନୀୟ ସତ୍ତାକୁ କଳ୍ପନାରେ ଖୋଜି ପାରି ସାରିଛନ୍ତି। ବାସ୍ତବ ଜୀବନର ସକଳ ସମସ୍ୟାକୁ ଦୂରୀଭୂତ କରିବା ପାଇଁ ଏହି ଅଲୌକିକ ସତ୍ତାର ସାହଚର୍ଯ୍ୟ କବିଙ୍କୁ ଆଶାନ୍ୱିତା କରିଛି। ନାରୀଟିର ଅନ୍ତରାତ୍ମାର ଅଭିପ୍‌ସା ଯେ ସେଇ ପରମ ପୁରୁଷ ସତ୍ତାଙ୍କ ନିକଟରେ ସମର୍ପିତ ହେବ, ଏହା କବି ବିଶ୍ୱାସ ରଖିଛନ୍ତି। ସଂସାର ରୂପକ ମହାସମୁଦ୍ର ମଧ୍ୟରେ ନାରୀ ଜୀବନ ଏକ ଦଦରା ନୌକା ପରି ଅସହାୟ। ଏ ପ୍ରକାର ଜୀବନକୁ ନେଇ ବଞ୍ଚୁଥିବା ନାରୀଟି ତା' ମନ ସ୍ଥିତିର ଓ ହୃଦୟର ସୁନ୍ଦର, ସତେଜ ଅଭିଳାଷଟିକ ଅବଲମ୍ବନ ରୂପେ ଗ୍ରହଣ କରି ବଞ୍ଚିଛି।

ବ୍ରହ୍ମୋତ୍ରୀଙ୍କ କବିତାରେ ଏଇ ଉଜ୍ଜ୍ୱଳ ଜୀବନ ଜିଜ୍ଞାସାର ଚିତ୍ର ପରିଲକ୍ଷିତ। କବିଙ୍କ ନାରୀ ଜୀବନଧର୍ମୀ କବିତାଗୁଡ଼ିକୁ ପାଠ କଲେ ମନେହୁଏ, ମନରେ, କଳ୍ପନାରେ, ସ୍ୱପ୍ନରେ, ଚେତନା ଜଗତରେ ଭିନ୍ନ ଏକ ବିପୁଳ ଉପଲବ୍ଧି। ଅତୀତ ପୃଷ୍ଠାରୁ ଅବହେଳିତ ନାରୀ ସତ୍ତାର ଅବବୋଧକୁ ନାରୀ କବି ବ୍ରହ୍ମୋତ୍ରୀ ଅନୁଭବ କରିଛନ୍ତି। ଏଇ ଅନୁଭବକୁ କବିତାରେ ରୂପ ଦେଇଛନ୍ତି।

"ଆଜିଯାଏ ଥିଲ ଲୁଚି ଆବରଣ ତଳେ/ ଇଚ୍ଛା ଜାଗିଲା/ ଅବଗୁଣ୍ଠନ ତଳୁ ମୁଁ ଚାହିଁଲି ଥରେ/ ସହସା କି ହେଲା/ ସୂର୍ଯ୍ୟ ଚମକି ଆସିଲା ନିକଟେ ମୋର/ ସବୁ ବଂଧନ ବେଷ୍ଟନୀ ହାଣି ହୋଇ ଉଜ୍ଜ୍ୱଳତର XXX ଭାଷା ସଂଗତେ ମନ୍ଦ କୁସୁମେ ବନ୍ଦନା ଗାଇ ଗାଇ/ ଅଭିନନ୍ଦନ ଜଣାଇଲେ ରୂପ-ସାଗରେ ମୋ ଅବଗାହି/ ପାରାବାର ତୋଳି ଉର୍ମିର ବାହୁ ଗମ୍ଭୀର ଗରଜନେ/ ପାଦ ତଳେ ମୋର ଜଣାଇଲା ପ୍ରୀତି-ପ୍ରଣତି ମତ୍ତ ମନେ।" ('କଟାକ୍ଷ, 'ସଂ-ଅବତରଣ, ପୃ. ୩୨-୩୩)

ସ୍ୱ-ଅସ୍ତିତ୍ୱର ମହନୀୟତାକୁ ନାରୀକବି ବ୍ରହ୍ମୋତ୍ରୀ ହୃଦୟଙ୍ଗମ କରିବା ସହିତ ଭୂମାଙ୍କ ଠାରେ ତଲ୍ଲୀନ ହେବାର ଇଚ୍ଛା ପୋଷଣ କରିଚନ୍ତି। କବି ଲେଖୁଛନ୍ତି - "ତୁମର ଧ୍ୟାନରେ ତେବେ ଅହଂବୋଧ/ ଉନ୍ମେଷର ପ୍ରଶ୍ନ ଆଉ କାହିଁ?/ ଦୁହିଁଙ୍କ ସ୍ଥିତିର ମଧ୍ୟେ/ ମୁଁ ଦେଖିବି ବ୍ୟାପ୍ତ ତୁମେ ଚରାଚରେ/ ଅସ୍ତିତ୍ୱ ମୋ ନାହିଁ ।" ('କବିତା ସମଗ୍ର', ପୃ. ୧୯୬)

କବିଙ୍କର ଏହି ଚିନ୍ତାଧାରା ଜାଗତିକ ଜୀବନର ଉର୍ଦ୍ଧ୍ୱରେ। ଏଇଭଳି ଏକ ଉତ୍ତୀର୍ଣ୍ଣ ପର୍ଯ୍ୟାୟରେ ଉପନୀତ ହୋଇ ବ୍ରହ୍ମୋତ୍ରୀ କହନ୍ତି - "ଶୂନ୍ୟ ମୁହୂର୍ତ୍ତରେ/ ଯେତେବେଳେ ବ୍ୟକ୍ତି ନାହିଁ/ ବସ୍ତୁ ନାହିଁ/ ସେମାନଂକ ସଂପର୍କିତ, ଏକୀଭୂତ ହୋଇଗଲେ,/ ନିଶୂନ ହାହାକାର କାହିଁ?" ('କବିତା ସମଗ୍ର', ପୃ. ୧୭୯)

ଯନ୍ତ୍ରଣାକୁ ଅନୁଭବ କରିବାର ମାନସିକତା କବି ବ୍ରହ୍ମୋତ୍ରୀଙ୍କର ରହିଛି। କ୍ଷୁଦ୍ର ଜୀବନର ଚୌହଦୀ ମଧ୍ୟରେ କବିଙ୍କର ନାରୀଚେତନା ଆବଦ୍ଧ ହୋଇ ନାହିଁ। ଏଥିରୁ ମୁକ୍ତ ହୋଇ କବିଙ୍କ ଚେତନା ଉର୍ଦ୍ଧ୍ୱ ଜଗତକୁ ଉତ୍ତୋଳିତ ହୋଇଛି। ପ୍ରେମ, ମାନବ ଜଗତ, ଜୀବନଚର୍ଯ୍ୟା ସବୁ କିଛିରୁ କବି ଆହରଣ କରି ନେଇଛନ୍ତି ଏକ ମୋହମୁଗ୍ଧ ବିହ୍ୱଳ ଭାବ। ସମାଜ, ସଂସାର, ପରିବାରର ଅବିଚାର, ନିଷ୍ଠୁରତା ସେଠାରେ ଅନ୍ତର୍ହିତ ହୋଇଯାଇଛି ।

ଆତ୍ମ ମୁକ୍ତି ଦିଗରେ କବି ଚେତନାର ଏ ନିରନ୍ତର ପ୍ରୟାସ କବି ସତ୍ତାକୁ ଭୂମା ସହିତ ଏକାକାର କରି ଦେଉଛି। ନାରୀର ଚେତନା ମୁକ୍ତି ପାଇଛି। ଏଇ ସହଜ ମୁକ୍ତି ପାଇଁ ତାକୁ ଚିନ୍ତା ଜଗତରେ ବିପ୍ଲବ କରିବାକୁ ପଡ଼ିଛି। ବ୍ରହ୍ମୋତ୍ରୀଙ୍କ କବିତା ଚିନ୍ତାଚେତନାର ଏଇ ମୁକ୍ତି ପର୍ବର ବାର୍ତ୍ତା ବହନ କରିଛି ।

॥ ୪ ॥

**ଉପସଂହାର:** ପରିଶେଷରେ କୁହାଯାଇପାରେ ଯେ, ବ୍ରହ୍ମୋତ୍ରୀ ପ୍ରଭୃତ କବି ଯଶର ଅଧିକାରିଣୀ। ସୂକ୍ଷ୍ମ କାବ୍ୟିକ ଅବବୋଧ ତାଙ୍କ କବିତାର ମୂଳ ମନ୍ତ୍ର। ଶାଶ୍ୱତ ପ୍ରେମ, ବିଭୁବୋଧ, ନାରୀ ଅସ୍ତିତ୍ୱର ବାସ୍ତବତା ସହ ଲେଖିକାଙ୍କ କାବ୍ୟିକ ସମ୍ବେଦନା ସମ୍ମିଳିତ ହୋଇ ବ୍ରହ୍ମୋତ୍ରୀଙ୍କ କବିତାକୁ ଆକର୍ଷଣୀୟ ଓ ଆବେଗମୟ କରିଛି ।

ବ୍ରହ୍ମୋତ୍ରୀ ଜଣେ ମନୋବିଜ୍ଞାନୀ ପରି, ନିଜ କବିତା ବର୍ଣ୍ଣିତ ଚରିତ୍ରମାନଙ୍କ ଜୀବନର କଥା କହିଲା ବେଳେ, ସେମାନଙ୍କ ଜୀବନଚର୍ଯ୍ୟାର ଅନେକ ଅଦେଖା, ଅଶୁଣା, ଅକୁହା ନିଦାନ ସବୁକୁ ଖୋଲି ଦେଇଛନ୍ତି। ସେଥିପାଇଁ ବ୍ରହ୍ମୋତ୍ରୀଙ୍କ କବିତା ସହିତ ପାଠକ ଏକାତ୍ମ ହୋଇଯାଏ। ସରଳ ଭାଷା ବିନ୍ୟାସରେ ବିଭୋର ହୋଇପଡ଼େ। ଚରିତ୍ରମାନଙ୍କ ଭିତରେ ନିଜକୁ ଅନୁଭବ କରେ। ସେମାନଙ୍କୁ ଦୟା, କ୍ରୋଧ, ଈର୍ଷା କି ଘୃଣା କରେନା। ବରଂ ହୃଦୟ ଦେଇ ଭଲ ପାଏ। ଅର୍ଥାତ୍ ଆପେ ଚରିତ୍ର ହୋଇଯାଏ ।

ବ୍ରହ୍ମୋତ୍ରୀ ଆପଣାର କବିତାଗୁଡ଼ିକ ଆଦର୍ଶପୁଷ୍ଟ, ନୀତି

ନିୟନ୍ତ୍ରିତ କରାଇଛନ୍ତି। ସ୍ୱ-ବିଚାର ଧାରାକୁ ପ୍ରତିଷ୍ଠା କରିବା ପାଇଁ କବିତାକୁ କଳ୍ପିତ ବାସ୍ତବ ଭୂଇଁରେ ଗତିଶୀଳ କରିଛନ୍ତି। ବ୍ରହ୍ମୋତ୍ରୀ ଆମ ଭିତରେ ବଞ୍ଚିଥିବା ସେମିତି ଏକ ନାରୀକବି ଯିଏ ଆପଣାର ପ୍ରେମ ଭିତରେ ପରମ ସତ୍ତାଙ୍କୁ ଅନୁଭବ କରିଛନ୍ତି। ମୋର ବିଶ୍ୱାସ, ବ୍ରହ୍ମୋତ୍ରୀ ମହାନ୍ତିଙ୍କ କବିତାଗୁଡ଼ିକ, ଆଜି ମଧ୍ୟ ପାଠକମାନଙ୍କୁ ଭଲ ଲାଗିବାର ଏହା ଅନ୍ୟତମ ବିଶେଷ କାରଣ ।

*(ଆଲୋଚନାର ଆଧାର :- କବି ବ୍ରହ୍ମୋତ୍ରୀ ମହାନ୍ତିଙ୍କ କବିତା ସମଗ୍ର, ଓ କବିତା ସଙ୍କଳନ ।)*

ଘୋ ଷ ଣା

- ପତ୍ରିକାରେ ପ୍ରକାଶିତ ଲେଖାର ସତ୍ତ୍ୱ ସଂପୂର୍ଣ୍ଣ ଭାବେ ସମ୍ପୃକ୍ତ ଲେଖକ/ଲେଖିକାଙ୍କର । ତେଣୁ କୌଣସି ଲେଖାରେ ଯଦି କୌଣସି ତଥ୍ୟ ବା ତତ୍ତ୍ୱଗତ ବିଭ୍ରାନ୍ତି ଥାଏ; ତେବେ ଏଥି ପାଇଁ ଲେଖକ/ଲେଖିକା ସଂପୂର୍ଣ୍ଣ ଭାବେ ଦାୟୀ ରହିବେ ।
- ଆମେ ସ୍ୱୀକାର କରୁଛୁ ଯେ ପତ୍ରିକାର କେତେକାଂଶରେ ବ୍ୟାକରଣ ଓ ସମ୍ପାଦନାଗତ(ଯାନ୍ତ୍ରିକ) ତ୍ରୁଟି ରହୁଛି । ଏଥି ପାଇଁ ଆମେ କ୍ଷମାପ୍ରାର୍ଥୀ । ଆମେ ଯଥାସାଧ ଚେଷ୍ଟା କରିବୁ ପତ୍ରିକାଟିକୁ ତ୍ରୁଟିଶୂନ୍ୟ ଭାବେ ପ୍ରକାଶ କରିବାପାଇଁ ।
- ଲେଖକ/ଲେଖିକାମାନଙ୍କୁ ଅନୁରୋଧ - ଯେଉଁ ଲେଖାଟି ଆପଣ ପ୍ରକାଶନ ପାଇଁ ପଠାଉଛନ୍ତି ପ୍ରଥମେ ଆପଣ ନିଜେ ଏହାକୁ ଠିକ୍ ଭାବେ ପଢ଼ି ଆବଶ୍ୟକୀୟ ସଂଶୋଧନ କରିନିଅନ୍ତୁ । ଯାହା ଫଳରେ ଲେଖାଟି ଶୀଘ୍ର ପ୍ରକାଶନ ପାଇଁ ଯୋଗ୍ୟ ବିବେଚିତ ହେବ ।

- ସମ୍ପାଦକ

# ବାଗୀଶ ବରେଣ୍ୟ

ବାଗୀଶର ଚଳିତ ସଂଖ୍ୟାର '**ବାଗୀଶ ବରେଣ୍ୟ**'ରେ ଆମେ ଆପଣମାନଙ୍କୁ ଭେଟି ଦେଉଛୁ ବରେଣ୍ୟ ସାରସ୍ୱତସାଧକ ତଥା ସମାଲୋଚକ **ପ୍ରଫେସର ସନ୍ତୋଷ କୁମାର ରଥ**ଙ୍କ ସହ ସ୍ୱତନ୍ତ୍ର ସାକ୍ଷାତକାର। - *ସଂପାଦନା ମଣ୍ଡଳୀ, ବାଗୀଶ*

ପ୍ରଫେସର ସନ୍ତୋଷ କୁମାର ରଥଙ୍କ ସ୍ଥିରଚିତ୍ର



ସୌଜନ୍ୟ: ସମ୍ବାଦ ସାହିତ୍ୟ କୋଷ

**ପ୍ରଫେସର ସନ୍ତୋଷ କୁମାର ରଥ(୨୮ଫେବୃୟାରୀ, ୧୯୬୦)**: ଜନ୍ମସ୍ଥାନ : ବଲାଙ୍ଗୀର ଜିଲ୍ଲାର ପାଢ଼େଲ ଗାଁ। ପିତା: କୃଷ୍ଣଚନ୍ଦ୍ର, ମାତା: ବିଷ୍ଣୁପ୍ରିୟା। ସମକାଳର ଜଣେ ନିଷ୍ଠାପର ସାହିତ୍ୟିକ, ସମାଲୋଚକ ଓ ଭାଷାବିତ୍ ଭାବେ ତାଙ୍କ ପରିଚୟ। ପ୍ରଫେସର ରଥ ଓଡ଼ିଶାର ଭିନ୍ନ ଭିନ୍ନ କଲେଜରେ ୩୬ ବର୍ଷ ଧରି ଶିକ୍ଷକତା କରିଛନ୍ତି। ଓଡ଼ିଶାର ଭାଷା, ସାହିତ୍ୟ ଏବଂ ସଂସ୍କୃତି ଉପରେ ଜାତୀୟ ଏବଂ ରାଜ୍ୟସ୍ତରୀୟ ପତ୍ରିକାରେ ୫୦ରୁ ଅଧିକ ଗବେଷଣାପତ୍ର ପ୍ରକାଶ କରିଛନ୍ତି ଓ ୧୫ଟି ପୁସ୍ତକର ସେ ଲେଖକ। ବକ୍ତାଭାବରେ ୪୦ରୁ ଅଧିକ ଜାତୀୟ ଏବଂ ରାଜ୍ୟ/ବିଶ୍ୱବିଦ୍ୟାଳୟସ୍ତରୀୟ ପାଠଚକ୍ରରେ ଯୋଗଦାନକରି ପ୍ରବନ୍ଧ ଉପସ୍ଥାପନା କରିଛନ୍ତି। ୩୧ ମାର୍ଚ୍ଚ ୨୦୧୮ରେ ସେ ଓଡ଼ିଆ ପ୍ରାଧ୍ୟାପକ ଭାବରେ ଅବସର ଗ୍ରହଣ କରିଥିଲେ ଏବଂ ପରବର୍ତ୍ତୀ ସମୟରେ ୧୮ ସେପ୍ଟେମ୍ବର ୨୦୧୮ରୁ ୧୦ ମାର୍ଚ୍ଚ ୨୦୧୯ ପର୍ଯ୍ୟନ୍ତ ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱରରେ ବରିଷ୍ଠ ଏକାଡେମିକ୍ ପରାମର୍ଶଦାତା ଭାବରେ କାର୍ଯ୍ୟ କରିଥିଲେ। ଏତଦ୍ ବ୍ୟତୀତ ସେ ୧୧ ମାର୍ଚ୍ଚ ୨୦୧୯ରୁ ୩୦ ନଭେମ୍ବର ୨୦୨୨ ପର୍ଯ୍ୟନ୍ତ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟରେ ଭୀମ ଭୋଇ ଗବେଷଣା କେନ୍ଦ୍ରର ପ୍ରଥମ ଚେୟାର ପ୍ରଫେସର ଭାବରେ ଅବସ୍ଥାପିତ ଥିଲେ।

ତାଙ୍କ ବିବିଧ ରଚନା ମଧ୍ୟରେ 'ଓଡ଼ିଆ ଭାଷା ଚର୍ଚ୍ଚା: ଔପନିବେଶିକତା, ଔପଭାଷିକତା ଓ ଜାତୀୟତା' (ଓଡ଼ିଆ ଭାଷା ଉପରେ ସଂଗୃହିତ ପ୍ରବନ୍ଧ) ରଚନା [୨୦୨୪], 'ପ୍ରଥମ ଓଡ଼ିଆ ବ୍ୟାକରଣ' ( ଅପ୍ରକାଶିତ ଏବଂ ପ୍ରକାଶିତ ) [୨୦୨୩], 'ଓଡ଼ିଆ ଉପନ୍ୟାସର ଶିଳ୍ପରୀତି : ଫକୀରମୋହନ' (୨୦୧୮), 'କାଳର ପ୍ରତିମା' (ଓଡ଼ିଆ ଉପନ୍ୟାସର ଭାଷା ଏବଂ ଶୈଳୀ ଉପରେ ଆଲୋଚନା) [୨୦୨୫], 'ବାଗର୍ଥ' ( ଓଡ଼ିଆ କବିତାର ଭାଷା ଏବଂ ଅର୍ଥ ସଂପର୍କରେ) [୨୦୧୩], 'ଅନ୍ୟ ଏକ ମାୟାଭୂମି '( ଆଧୁନିକ ନାଟ୍ୟକାରଙ୍କ ସମ୍ପାଦିତ ସାକ୍ଷାତକାର) [୨୦୦୮], 'ଅସ୍ୱୀକୃତ ପରମ୍ପରା' ( ପଶ୍ଚିମ ଓଡ଼ିଶାର ଭାଷା, ସଂସ୍କୃତି ଏବଂ ସାହିତ୍ୟ ଉପରେ ପ୍ରବନ୍ଧ ) [୨୦୦୭], 'ଅନ୍ୟ ରେବତୀ ସବୁ' (ଭାରତୀୟ ଭାଷାର ପ୍ରଥମ କାହାଣୀର ସମ୍ପାଦିତ ଅନୁବାଦ) [୨୦୦୧], 'ଓଡ଼ିଆ ଉପନ୍ୟାସର ଶିଳ୍ପରୀତି : ଫକୀରମୋହନ' ( ଓଡ଼ିଆ ଉପନ୍ୟାସର ଭାଷା

 ISSN 3107-4294(P) | ତୃତୀୟ ବର୍ଷ, ଦ୍ୱିତୀୟ ସଂଖ୍ୟା ● ମାର୍ଚ୍ଚ - ଅପ୍ରେଲ୍ ୨୦୨୫

ଏବଂ ଶୈଳୀ ଉପରେ ଆଲୋଚନା) [୧୯୯୭], 'ଅଲୌକିକ ଦର୍ପଣ' (ଆଧୁନିକ ଓଡ଼ିଆ ଔପନ୍ୟାସିକଙ୍କ ସହ ସାକ୍ଷାତକାରର ସମ୍ପାଦନା) [୧୯୮୮] ଆଦି ଆଲୋଚନାତ୍ମକ ପୁସ୍ତକ; 'ହେତୁ ହେଲା ଦିନୁ' (କବିତା ସଂଗ୍ରହ) [୨୦୨୩], 'Forgotten Tale' ('ହଜଲା କଥାନି'ର ଇଂରାଜି ଅନୁବାଦ ) [୨୦୨୨], 'ହଜଲା କଥାନି' (କ୍ଷୁଦ୍ରଗଳ୍ପ ସଂଗ୍ରହ) [୨୦୨୦] ଆଦି ।

ପ୍ରଫେସର ରଥ ବର୍ତ୍ତମାନ ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟରେ ସାରୋଳାଦାସ ମହାଭାରଥ ସଂପାଦନାର ଭାଷା ବିଶେଷଜ୍ଞ ତଥା ପରିଦର୍ଶୀ ପ୍ରଫେସର ଭାବରେ କାର୍ଯ୍ୟରତ।

**ପ୍ରଶ୍ନ: ଆପଣଙ୍କ ଦୃଷ୍ଟିରେ ଆଲୋଚନା ବା ସମାଲୋଚନା କହିଲେ କ'ଣ?**

ଉତ୍ତର: ଊନବିଂଶ ଶତାବ୍ଦୀର ଆରମ୍ଭ ବେଳକୁ ବଙ୍ଗଳା ବାଟ ଦେଇ ଓଡ଼ିଆ ଶବ୍ଦ ଭଣ୍ଡାରକୁ ନୂତନ ଅର୍ଥନେଇ ଆସିଲା ଏଇ ଦୁଇଟି ଶବ୍ଦ। ତା' ଆଗରୁ ସାହିତ୍ୟଚର୍ଚ୍ଚା ହେଉଥିଲା ରାଜ ଦରବାରରେ ଓ ପଣ୍ଡିତସଭାରେ। ନବାଗତ ଏଇ ଶବ୍ଦ ଦୁଇଟିକୁ ସେତେବେଳେ ଲୋକେ ସମାର୍ଥକ ମନେକଲେ। ତା'ଭିତରେ ଥିବା ସୂକ୍ଷ୍ମ ପାର୍ଥକ୍ୟ ପ୍ରତି ବିଶେଷ ଦୃଷ୍ଟି ଦେଲେ ନାହିଁ। କୌଣସି ଏକ ପାଠ୍ୟକୁ ନିର୍ଦ୍ଦିଷ୍ଟ ଏକ ତତ୍ତ୍ୱ ବା ମାନକ ସାହିତ୍ୟାଦର୍ଶକୁ ଆଖିରେ ରଖି ତା'ର ବିଚାର ହେଉଛି, ସମାଲୋଚନା। ସେଥିରେ ଗୁଣ ଓ ଦୋଷ, ଉଭୟ କଥା ଆଲୋଚିତ ହୁଏ। ଏକ ତାତ୍ତ୍ୱିକ ଆଦର୍ଶ ଥାଏ ବୋଲି ସହଜ ହୁଏ ବିଚାର। କିନ୍ତୁ ଆଲୋଚନା ଅନେକତଃ ମୁଗ୍ଧଦୃଷ୍ଟିରେ ପୀଡ଼ିତ। କିଛି ତତ୍ତ୍ୱ ନ ଥାଏ, ଆଦର୍ଶ ନ ଥାଏ, ଥାଏ କେବଳ ଅନୁଭୂତିର ମୁଗ୍ଧତା ବା ତିକ୍ତତା। ଆଲୋଚନା ଏଣୁ ଅଧିକ ଆସକ୍ତ ଓ ବ୍ୟକ୍ତିସାପେକ୍ଷ। ସମାଲୋଚନା ହେଉଛି ତତ୍ତ୍ୱନିଷ୍ଠ ଆବେଗଶୂନ୍ୟ ଉପସ୍ଥାପନା ।

**ପ୍ରଶ୍ନ: ଆପଣ ଦୀର୍ଘକାଳ ହେବ ସାହିତ୍ୟ ସମାଲୋଚନା ସହ ଜଡ଼ିତ। ଯେତେବେଳେ ଆମେ ଆମ ପୂର୍ବସୂରୀମାନଙ୍କ ଗବେଷଣା ଓ ସାହିତ୍ୟ ଆଲୋଚନାକୁ ଅଧ୍ୟୟନ କରୁ। ମୋତେ ଲାଗେ ସେମାନଙ୍କପାଇଁ ଗବେଷଣା ଓ ସାହିତ୍ୟ ସମାଲୋଚନା ଏକ ଗୁରୁଦାୟିତ୍ୱ ଥିଲା। ଓଡ଼ିଆ ସାହିତ୍ୟର ବିଭିନ୍ନ ଅନାଲୋଚିତ ଓ ଲୋକଦୃଷ୍ଟିର ଅନ୍ତରାଳରେ ରହିଯାଇଥିବା ବିଷୟ ସବୁକୁ ସର୍ବସମକ୍ଷୟରେ ପ୍ରକାଶ କରିବାରେ ସେମାନେ ନିଜ ସମଗ୍ର ଜୀବନକୁ ମଧ୍ୟ ବ୍ୟତୀତ କରିଦେଉଥିଲେ। କିନ୍ତୁ, ବର୍ତ୍ତମାନର ପରିପ୍ରେକ୍ଷାରେ ଏ ନିଷ୍ଠା ମୋର ଦୃଷ୍ଟିକୁ ଆସୁନି। ଏସଂପର୍କରେ ଆପଣ କ'ଣ କହିବେ?**

ଉତ୍ତର: ଆମ ପୂର୍ବସୂରୀଙ୍କ ଗବେଷଣା ଓ ସାହିତ୍ୟ ଆଲୋଚନା ସମାଲୋଚନା ଥିଲା ଏକ ପ୍ରକାର ନିଶା, ସାହିତ୍ୟରସ ପିପାସା। ଆମପାଇଁ ତାହା ଆଜି ବୃତ୍ତି, ଏକ ପେଶା। ଗଦାଗଦା ଗବେଷଣା ଗ୍ରନ୍ଥ ଏହି କାଳରେ ଲେଖାଯାଉଛି, ସେଗୁଡ଼ିକରେ କିଛି ବି ନୂତନତା ନାହିଁ, ଏଷଣା ନାହିଁ, ଚିନ୍ତନ ନାହିଁ, ଅଛି ଆପଣା ଲକ୍ଷ୍ୟପୂର୍ତ୍ତି ପାଇଁ ନିର୍ବାଚିତ ତଥ୍ୟସଂଗ୍ରହ। ଓଡ଼ିଆ ସାହିତ୍ୟରେ ଅନାଲୋଚିତ ଅନେକ କଥା ଆଜି ବି ରହିଛି। ଅପ-ଆଲୋଚିତ ଓ ଭ୍ରାନ୍ତିପୂର୍ଣ୍ଣ କଥା ବି ରହିଛି। ଏହାକୁ ସୁଧାରିବା ପାଇଁ ସମକାଳର ଗବେଷକମାନଙ୍କର ଆଉ ନିଷ୍ଠା ଓ ଅଧ୍ୟବସାୟ ନାହିଁ। ଡିଗ୍ରୀପ୍ରାପ୍ତିର ତ୍ୱରିତତା ଓ ଦିଗ୍‌ଦର୍ଶକମାନଙ୍କର ଉଦାର ଛାତ୍ରପ୍ରୀତି ଓଡ଼ିଆ ଗବେଷଣାକୁ ଉପହାସର ସାମଗ୍ରୀ କରିଦେଇଛି। ନୂଆ ଲେଖକମାନେ ପ୍ରଲୋଭିତ କରୁଛନ୍ତି ଗବେଷଣା ମାଧ୍ୟମରେ ନିଜକୁ ଇତିହାସରେ ଅମରକରି ସାଇତି ରଖିବାପାଇଁ। ଏଣୁ ଅନେକ ବିଶ୍ୱବିଦ୍ୟାଳୟରେ ଜୀବିତ ଲେଖକମାନଙ୍କ ଉପରେ ଅଧିକରୁ ଅଧିକ ଗବେଷଣା ହେଉଛି। ଡିଗ୍ରୀ ଏକ ଲକ୍ଷ୍ୟ ହୋଇପାରେ, କିନ୍ତୁ ଗବେଷଣା ଏକ ଜୀବନବ୍ୟାପୀ ଯାତ୍ରା – ଏକଥା ଆଜିର ଗବେଷକମାନଙ୍କୁ ଆମେ ବୁଝାଇପାରିଲୁ ନାହିଁ। ଓଡ଼ିଆ ସାହିତ୍ୟ ଓ ଭାଷା ସଂପର୍କରେ ଚର୍ଚ୍ଚା କରିବା ପାଇଁ ଅପର ଭାଷା ଓ ଦେଶର ଅନେକ ଗବେଷକ ଏବେ ଆଗ୍ରହୀ। ଏହା ଯେତିକି ଶୁଭଙ୍କର, ସେତିକି ଭୟଙ୍କର। ଓଡ଼ିଆ ଭାଷା ଓ ସାହିତ୍ୟର ମୂଳ ଗୁଣସୂତ୍ର ଓ ଚଟୁଳତା ଏମାନେ ଧରି ପାରିବେ ତ?

**ପ୍ରଶ୍ନ: ଆପଣ ଏକାଧାରରେ ଜଣେ ସମାଲୋଚକ ଓ ଭାଷାବିତ୍। ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ଅଧୀନରେ ଥିବା ଭୀମଭୋଇ ଚେୟାର ପ୍ରଫେସର ଭାବେ ମଧ୍ୟ ଆପଣ ଦୀର୍ଘବର୍ଷ କାମ କରିଛନ୍ତି। ଅଦ୍ୟାବଧି ଆପଣଙ୍କର ଅନେକ ଆଲୋଚନାତ୍ମକ ଲେଖା ଓଡ଼ିଶା ଓ ଓଡ଼ିଶା ବାହାରେ ଅନେକ ପ୍ରସିଦ୍ଧ ପତ୍ରପତ୍ରିକାରେ ପ୍ରକାଶିତ ହୋଇସାରିଛି। ଏପରିକି ଆପଣଙ୍କ ଅନେକ ଆଲୋଚନାତ୍ମକ ପୁସ୍ତକ ମଧ୍ୟ ପ୍ରକାଶିତ। ତେବେ ଆପଣ ନିଜର ଆଲୋଚନାରେ କେଉଁ ଦିଗ ପ୍ରତି ବିଶେଷ ଗୁରୁତ୍ୱ ଦେଇଥାନ୍ତି ଓ କାହିଁକି ?**

**ଉତ୍ତର:** ମୁଁ ଆଲୋଚନା ବି ଲେଖିଛି ସମାଲୋଚନା ବି। କୌଣସି କବି ବା ଲେଖକଙ୍କୁ ବିଚାର କଲାବେଳେ ପ୍ରଥମେ ମୁଁ ଖୋଜେ ତାଙ୍କ ସାହିତ୍ୟ ପ୍ରତୀତି ଓ ପଠନ ପରିସର, ଦ୍ୱିତୀୟରେ ତାଙ୍କର ଭାଷିକ ପ୍ରକାଶ କ୍ଷମତା, ରଚନାର ଈପ୍‌ସିତଲକ୍ଷ୍ୟ ଓ କଳ୍ପିତପାଠକ। ତୃତୀୟରେ ମୋ ସମାଲୋଚନାର ଏକ ତତ୍ତ୍ୱଭୂମି ନିର୍ମାଣକରେ, ଯାହାକୁ ଆଧାର କରି ମୁଁ ତାଙ୍କୁ ବିଚାର କରିବି। ସେତେବେଳେ ତାଙ୍କ ସମକାଳୀନ ସାହିତ୍ୟାଦର୍ଶ ଓ ସହକବିମାନଙ୍କ ସୃଷ୍ଟିର ଅନୁକ୍ରିୟା ଓ ପ୍ରତିକ୍ରିୟା ବି ମୋର ମନକୁ ଆସେ। ମୋର ଲକ୍ଷ୍ୟଥାଏ, ଏହି ସବୁ ଅନ୍ୱେଷଣର ଆଧାରରେ ପାଠକକୁ ପାଠ୍ୟର ଅଧିକ ନିକଟବର୍ତ୍ତୀ କେମିତି କରାହେବ। ସ୍ରଷ୍ଟାର ସଂଗୋପିତ ଉଦ୍ଦେଶ୍ୟ କେମିତି ପାଠକ ବୁଝିପାରିବ। ସବୁ ରଚନାରେ ଅନେକ ବ୍ୟାସକୂଟ ରହିଥାଏ। ତାହାକୁ ସାଧାରଣ ପାଠକ ନିକଟରେ ପହଞ୍ଚାଇବା ଜଣେ ଆଲୋଚକ/ ସମାଲୋଚକଙ୍କ ପ୍ରଧାନ ଧର୍ମ। ସ୍ତାବକସୁଲଭ ପ୍ରଶଂସା କିମ୍ବା ଘୃଣାପୂରିତ ନିନ୍ଦା ଜଣେ ସାହିତ୍ୟ ସମାଲୋଚକର ଭାଷାହେବା କଥା ନୁହେଁ। ଆହୁରି ମଧ୍ୟ ସ୍ରଷ୍ଟାର ଭାଷିକ କର୍ମର ପ୍ରତିସ୍ପର୍ଦ୍ଧାରେ ଜଣେ ସମାଲୋଚକଙ୍କର ଭାଷା ବହୁ ଅର୍ଥବ୍ୟଞ୍ଜକ ଓ କବିତ୍ୱପୂର୍ଣ୍ଣ ହେବା କଥା ବି ନୁହେଁ। ମୋର ଭାଷା ଏଣୁ ସବୁବେଳେ ତଟସ୍ଥ ଓ ତାର୍କିକ।

**ପ୍ରଶ୍ନ: ଆପଣ ଜଣେ ପ୍ରାଧ୍ୟାପକ ଭାବେ ଜୀବନର ସର୍ବାଧିକ ସମୟ ବ୍ୟତୀତ କରିଛନ୍ତି। ଗବେଷଣା ଓ ଅଧ୍ୟାପନା ଆପଣଙ୍କ ଜୀବନର ଦୁଇ ପ୍ରମୁଖ ପ୍ରବାହ। ଅଦ୍ୟାବଧି ମଧ୍ୟ ଆପଣଙ୍କ ସର୍ଜନକର୍ମ ଜାରି ରହିଛି। ସମକାଳର ଓଡ଼ିଆ ସାହିତ୍ୟ ସମାଲୋଚନାର ପରିବେଶ ଓ ପରିସ୍ଥିତିକୁ ଆପଣ ଭଲ ଭାବରେ ହୃଦୟଙ୍ଗମ କରିଛନ୍ତି। ସମ୍ପ୍ରତି ଏହାର ସ୍ଥିତିକୁ ଆପଣ କେମିତି ଦେଖନ୍ତି?**

ଉତ୍ତର: ଟିକେ ପଛକୁ ଯାଇ କହୁଛି – ରାଧାନାଥ-ମଧୁସୂଦନ ହିଁ ଆଧୁନିକ ଓଡ଼ିଆ ସମାଲୋଚନାଧାରାକୁ ଆରମ୍ଭ କଲେ ଓ ନିୟନ୍ତ୍ରଣ ବି କଲେ ଊନବିଂଶ ଶତାବ୍ଦୀରେ। ପାଠ୍ୟପୁସ୍ତକ ଓ ବିଦ୍ୟାଳୟ ଶିକ୍ଷା ମାଧ୍ୟମରେ ଆମର ସାହିତ୍ୟ ସମାଲୋଚନାକଳାର ବିକାଶ ଘଟିଲା। ଆମର ପ୍ରାଚୀନ ପ୍ରାଚ୍ୟ ସାହିତ୍ୟତତ୍ତ୍ୱ ଓ ତତ୍କାଳୀନ ଆମଦାନୀକରା ପାଶ୍ଚାତ୍ୟ ସାହିତ୍ୟତତ୍ତ୍ୱର ସମନ୍ୱୟରେ ନୂଆ ଏକ ଔପନିବେଶିକ ସାହିତ୍ୟତତ୍ତ୍ୱ ବିଦ୍ୟାଳୟମାନଙ୍କରେ ନିର୍ମିତ ହେଲା। ତାହା ଗଡ଼ି ଚାଲିଲା ଆଜି ଯାଏଁ, ଆମେ ସମସ୍ତେ ତା'ର ହିଁ ଉପଜାତ। ଆମର ନିଜସ୍ୱ ତତ୍ତ୍ୱଭୂମି ବୋଲି କିଛି ନାହିଁ। ଆମେ ଏକ ସଂକର ସାହିତ୍ୟ ସମାଲୋଚନା ପଦ୍ଧତିର ଅନ୍ଧ ଅନୁସରଣକାରୀ। ସମୟକ୍ରମେ ନୂଆ ପ୍ରବିଧି, ତତ୍ତ୍ୱାଶ୍ରୟୀ ରଚନା ଓ ରଚନାଶୈଳୀ ବିଦେଶରୁ ଓଡ଼ିଆ ସାହିତ୍ୟକୁ ଆସିଛି। କିନ୍ତୁ ତା' ସହ ତା'କୁ ବୁଝିବା ଓ ବିଚାରିବାପାଇଁ ନୂତନ ସମାଲୋଚନା ପଦ୍ଧତି ଆସିଲା ନାହିଁ। ଏଣୁ ଆଜିର ଅଧିକାଂଶ ଆଲୋଚନା, ଏହାକୁ ସମାଲୋଚନା କହିବା ନାହିଁ, ତଥ୍ୟ ସଂଗ୍ରହ ଓ ତା'ର ତାଲିକା ପ୍ରସ୍ତୁତି। ଗ୍ରନ୍ଥାଗାରରେ ଥିବା ସୂଚନାପୁସ୍ତକ ପରି ଦୀର୍ଘ କାଳଖଣ୍ଡର ଲେଖକ ଓ ଲେଖାର ଏକ ବର୍ଣ୍ଣନାତ୍ମକସୂଚୀର ସାହିତ୍ୟିକ ରୂପାନ୍ତରଣ। ଏବେ ଅଧିକାଂଶ ସମାଲୋଚନା ଗ୍ରନ୍ଥରେ ବିଚାର ଓ ବିଶ୍ଳେଷଣର ଘୋର ଅଭାବ। ମଧୁର ଶବ୍ଦ ଓ ଆବେଗପୂର୍ଣ୍ଣ ଭାଷା ଆମ ସାହିତ୍ୟ ସମାଲୋଚନାର ପ୍ରଧାନତମ ଦୁର୍ବଳତା। ଭାଷାର ତଟସ୍ଥତା ଓ ତାର୍କିକତା, ତଥ୍ୟର ବିଶ୍ଳେଷଣ ଓ ବିଚାର, ସମୟକ୍ରମିକ ଲେଖକୀୟ ସତ୍ତାର ରୂପାନ୍ତରଣ ଓ ତା'ର କାରଣ ଅନ୍ୱେଷଣ ସମକାଳର ସାହିତ୍ୟ ସମାଲୋଚନାରେ ନ ଦେଖି ମତେ ଭାରି ହତାଶ ଲାଗେ।

**ପ୍ରଶ୍ନ: ସାମ୍ପ୍ରତିକ ସମୟରେ ବହୁ ପରିମାଣରେ ମୌଳିକ ସାହିତ୍ୟ ସୃଷ୍ଟି ହେଉଛି। ମାତ୍ର ସେଗୁଡ଼ିକ ସାଧାରଣ ପାଠକ ମନରେ ଦୀର୍ଘ ସମୟ ଧରି ପ୍ରଭାବ ବିସ୍ତାର କରିପାରୁନାହିଁ। ତେବେ ଏଭଳି କ୍ଷେତ୍ରରେ ସମାଲୋଚନା ଓ ସମାଲୋଚକର ଭୂମିକା କ'ଣ ହେବା ଉଚିତ ବୋଲି ଆପଣ ମନେକରନ୍ତି ?**

**ଉତ୍ତର:** ଆଗରୁ କହିଛି ସୃଜନାତ୍ମକ ସାହିତ୍ୟର ଅନେକ ଭାବ ଓ ରୂପାଙ୍ଗିକ ଆସିଛି ବିଦେଶରୁ। ସେ ସମସ୍ତକୁ ବୁଝିବା ଓ ବିଚାରିବା ପାଇଁ ଆମେ ଓଡ଼ିଆରେ ତତ୍ତ୍ୱଭୂମିଟିଏ ନିର୍ମାଣ କରିପାରୁନାହୁଁ। ଓଡ଼ିଆ ସମାଲୋଚନା ଓ ସମାଲୋଚକ ଭାବେ ଆମେ ସେଦୃଷ୍ଟିରୁ ବିଫଳ। ଆମେ ପାଠ୍ୟ ଓ ପାଠକ ମଧ୍ୟରେ ମଧ୍ୟସ୍ଥରୂପେ ଆମର ଭୂମିକା ନିର୍ବାହ କରିପାରିଲୁ ନାହିଁ ଫଳରେ ଆଧୁନିକ ସାହିତ୍ୟ ପାଠକମାନଙ୍କଠାରୁ ଦୂରେଇଗଲା। ମୋ ବିଚାରରେ ଆଜି ଓଡ଼ିଆଭାଷା ଓ ସାହିତ୍ୟର ବିକାଶପାଇଁ ଦୁଇଟି ଆଗୁଆଣୀ ଥାଟ ଦରକାର, ଗୋଟିଏ ସୁସମାଲୋଚକଗୋଷ୍ଠୀ, ଅନ୍ୟଟି ଦଳେ ଦକ୍ଷ ଅନୁବାଦକ। ଏ କଥା କେବେ ଓ କେମିତି ହେବ କେଜାଣି?

**ପ୍ରଶ୍ନ: ମୋତେ ଲାଗେ ଆଜି ପୂର୍ବପିଢ଼ି-ଉତ୍ତରପିଢ଼ି ଭିତରେ ବର୍ତ୍ତମାନ ଏକ ବିରାଟ ଦୂରତା। ଏ ପରିପ୍ରେକ୍ଷୀରେ ବର୍ତ୍ତମାନର ଯୁବପିଢ଼ି ଗବେଷଣା କ୍ଷେତ୍ରରେ ଉପଯୁକ୍ତ ମାର୍ଗଦର୍ଶନ ପାଇବା କଳ୍ପନା କରାଯାଇ ନପାରେ। ଯାହାର ଅନେକ ନଜିର୍ ଆମେ ଦେଖିବାକୁ ମଧ୍ୟ ପାଉଛେ। - ଆପଣ ଏକଥା ସହ ଏକ ମତ ହେବେ କି? ଏହା ପଛର କାରଣ କ'ଣ ହୋଇପାରେ ?**

**ଉତ୍ତର:** ଏ ଦୂରତା ପଛରେ କେତେକ କଥନୀୟ ଓ କେତେକ ଅକଥନୀୟ କଥା ରହିଛି। ପ୍ରଥମ କଥା, ନିକଟ ଅତୀତରେ ଜଣେ ଆଦର୍ଶସମାଲୋଚକ ଆଜିର ଉତ୍ତରପୀଢ଼ି ଦେଖି ପାରୁନାହାନ୍ତି। ଗତ କେତେ ବର୍ଷ ଭିତରେ ଏମିତି ଜଣେ ବିଦ୍ୱାନ୍ ଆମେ ବିଶ୍ୱବିଦ୍ୟାଳୟମାନଙ୍କରେ ପାଇଲୁ ନାହିଁ, ଯିଏ ଉତ୍ତରପୀଢ଼ିଙ୍କ ଆଗରେ ଦିଗବାରେଣୀ ହେବେ। ବିଶ୍ୱବିଦ୍ୟାଳୟ ସବୁ ପ୍ରୀତି ଓ ପ୍ରତିଯୋଗିତାର କ୍ଷେତ୍ର ହେଲା। ଓଡ଼ିଆ ଭାଷା ଓ ସାହିତ୍ୟର ବିକାଶ ପାଇଁ କୌଣସି ବିଶ୍ୱବିଦ୍ୟାଳୟରେ ଯୋଜନା ହେଲା ନାହିଁ। ସମାନ ସମାନ ବିଷୟରେ କିମ୍ବା ଅଳ୍ପ ଭୌଗୋଳିକ କିମ୍ବା କାଳିକ ପରିବର୍ତ୍ତନ କରି ଦିଗ୍‌ଦର୍ଶକମାନେ ଗବେଷଣାର କ୍ଷେତ୍ର ନିର୍ବାଚନ କଲେ। ତାହା ଗବେଷକ ଓ ଦିଗ୍‌ଦର୍ଶକ ଉଭୟଙ୍କୁ ତ ସହଜ ହେଲା, କିନ୍ତୁ ଓଡ଼ିଆ ସମାଲୋଚନାଧାରାର କିଛି ବି ଅଗ୍ରଗତି ହେଲା ନାହିଁ। ବେଙ୍ଗଳା ବୁଲିବାକୁ ଆମେ ଅଗ୍ରଗତି କହି ଆତ୍ମସନ୍ତୋଷ ପାଇଲେ। ଗୁରୁସେବା କରି ଯେଉଁମାନେ ପଦସ୍ଥ ହେଲେ ସେମାନେ ଅନୁରୂପ ପନ୍ଥା ହିଁ ଉତ୍ତରପିଢ଼ିକୁ ପ୍ରଦର୍ଶନ କଲେ। ଆହୁରି ରହିଛି ଅନେକ ଅକଥନୀୟ କଥା। ଏବେ ସେସବୁର ଆଲୋଚନା କରି କିଛି ଲାଭ ନାହିଁ, ଆମକୁ ଉପାୟ ଖୋଜିବାକୁ ହେବ ଏଇ ଦୁଷ୍ଟଚକ୍ରରୁ ମୁକ୍ତିପାଇଁ ।


**ପ୍ରଶ୍ନ: ସମକାଳର ନବୀନ ଗବେଷକଙ୍କୁ ଆପଣ କ'ଣ କହିବେ।**

ଉତ୍ତର: ଆପଣମାନେ ଆତ୍ମଚିନ୍ତନ କରନ୍ତୁ, ଯାହାକୁ ବୃତ୍ତି ଭାବି ଥରେ ସ୍ଥିର କରିନେଲେ, ତାହା ପ୍ରତି ବିଶ୍ୱସ୍ତ ହୁଅନ୍ତୁ, ଶ୍ରଦ୍ଧା କରନ୍ତୁ, ତାର ସମୁନ୍ନତି ପାଇଁ ସଂଘବଦ୍ଧ ଯୋଜନା କରନ୍ତୁ। ନିଜର ଅଧ୍ୟୟନକୁ କରନ୍ତୁ ବ୍ୟାପକ। ବହୁଭାଷାରେ ପ୍ରବୀଣ ହୁଅନ୍ତୁ। ସହଜ ଓ ତୃପ୍ତିକର କଥାର ମୋହରେ ନ ପଡ଼ି ଇତିହାସରେ ସୁନ୍ଦରତମ ଉଦାହରଣଟିଏ ହୋଇ ବଞ୍ଚିରହିବା ପାଇଁ ଆଜିଠୁ ପ୍ରଚେଷ୍ଟା ଜାରି ରଖନ୍ତୁ।

**ପ୍ରଶ୍ନ: ବାଗୀଶ ପାଇଁ ଉପଦେଶ ସୂଚକ ଦୁଇଟି ବାକ୍ୟ...**

ଉତ୍ତର: ଆମ ଓଡ଼ିଆ ବାଙ୍ମୟରେ 'ବାଗୀଶ' ସବୁଦିନ ତା'ର ଈଶତ୍ୱ ଅବ୍ୟାହତ ରଖୁ । ଆଦର୍ଶରୁ ସ୍ଖଳନ ପ୍ରତି ସଦାବେଳେ ରହୁ ସତର୍କ ।

*(ଉପସ୍ଥାପନା : ସଂପାଦକ, ବାଗୀଶ)*




# ମଧ୍ୟକାଳୀନ ଓଡ଼ିଆ କାବ୍ୟପ୍ରଭା

ଲେଖକ
ଡକ୍ଟର ଦାଶରଥି ଆଚାର୍ଯ୍ୟ

ପ୍ରକାଶକ :ଅନ୍ନପୂର୍ଣ୍ଣା ପବ୍ଲିଶର୍ସ,ପାଣିଗ୍ରାହୀ ସାହି, ଗୋସାଇଁନୂଆଗାଁ, ବ୍ରହ୍ମପୁର ଗଞ୍ଜାମ

ପ୍ରଥମ ପ୍ରକାଶ : ୨୦୨୪

ପୃଷ୍ଠା - ୨୭୮, ମୂଲ୍ୟ - ୩୦୦ ଟଙ୍କା

ଡକ୍ଟର ଦାଶରଥି ଆଚାର୍ଯ୍ୟ ଓଡ଼ିଆ ସମାଲୋଚନା ସାହିତ୍ୟ ଜଗତରେ ବେଶ୍ ପରିଚିତ ନାମ। ତାଙ୍କର ଆଲୋଚନାର ଶୈଳୀ ହିଁ ପାଠକଙ୍କୁ ବାନ୍ଧି ରଖେ। ଦୀର୍ଘ ବର୍ଷର ଅଧ୍ୟାପନା ଜୀବନ ସହ ଜଣେ ଗବେଷକଭାବେ ତାଙ୍କର ନିରବଧି ସାଧନା ଓଡ଼ିଆ ବାଣୀଭଣ୍ଡାରକୁ ପରିପୁଷ୍ଟ କରିଛି। ତାଙ୍କ ସମ୍ପର୍କରେ ବିସ୍ତୃତ ତଥ୍ୟ ଆମେ 'ବାଗୀଶ ବରେଣ୍ୟ'ରେ ପ୍ରଦାନ କରିସାରିଛୁ। ତେଣୁ ପାଠକଙ୍କୁ ଆଉ ଭାରାକ୍ରାନ୍ତ ନ କରି ସିଧାସଳଖ ବିଷୟକୁ ଆସୁଛି।

ଡକ୍ଟର ଆଚାର୍ଯ୍ୟଙ୍କ ସମାଲୋଚନା ପୁସ୍ତକଗୁଡ଼ିକ ମଧ୍ୟରୁ 'ମଧ୍ୟକାଳୀନ ଓଡ଼ିଆ କାବ୍ୟପ୍ରଭା' ଅନ୍ୟତମ। ଏହାର ପ୍ରଥମ ପ୍ରକାଶନ ସମୟ ହେଉଛି ୨୦୨୪ ମସିହା। ଅନ୍ନପୂର୍ଣ୍ଣା ପବ୍ଲିଶର୍ସ, ପାଣିଗ୍ରାହୀ ସାହି, ଗୋସାଇଁନୂଆଗାଁ, ବ୍ରହ୍ମପୁର ଗଞ୍ଜାମରୁ ପ୍ରକାଶିତ। ୨୭୮ ପୃଷ୍ଠା ବିଶିଷ୍ଟ ଏହି ପୁସ୍ତକର ମୂଲ୍ୟ ୩୦୦ ଟଙ୍କା। ଓଡ଼ିଆ ସାହିତ୍ୟର ଅନେକ ଅନାଲୋଚିତ ଦିଗକୁ ନେଇ ଦଶଟି ଗବେଷଣାତ୍ମକ ଆଲୋଚନା ଏହି ପୁସ୍ତକରେ ସ୍ଥାନିତ। ସେଗୁଡ଼ିକ ଯଥାକ୍ରମେ- 'କବି ପୁରୁଷୋତ୍ତମ ଦାସ ଓ ଦ୍ୱାରିକା ରାହାସ', 'ନରସିଂହ ସେଣଙ୍କ ପରିମଳା: ଏକ ଲୋକତାତ୍ତ୍ୱିକ ଅଧ୍ୟୟନ', 'ପ୍ରାକ୍ ଉପେନ୍ଦ୍ର ଓଡ଼ିଆ ରୀତି କାବ୍ୟରେ ଅଳଙ୍କରଣ ପ୍ରବୃତ୍ତି ଓ କବି ଧନଞ୍ଜୟଙ୍କ ରଚନାରେ ତାର କ୍ରମୋତ୍ତରଣ', 'ପ୍ରାକ୍ ଉପେନ୍ଦ୍ର ଓଡ଼ିଆ ରୀତିକାବ୍ୟରେ ଜନଜୀବନର ଚିତ୍ର', 'ଲାବଣ୍ୟବତୀ କାବ୍ୟରେ ଉପେନ୍ଦ୍ର ଭଞ୍ଜଙ୍କ ବହୁଶାସ୍ତ୍ରଦର୍ଶିତା', 'ବୈଦେହୀଶ ବିଳାସର ମହାକାବ୍ୟିକ ସୌନ୍ଦର୍ଯ୍ୟ', 'ବୈଦେହୀଶ ବିଳାସରେ ଲୋକ ଉପାଦାନ', 'ସୁଭଦ୍ରା ପରିଣୟରେ ଅଳଙ୍କାର ଯୋଜନା', 'ଉପେନ୍ଦ୍ର-କାବ୍ୟରେ ଅଳଙ୍କାର ପ୍ରୟୋଗର ପ୍ରତିଭା ବିଚାର' ଓ 'ପ୍ରାଚୀନ ଓଡ଼ିଆ ସାହିତ୍ୟର ପ୍ରଚାର ଓ ପ୍ରସାର'। ପାଠକଙ୍କ ନିମିତ୍ତ ଅନେକ ନୂତନ ତଥ୍ୟ ଓ ତତ୍ତ୍ୱ ଏହି ପୁସ୍ତକରେ ଖଞ୍ଜାଯାଇଛି। ମଧ୍ୟକାଳୀନ ଓଡ଼ିଆ ସାହିତ୍ୟକୁ ନୂତନ ଢଙ୍ଗରେ ଦେଖିବାର ପ୍ରଚେଷ୍ଟା କରାଯାଇଛି। ଆମେ ଏଠାରେ ସୂଚେଇ ଦେବାକୁ ଚାହୁଁ ଯେ, ଡକ୍ଟର ଆଚାର୍ଯ୍ୟ ମଧ୍ୟକାଳୀନ ସାହିତ୍ୟରେ ଗବେଷଣା କରି ଡକ୍ଟରେଟ୍ ଉପାଧି ମଧ୍ୟ ଲାଭ କରିଛନ୍ତି। ତେଣୁ ବହୁ ଦୃଷ୍ଟିରୁ ଏହି ପୁସ୍ତକଟି ସ୍ୱତନ୍ତ୍ର ମନେହୁଏ।

ପାଠକ ପାଠିକା, ଗବେଷକ ଗବେଷିକା ତଥା ଛାତ୍ରଛାତ୍ରୀଙ୍କ ମଧ୍ୟକାଳୀନ ଓଡ଼ିଆ ସାହିତ୍ୟ ସମ୍ପର୍କରେ ଜ୍ଞାନ ବର୍ଦ୍ଧନ ସକାଶେ ଏହା ଏକ ଉପାଦେୟ ପୁସ୍ତକ। ପାଠକୀୟ ଆଦୃତି ଲାଭ କରିବ ବୋଲି ଆମର ଆଶା।

ଉପସ୍ଥାପନା: କନକ ବର୍ଦ୍ଧନ ସାହୁ, ସହ-ସଂପାଦକ

## OUR PEER-REVIEW POLICY

**BAGEESHA** maintains rigorous academic and analytical standards through a strict peer-review process. Every manuscript submitted for publication undergoes the following evaluation stages to ensure quality and integrity:

- **Submission of Paper**: The corresponding or submitting author submits the paper to the journal. This is usually via our own customized Submission Form. Anonymity is maintained as the Details of Authors and the manuscript is only submitted using the Submission Form and the Manuscript does not contain any identification marks.
- **Editorial Office Assessment**: The journal checks the paper's composition and arrangement against the journal's Submission Guidelines to make sure it includes the required sections and stylizations. The quality of the paper is not assessed at this point.
- **Plagiarism Assessment**: Plagiarism is the "wrongful appropriation" and "stealing and publication" of another author's "language, thoughts, ideas, or expressions" and the representation of them as one's own original work. The journal team runs a plagiarism test to ensure that the manuscript does not contain any unauthorized version of someone else's work. During the plagiarism check, the team ignores "Quotes" and "Footnoted/ Endnoted" content as they do not fall under the plagiarism definition.
- **Appraisal by the Editor-in-Chief (EIC)**: The EIC checks that the paper is appropriate for the journal and is sufficiently original and interesting. If not, the paper may be rejected without being reviewed any further.
- **EIC Assigns an Associate Editor (AE)**: Our journals have Associate Editors who handle the peer review. If they do, they would be assigned at this stage.
- **Invitation to Reviewers**: The handling editor sends invitations to individuals he or she believes would be appropriate reviewers. As responses are received, further invitations are issued, if necessary, until the required number of acceptances is obtained – commonly this is 2, but there is some variation between journals.
- **Response to Invitations**: Potential reviewers consider the invitation against their own expertise, conflicts of interest and availability. They then accept or decline. If possible, when declining, they might also suggest alternative reviewers.
- **Review is conducted**: The reviewer sets time aside to read the paper several times. The first read is used to form an initial impression of the work. If major problems are found at this stage, the reviewer may feel comfortable rejecting the paper without further work. Otherwise, they will read the paper several more times, taking notes so as to build a detailed Point-By-Point Review. After the Point-by-Point Review Phase, the papers are forwarded for a 2 Stage Double-Blind Peer Review. The Review is conducted in 2 stages namely:
- **The Facts Check Stage**: Our Journals have few Facts Checkers in the Editorial Team who is solely responsible to cross check all the facts mentioned in the manuscript. If the Facts Finder Team finds any contradicting facts, the papers get rejected. However, if minor changes are required, the Fact Finders are authorized to make such changes. Furthermore, the Reviewers are empowered to send the paper back to the author if major changes are required. Once the Facts Finder Team is satisfied with the work, the same is forwarded to the Language Check Stage.
- T**he Language Check Stage**: In the Language Check Stage, the team generally checks the overall language of the manuscript along with Spelling Mistakes & Grammatical Errors. All changes required are done by the Reviewers. The review is then submitted to the journal, with a recommendation to accept or reject it – or else with a request for revision (usually flagged as either major or minor) before it is reconsidered.
- **Journal Evaluates the Reviews**: The handling editor considers all the returned reviews before making an overall decision. If the reviews differ widely, the editor may invite an additional reviewer so as to get an extra opinion before making a decision.
- **The Decision is communicated**: The editor sends a decision email to the author including any relevant reviewer comments (in a personal one-on-one email communication if required). Whether the comments are anonymous or not will depend on the type of peer review that the journal operates.
- **Final Publication**: If accepted, the paper is sent to production. If the article is rejected or sent back for either major or minor revision, the handling editor should include constructive comments from the reviewers to help the author improve the article. At this point, reviewers should also be sent an email or letter letting them know the outcome of their review.

**Editor-in-Chief**

## COPYRIGHT POLICY

All articles published in Bageesha Research & Review Journal remain the intellectual property of the authors. By submitting and publishing in Bageesha Research & Review Journal, authors grant the journal the non-exclusive right to publish, archive, and distribute their work in electronic and print formats.

Authors are responsible for ensuring that their submissions are original, properly cited, and free from any copyright infringement. If the work includes material (such as images, tables, or excerpts) from other sources, authors must obtain the necessary permissions before submission.

Bageesha Research & Review Journal operates on a non-commercial, open-access basis. Readers are free to read, download, and share published content for educational and research purposes with proper attribution to the author and journal. Commercial use of the content is strictly prohibited without explicit permission from the author(s) and the journal.

**Editor-in-Chief**

## OUR OPEN ACCESS POLICY

Open access was established with the goal of creating a dependable platform and providing unrestricted access to odia research and review for the rapid dissemination of recent updates. Our Journal is an open access journal which grants the users to access complete article content immediately after publication, with CC BY NC 4.0 (Creative Commons — Attribution Non Commercial 4.0 International — CC BY-NC 4.0) rights. Open access publications are freely and permanently available online to anyone with an internet connection.

**What is CC BY NC rights?**

This license permits to use, to distribute, remix, adapt, and build on the material in any medium or format for non-commercial purposes only, provided the original work is properly cited.

All research articles published in our journals are fully open access: immediately freely available to read, download and share under the terms of the Creative Commons Attribution (CC BY NC 4.0 Creative Commons — AttributionNonCommercial 4.0 International — CC BY-NC 4.0). This License which permits use, distribution, and reproduction in any medium, provided the original work is properly cited.

**Benefits of Open access:**

- **Freely available**: Anyone can access open access publications online for free. This increases visibility and, as a result, uptake and use of the published work.
- **Stimulating Effects**: The rapid dissemination of results not only energizes similar research but also inspires others to make inroads into new areas that may open up as a result. Access to research materials from all fields encourages interdisciplinary and multidisciplinary research.
- **Impact and Citations**: Articles have a much greater impact in the short term than "subscription-only" work. The long-term impact has been found to be similar, with some studies indicating that open-access articles have a slightly larger impact.

**Author and Institution Visibility:**

Authors who publish in open-access journals rather than subscription-only journals may become more well-known to readers. Institutions can amplify their profile by actively engaging in or organizing open-access publishing.

**Editor-in-Chief**

BAGEESHA | VOLUME N0. 03 | ISSUE N0. 02 | MAR - APR 2025




ISSN 3107-4294
9 773107 429005

ବାଗୀଶ

B.K House, Ground Floor Women's College Lane
Nayagarh- 752069
E-mail : bageesha.magazine@gmail.com
Phone No. 9337166172

EDITOR : BIKESH SAHU | RS: 100/-